80th YEAR OF PUBLICATION

# ପ୍ରଜାତନ୍ତ୍ର
The Prajatantra

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୮୦ବର୍ଷ ❑ ସଂଖ୍ୟା-୨୩ ● କଟକ ● ରବିବାର ● ୩୦ ଅଗଷ୍ଟ-୨୦୨୬ ● କନ୍ୟା-୦୧ ● ସାଲ୍-୧୪୩୧
CUTTACK ● SUNDAY ● 30 AUGUST-2026 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

## ଡିଜିପି ଓ ଆଇଜିପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ୧୦ସୂତ୍ରୀ ପରାମର୍ଶ

# ନାଗରିକଙ୍କ ପ୍ରତି ନମ୍ର ଓ ସମ୍ବେଦନଶୀଳ ହୁଅ

***ରାଜ୍ୟ ପୁଲିସ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଡିଜିପି ଓ ଆଇଜିପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଆଇନ ଶୃଙ୍ଖଳା, ଆଭ୍ୟନ୍ତରୀଣ ସୁରକ୍ଷା ଓ 'ସ୍ମାର୍ଟ ପୁଲିସିଂ' ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। 'ସୁରକ୍ଷିତ ଓଡ଼ିଶା, ସଶକ୍ତ ଓଡ଼ିଶା ଓ ସମୃଦ୍ଧ ଓଡ଼ିଶା' ଗଠନ ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେବା ସହ ପୁଲିସ ସଂସ୍କାର ଓ ଆଧୁନିକୀକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି ମୁଖ୍ୟମନ୍ତ୍ରୀ।***

**କଟକ,ଭୁବନେଶ୍ୱର,(ପିପିଏସ୍):**


ଥାନାକୁ ଆସୁଥିବା ପ୍ରତ୍ୟେକ ଅଭିଯୋଗକାରୀ ଜଣେ ପୀଡ଼ିତ, ତେଣୁ ସେମାନଙ୍କ ସହ ସହାନୁଭୂତିପୂର୍ଣ୍ଣ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ପୁଲିସକୁ କହିଛନ୍ତି। ଏହାସହିତ ସାଧାରଣ ନାଗରିକଙ୍କ ପ୍ରତି ପୁଲିସର ନମ୍ର ଓ ସମ୍ବେଦନଶୀଳ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ 'ସ୍ମାର୍ଟ ପୁଲିସିଂ' ପାଇଁ ୧୦ସୂତ୍ରୀୟ ମାର୍ଗଦର୍ଶନ ଓ ବ୍ଲୁପ୍ରିଣ୍ଟ ଦେଇଛନ୍ତି। ଆଗାମୀ ପାର୍ବଣ ଋତୁ ପୂର୍ବରୁ 'ଦାଦା ବଟି' ଓ 'ଜୋରଜବରଦସ୍ତି ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ପୁଲିସ ଭବନରେ ଆୟୋଜିତ ଡିଜିପି-ଆଇଜିପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର ଆଇନ ଶୃଙ୍ଖଳା, ଆଭ୍ୟନ୍ତରୀଣ ନିରାପତ୍ତା ଓ ଭବିଷ୍ୟତର ପୁଲିସିଂ ବ୍ୟବସ୍ଥାର ସମୀକ୍ଷା କରି ମାର୍ଗଦର୍ଶନ ଦେଇଛନ୍ତି। ଅପରାଧ ବିରୋଧରେ ଜିରୋ ଟଲରାନ୍ସ ନୀତି, ଦଣ୍ଡବିଧାନ ହାରରେ ବୃଦ୍ଧି, ୨୦୨୯ମସିହା ସୁଦ୍ଧା ସମ୍ପୂର୍ଣ୍ଣ 'ନିଶାମୁକ୍ତ ଓଡ଼ିଶା', ତଟରେଖା ଓ ସାମୁଦ୍ରିକ ସୁରକ୍ଷା, ସାଇବର ସୁରକ୍ଷା ଓ ଡାର୍କ ୱେବ୍ ନିୟନ୍ତ୍ରଣ, ନାଟ୍ ଗ୍ରୀଡ ଓ ସିସିଟିଏନ୍ଏସ୍ ମାଧ୍ୟମରେ ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ, ଥାନା ଆଧୁନିକୀକରଣ, ସାଧାରଣ ନାଗରିକଙ୍କ ପ୍ରତି ନମ୍ର ଓ ସମ୍ବେଦନଶୀଳ ବ୍ୟବହାର, 'ଦାଦା ବଟି' ଓ ଚାନ୍ଦା ଆଦାୟ ଉପରେ ରୋକ୍ ଏବଂ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ତଥା ସମର୍ପିତ ପୁଲିସିଂ ଆଦି ୧୦ସୂତ୍ରୀୟ ମାର୍ଗଦର୍ଶନ ଦେବା ସହ ରାଜ୍ୟରେ ପୁଲିସ ସଂସ୍କାର ପାଇଁ ଆବଶ୍ୟକ ସମସ୍ତ ସାଧନ, ଅନୁଦାନ ଓ ପ୍ରଶାସନିକ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ରାଜ୍ୟକୁ ୨୦୨୯ ମସିହା ସୁଦ୍ଧା ନିଶାମୁକ୍ତ କରିବା ଲକ୍ଷ୍ୟରେ କେବଳ ଗିରଫ କିମ୍ବା ଜବତରେ ସୀମିତ ନ ରହି ନିଶା କାରବାରର 'ସିଣ୍ଡିକେଟ'କୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ କହିଛନ୍ତି। ମହିଳା ବିରୋଧୀ ହିଂସାରେ



ଏନ୍‌ସିଆର୍‌ବି ତଥ୍ୟ ଅନୁସାରେ ଦଣ୍ଡବିଧାନ ହାର ୪୦%ରୁ ଅଧିକ ବୃଦ୍ଧି ପାଇଥିବା ବେଳେ ଏହାକୁ ଅତି କମ୍‌ରେ ୭୫%କୁ ନେବା ପାଇଁ ତଦନ୍ତ ପ୍ରକ୍ରିୟାକୁ ଅଧିକ ପ୍ରଫେସନାଲ ଓ ଟେକ୍ନୋଲୋଜି ଆଧାରିତ କରିବାକୁ କହିଛନ୍ତି। ଥାନାଗୁଡ଼ିକର ଆଧୁନିକୀକରଣ ନିମନ୍ତେ ୫୦କୋଟି ଟଙ୍କାର ସ୍ୱତନ୍ତ୍ର ଇନଭେଷ୍ଟିଗେସନ ପାଣ୍ଠି ସହ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯାଇଛି। ରାଜ୍ୟର ୫୭୫ କିମି ଦୀର୍ଘ ସମୁଦ୍ର ଉପକୂଳର ସୁରକ୍ଷା ଓ ବେଆଇନ ଅନୁପ୍ରବେଶ ରୋକିବା ପାଇଁ ଭୁବନେଶ୍ୱରସ୍ଥିତ 'କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର', ୧୦ଟି ଡ୍ରୋନ୍, ୫ଟି ଟ୍ରଲର, ୧୦ଟି ଆଧୁନିକ ଇଣ୍ଟରସେପ୍ଟର ବୋଟ୍, ଅଲ୍ ଟେରେନ୍ ଭେଇକିଲ୍, ଏସପିଓ ଓ ପୂର୍ବତନ ସେନାକର୍ମୀଙ୍କୁ ନିୟୋଜିତ କରାଯାଇଛି। ସାଇବର ଠକେଇ ଓ ଡାର୍କୱେବ୍ ରୋକିବା ପାଇଁ ଡିଜିଟାଲ ସର୍ଭେଲାନ୍ସ ସହ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଛି। ଓଏସଏସଏଫ ବାଟାଲିୟନ ଓ ଆତ୍ମସମର୍ପଣ ନୀତି ଯୋଗୁଁ ରାଜ୍ୟରେ ମାଓ ହିଂସା ନିୟନ୍ତ୍ରଣ ହୋଇଥିବାରୁ କେନ୍ଦ୍ର ସରକାର ଓଡ଼ିଶାକୁ ସମ୍ମାନିତ କରିଛନ୍ତି। ବିଗତ ଦୁଇବର୍ଷ ମଧ୍ୟରେ ପୁଲିସ ବିଭାଗରେ ୧୭୭୯୪ଟି ନୂଆ ପଦବୀ ସୃଷ୍ଟି ଓ ୫୮୧୭ଟି ପଦବୀ ପୂରଣ ହୋଇଛି। 'ସୁରକ୍ଷିତ ଓଡ଼ିଶା-ସଶକ୍ତ ଓଡ଼ିଶା-ସମୃଦ୍ଧ ଓଡ଼ିଶା' ଗଠନ ଦିଗରେ ଓଡ଼ିଶା ପୁଲିସର 'ୱି ସର୍ଭ ଆଣ୍ଡ ପ୍ରୋଟେକ୍ଟ' ସ୍ଲୋଗାନକୁ ମନରେ ରଖି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ସମ୍ମିଳନୀରେ ମୁଖ୍ୟ ସଚିବ ଅନୁ ଗର୍ଗ ଓଡ଼ିଶା ପୁଲିସକୁ 'ପ୍ରେସିଡେଣ୍ଟ କଲର ଆୱାର୍ଡ' ମିଳିଥିବାରୁ ସ୍ୱାଗତ ଜଣାଇବା ସହ ନକ୍ସଲ ଦମନ ଓ ରଥଯାତ୍ରାର ଶାନ୍ତିପୂର୍ଣ୍ଣ ପରିଚାଳନା ପାଇଁ ପ୍ରଶଂସା କରିଥିଲେ। ଅନ୍ତରୀଣ ପୁଲିସ ଡିଜି ବିନୟତୋଷ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ସହ ସାଇବର ସୁରକ୍ଷା, ପାଟ୍ରୋଲିଂ, ନିଶା ନିବାରଣ ଓ ଦାଦାବଟି ରୋକିବା ଦିଗରେ ପୁଲିସ ନିଷ୍ଠାର ସହ କାର୍ଯ୍ୟ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗୃହ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ନିର୍ଦ୍ଦେଶକ ଆରପି କୋଚେଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ। ବିଭିନ୍ନ ଜିଲ୍ଲାର ଏସ୍‌ପିମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମ୍ମିଳନୀରେ ସାମିଲ ହୋଇଥିଲେ।

# ତାସ୍‌କେଣ୍ଟରେ ମୋଦୀ

**ନୂଆଦିଲ୍ଲୀ,(ପିପିଏସ୍):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ୪ଦିନିଆ ଉଜବେକିସ୍ତାନ ଓ କିର୍ଗିଜସ୍ତାନ ଗସ୍ତରେ ବାହାରିଛନ୍ତି। ଏହି ଗସ୍ତର ପ୍ରଥମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଉଜବେକିସ୍ତାନର ରାଜଧାନୀ ତାସ୍‌କେଣ୍ଟରେ ପହଞ୍ଚିଛନ୍ତି। କେନ୍ଦ୍ର ଏସିଆ ସହ ଭାରତର ରଣନୀତିକ ଏବଂ ଆର୍ଥିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ତାସ୍‌କେଣ୍ଟ ସହରଟି ଭାରତୀୟ ଇତିହାସରେ ଏକ ନିଆରା ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବହନ କରେ। ଏହି ସହରରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ସ୍ମାରକୀ ରହିଛି। ୧୯୬୬ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧ ପରେ ଚୁକ୍ତିପତ୍ର ସ୍ୱାକ୍ଷର ପାଇଁ ଶାସ୍ତ୍ରୀଜୀ ଏଠାକୁ ଯାଇଥିଲେ ଏବଂ ସେଠାରେ ହିଁ ତାଙ୍କର ଦେହାନ୍ତ ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଗସ୍ତ ସମୟରେ ଶାସ୍ତ୍ରୀ ସ୍ମାରକୀ ସହ ତାସ୍‌କେଣ୍ଟ ଷ୍ଟେଟ୍ ୟୁନିଭରସିଟିରେ ଥିବା ମହାତ୍ମା ଗାନ୍ଧୀ ସେଣ୍ଟର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ମୋଦୀ ଉଜବେକିସ୍ତାନ ରାଷ୍ଟ୍ରପତି ଶବକାତ ମିର୍ଜିୟୋୟେଭଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଭାଗ ନେବେ। ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ଜରୁରୀ ଖଣିଜ ସମ୍ପଦ, ସ୍ୱାସ୍ଥ୍ୟ, ଶକ୍ତି ଏବଂ ଡିଜିଟାଲ୍ ସଂଯୋଗୀକରଣ କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହେବ। ଏଥିସହିତ ଜନସମ୍ପର୍କ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ସମୀକ୍ଷା କରିବେ ପ୍ରଧାନମନ୍ତ୍ରୀ ମୋଦୀ। ଭବିଷ୍ୟତର କାର୍ଯ୍ୟପନ୍ଥା ମଧ୍ୟ ପ୍ରସ୍ତୁତ କରିବେ। ରିପୋର୍ଟ ଅନୁଯାୟୀ, ଶନିବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ମୋଦୀ ଉଜବେକିସ୍ତାନରେ ପହଞ୍ଚିବା ପରେ ତାସ୍‌କେଣ୍ଟ ବିମାନବନ୍ଦରରେ ରାଷ୍ଟ୍ରପତି ଶବକାତ ମିର୍ଜିୟୋୟେଭ୍ ତାଙ୍କୁ ଜୋରଦାର ସ୍ୱାଗତ



**କେନ୍ଦ୍ର ଏସିଆ ସହ ରଣନୀତିକ ସମ୍ପର୍କ ସୁଦୃଢ଼ କରିବା ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ**

କରିଥିଲେ। ମୋଦୀ ଏବଂ ମିର୍ଜିୟୋୟେଭ୍ ଏକାଠି ଗୋଟିଏ ଗାଡ଼ିରେ ବିମାନବନ୍ଦରରୁ ବାହାରିଥିଲେ। ପ୍ରଧାନମନ୍ତ୍ରୀ ଏଠାରେ ଦୁଇଦିନ ରହିବେ। ଉଜବେକିସ୍ତାନ ଗସ୍ତ ଶେଷ ପରେ ପ୍ରଧାନମନ୍ତ୍ରୀ କିର୍ଗିଜସ୍ତାନର ରାଜଧାନୀ ବିଶକେ ଅଭିମୁଖେ ଗସ୍ତ କରିବେ। ସେଠାରେ ଆୟୋଜିତ ୨୬ତମ ସାଂଘାଇ ସହଯୋଗ ସଂଗଠନ(ଏସ୍‌ସିଓ) ଶିଖର ସମ୍ମିଳନୀରେ ସେ ଯୋଗଦେବେ। ଏହି ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସମେତ ଅନ୍ୟ ପ୍ରମୁଖ ବିଶ୍ୱନେତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନାର କାର୍ଯ୍ୟକ୍ରମ ରହିଛି।

# ଅକ୍ଟୋବର ୨୯ରୁ ଓସିଏସ୍(ମେନ୍)

**କଟକ,(ପିପିଏସ୍):** ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ମେନ୍ ପରୀକ୍ଷାର ତାରିଖ ଘୋଷଣା କରାଯାଇଛି। ଆସନ୍ତା ଅକ୍ଟୋବର ୨୯ ତାରିଖରୁ ନଭେମ୍ବର

**ନଭେମ୍ବର ୧୧ ଯାଏଁ ଚାଲିବ**

୧୧ ତାରିଖ ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ମେନ୍ ପରୀକ୍ଷା ଅନୁଷ୍ଠିତ ହେବ। ଓପିଏସ୍‌ସିର ସୂଚନା ଅନୁସାରେ, ସମସ୍ତ ପରୀକ୍ଷା ଦୈନିକ ଦୁଇଟି ସିଟିଂରେ ପରିଚାଳିତ ହେବ। ପ୍ରଥମ ସିଟିଂ ସକାଳ ୯:୦୦ରୁ ଅପରାହ୍ନ ୧୨:୦୦ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ଦ୍ୱିତୀୟ ସିଟିଂ ପରୀକ୍ଷା ଅପରାହ୍ନ ୨:୦୦ରୁ ସନ୍ଧ୍ୟା ୫:୦୦ ପର୍ଯ୍ୟନ୍ତ ଚାଲିବ। ଏଥିସହିତ ଭିନ୍ନକ୍ଷମ (ପିଡବ୍ଲ୍ୟୁଡି) ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯାଇଛି। ପ୍ରତି ସିଟିଂରେ ପିଡବ୍ଲ୍ୟୁଡି ପରୀକ୍ଷାର୍ଥୀଙ୍କୁ ଅତିରିକ୍ତ ୧ଘଣ୍ଟା ସମୟ ପ୍ରଦାନ କରାଯିବ। ପରୀକ୍ଷାର୍ଥୀମାନେ ଅଧିକ ସୂଚନା ଏବଂ ଆଡମିଟ୍ କାର୍ଡପାଇଁ ଆୟୋଗର ଅଫିସିଆଲ୍ ୱେବସାଇଟ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି।

## ଯୁକ୍ତ ୨ପରୀକ୍ଷା ବ୍ୟବସ୍ଥାରେ ଆସିଲା ନୂଆ ନିୟମ

# ଏଣିକି ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ବି ଦେବେ ଇଣ୍ଟରନାଲ୍ ପରୀକ୍ଷା

**ଭୁବନେଶ୍ୱର,(ପିପିଏସ୍):** ଯୁକ୍ତ ଦୁଇ ପରୀକ୍ଷାକୁ ନେଇ ଆସିଛି ବଡ଼ ପରିବର୍ତ୍ତନ। ୨୦୨୭ରୁ ଏକ୍ସ-ରେଗୁଲାର ଛାତ୍ରଛାତ୍ରୀଙ୍କୁ ବି ଦେବାକୁ ପଡ଼ିବ ଇଣ୍ଟରନାଲ୍ ପରୀକ୍ଷା। ଏନେଇ ସିଲାବସ୍ କମିଟି ବୈଠକରେ ନୂଆ ନିୟମକୁ ଅନୁମୋଦନ ମିଳିଛି। ଅର୍ଥାତ୍ ଆଗକୁ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀମାନେ ମଧ୍ୟ ଇଣ୍ଟରନାଲ୍ ମୂଲ୍ୟାୟନ ପ୍ରକ୍ରିୟାରୁ ବାଦ୍ ପଡ଼ିବେ ନାହିଁ। ସେହିପରି କୌଣସି ଛାତ୍ରଛାତ୍ରୀ ଇଣ୍ଟରନାଲ୍ ପରୀକ୍ଷା ଦେଇନଥିଲେ,




ତାଙ୍କ ପାଇଁ ମଧ୍ୟ ବିକଳ୍ପ ବ୍ୟବସ୍ଥା ରହିବ। ପରୀକ୍ଷା ଅଧୀକ୍ଷକ ନିଜ ଆଡୁ ଇଣ୍ଟରନାଲ୍ ପରୀକ୍ଷା କରାଇପାରିବେ। ଏହାଦ୍ୱାରା ଇଣ୍ଟରନାଲ୍ ପରୀକ୍ଷାରୁ ବଞ୍ଚିତ ଛାତ୍ରଛାତ୍ରୀଙ୍କ ମୂଲ୍ୟାୟନ ସୁନିଶ୍ଚିତ କରିବାକୁ ଲକ୍ଷ୍ୟରହିଛି। ଏନେଇ ସୂଚନା ଦେଇଛନ୍ତି ପରୀକ୍ଷା ନିୟନ୍ତ୍ରକ ଡକ୍ଟର ପ୍ରଶାନ୍ତ ପରିଡ଼ା। ଆଗକୁ ଯୁକ୍ତ ଦୁଇ ପରୀକ୍ଷା । ପରୀକ୍ଷା ପରିଚାଳନା ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଛି ସିଏଚ୍‌ଏସ୍‌ଇ। ରାଜ୍ୟର ବିଭିନ୍ନ ଯୁକ୍ତଦୁଇ କଲେଜ ଅଧ୍ୟାପକମାନଙ୍କର ଗ୍ରେଡେସନ୍ ଲିଷ୍ଟ୍ ମାଗିଛି ପରିଷଦ। ଅଧ୍ୟାପକମାନଙ୍କ ବରିଷ୍ଠତା ଆଧାରରେ ମିଳିବ ପରୀକ୍ଷା ପରିଚାଳନା ଦାୟିତ୍ୱ। ଯୋଗ୍ୟତା ଓ ବରିଷ୍ଠତାକୁ ଆଧାର କରି ଅଧ୍ୟାପକଙ୍କୁ ଏକ୍ସଟରନାଲ୍ ଏବଂ ସହକାରୀ ପରୀକ୍ଷକ ଭାବେ ନିଯୁକ୍ତ କରାଯିବ। ନୂଆ ନିୟମକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ୍ୟ ସକାରାତ୍ମକ ମତ ଦେଖିବାକୁ ମିଳିଛି। ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ କହିବା କଥା,'ଇଣ୍ଟରନାଲ୍ ପରୀକ୍ଷା ଏକ ଭଲ ପଦକ୍ଷେପ। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କୁ ନିଜ ମାର୍କ ବଢ଼ାଇବାର ଅଧିକ ସୁଯୋଗ ମିଳିବ। ବାର୍ଷିକ ପରୀକ୍ଷା ସହ ଇଣ୍ଟରନାଲ୍ ମାର୍କ ଯୋଡ଼ି ଫଳରେ ମୋଟ ଫଳାଫଳରେ ଏହା ସହାୟକ ହେବ। ବିଶେଷକରି ଗୋଟିଏ ପରୀକ୍ଷା ଉପରେ ନିର୍ଭର ନକରି ନିୟମିତ ପାଠପଢ଼ା ଓ ପ୍ରଦର୍ଶନ ଆଧାରରେ ମାର୍କ ପାଇବାର ସୁଯୋଗ ମିଳିବ।' ଛାତ୍ରଛାତ୍ରୀଙ୍କ ମତରେ ଇଣ୍ଟରନାଲ୍ ପରୀକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେଲେ ଏହା ଶିକ୍ଷାର ମାନ ବଢ଼ାଇବା ସହ ପରୀକ୍ଷାର୍ଥୀଙ୍କ ପାଇଁ ଲାଭଦାୟକ ହେବ। ତେଣୁ ୨୦୨୭ରୁ ଏକ୍ସ-ରେଗୁଲାର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଇଣ୍ଟରନାଲ୍ ପରୀକ୍ଷାରେ ସାମିଲ କରିବା ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

# ୬ଦିନ ଯାଏଁ ଛେଚିବ

**ଭୁବନେଶ୍ୱର,(ପିପିଏସ୍):**

୩୦ ଅଗଷ୍ଟରୁ ୫ ସେପ୍ଟେମ୍ବର ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ପ୍ରକୋପ ଜାରିରହିବ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରେଡ୍, ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରାଯାଇଛି। ବିଶେଷକରି ଉତ୍ତର ଓ ଉପକୂଳ ଓଡ଼ିଶାର କେତେକ ଜିଲ୍ଲାରେ ଅତି ପ୍ରବଳ ବର୍ଷା ସହ ବଜ୍ରପାତ ଓ ଝଡ଼ ପବନର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜ ଜିଲ୍ଲାରେ ଅତି ପ୍ରବଳରୁ ଅତ୍ୟଧିକ ବର୍ଷା ହୋଇପାରେ। ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଯାଜପୁର, ଜଗତସିଂହପୁର, କଟକ, ଅନୁଗୁଳ, ଢେଙ୍କାନାଳ ଓ କେନ୍ଦୁଝର ପାଇଁ ଅରେଞ୍ଜ ଆଲର୍ଟ ରହିଛି। ୧୫ଟି ଜିଲ୍ଲାରେ ୟେଲୋ ଆଲର୍ଟ ସହ ୪୦-୫୦ କିମି ବେଗରେ ଝଡ଼ ପବନ ଓ ବଜ୍ରପାତର ସମ୍ଭାବନା ରହିଛି। ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ପାଇଁ ରେଡ୍ ଆଲର୍ଟ ବଳବତ୍ତର ରହିବ। ଭଦ୍ରକ, ଯାଜପୁର, କଟକ, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ ଓ ଢେଙ୍କାନାଳରେ ଅରେଞ୍ଜ ସତର୍କତା ଜାରି ହୋଇଛି। ସେପ୍ଟେମ୍ବର ୧ରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଓ ନୂଆପଡ଼ା ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ୨ ଓ ୩ ସେପ୍ଟେମ୍ବରରେ ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଓ ଆଖପାଖ ଜିଲ୍ଲାରେ ପ୍ରବଳ ବର୍ଷା ସହ ବଜ୍ରପାତର ସମ୍ଭାବନା ରହିଛି। ୪ ଓ ୫ ସେପ୍ଟେମ୍ବରରେ ବରଗଡ଼ ସମେତ କେତେକ ଜିଲ୍ଲାରେ ୟେଲୋ ଆଲର୍ଟ ଜାରି ରହିବ।

# ୧୨ରେ ଜିଏସ୍‌ଟି ପରିଷଦ ବୈଠକ

**ନୂଆଦିଲ୍ଲୀ:** ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିଷଦର ୫୭ତମ ବୈଠକ ସେପ୍ଟେମ୍ବର ୧୨ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଜିଏସ୍‌ଟି ପରିଷଦର ସଚିବାଳୟ ସୂତ୍ରରୁ ଏହା ଜଣାଯାଇଛି। ଏହାର ଦିନକ ପୂର୍ବରୁ ୧୧ ତାରିଖରେ ଅଧିକାରୀମାନଙ୍କ ବୈଠକ ହେବ। କେନ୍ଦ୍ର ଅର୍ଥମନ୍ତ୍ରୀ, ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ସମେତ ଜିଏସ୍‌ଟି ପରିଷଦର ଅନ୍ୟ ସଦସ୍ୟମାନଙ୍କୁ ଅବଗତ କରାଇବା ଲାଗି ସଚିବାଳୟ ପକ୍ଷରୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟସଚିବଙ୍କୁ ପତ୍ର ପଠାଯାଇଛି।

# ଅନୁଗୋଳରେ ସ୍କ୍ରବ୍ ଟାଇଫସ୍ ଆତଙ୍କ

## ଆଖିବୁଜିଲେ ଜଣେ ଆକ୍ରାନ୍ତ

**ଅନୁଗୋଳ,ଭୁବନେଶ୍ୱର,(ପିପିଏସ୍):** ପାଲଲହଡ଼ା ବ୍ଲକ୍ ପବିତ୍ରପୁର ପଞ୍ଚାୟତ ଅନ୍ତର୍ଗତ ସାନବାଗଦରି ଗ୍ରାମରେ ସ୍କ୍ରବ୍ ଟାଇଫସ୍‌କୁ ନେଇ ଆତଙ୍କ ସୃଷ୍ଟିହୋଇଛି। ଏହି ରୋଗରେ ଗ୍ରାମର ଜଣେ ୨୯ ବର୍ଷୀୟ ଯୁବକ ସୁମନ୍ତ ସେଠୀଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ୫ ଜଣ ଜ୍ୱରରେ ପୀଡ଼ିତ ହୋଇଥିବା



ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୨ ଜଣ ସୁସ୍ଥ ହୋଇଥିବା ବେଳେ ଅନ୍ୟ ୩ ଜଣଙ୍କ ଚିକିତ୍ସା ଜାରି ରହିଛି । ସୂଚନା ଅନୁଯାୟୀ, ସୁମନ୍ତଙ୍କୁ ଗତ ୨୦ ତାରିଖରେ ସ୍କ୍ରବ୍ ଟାଇଫସ୍ କୀଟ କାମୁଡ଼ିବା ପରେ ଜ୍ୱର ହୋଇଥିଲା। ସେ ପାଲଲହଡ଼ା ମେଡିକାଲରେ ଚିକିତ୍ସିତ ହୋଇ ଔଷଧ ନେଇ ଘରକୁ ଫେରିଥିଲେ। ତେବେ ଜ୍ୱର ନକମିବାରୁ ତାଙ୍କୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନଆସିବାରୁ ପରିବାର ଲୋକେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୫ ତାରିଖରେ ତାଙ୍କର ମୃତ୍ୟୁହୋଇଛି । ଏହି ଘଟଣା ପରେ ଗ୍ରାମରେ ଆଉ ୫ଜଣ ଜ୍ୱରରେ ପୀଡ଼ିତ ଥିବା ଜଣାପଡ଼ିଛି। ତେବେ ସେମାନଙ୍କ ମଧ୍ୟରୁ ୨ ଜଣ ସୁସ୍ଥ ହୋଇଥିବା ବେଳେ ଅନ୍ୟ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା କୁହାଯାଇଛି। ଘଟଣା ସମ୍ପର୍କରେ ଅନୁଗୋଳ ସିଡିଏମ୍‌ଓ କହିଛନ୍ତି ଯେ, ଏନେଇ ଭୟଭୀତ କିମ୍ବା ଆତଙ୍କିତ ହେବାର କୌଣସି କାରଣ ନାହିଁ। ଠିକ୍ ସମୟରେ ଚିକିତ୍ସା କରିଲେ ସ୍କ୍ରବ୍ ଟାଇଫସ୍ ଭଲ ହୋଇପାରିବ। ଗ୍ରାମକୁ ନିୟମିତ ସ୍ୱାସ୍ଥ୍ୟ ଟିମ୍ ପଠାଯାଉଛି।

## ଧ୍ୱନି ପ୍ରତିଧ୍ୱନି

**ରାଜନୀତିରେ ଭାଷାର ମର୍ଯ୍ୟାଦା ରହୁ**

## ବାଟେଘାଟେ



ଭେଜାଲ ହେବାରୁ ହୁ ହୁ ହୋଇ ବଢ଼େ<br>
ଛେନା ପନିର ଦର<br>
ଛତୁ ଓ ପରିବା ଦର ବଢ଼ି ଚାଲେ<br>
ଖାଉଟିଏ ହରବର<br>
ସ୍କୁଲ ପିଲା ଆଉ ଅଣ୍ଡା ପାଇବେନି<br>
ଗୋଟାକୁ ହେବ ପନ୍ଦର<br>
ଇଥାନାଲ ଯୋଗୁଁ ସବୁ ନାରଖାର<br>
ବୁଝେନାହିଁ ସରକାର<br>
ତେଲ ବିରି ଚିନି ପ୍ରତିଯୋଗିତାରେ<br>
ହେଉଛନ୍ତି ଆଗୁସାର<br>
ଏ ଦର ବୃଦ୍ଧିରେ ଉଜୁଡ଼ି ଯାଉଛି<br>
ମଧ୍ୟବିତ୍ତ ପରିବାର -ରାହୀ

# ନବୀନଙ୍କ ଚିଠିର ଜବାବ ଦେଲେ ଧର୍ମେନ୍ଦ୍ର

## ଏମ୍‌ଏମ୍‌ଡିଆର ସଂଶୋଧନ ଅଧିନିୟମକୁ ନେଇ ମୁହାଁମୁହିଁ

**ଭୁବନେଶ୍ୱର,(ପିପିଏସ୍):**

ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ଅଧିନିୟମ, ୨୦୨୬କୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓଡ଼ିଶାର ସାଂସଦମାନଙ୍କୁ ଦେଇଥିବା ଚିଠିର ପ୍ରତ୍ୟୁତ୍ତର ରଖିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ତଥ୍ୟକୁ ଗୋପନ ରଖି ଏବଂ ମିଛରେ ଭୟ ସୃଷ୍ଟି କରି ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବା ଗ୍ରହଣୀୟ ନୁହେଁ ବୋଲି ସେ ପତ୍ରରେ ପ୍ରକାଶ କରିଛନ୍ତି। ସାଂସଦ ଶ୍ରୀ ପ୍ରଧାନ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଗଣତନ୍ତ୍ରରେ ରାଜନୈତିକ ଆଲୋଚନା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲେ ହେଁ, ସଂସଦରେ ଓଡ଼ିଶାର ସ୍ୱର ଭାବରେ ଜାତୀୟ ବିକାଶ ସହ ରାଜ୍ୟର ଅର୍ଥନୀତିର ବ୍ୟାପକତା ଏବଂ ସଂରଚନାଗତ ସ୍ୱାର୍ଥ ରକ୍ଷା କରିବା ଆମର ପ୍ରାଥମିକ ଦାୟିତ୍ୱ। ଏମ୍‌ଏମ୍‌ଡିଆର୍ ସଂଶୋଧନ ଅଧିନିୟମ, ୨୦୨୬ ହେଉଛି ଏକ ଐତିହାସିକ ପଦକ୍ଷେପ ଯାହା ଅର୍ଥନୈତିକ ଅଭିବୃଦ୍ଧି, ଭିତ୍ତିଭୂମି ବିକାଶ, ରାଜ୍ୟ ରାଜସ୍ୱର ସୁରକ୍ଷା ଏବଂ ନାଗରିକମାନଙ୍କୁ ମୁଦ୍ରାସ୍ଫୀତିରୁ ରକ୍ଷା କରିବ। ଓଡ଼ିଶା ନିଜର ରାଜସ୍ୱ ଅଂଶ ହରାଇବ ବୋଲି ବିରୋଧୀଦଳ ନେତାଙ୍କ ଆଶଙ୍କା ସମ୍ପୂର୍ଣ୍ଣ ତଥ୍ୟହୀନ। ନୂତନ ଆଇନ ଅନୁଯାୟୀ, ଖଣି କ୍ଷେତ୍ରରୁ ମିଳୁଥିବା ମୋଟ୍ ରାଜସ୍ୱର ପ୍ରାୟ ୯୦% ସିଧାସଳଖ ରାଜ୍ୟ ରାଜକୋଷକୁ ଯିବ। ଓଡ଼ିଶା ନିଜର ନିଲାମ ପ୍ରିମିୟମର ୧୧୦%, ରୟାଲଟିର ୧୫% ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ) ପାଣ୍ଠିର ସମସ୍ତ ଅଂଶ ପୂର୍ବପରି ପାଇବ। ୨୦୧୪ ପୂର୍ବରୁ ମନମୁଖୀ ଭାବରେ ଅସ୍ୱଚ୍ଛ ଉପାୟରେ ନିଜ ପସନ୍ଦର ପରିବାର ଓ ସଂସ୍ଥାମାନଙ୍କୁ ଖଣି ବଣ୍ଟନ କରାଯାଉଥିଲା। ଫଳରେ ଓଡ଼ିଶାର ବାର୍ଷିକ ଖଣି ରାଜସ୍ୱ ମାତ୍ର ୫,୦୦୦ କୋଟି ଟଙ୍କାରେ ସୀମିତ ଥିଲା। ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଐତିହାସିକ ଏମ୍‌ଏମ୍‌ଡିଆର୍ ସଂଶୋଧନ ଦ୍ୱାରା ସ୍ୱଚ୍ଛ ଇ-ନିଲାମ ଏବଂ ରୟାଲଟି ୧୦%ରୁ ୧୫%କୁ ବୃଦ୍ଧି କରାଯାଇଥିଲା। ଫଳରେ ରାଜ୍ୟର ବାର୍ଷିକ ଖଣି ରାଜସ୍ୱ ଦଶଗୁଣ ବୃଦ୍ଧି ପାଇ ପ୍ରାୟ ୫୦,୦୦୦ କୋଟି ଟଙ୍କାରେ ପହଞ୍ଚିଛି। ଖଣିଜ ଜମି ଉପରେ ଅନିୟନ୍ତ୍ରିତ ଓ ମନମୁଖୀ ଶୁଳ୍କ ଲଗାଇବା ଦ୍ୱାରା କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଏବଂ ଯାଜପୁର ଭଳି ଶିଳ୍ପାଞ୍ଚଳରେ ଖଣି ଓ ଶିଳ୍ପ ବନ୍ଦ ହେବାର ଆଶଙ୍କା ଥିଲା, ଯାହା ଲକ୍ଷଲକ୍ଷ ଯୁବକ ଯୁବତୀଙ୍କ ଜୀବିକା ପ୍ରତି ବିପଦ



ସୃଷ୍ଟି କରିଥା'ନ୍ତା। ଏହାସହ ଇସ୍ପାତ, ସିମେଣ୍ଟ, ବିଦ୍ୟୁତ୍ ଓ କୋଇଲା କଞ୍ଚାମାଲ ଖର୍ଚ୍ଚ ବୃଦ୍ଧି ପାଇ ରାଜ୍ୟର ସାଧାରଣ ମଧ୍ୟବିତ୍ତ ପରିବାର ଉପରେ ବୋଝ ହୋଇଥା'ନ୍ତା। ଧାରା ୯ଡି ଏହି ଅନିୟନ୍ତ୍ରିତ କରକୁ ରୋକିବା ପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ନିର୍ଦ୍ଧାରଣ କରିଛି ବା ଏଭଳି ବିପଦର ଆଶଙ୍କା ଦୂରେଇ ଯାଇଛି । ଶ୍ରୀ ପ୍ରଧାନ ପତ୍ରରେ ଆହୁରି ଉଲ୍ଲେଖ କରିଛନ୍ତି, ୨୦୧୫ରୁ ଆଜି ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠନ ହୋଇଥିବା ଡିଏମଏଫ୍ ମାଧ୍ୟମରେ ଓଡ଼ିଶାର ଖଣି ଅଞ୍ଚଳଗୁଡ଼ିକର ବିକାଶ ପାଇଁ ୩୭,୦୦୦ କୋଟିରୁ ଅଧିକ ଟଙ୍କା ମିଳିଛି । ସେହିପରି ସିଏଜି ରିପୋର୍ଟକୁ ଉଦ୍ଧୃତ କରି ଶ୍ରୀ ପ୍ରଧାନ କହିଛନ୍ତି, ପୂର୍ବ ବିଜେଡି ସରକାର ସମୟରେ ଖଣି ଦ୍ୱାରା ଆଦୌ କ୍ଷତିଗ୍ରସ୍ତ ହୋଇନଥିବା ୯୭୬ଟି ଗାଁରେ ୯୮୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ, ପ୍ରତ୍ୟକ୍ଷ ଭାବେ କ୍ଷତିଗ୍ରସ୍ତ ୫୮୪ଟି ଗାଁକୁ କୌଣସି ପାଣ୍ଠି ଦିଆଯାଇ ନାହିଁ। ଏହାସହିତ ଗ୍ରାମସଭାର ମଞ୍ଜୁରୀ ନନେଇ ୧,୭୩୦ଟି ପ୍ରକଳ୍ପ କାମ କରାଯାଇଥିବା ସିଏଜି ଅଡିଟ୍ ରିପୋର୍ଟରୁ ସ୍ପଷ୍ଟ ଜଣାପଡ଼ିଛି। ବିଜେଡି ସରକାର ଆଇନଗତ ତ୍ରୁଟି ସୁଧାରିବା ପାଇଁ ବିଧାନସଭାରେ କୌଣସି ସଂଶୋଧନ ନଆଣି ୧୮ବର୍ଷ ଧରି ସୁପ୍ରିମକୋର୍ଟରେ ମାମଲା ଚଲାଇ ସମୟ ନଷ୍ଟ କରିଥିଲେ। ଓଡ଼ିଶାର ସାଂସଦମାନେ ରାଜ୍ୟର ବୃହତ୍ତର ସ୍ୱାର୍ଥ, ଶିଳ୍ପ ସମୃଦ୍ଧି ଏବଂ ଯୁବପିଢ଼ିଙ୍କ ନିଯୁକ୍ତି ସୁରକ୍ଷା ପାଇଁ ସଂସଦରେ ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍, ୨୦୨୬କୁ ସମର୍ଥନ କରିଛନ୍ତି । ବିରୋଧୀ ଦଳ ନେତା ଦଳୀୟ ମନୋଭାବରୁ ଊର୍ଦ୍ଧ୍ୱକୁ ଯାଇ ରାଜ୍ୟର ଅର୍ଥନୈତିକ ବିକାଶକୁ ସୁନିଶ୍ଚିତ କରୁଥିବା ଏହି ଐତିହାସିକ ଆଇନକୁ ସମର୍ଥନ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

## ଢେଙ୍କାନାଳରେ ଚାଞ୍ଚଲ୍ୟ

# 'ସୁଭଦ୍ରା'ଟଙ୍କା ପାଇଁ ସ୍ତ୍ରୀ ହତ୍ୟା

**ଢେଙ୍କାନାଳ,(ପିପିଏସ୍):**

**ମାରି ପୋତିଦେଲା**

ସୁଭଦ୍ରା ଯୋଜନାର ଟଙ୍କାକୁ ନେଇ ପାରିବାରିକ କଳହରୁ ସ୍ତ୍ରୀଙ୍କୁ ହତ୍ୟା କରି ଘର ପଛପଟେ ଥିବା ପାଇଖାନା ଟାଙ୍କି ଗାତରେ ପୋତି ଦେଇଥିବା ନେଇ ସ୍ୱାମୀଙ୍କ ବିରୋଧରେ ଆସିଛି ସଙ୍ଗୀନ ଅଭିଯୋଗ। ଏଭଳି ଚାଞ୍ଚଲ୍ୟକର ଘଟଣା ଢେଙ୍କାନାଳ ସଦର



ଥାନା ଅନ୍ତର୍ଗତ ଇନ୍ଦୁପୁର ପଞ୍ଚାୟତର ଜୁଆଙ୍ଗ ସାହିରେ ଘଟିଛି। ସୂଚନା ଅନୁଯାୟୀ, ଗାଁର ଗିରୀଶ ପ୍ରଧାନଙ୍କ ପତ୍ନୀ କୌଶଲ୍ୟା ଶୁକ୍ରବାର ସୁଭଦ୍ରା ଯୋଜନର ଟଙ୍କା ପାଇଥିଲେ। ଏ କଥା କୌଶଲ୍ୟାଙ୍କ ସ୍ୱାମୀ ଜାଣିବା ପରେ ଟଙ୍କା ଉଠାଇବାକୁ ଜିଦ୍ କରି ତାଙ୍କୁ ଗାଁ ନିକଟସ୍ଥ ଗ୍ରାହକ ସେବା କେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ସବୁ ଟଙ୍କା ଉଠାଇ ତାଙ୍କ ହାତକୁ ଦେବାକୁ କହିବାରୁ ଏହାକୁ ବାରଣ କରିଥିଲେ କୌଶଲ୍ୟା।ଯାହାକୁ ନେଇ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗିରୀଶ ସ୍ତ୍ରୀ କୌଶଲ୍ୟାଙ୍କୁ ପିଟି ପିଟି ଘରକୁ ଆଣିଥିଲେ। ପରେ ରାତି ହେବାରୁ ନିଶାସକ୍ତ ଅବସ୍ଥାରେ ଶାବଳ ଓ ବାଡିରେ ପିଟିପିଟି ଜୀବନରେ ମାରି ଦେଇଥିଲେ। ଜୀବନ ଚାଲିଯିବା ପରେ ଘର ପଛ ପଟ ଲାଟ୍ରିନ ଟାଙ୍କି ଗାତରେ ନେଇ ପୋତି ଦେଇଥିଲା। ସକାଳ ପାହିବା ପରେ ଗାତ ଭିତରୁ ପଦାକୁ କୌଶଲ୍ୟାଙ୍କ ହାତ ପାପୁଲି ଦିଶୁଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ସ୍ପଷ୍ଟ ହୋଇଯାଇଥିଲା ଯେ ଗିରୀଶ ନିଜ ସ୍ତ୍ରୀଙ୍କୁ ମାରି ଲାଟ୍ରିନ ଟାଙ୍କି ଗାତରେ ପୋତି ଦେଇ ମାଟି ଘୋଡାଇ ଦେଇଛି। ଜୁଆଙ୍ଗ ସାହି ବାସିନ୍ଦା ଘଟଣା ସମ୍ପର୍କରେ ସଦର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଢେଙ୍କାନାଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦୁ ରେଖା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ଗିରୀଶଙ୍କୁ ଥାନାରେ ଗିରଫ କରି ପଚରାଉଚରା କରୁଥିବା ଜଣାପଡ଼ିଛି ।




# ଆରବିଆନ୍ ବକ୍ସ ଜେଲିଫିସ୍ ଅଧିକ ବୁଦ୍ଧିମାନ୍



**ପା**ଣି ଭିତରେ ଅନେକ ପ୍ରକାର ଜୀବ ରହିଥାନ୍ତି। ଅନେକଙ୍କୁ ଆମେ ଜାଣି ନ ଥାଉ। ତେବେ ନିକଟରେ ବିଷାକ୍ତ ଆରବିଆନ୍ ବକ୍ସ ଜେଲିଫିସ୍ ବାବଦରେ କିଛି ନୂଆ ତଥ୍ୟ ସାମ୍ନାକୁ ଆସିଛି। ନୂଆ ଅଧ୍ୟୟନରୁ ଜଣାପଡ଼ିଛି, ଆମେ ଭାବିବାଠାରୁ ଏହି ଜେଲିଫିସ୍ ବହୁ ବୁଦ୍ଧିମାନ । ଆରବିଆନ୍ ବକ୍ସ ଜେଲିଫିସ୍ର ସେଣ୍ଟ୍ରାଲାଇଜ୍ ନର୍ଭସ ସିଷ୍ଟମ ନାହିଁ। ତା'ର ୨୪ଟି ଆଖି ଅଛି। ତା' ସାହାଯ୍ୟରେ ସେ ନିଜର ଭୁଲ୍କୁ ସୁଧାରି ଥାଏ। ରିପୋର୍ଟ ମୁତାବକ, କରେଣ୍ଟ ବାୟୋଲୋଜି ଜର୍ନାଲରେ ବାହାରିଥିବା ଏକ ତଥ୍ୟ ମୁତାବକ, ଏହି ଜେଲିଫିସ୍ ପାଖରେ କେବଳ ୧ହଜାର ଲର୍ଭ ସେଲ୍ ରହିଛି। ବୈଜ୍ଞାନିକଙ୍କ କହିବା ମୁତାବକ, ଏହା ଆମ ମସ୍ତିଷ୍କର ପ୍ରକ୍ରିୟା ବାବଦରେ ଅଧିକ ତଥ୍ୟ ଦେଇପାରେ। ୫ଶହ ମିଲିୟନରୁ ଅଧିକ ବର୍ଷ ଧରି ଜେଲିଫିସ୍ ଅଛନ୍ତି। ଏପର୍ଯ୍ୟନ୍ତ ସେମାନଙ୍କୁ ସୀମିତ ଶିଖିବାର କ୍ଷମତା ଥିବା ସରଳ ଜୀବ ବୋଲି ବୁଝାଯାଉଥିଲା। ହେଲେ ବୈଜ୍ଞାନିକଙ୍କ ଏହି ନୂଆ ତଥ୍ୟ ଏପର୍ଯ୍ୟନ୍ତର ଭାବନାକୁ ଓଲଟପାଲଟ କରିଦେଇଛି। ଜଣାପଡ଼ିଛି କି, ବିଷାକ୍ତ ଆରବିଆନ୍ ବକ୍ସ ଜେଲିଫିସ୍ ପାଖରେ ଶିଖିବାର ଅଧିକ କ୍ଷମତା ରହିଛି। ୟୁନିଭର୍ସିଟି ଅଫ୍ କୋପେନହାଗେନ୍ର ନ୍ୟୁରୋଲୋଜିଷ୍ଟ ପ୍ରଫେସର ଏଣ୍ଡର୍ସ ଗାର୍ମ ଅଧିକ ସମୟ ଧରି ଏହି ଜେଲିଫିସ୍ ଉପରେ ଅଧ୍ୟୟନ କରୁଛନ୍ତି। ଏହାକୁ ସାଧାରଣତଃ ଦୁନିଆର ସବୁଠୁ ବିଷାକ୍ତ ଜେଲିଫିସ୍ କୁହାଯାଏ। ସେମାନେ କାଦୁଅ ପଙ୍କରେ ଥିବା ଗଛ ଅଞ୍ଚଳରେ ରୁହନ୍ତି। ସେଠାରେ ଥିବା ଛୋଟ ଛୋଟ ଜୀବଙ୍କୁ ଶିକାର କରନ୍ତି। ଏଥିପାଇଁ ସେ ତା'ର ୨୪ ଆଖି ଏବଂ ପ୍ରଭାବଶାଳୀ ଭିଜୁଆଲ ସିଷ୍ଟମର ଉପଯୋଗ କରିଥାଏ। ବୈଜ୍ଞାନିକମାନେ କହିଛନ୍ତି, ଏହି ଜେଲିଫିସ୍ ବାସ୍ତବରେ ଦୂରର ଆକଳନ କରିପାରେ ଏବଂ ନିଷ୍ପତ୍ତି ମଧ୍ୟ ନେଇପାରେ।

# ମଣିଷ ମାଂସ ଖାଏ ଏହି ଫଳ !



**ପ୍ର**କୃତି ଅନେକ ଜିନିଷ ସୃଷ୍ଟି କରିଛି ଏବଂ ସେମାନଙ୍କର ଏପରି ବିଶେଷ ଗୁଣ ଅଛି ଯାହା ମଣିଷ ଶୁଣି ଆଶ୍ଚର୍ଯ୍ୟ ହୋଇପାରେ। ଆମ ଚାରିପାଖରେ ଏପରି ଅନେକ ଜିନିଷ ଅଛି, ଯାହାକୁ ଆମେ ବ୍ୟବହାର କଲେ ବହୁ ସୁଫଳ ମିଳିଥାଏ। ଆମେ ଫଳ ଖାଉ, କୌଣସି ଫଳ ମଧ୍ୟ ମଣିଷ ମାଂସକୁ ଖାଇପାରେ। ଏହା ଶୁଣିଲେ ଯେ କେହି ଚକିତ ହେବା ସ୍ୱାଭାବିକ। ତେବେ ଏହି ଫଳ ଆମ ଘରେ ସହଜରେ ଉପଲବ୍ଧ ଏବଂ ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି ସେମାନଙ୍କ ପାଇଁ ଏହା ଅମୃତ ଭଳି। ଅଭ୍ୟାସ କରି ମାସେ ଖଲାଇଲେ ଜିରୋଫିଗର ମିଳିବା ସହଜ ହେବ। ସେ ଫଳଟି ହେଉଛି ସପୁରୀ। ଏହା ବହୁତ ସ୍ୱାଦିଷ୍ଟ। କିନ୍ତୁ କେତେକ ଏହା ଆଲର୍ଜି ବୋଲି ମଧ କହିଥାନ୍ତି। ତେବେ ଏହି ତଥ୍ୟଟି ଅତ୍ୟନ୍ତ ଅଦ୍ଭୁତ, ଯେତେବେଳେ ଆମେ ସପୁରୀ ଖାଉ, ଏହା ପ୍ରତିବଦଳରେ ଆମର ମାଂସକୁ ଖାଏ। ସପୁରୀ ଖାଇଲେ ଜିଭରେ ଏକ ଝିମଝିମ ଅନୁଭବ ହୋଇଥାଏ। ବାସ୍ତବରେ, ଏଥିରେ ବ୍ରୋମେଲାଇନ ନାମକ ଏକ ଏନଜାଇମ ଥାଏ, ଯାହାର କାମ ହେଉଛି ପ୍ରୋଟିନ ହଜମ କରିବା। ଏହା ମଣିଷ ଜିଭରେ ଥିବା ପ୍ରୋଟିନକୁ ଖାଇବା ଆରମ୍ଭ କରିଥାଏ। ଏହା ପେଟରେ ଥିବା ଏସିଡ ଏନଜାଇମକୁ ନଷ୍ଟ କରିଦିଏ। ତେଣୁ ଏହି ଉପକାରୀ ଫଳକୁ ଖାଦ୍ୟରେ ସାମିଲ କରିବା ଆବଶ୍ୟକ।

# ଆଜିର ରାଶିଫଳ

**ମେଷ** – ଜଣେ ନିଷ୍ପାପ ବ୍ୟକ୍ତିଭାବେ ସାମାଜିକ ସ୍ତରରେ ଗୌରବାନ୍ୱିତ ହେବେ। ପ୍ରଜ୍ଞାଶୀଳ ବ୍ୟକ୍ତିମାନଙ୍କଠାରେ ଅନୁରକ୍ତି ରହିବ। ନାନା ବିଭବରେ ମଣ୍ଡିତ ହେବେ। ଅନୁଗତଙ୍କର ପୂଜ୍ୟ ହେବେ।

**ବୃଷ** – ଧର୍ମ ଧାରଣାରେ ନିଜକୁ ହଜାଇ ଦେଇପାରନ୍ତି। ସନ୍ମାର୍ଗୀ ହେବେ। ମନୋଜ୍ଞ ହେବାର ସୂଚନା ମିଳୁଛି। କର୍ମକ୍ଷେତ୍ରରେ ପ୍ରଭୁତା ବିସ୍ତାର କରିପାରନ୍ତି। ସଦା ପ୍ରସନ୍ନ ରହିବେ। ସନ୍ତାନସନ୍ତତି ସ୍ନେହୀ ହେବେ।

**ମିଥୁନ** – ଏପରି କାର୍ଯ୍ୟ ନ କରନ୍ତୁ ଯେଉଁଥି ପାଇଁ ପ୍ରଭାବହୀନର ଅବସ୍ଥା ଭୋଗୀବାକୁ ପଡ଼ିବ। ନିକୃଷ୍ଟ ସଙ୍ଗ ପରିତ୍ୟାଗ କରିବାକୁ ପଡ଼ିବ। କୁଶଳୀ ହେବାର ସୂଚନା ମିଳୁଛି। ପାପ କାର୍ଯ୍ୟ ନ କରିବା ଭଲ।

**କର୍କଟ** – ଦୁଷ୍ଟଚରିତ୍ରମାନଙ୍କଠାରୁ ନିଜକୁ ଦୂରେଇ ରଖିଲେ ପୁଣ୍ୟକର୍ମା ବ୍ୟକ୍ତିଭାବେ ନିଜର ପରିଚୟ ସୃଷ୍ଟି କରିବେ। କଠିନ ହୃଦୟ ସହଜରେ ତରଳିବାର ସୂଚନା ମିଳୁନାହିଁ। ପାରିବାରିକ ଅଶାନ୍ତି ଉପୁଜିପାରେ।

**ସିଂହ** – ଆୟର ସ୍ୱଚ୍ଛତା ଦୃଷ୍ଟିରୁ ବାହ୍ୟ ଖର୍ଚ୍ଚକୁ ସୀମିତ କରିବାକୁ ବାଧ ହେବେ। ଭ୍ରାତୃ ଓ ପରିବାର ସ୍ନେହୀ ହୋଇପାରନ୍ତି। ସୁସ୍ଥ ଓ ନିରାମୟ ରହିବେ। ଚତୁର ଓ ଶତ୍ରୁହନ୍ତା ହେବେ। ଚାକିରି କ୍ଷେତ୍ରରେ ସେବା ଯୋଗାଇବେ।

**କନ୍ୟା** – କର୍ମଚଞ୍ଚଳ ରହିବେ। କନ୍ୟା ସନ୍ତାନ ପାଇଁ ଗର୍ବ ଅନୁଭବ କରିବେ। ହଠାତ୍ କିଛି ଧନ ପ୍ରାପ୍ତିର ସୂଚନା ମିଳୁଛି। ଆର୍ଥିକ ସ୍ରୋତ ବ୍ୟବସାୟାଦି ବିଭିନ୍ନ ଦିଗରୁ ପ୍ରବାହିତ ହେବ। ଧାର୍ମିକ ଓ ତେଜସ୍ୱୀ ହେବେ।

**ତୁଳା** – ରୂପବାନ୍ ହୋଇପାରନ୍ତି। ବେଳେବେଳେ ଚିନ୍ତାଗ୍ରସ୍ତ ହେବେ। ଗୁପ୍ତ ବିଦ୍ୟା ପ୍ରତି ଆଗ୍ରହୀ ହୋଇପାରନ୍ତି। ମିଷ୍ଟଭାଷୀ ଓ କୋମଳ ହୃଦୟସମ୍ପନ୍ନ ହେବେ। ଭାଗ୍ୟବାନ୍ ଓ ବନ୍ଧୁପ୍ରେମୀ ହେବେ।

**ବିଛା** – ନିର୍ଭୟରେ କାର୍ଯ୍ୟ ସମ୍ପାଦନ କରିବେ। ମହାନୁଭବୋ ହୋଇପାରନ୍ତି। ଶାସ୍ତ୍ରାନୁରକ୍ତ ହେବେ। ବିଧିବିଧାନ ପ୍ରତି ଲକ୍ଷ୍ୟ ରଖିବେ। ପ୍ରିୟ ଭାଷୀ ଓ ଯାନବାହନଯୁକ୍ତ ହେବେ। ସାହସୀ ଓ କର୍ତ୍ତବ୍ୟପରାୟଣ ହେବେ।

**ଧନୁ** – ସୁନ୍ଦର ଓ କୋମଳ ଶରୀରଯୁକ୍ତ ହେବେ। ପାପ କାର୍ଯ୍ୟ ପ୍ରତି ଭୟ ରହିବ। ସତ୍ୟବାଦୀ ଓ ଭ୍ରମଣଶୀଳ ହୋଇପାରନ୍ତି। ମିତବ୍ୟୟୀ ହେବେ। ବିଭିନ୍ନ ସୂତ୍ରରୁ ଧନାଗମର ସୂଚନା ମିଳୁଛି। ଭାଗ୍ୟବାନ୍ ଓ ସମ୍ପତ୍ତିବାନ୍ ହେବେ।

**ମକର** – ସ୍ୱାଭିମାନୀ ହେବେ। ଧନବାନ୍ ଓ ମୁରବି ହୋଇପାରନ୍ତି। ସ୍ୱାଦିଷ୍ଟ ଭୋଜନରେ ଆପ୍ୟାୟିତ ହେବେ। ସତ୍ୟବାଦୀ ଓ ବିଳାସପ୍ରେମୀ ହୋଇପାରନ୍ତି। ପାପ ଗ୍ରହଗୁଡ଼ିକର କୁପ୍ରଭାବକୁ ନାଶ କରିପାରନ୍ତି।

**କୁମ୍ଭ** – ମିତବ୍ୟୟୀ ହେବେ। ବ୍ୟସନ ରହିତ ଓ ପରୋପକାରୀ ହେବେ। ଗୁଢ଼ ବିଦ୍ୟାଯୁକ୍ତ ହେବେ। ଧାର୍ମିକ ପ୍ରବୃତ୍ତିର ହେବେ। ପରକଥାକୁ ଗୁରୁତ୍ୱ ନ ଦେଇ ନିଜ ଜ୍ଞାନ ବଳରେ କାର୍ଯ୍ୟ କଲେ ଭଲ। ସୁସ୍ଥ ରହିବେ।

**ମୀନ** – ନିଜ କୁଳ ପୋଷକ ହେବେ। ସମଚିନ୍ତକ ହୋଇପାରନ୍ତି। ଶତ୍ରୁନାଶକ ଓ ଯଶସ୍ୱୀ ହେବେ। ଲେଖାଲେଖିରେ କୃତିତ୍ୱ ଅର୍ଜନ କରିବେ। ବିଭାଗୀୟ ସ୍ତରରୁ ଅର୍ଥ ସହ ସମ୍ମାନ ପ୍ରାପ୍ତିର ସୂଚନା ମିଳୁଛି। କରିତ୍କର୍ମା ହେବେ।

# କିପରି ଖାଉଛନ୍ତି ଆପଣ...ଲାଗୁଛି କେତେ ସମୟ ?

**ଆ**ଜିର ବ୍ୟସ୍ତବହୁଳ ଜୀବନଶୈଳୀରେ, ଆମେ ପ୍ରାୟତଃ ଖାଦ୍ୟ ଖାଇବାକୁ ପର୍ଯ୍ୟାପ୍ତ ସମୟ ପାଇ ନଥାଉ। ଅଧିକାଂଶ ଲୋକଙ୍କୁ ବ୍ୟସ୍ତ କାର୍ଯ୍ୟସୂଚୀ ହେତୁ ଶୀଘ୍ର ଶୀଘ୍ର ଖାଦ୍ୟ ଖାଇବାକୁ ପଡ଼େ। କାମର ଚାପରେ ଲୋକମାନେ ମଧ୍ୟାହ୍ନ ଭୋଜନ ବିରତି ସମୟରେ ମଧ ଶୀଘ୍ର ଖାଦ୍ୟ ଖାଇ କାମକୁ ଫେରନ୍ତି ।

ତେବେ ଖାଇବାଠାରୁ କେମିତି ଖାଇବା ଅଧିକ ଗୁରୁତ୍ୱ ବହନ କରେ। କାରଣ ଆମେ ଖାଉଥିବା ଖାଦ୍ୟ ସ୍ୱାସ୍ଥ୍ୟ ଉପରେ କିପରି ପ୍ରଭାବ ପକାଇବ ତାହା ଆମର ଖାଇବା ଶୈଳୀ ଉପରେ ନିର୍ଭର କରେ। ଖାଇବା ଶୈଳୀର ଅର୍ଥ ଧୀରେ ଧୀରେ ଚୋବାଇ ଚୋବାଇ ଖାଇବା ଏବଂ ଶୀଘ୍ର ଗିଳିଦେବା।

ଅନେକ ଲୋକ କାର୍ଯ୍ୟ ବ୍ୟସ୍ତତା କାରଣରୁ ଖୁବ୍ କମ୍ ସମୟରେ ଖାଇଦେଇ ଉଠି ପଳାନ୍ତି। ବାସ୍ତବରେ ଏହି ଅଭ୍ୟାସ ସ୍ୱାସ୍ଥ୍ୟ ଉପରେ କିପ୍ରଭାବ ପକାଏ ଏବଂ ଚୋବାଇ ଚୋବାଇ ଧୀରେ ଧୀରେ ଖାଉଥିବା ଲୋକେ କି ଫାଇଦା ପଆନ୍ତି, ଜାଣନ୍ତୁ...

**ଶୀଘ୍ର ଖାଇବା ଦ୍ୱାରା ଶରୀର ଉପରେ କ'ଣ ପଡ଼ିଥାଏ ପ୍ରଭାବ ?**



ଶୀଘ୍ର ଖାଇବାର ଫଳ ସ୍ୱରୂପ ଅଧିକ କ୍ୟାଲୋରୀ ଗ୍ରହଣ କରିବା। କାରଣ ଶୀଘ୍ର ଖାଉଥିବା ଲୋକଙ୍କୁ ଖାଇବା ପରି ଲାଗେନି, ସେମାନଙ୍କୁ ଖାଇବାର କିଛି ସମୟ ପରେ ପୁଣି ଭୋକ ଲାଗେ, ଯାହା ଫଳରେ ଅଧିକ ଖାଇବାକୁ ଇଚ୍ଛାହୁଏ। ତେଣୁ ସେମାନେ ଅଧିକ କ୍ୟାଲୋରୀ ଗ୍ରହଣ କରନ୍ତି। ଅଧିକ କ୍ୟାଲୋରୀର ଅର୍ଥ ଶରୀରର ଓଜନ ବୃଦ୍ଧି ପାଇବା।

ଅନୁସନ୍ଧାନରୁ ଜଣାପଡିଛି ଯେ, ଲୋକଙ୍କ ଖାଇବା ବେଗ ଉପରେ ସେମାନଙ୍କ ରକ୍ତରେ ଶର୍କରା, ଟାଇପ୍-୨ ଡାଇବେଟିସ ଏବଂ ମୋଟାପଣ ନିର୍ଭର କରେ। ମୋଟାପଣ ଜେନେଟିକ୍ସ, ବୟସ, ଶାରୀରିକ କାର୍ଯ୍ୟକଳାପ, ଧୂମପାନ ଏବଂ ଖାଦ୍ୟ ଭଳି ଅନେକ କାରଣରୁ ହେଉଥିଲେ ମଧ ଖାଇବା ବେଗ ଏହାର ଆଉ ଏକ କାରଣ ହୋଇପାରେ।

**ରକ୍ତରେ ଶର୍କରା ବୃଦ୍ଧି**

ବିଜ୍ଞାନଗତ ମତ ଅନୁସାରେ, ଶୀଘ୍ର ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ଶୀଘ୍ର ବୃଦ୍ଧି ପାଇଥାଏ। ଏହାର ଅର୍ଥ ଟାଇପ୍-୨ ଡାଇବେଟିସ୍ ଓ ମେଦବହୁଳତା ହୋଇପାରେ। କିନ୍ତୁ ଶୀଘ୍ର ଶୀଘ୍ର ଖାଇବା ସିଧାସଳଖ ଏସବୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାର ସେପରି କୌଣସି ପ୍ରମାଣ ନାହିଁ। କିନ୍ତୁ ଏହା ରକ୍ତରେ ଶର୍କରା ବୃଦ୍ଧି ପାଇଁ ଦାୟୀ ହୋଇପାରେ।

**ଧୀରେ ଧୀରେ ଖାଇବାର ଉପକାରିତା**

ଧୀରେ ଖାଇବା ଦ୍ୱାରା ଅନେକ ଲାଭ ହୋଇଥାଏ। ଏହା ଅତ୍ୟଧିକ ଖାଦ୍ୟପେୟକୁ ରୋକିବା, ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା, ଓଜନ ବୃଦ୍ଧିକୁ ରୋକିବା ଏବଂ ପେଟରେ ଥିବା ସମସ୍ୟାକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଧୀରେ ଖାଇବା ଦ୍ୱାରା ଖାଦ୍ୟକୁ ନେଇ ଏକ ଭଲ ଅନୁଭବ ହୋଇପାରେ। ଏହା ଏକ ସକରାତ୍ମକ ପ୍ରଭାବ ପକାଇପାରେ।

ବିଜ୍ଞାନ ଏବଂ ଭାରତୀୟ ଶାସ୍ତ୍ର ଉଭୟ ଧୀର ଖାଇବାକୁ ଉପଯୁକ୍ତ ଦର୍ଶାଇଛନ୍ତି। କାରଣ ବିଜ୍ଞାନ ଅନୁସାରେ, ମଣିଷର ହଜମ ପ୍ରକ୍ରିୟା ପାଟିରୁ ହିଁ ଆରମ୍ଭ ହୁଏ। ତେଣୁ ଚୋବାଇ ଚୋବାଇ ଖାଇବା ଦ୍ୱାରା ଭଲ ହଜମ ହୋଇଥାଏ। ସେହିପରି ଖାଇବାକୁ ଗିଳିବା ପୂର୍ବରୁ ୩୨ ଥର ଚୋବାଇବାକୁ ଭାରତୀୟ ଶାସ୍ତ୍ର ପରାମର୍ଶ ଦେଇଛି।

# ଏହି ମନ୍ଦିରରେ ବାଜେ ନାହିଁ ଶଙ୍ଖ




**ମ**ନ୍ଦିର ନାଁ ଶୁଣିବା ମାତ୍ରେ ଘଣ୍ଟଘଣ୍ଟି ଏବଂ ଶଙ୍ଖ ବାଜିବାର ଶବ୍ଦ ମନକୁ ଆସେ। କିନ୍ତୁ ଏମିତି ଏକ ମନ୍ଦିର ଅଛି, ଯେଉଁଠି ଶଙ୍ଖ ଆଦୌ ବାଜେ ନାହିଁ। ଏମିତି ଏକ ଧାମ ହେଉଛି ବଦ୍ରିନାଥ। ଏହି ମନ୍ଦିରରେ ଆରତି ହୁଏ ବିନା କୌଣସି ଶବ୍ଦରେ। ଅନ୍ଲାଇନ୍ ପ୍ଲାଟ୍ଫର୍ମ 'କୋରା'ରେ ଏହାର କାରଣ ଅନେକ ଲୋକ ପଚାରିଛନ୍ତି। ତେବେ ବଦ୍ରିନାଥ ଧାମରେ ଶଙ୍ଖ ଧ୍ୱନି ନ ବାଜିବା ପଛରେ ଏକ ବଡ଼ ରହସ୍ୟ ରହିଛି। ଏହାର ପ୍ରତ୍ୟେକ ଦିଗ ବୈଜ୍ଞାନିକ, ପୁରାଣ ଏବଂ ଧାର୍ମିକ ସହିତ ଜଡ଼ିତ।

ବିଜ୍ଞାନ ଅନୁଯାୟୀ, ଶୀତଦିନେ ଚାରିଆଡ଼େ ତୁଷାରପାତ ହୋଇଥାଏ। ଏପରି ପରିସ୍ଥିତିରେ, ଯଦି ଏଠାରେ ଶଙ୍ଖ ଫୁଙ୍କାଯାଏ ଏହାର ଶବ୍ଦ ପର୍ବତ ସହ ବାଜି ଆସି ଇକୋ ସୃଷ୍ଟି କରେ। ଏହି କାରଣରୁ ବରଫରେ ଫାଟ ସୃଷ୍ଟି ହେବାର ସମ୍ଭାବନା କିମ୍ବା ବରଫ ଝଡ଼ ଏପରିକି ଭୂସ୍ଖଳନ ମଧ ହେବାର ସମ୍ଭାବନା ରହିଥାଏ। କାରଣ ସମସ୍ତ ବାଦ୍ୟଯନ୍ତ୍ର ମଧ୍ୟରେ ଶଙ୍ଖର ଶବ୍ଦ ସବୁଠାରୁ ଉଚ୍ଚ ବୋଲି ବିବେଚନା କରାଯାଏ। ଏହା କମ୍ପନ ସୃଷ୍ଟି କରେ।

ସାଧୁମାନେ ଅସୁରମାନଙ୍କୁ ଭୟ କରୁଥିଲେ ଏବଂ ସେମାନଙ୍କର ଆଶ୍ରମରେ ମଧ ପୂଜା କରିପାରୁ ନ ଥିଲେ। ଥରେ ମା ଲକ୍ଷ୍ମୀ ଏଠାରେ ନିର୍ମିତ ତୁଳସୀ ଭବନରେ ଧ୍ୟାନ କରୁଥିଲେ। ସେହି ସମୟରେ ଭଗବାନ ବିଷ୍ଣୁ ଶଙ୍ଖଚୂର୍ଣ୍ଣ ନାମକ ଏକ ରାକ୍ଷସକୁ ବଧ କରିଥିଲେ। ଯୁଦ୍ଧ ଶେଷ ହେବା ପରେ ସାଧାରଣତଃ ଶଙ୍ଖ ବଜାଯାଏ। କିନ୍ତୁ ଭଗବାନ ବିଷ୍ଣୁ ମାତା ଲକ୍ଷ୍ମୀଙ୍କ ଧ୍ୟାନକୁ ବ୍ୟାହତ କରିବାକୁ ଚାହୁଁ ନ ଥିବାରୁ ଶଙ୍ଖ ବାଜି ନ ଥିଲା। ପୌରାଣିକ ବିଶ୍ୱାସ ଅନୁଯାୟୀ, ସେବେଠାରୁ ବଦ୍ରିନାଥ ଧାମରେ ଶଙ୍ଖ ବଜାଯାଏ ନାହିଁ।

ଏକ ବିଶ୍ୱାସ ମଧ ଅଛି ଯେ, ଏଠାରେ ସାଦ୍ଦେଶ୍ୱର ଜୀଉଙ୍କର ଏକ ମନ୍ଦିର ଥିଲା। ଯେଉଁଠାରେ ବ୍ରାହ୍ମଣମାନେ ପୂଜା କରିବା ପାଇଁ ଆସୁଥିଲେ। କିନ୍ତୁ ରାକ୍ଷସମାନେ ସେମାନଙ୍କୁ ପୂଜା କରିବାକୁ ଅନୁମତି ଦେଲେ ନାହିଁ। ଏହା ଦେଖି ସାଦ୍ଦେଶ୍ୱର ମହାରାଜ ତାଙ୍କ ଭାଇ ଅଗସ୍ତ୍ୟ ଋଷିଙ୍କ ସାହାଯ୍ୟ ଲୋଡ଼ିଥିଲେ। ଯେତେବେଳେ ଅଗସ୍ତ୍ୟ ମନ୍ଦିରକୁ ପୂଜା କରିବାକୁ ଯାଇଥିଲେ, ରାକ୍ଷସମାନେ ତାଙ୍କ ସହ ଅସଦାଚରଣ କରିଥିଲେ। ତା'ପରେ ଋଷି ଅଗସ୍ତ୍ୟ ମାତା ଭଗବତୀଙ୍କୁ ମନେ ପକାଇଲେ। କୁହାଯାଏ, ଯେ ତାଙ୍କ ଡାକ ଶୁଣିବା ପରେ ମାତା କୁଷ୍ମାଣ୍ଡା ସେଠାରେ ଉପସ୍ଥିତ ଥିବା ସମସ୍ତ ରାକ୍ଷସଙ୍କୁ ହତ୍ୟା କରିଥିଲେ। କିନ୍ତୁ ଅଟପୀ ଏବଂ ବିଟପୀ ନାମକ ଦୁଇ ରାକ୍ଷସ ସେଠାରୁ ପଳାଇ ଯାଇଥିଲେ। ଅଟପୀ ମନ୍ଦାକିନୀ ନଦୀରେ ଲୁଚି ରହିଲେ ଏବଂ ବିଟପୀ ବଦ୍ରିନାଥ ଧାମକୁ ଯାଇ ଶଙ୍ଖରେ ଲୁଚି ରହିଲେ। କୁହାଯାଏ, ସେବେଠାରୁ ବଦ୍ରିନାଥ ଧାମରେ ଶଙ୍ଖ ବାଜିବା ନିଷେଧ ରହିଛି।

# ଓଜନ ନିୟନ୍ତ୍ରଣ କରେ ମେଥି




**ସା**ଧାରଣତଃ ଆମ ରୋଷେଇ ଘରେ ଏମିତି କିଛି ଜିନିଷ ଥାଏ, ଯେଉଁଥିରେ ଔଷଧୀୟ ଗୁଣ ଭରି ରହିଥାଏ। ମାତ୍ର ଆମେ ତାହା ଜାଣିପାରି ନ ଥାଉ। ଏମିତି ଏକ ଔଷଧୀୟ ଗୁଣ ଥିବା ଜିନିଷ ହେଉଛି ମେଥି। ମେଥି ଆମକୁ ଅନେକ ରୋଗରୁ ଉପଶମ ଦେଇଥାଏ ବୋଲି ଆୟୁର୍ବେଦୀ ଡାକ୍ତର କୁହନ୍ତି। ପୁଷ୍ଟିକର ତତ୍ତ୍ୱରେ ପରିପୂର୍ଣ୍ଣ ମେଥି ଦାନାରେ ଫାଇବର, ଭିଟାମିନ୍ 'ଏ' ଏବଂ ଭିଟାମିନ 'ଡି' ଭରପୂର ରହିଥାଏ। ମେଥିରେ ପର୍ଯ୍ୟାପ୍ତ ପରିମାଣର ଫାଇବର ରହିଛି। ଯାହା ହଜମ ପ୍ରକ୍ରିୟାକୁ ସହଜ କରିଥାଏ। ଆମ ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରିଥାଏ। ରକ୍ତରେ ଶର୍କରା ପରିମାଣ ନିୟନ୍ତ୍ରିତ କରିଥାଏ। ଏହା ଓଜନ କମାଇବାରେ ସାହାଯ୍ୟ କରିଥାଏ। ଆପଣଙ୍କ ଓଜନ ବୃଦ୍ଧି ପାଉଥିଲେ ଆଦୌ ଚିନ୍ତା ନ କରି ମେଥିକୁ ମହୁ ସହ ମିଶାଇ ଖାଇବା ଦ୍ୱାରା ଲାଭପ୍ରଦ ହୋଇଥାଏ। ମହୁରେ ରୋଗ ପ୍ରତିରୋଧକ ଶକ୍ତି ଯଥେଷ୍ଟ ମାତ୍ରାରେ ରହିଛି। ଏହା କ୍ୟାଲୋରୀ କମ୍ କରିଥାଏ, ଯାହା ଓଜନ ନିୟନ୍ତ୍ରଣରେ ସାହାଯ୍ୟ କରିଥାଏ। ମେଥିକୁ ଗୁଣ୍ଡ କରି ଏହାକୁ ୧ ଚାମଚ ମହୁ ମିଶାଇ ପ୍ରତିଦିନ ଖାଇଲେ ଓଜନ କମିଥାଏ।

# ଅଭିନେତ୍ରୀ ଅନନ୍ୟା ପାଣ୍ଡେ



**ଅ**ଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ପୁଣି ଥରେ ଆଲୋଚନା ଦାନା ବାନ୍ଧିଛି। ଦୁଇ ବର୍ଷର ସଂପର୍କ ପରେ ସେ ତାଙ୍କର ବୟଫ୍ରେଣ୍ଡ୍ ୱାକର ବ୍ଲାଙ୍କୋଠାରୁ ଅଲଗା ହୋଇଯାଇଛନ୍ତି। ଯଦିଓ ବ୍ରେକ୍-ଅପ୍ ବାବଦରେ ଦୁହେଁ ମୁହଁ ଖୋଲି ନାହାନ୍ତି। କିନ୍ତୁ କଥାଟି ସେମାନଙ୍କ ନିକଟତମ ମହଲରୁ ହିଁ ଆସିଛି। ଗତ ସପ୍ତାହରେ ଦୁହେଁ ପାରସ୍ପରିକ ବୁଝାମଣାରେ ସଂପର୍କ ଛିନ୍ନ କରିଛନ୍ତି। ଆଉ ଦୁହିଁଙ୍କ ମଧ୍ୟରେ କୌଣସି ବିବାଦ ନଥିବା ବି ଜଣାପଡ଼ିଛି। ୨୦୨୪ ମସିହାରେ ଅନନ୍ତ ଅମ୍ବାନୀ ଓ ରାଧିକା ମର୍ଚ୍ଚାଣ୍ଟଙ୍କ ପ୍ରିୱେଡିଂ ସେଲିବ୍ରେସନ୍ ସମୟରେ ଦୁହିଁଙ୍କ ମଧ୍ୟରେ ପରିଚୟ ହୋଇଥିଲା ଓ ପରେ ସଂପର୍କ ସ୍ଥାପନ ହୋଇଥିଲା। ଏହାପରେ ଦୁହେଁ ଡେଟିଂ କରୁଥିଲେ। ଅନନ୍ୟାଙ୍କ ଜନ୍ମଦିନରେ ୱାକର ଇନ୍ଷ୍ଟାଗ୍ରାମରେ ଜନ୍ମଦିନର ଶୁଭେଚ୍ଛା ସହ 'ଆଇ ଲଭ୍ ୟୁ ଆନି' ଲେଖିବା ପରେ ଦୁହେଁ ସଂପର୍କରେ ଅଛନ୍ତି ବୋଲି ସମସ୍ତେ ଧରିନେଇଥିଲେ। ଚିକାଗୋରେ ମଡେଲିଂ କରୁଥିବା ୱାକର୍ଙ୍କ ପୂର୍ବରୁ ଅନନ୍ୟା ଦୀର୍ଘ ବର୍ଷ ଧରି ବଲିଉଡ୍ ଅଭିନେତା ଆଦିତ୍ୟ ରଏ କପୁରଙ୍କ ସହ ସଂପର୍କରେ ଥିଲେ। ଯଦିଓ ଦୁହେଁ କେବେ ଏହା ସର୍ବସାଧାରଣ କରିନଥିଲେ, ତଥାପି ପାର୍ଟିଫଙ୍କସନରେ ଏକାଠି ଦେଖିବାକୁ ମିଳୁଥିଲେ। ଉଲ୍ଲେଖଯୋଗ୍ୟ, ଅନନ୍ୟାଙ୍କୁ ଦର୍ଶକ ନିକଟରେ 'ଚାନ୍ଦ ମେରା ଦିଲ୍' ଛବିରେ ଲକ୍ଷ୍ୟ ଲାଲ୍ୱାନିଙ୍କ ବିପକ୍ଷରେ ଦେଖିବାକୁ ପାଇଥିଲେ। ଆଗକୁ ପ୍ରାଇମ୍ ଭିଡିଓର ଲୋକପ୍ରିୟ ସୋ' 'କଲ୍ ମି ବେ' ସିଜିନ୍-୨ରେ ତାଙ୍କୁ ଦେଖିବାକୁ ମିଳିବ।

# ପାଲକ ଟିକି



**ଆବଶ୍ୟକ ସାମଗ୍ରୀ :** ୨୫୦ ଗ୍ରାମ୍ ପାଳଙ୍ଗ ଶାଗ, ଅଧା କପ୍ ବୁଟ ଡାଲି, ୨ଟି ଲବଙ୍ଗ, ୧ ଇଞ୍ଚ ଡାଳଚିନି, ୪-୫ଟି ଗୋଲମରିଚ, ୨ ଟେବୁଲ୍ ସ୍ପୁନ୍ ଚାଉଳ ଅଟା, ଅଧା କପ୍ ବ୍ରେଡ୍ ଗୁଣ୍ଡ, ତେଲ, ଲୁଣ, କୋରା ବା ରମ୍ପା ଯାଇଥିବା ୧୦୦ ଗ୍ରାମ୍ ପନିର, କିସ୍ମିସ୍ ୧ ଟେବୁଲ୍ ସ୍ପୁନ୍, କାଜୁ ୧ ଟେବୁଲ୍ ସ୍ପୁନ୍, ଗୋଲମରିଚ ଗୁଣ୍ଡ ଅଧା ଚାମଚ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ବୁଟଡାଲିକୁ ଏକ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ଭିଜାଇ ଦିଅନ୍ତୁ। ପାଳଙ୍ଗ ଶାଗକୁ ଭଲ ଭାବେ ଧୋଇ ଛୋଟ ଛୋଟ କାଟି ଦିଅନ୍ତୁ। ପ୍ରେସର କୁକର ଚୁଲାରେ ବସାଇ ସେଥିରେ ପାଳଙ୍ଗ, ଭିଜା ଡାଲି, ଲବଙ୍ଗ, ଡାଳଚିନି, ଗୋଲମରିଚ, ଏକ କପ୍ ପାଣି, ସ୍ୱାଦାନୁସାରେ ଲୁଣ ପକାଇ ଗୋଟିଏ ହ୍ୱିସିଲ୍ ଆସିବା ପର୍ଯ୍ୟନ୍ତ ରଖନ୍ତୁ। ଏହା ପରେ ଚୁଲାକୁ ସିମ୍ରେ ରଖି ୫-୬ ମିନିଟ୍ ରଖିବା ପରେ ବନ୍ଦ କରି ଦିଅନ୍ତୁ। କୁକର୍ ଥଣ୍ଡା ହୋଇଯିବା ପରେ ପାଳଙ୍ଗ, ଡାଲି ଆଦିକୁ କାଢି ବହଳ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ କୋରା ଯାଇଥିବା ପନିର, ଲୁଣ, ଗୋଲମରିଚ ଗୁଣ୍ଡ, କିସ୍ମିସ୍, କାଜୁ ନେଇ ଭଲ ଭାବେ ମିଶାଇ ଦିଅନ୍ତୁ। ପାଳଙ୍ଗ ବଟାକୁ ମଧ୍ୟମ ଆକାରର ଗୁଳା କରି ମଝିରେ ପନିର ପୁର ଦେଇ ଟିକି ପ୍ରସ୍ତୁତ କରନ୍ତୁ। ଏକ ପ୍ଲେଟ୍ରେ ବ୍ରେଡ୍ ଗୁଣ୍ଡ ରଖନ୍ତୁ ଏବଂ ସମସ୍ତ ପାଳଙ୍ଗ ଟିକିଗୁଡିକୁ ଏହା ଉପରେ ଗଡାଇ ଦିଅନ୍ତୁ। ଚୁଲାରେ ଏକ ତାୱା ବସାଇ ତେଲ ଗରମ କରନ୍ତୁ ଏବଂ ପାଳଙ୍ଗ ଟିକିଗୁଡିକୁ ଏଥିରେ ଭଲ ଭାବେ ଏପଟ ସେପଟ କରି ଭାଜି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ପାଳଙ୍ଗ ଟିକି, ଏହାକୁ ଚଟଣି, ସସ୍ କିମ୍ବା କଟା ପିଆଜ ସହିତ ଗରମ ଗରମ ଖାଇବାର ଆନନ୍ଦ ନିଅନ୍ତୁ।

# ୩୧ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ



ଭୁବନେଶ୍ୱର,(ପିପିଏସ୍): ଆସନ୍ତା ସୋମବାର ଅଗଷ୍ଟ ୩୧ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ତା.୩୧.୦୮.୨୦୨୬ ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ମ୍ୟାକଲେକ୍ କମ୍ପାନୀ ଦ୍ୱାରା ନୂଆ ସର୍ଫେସ୍ ହାଇଡ୍ରୋ କାଇନେଟିକ୍ ଟରବାଇନ୍ ପ୍ରଯୁକ୍ତିବିଦ୍ୟାକୁ ଗୁରୁତ୍ୱ

ଭୁବନେଶ୍ୱର,(ପିପିଏସ୍): ରାଜ୍ୟରେ ନୂଆ ପ୍ରକାରର ଅକ୍ଷୟ ଶକ୍ତି ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିବା ପାଇଁ ଆଜି ଖାରବେଳ ଭବନରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ କ୍ଲିନ୍-ଟେକ୍ କମ୍ପାନୀ 'ମ୍ୟାକଲେକ୍' ନିଜର ନୂଆ 'ସର୍ଫେସ୍ ହାଇଡ୍ରୋ କାଇନେଟିକ୍ ଟରବାଇନ୍' ବିଷୟରେ ଉପ-ମୁଖ୍ୟମନ୍ତ୍ରୀ ଏବଂ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲର ସିଏମଡ଼ି ଶ୍ରୀ ଭାସ୍କର ଜ୍ୟୋତି ଶର୍ମା, ଗ୍ରୀଡ଼କୋର ପରିଚାଳନା ନିର୍ଦ୍ଦେଶକ ଡଃ ସତ୍ୟପ୍ରିୟ ରଥ ଓ ବହୁ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ଆଗରେ ଉପସ୍ଥାପନା ପ୍ରଦର୍ଶନ କରିଥିଲେ। ଓଡ଼ିଶାରେ ଏହି ସର୍ଫେସ ହାଇଡ୍ରୋ କାଇନେଟିକ୍ ଟରବାଇନ୍ ବ୍ୟବହାର କରିବା ଦ୍ୱାରା କେଉଁସବୁ ଲାଭ ହେବ, ସେ ବିଷୟରେ ମ୍ୟାକଲେକ୍ ପକ୍ଷରୁ ଉପସ୍ଥାପନାରେ ଦର୍ଶାଯାଇଥିଲା। ଏହାଦ୍ୱାରା ବିଦ୍ୟମାନ ଜମିରେ ହିଁ କେବଳ ବୋହିଯାଉଥିବା କେନାଲ ପାଣିକୁ ବ୍ୟବହାର କରି ବିଦ୍ୟୁତ ଉତ୍ପାଦନ କରାଯାଇପାରିବ। ଏହାସହ ସ୍ଥାନୀୟ ଲୋକଙ୍କୁ ଏଥିରେ ନିଯୁକ୍ତି ସୁଯୋଗ, ଅଂଚଳର ବିକାଶ ହେବ ଏବଂ ବିଦ୍ୟୁତ ଗ୍ରୀଡ୍ କୁ ସ୍ଥିର ଶକ୍ତି ଯୋଗାଇ ହେବ। ଏହି ପଦକ୍ଷେପର ଅଂଶସ୍ୱରୂପ, ମ୍ୟାକଲେକ୍ କେନାଲ କୂଳରେ ୧୦ ମେଗାୱାଟ୍ ବିଶିଷ୍ଟ ଏକ ସ୍ୱଚ୍ଛ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ପାଇଁ ଏକ ବିସ୍ତୃତ ପ୍ରସ୍ତାବ ଉପସ୍ଥାପନ କରିଥିଲା। ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ମ୍ୟାକଲେକ୍ ଶକ୍ତି ବିଭାଗ ନିକଟରୁ ଆବଶ୍ୟକୀୟ ସହାୟତା ସହିତ ସୁଗମ ଗ୍ରୀଡ୍ ସିଙ୍କ୍ରୋନାଇଜେସନ୍ ଏବଂ ସମ୍ପ୍ରସାରଣ ଅନୁମତି ଭଳି ମୁଖ୍ୟ ପ୍ରଶାସନିକ ଓ ଭିତିଭୂମି ସହାୟତା ପାଇଁ ଅନୁରୋଧ କରିଛି। ବିଭାଗୀୟ ଅଧିକାରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ଏହି ଉପସ୍ଥାପନାକୁ ଓଡ଼ିଶାର ସ୍ୱଚ୍ଛ ଶକ୍ତି ଢାଂଚାର ସମ୍ପ୍ରସାରଣ ପାଇଁ ଏକ ଆକର୍ଷଣୀୟ ଏବଂ ଆଶାଜନକ ପରିକଳ୍ପନା ବୋଲି ଅଭିହିତ କରିଛନ୍ତି।

# ବୃହତ୍ଶିଳ୍ପ ନିବେଶ ପ୍ରକଳ୍ପ ଅଗ୍ରଗତି ନେଇ ସମୀକ୍ଷା

ଭୁବନେଶ୍ୱର: (ପିପିଏସ୍): ଓଡ଼ିଶାରେ ବୃହତ୍ ଶିଳ୍ପ ନିବେଶ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଏବଂ ପ୍ରକଳ୍ପ କ କାର୍ଯ୍ୟାନ୍ୱୟନରେ ରହୁଥିବା ବିଭିନ୍ନ ପ୍ରସଙ୍ଗର ସମାଧାନ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।




## ଶୀଘ୍ର କାର୍ଯ୍ୟକ୍ଷମ ହେଉ

ବୈଠକରେ ନାଲକୋ ଓ ଆଦାନୀ ଗ୍ରୁପ୍ର ଓଡ଼ିଶାରେ ଚାଲୁଥିବା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।ନାଲକୋ ସମ୍ପର୍କିତ ଆଲୋଚନାରେ ସ୍ମେଲ୍ଟର ଓ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ଏବଂ ଉତ୍କଳ 'ଡି' ଏବଂ 'ଇ' କୋଇଲା ଖଣି ଭଳି ପ୍ରମୁଖ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ଜମି ଅଧିଗ୍ରହଣ ଓ ହସ୍ତାନ୍ତର, ପୁନର୍ବାସ ଓ ଥଇଥାନ, ଜନଶୁଣାଣି, ଗ୍ରାମସଭା ଏବଂ ପ୍ରକଳ୍ପ ସହ ଜଡ଼ିତ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଆଦି ବିଷୟର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା । ଆଦାନୀ ଗ୍ରୁପ୍ ର ବନ୍ଦର ଓ ବନ୍ଦର ସମ୍ପ୍ରସାରଣ, ଶିଳ୍ପ ପାର୍କ, ଶକ୍ତି, ଆଲୁମିନିୟମ୍, ସିମେଣ୍ଟ, କୋଲ୍ ଗ୍ୟାସିଫିକେସନ୍, ଡାଟା ସେଣ୍ଟର, ଖଣି, ଲଜିଷ୍ଟିକ୍ସ ଭଳି ବିଭିନ୍ନ କ୍ଷେତ୍ରରେ ନିବେଶ ସୁଯୋଗ ଓ ପ୍ରକଳ୍ପ ଯୋଜନା ଉପସ୍ଥାପିତ ହୋଇଥିଲା । ବିଶେଷକରି ଧାମରା ଓ ଗୋପାଳପୁର ବନ୍ଦରର ସମ୍ପ୍ରସାରଣ, ଶିଳ୍ପ ପାର୍କ, ଆର୍ଥିକ କରିଡର ଓ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ସମ୍ପର୍କରେ ଆବଶ୍ୟକତା ଓ ସମ୍ଭାବନା ନେଇ ଆଲୋଚନା ହୋଇଥିଲା । ଜମି ଆବଶ୍ୟକତା, ଅଧିଗ୍ରହଣ, ସଡ଼କ ଓ ରେଳ ସଂଯୋଗ, ଉପକୂଳ ନିୟନ୍ତ୍ରଣ ଅଂଚଳ ସମ୍ପର୍କିତ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଆବଶ୍ୟକ ସହଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ନିବେଶକମାନଙ୍କୁ ଆବଶ୍ୟକ ସରକାରୀ ସହଯୋଗ ଯୋଗାଇ ଦେଇ ପ୍ରକଳ୍ପଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଶ୍ରୀମତୀ ଗର୍ଗ ପ୍ରକଳ୍ପଗୁଡ଼ିକୁ ସମୟସୀମା ମଧ୍ୟରେ କାର୍ଯ୍ୟକ୍ଷମ କରିବା, ନିବେଶ ବୃଦ୍ଧି, ରୋଜଗାର ସୃଷ୍ଟି ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବିଭାଗ, ନିବେଶକ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଘନିଷ୍ଠ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇସ୍ପାତ ଓ ଖଣି ବିଭାଗ ଦେଓରଞ୍ଜନ କୁମାର ସିଂହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡକୋର ଅଧ୍ୟକ୍ଷା ଉଷା ପାଢ଼ୀ, ଶକ୍ତି, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ଥିଲେ ।ନ୍ୟାସନାଲ ଆଲୁମିନିୟମ କମ୍ପାନୀ(ନାଲକୋ)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଆଦାନୀ ଗ୍ରୁପ୍ କର୍ପୋରେଟ୍ ବ୍ୟାପାର ସଭାପତି ଉପସ୍ଥିତ ଥିଲେ। ଅନୁଗୋଳ, କୋରାପୁଟ,ରାୟଗଡ଼ା, ମାଲକାନଗିରି, ସୁନ୍ଦରଗଡ଼,କଟକ ଓ ଭଦ୍ରକ ଆଦି ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।

# ଖୋର୍ଦ୍ଧା ରୋଡ୍ ମଣ୍ଡଳର ୫ଟି ପ୍ରମୁଖ ଷ୍ଟେସନରେ ପାର୍ସଲ୍ ସ୍କାନର୍ ମେସିନ୍ ସ୍ଥାପିତ

ଭୁବନେଶ୍ୱର,(ପିପିଏସ୍): ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ପାଂଚଟି ପ୍ରମୁଖ ରେଳ ଷ୍ଟେସନ୍—ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, କଟକ ଓ ବ୍ରହ୍ମପୁରରେ ଆଧୁନିକ ପାର୍ସଲ୍ ସ୍କାନର୍ ମେସିନ୍ ସ୍ଥାପନ କରାଯାଇଛି। ପୂର୍ବତଟ ରେଳପଥର ପ୍ରଧାନ ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ ଶ୍ରୀମତୀ ରୀତା ରାଜ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ କୁମାର ଏସ୍.ଙ୍କ ଉପସ୍ଥିତିରେ ଭୁବନେଶ୍ୱର ପାର୍ସଲ୍ କାର୍ଯ୍ୟାଳୟ-ଠାରେ ଏହି ପାର୍ସଲ୍ ସ୍କାନର୍ ମେସିନ୍ର ଉଦ୍‌ଘାଟନ କରିଥିଲେ। ନୂତନ ଭାବେ ସ୍ଥାପିତ ଏହି ସ୍କାନର ଗୁଡ଼ିକ ପାର୍ସଲ୍ ର ସୂକ୍ଷ୍ମ ଯାଂଚ କରିବା ସହ ଦହନଶୀଳ ଓ ଅଗ୍ନି-ବିପଜ୍ଜନକ ସାମଗ୍ରୀ, ବାଣ, ବିସ୍ଫୋରକ, ବେଆଇନ ଦ୍ରବ୍ୟ ଏବଂ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀ ଚିହ୍ନଟ କରିବାରେ ସହାୟକ ହେବ। ଏହା ରେଳ ପାର୍ସଲ୍ ପରିଚାଳନାରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ। ଏହି ୫ଟି ପ୍ରମୁଖ ଷ୍ଟେସନରେ ସ୍କାନିଂ ସୁବିଧାର ଆରମ୍ଭ ଟ୍ରେନ୍ ଯୋଗେ ବିପଜ୍ଜନକ ଓ ନିଷିଦ୍ଧ ସାମଗ୍ରୀର ପରିବହନ ରୋକିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ରେଳ କର୍ମଚାରୀମାନଙ୍କୁ ପାର୍ସଲ୍ ?ର ଅଧିକ ନିରାପଦ, ସୁରକ୍ଷିତ ଓ ଦକ୍ଷତାର ସହ ପରିଚାଳନା କରିବାରେ ସହାୟତା କରିବ। ପାର୍ସଲ୍ ସ୍କାନର ର ଶୁଭାରମ୍ଭ ରେଳ ବାଣିଜ୍ୟିକ ପରିଚାଳନାରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଏବଂ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବା ଦିଗରେ ଆଉ ଏକ ପ୍ରଶଂସନୀୟ ପଦକ୍ଷେପ। ଏହା ପ୍ରମୁଖ ଷ୍ଟେସନଗୁଡ଼ିକରେ ପାର୍ସଲ୍ ର ଅଧିକ ଦକ୍ଷ, ନିରାପଦ ଓ ସୁରକ୍ଷିତ ଯାଂଚ ଏବଂ ପରିଚାଳନାରେ ବିଶେଷ ଯୋଗଦାନ କରିବ। ଏହି ପଦକ୍ଷେପ ରେଳ ପାର୍ସଲ୍ ବ୍ୟବସ୍ଥାର ସୁରକ୍ଷା ଢାଂଚାକୁ ସୁଦୃଢ଼ କରିବା ସହ ଯାତ୍ରୀମାନଙ୍କ ନିରାପତାକୁ ଆହୁରି ବୃଦ୍ଧି କରିବ। ରେଳ ନେଟୱାର୍କ ମାଧ୍ୟମରେ ବିପଜ୍ଜନକ ଓ ନିଷିଦ୍ଧ ସାମଗ୍ରୀର ପରିବହନକୁ ରୋକିବା ଦ୍ୱାରା ଯାତ୍ରୀମାନଙ୍କ ପାଇଁ ଏକ ଅଧିକ ନିରାପଦ ଓ ଭୟମୁକ୍ତ ଯାତ୍ରା ପରିବେଶ ସୃଷ୍ଟି କରାଯାଇପାରିବ।

# ଦନ୍ତ ଚିକିତ୍ସକଙ୍କ ପାଇଁ ମାସିକ ୨୦,୦୦୦ ଟଙ୍କା ପ୍ରୋତ୍ସାହନ

ଭୁବନେଶ୍ୱର, (ପିପିଏସ୍): ଭୁବନେଶ୍ୱର,୨୯ ଅଗଷ୍ଟ (ହି.ସ.)- ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ମେଡିକାଲ ସର୍ଭିସେସ୍ (ଡେଂଟାଲ) କ୍ୟାଡରରେ କାର୍ଯ୍ୟରତ ଦନ୍ତ ଚିକିତ୍ସକମାନଙ୍କ ପାଇଁ ଏକ

## ପିଜି ଡେଣ୍ଟାଲ୍ ସର୍ଜନଙ୍କ ପାଇଁ ବଡ଼ ଘୋଷଣା


ବଡ଼ ପ୍ରୋତ୍ସାହନ ଘୋଷଣା କରାଯାଇଛି। ସରକାରଙ୍କ ନୂତନ ନିଷ୍ପତି ଅନୁଯାୟୀ, ଏନଏମସି ଦ୍ୱାରା ସ୍ୱୀକୃତ ମେଡିକାଲ କଲେଜରୁ ପୋଷ୍ଟ-ଗ୍ରାଜୁଏସନ୍ ଯୋଗ୍ୟତା ହାସଲ କରିଥିବା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟରତ ଦନ୍ତ ଚିକିତ୍ସକମାନଙ୍କୁ ପ୍ରତିମାସ ୨୦,୦୦୦ ଟଙ୍କା ପ୍ରୋତ୍ସାହନ ପ୍ରଦାନ କରାଯିବ।




ସରକାରଙ୍କ ପକ୍ଷରୁ ଜାରି ନୋଟିଫିକେସନ୍ ରେ କୁହାଯାଇଛି ଯେ, ଏହି ପ୍ରୋତ୍ସାହନ ନୋଟିଫିକେସନ୍ ଜାରି ହେବା ତାରିଖ, ଅର୍ଥାତ୍ ୨୯ ଅଗଷ୍ଟ ୨୦୨୬ ଠାରୁ କାର୍ଯ୍ୟକାରୀ ହେବ।
ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଏହି ଅବସରରେ କହିଛନ୍ତି ଯେ , " ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମ ସରକାର ପୋଷ୍ଟ-ଗ୍ରାଜୁଏସନ୍ ଯୋଗ୍ୟତାପ୍ରାପ୍ତ ଦନ୍ତ ଚିକିତ୍ସକମାନଙ୍କୁ ସରକାରୀ ସେବାରେ ଉତ୍ସାହିତ କରିବା ସହ ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବିଶେଷଜ୍ଞ ଦନ୍ତ ଚିକିତ୍ସା ସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଶ୍ଚିତ ରୂପେ ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବ।
ଏହି ପ୍ରସ୍ତାବକୁ ଅର୍ଥ ବିଭାଗର ସମ୍ମତି ମିଳିବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ନୋଟିଫିକେସନ୍ ଜାରି କରାଯାଇଛି।

# ସେପ୍ଟେମ୍ବରରେ ପରୀକ୍ଷା, କେବେ ମିଳିବ ସଂଶୋଧିତ ବହି ?

ଭୁବନେଶ୍ୱର (ପିପିଏସ୍): ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଆଉ ୪ ସପ୍ତାହ ପରେ ସମେଟିଭ୍-୧ ପରୀକ୍ଷା । ଶିକ୍ଷାବର୍ଷ ଆରମ୍ଭ ହେବାର ପାଖାପାଖି ୫ ମାସ ମଧ୍ୟ ହୋଇଗଲାଣି । ହେଲେ ଏଯାଏ ମିଳିଲା ନାହିଁ ସଂଶୋଧିତ ପାଠ୍ୟପୁସ୍ତକ । କେବଳ ସଂଶୋଧିତ ପାଠ୍ୟପୁସ୍ତକ ତ ଦୂରର କଥା ଅନେକ ପିଲାଙ୍କ ପାଖେ ସଂପୂର୍ଣ୍ଣ ପୁସ୍ତକ ମଧ୍ୟ ମଧ୍ୟ ପହଞ୍ଚି ନାହିଁ । ଏପଟେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ସମେଟିଭ୍-୧ ପରୀକ୍ଷା ନେଇ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ହୋଇଛି । ତେବେ ପିଲାମାନେ କିପରି ପଢ଼ିବେ ? କେଉଁ ବହିରୁ ପଢ଼ିବେ ? ଏମିତି ଚିନ୍ତାରେ ଅଭିଭାବକ ।
ଗତ ଏପ୍ରିଲ୍ ମାସରୁ ନୂତନ ଶିକ୍ଷା ବର୍ଷ ଆରମ୍ଭ ହୋଇଛି । ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ଛାତ୍ରଛାତ୍ରୀଙ୍କ ପାଖେ ପାଠ୍ୟପୁସ୍ତକ ପହଞ୍ଚି ପାରିଲା ନାହିଁ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଗଲା, ନୂତନ ପାଠ୍ୟପୁସ୍ତକ କରାଯାଇଛି, ମୁଦ୍ରଣ ଚାଲିଛି ଖରା ଛୁଟି ପୂର୍ବରୁ ସଂପୂର୍ଣ୍ଣ ବହି ପିଲାଙ୍କ ପାଖେ ପହଞ୍ଚି ଯିବ । ଛୁଟି ସରି ସ୍କୁଲ ଆରମ୍ଭ ହୋଇଗଲା । ହେଲେ ସବୁ ବହି ପିଲାଙ୍କ ପାଖେ ପହଞ୍ଚିଲା ନାହିଁ । ସ୍କୁଲ ଖୋଲିବା ବେଳକୁ ଜଣା ପଡ଼ିଲା ପିଲାଙ୍କ ନୂଆ ପାଠ୍ୟପୁସ୍ତକରେ ମାଳ ମାଳ ତ୍ରୁଟି ରହିଛି । ତଥ୍ୟଗତ ଭୁଲ୍ ସାଙ୍ଗକୁ ବନାନ୍ ଗତ ଭୁଲ୍‌ରେ ବହି ତିଆରି ହୋଇ ପିଲାଙ୍କ ପାଖକୁ ଗଲା । ଏହାକୁ ନେଇ ଖବର ପ୍ରସାରିତ ହେବା ପରେ ଏହାକୁ ନେଇ ତନାଘନା ହେଲା । କୁହାଗଲା ସଂଶୋଧିତ କରି ପାଠ୍ୟପୁସ୍ତକ ପିଲାଙ୍କ ପାଖେ ପହଞ୍ଚାଇ ଦିଆଯିବ । ଏପରିକି ସଂଶୋଧିତ ପାଠ୍ୟପୁସ୍ତକର ହାର୍ଡ କପି ସ୍କୁଲରେ ପହଞ୍ଚିବା ପୂର୍ବରୁ ଉଭୟ ଓସେପା ଏବଂ ଏସ୍‌ସିଇଆରଟି ୱେବ୍‌ସାଇଟ୍‌ରେ ଅପଲୋଡ୍ କରାଯିବ । ହେଲେ ସଂଶୋଧିତ ପାଠ୍ୟପୁସ୍ତକ ନାଁରେ ଏକ ଲିଙ୍କ୍ରେ କିଛି ପାଠ୍ୟପୁସ୍ତକକୁ ଅପଲୋଡ୍ କରାଯାଇଥିଲା । ଏଥିରେ ଭୁଲ୍ ଥିବା ନେଇ କିଛି ଅଭିଭାବକ ଦୃଷ୍ଟିଗୋଚରକୁ ଆଣିଥିଲେ । ହେଲେ ଖୋଦ୍ ନିଜେ ବିଭାଗ ସ୍ୱୀକାର କରିଛି ପାଠ୍ୟପୁସ୍ତକ ସଂଶୋଧନ ପ୍ରକ୍ରିୟା ଚାଲିଛି । ଏଯାବତ୍ କୌଣସି ପାଠ୍ୟପୁସ୍ତକ ସଂଶୋଧିତ ସରିନି । ଖୁବ୍ ଶୀଘ୍ର ପିଲାଙ୍କ ପାଖେ ଏହି ସଂଶୋଧିତ ପୁସ୍ତକ ପହଞ୍ଚିବ ବୋଲି ମଧ୍ୟ କୁହାଯାଇଛି । ଏଥି କଥା ଉଠୁଛି, ଜୁନ୍ ମାସରୁ ପାଠ୍ୟପୁସ୍ତକରେ ଭୁଲ୍ ଥିବା ଚିହ୍ନଟ ହୋଇଛି । ଏହାକୁ ନେଇ ତଦନ୍ତ କମିଟିଠୁ ଆରମ୍ଭ କରି କ୍ରାଇମ୍‌ବ୍ରାଞ୍ଚରେ ଏହି ଘଟଣା ପହଞ୍ଚିଲାଣି । ଏଥିରେ ଏସ୍‌ସିଇଆରଟି ପୂର୍ବ ନିର୍ଦ୍ଦେଶକ ନିଲମ୍ବିତ ହେବା ସହ ଗିରଫ ହେଲେ । କିଛି ୯ଜଣ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସରକାର ନେଲେ । ଘନ ଘନ ବୈଠକ କରାଗଲା । ପୁସ୍ତକ ସଂଶୋଧନ ପାଇଁ ଏକ୍ସପର୍ଟମାନଙ୍କୁ ମଧ୍ୟ ସାମିଲ କରାଗଲା । ଯେପରି ଟିକେ ବି ଭୁଲ୍ ବହିରେ ରହିବ ନାହିଁ ତାକୁ ନେଇ ପ୍ରତିଶୃତ ଉପରେ ପ୍ରତିଶୃତି ଦିଆଯାଉଛି । ହେଲେ କେବେ ସଂଶୋଧିତ ବହି ମିଳିବ ତାକୁ ନେଇ ପ୍ରଶ୍ନ ଉଠାଉଛନ୍ତି ଶିକ୍ଷକ । ପିଲାମାନେ ଭୁଲ୍ ବହିରେ ପଢ଼ି ପରୀକ୍ଷା ଦେବେ । ଏମିତି ଏମିତିରେ ଶିକ୍ଷାବର୍ଷ ପାର୍ କରିଦେବାକୁ ବସିଛନ୍ତି ବୋଲି ଅଭିଯୋଗ କରିଛନ୍ତି ଶିକ୍ଷକ ସଂଘ ।



# ସୂଚନା ଓ ଲୋକସମ୍ପର୍କ ବିଭାଗରେ ନୂତନ ନିର୍ଦ୍ଦେଶକଙ୍କ ଯୋଗଦାନ



ଭୁବନେଶ୍ୱର, (ପିପିଏସ୍): ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସଞ୍ଜୟ କୁମାର ବିଶ୍ୱାଳ ଶନିବାର ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷଠାରେ ଶ୍ରୀ ବିଶ୍ୱାଳଙ୍କୁ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ଶାସନ ସଚିବ କଳାମୁଦ୍ଦିନ୍, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ସ୍ମିତା କର, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ପୂର୍ବତନ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ତାଙ୍କର ନୂତନ କାର୍ଯ୍ୟଭାର ନେଇ ଶୁଭେଚ୍ଛା ଜଣାଇଥିଲେ । ବିଭାଗର ଅନ୍ୟ ଅଧିକାରୀମାନେ ମଧ୍ୟ ଶ୍ରୀ ବିଶ୍ୱାଳଙ୍କୁ ସ୍ୱାଗତ ଜଣାଇଥିଲେ । ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ବିଭାଗୀୟ କାର୍ଯ୍ୟର ସୂଚାରୁ ସମ୍ପାଦନ ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗ ଲୋଡ଼ିଥିଲେ ସୂଚନାଯୋଗ୍ୟ ଯେ ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ପୂର୍ବରୁ ବାଣିଜ୍ୟ ଓ ପରିବହନ ବିଭାଗରେ ଅତିରିକ୍ତ ଶାସନ ସଚିବ ଭାବେ ଅବସ୍ଥାପିତ ଥିଲେ । ଓଡ଼ିଶା ରାଜ୍ୟ ପରିବହନ ନିଗମ, କୁଟ୍ ସମେତ ବିଭିନ୍ନ ବିଭାଗରେ ସେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି ।

# ସ୍ଥାନୀୟ କାରିଗର, କ୍ଷୁଦ୍ର ଉଦ୍ୟୋଗୀ ଓ ଉତ୍ପାଦକୁ ପ୍ରୋତ୍ସାହନ ଦେବାକୁ ସରକାର ପ୍ରତିବଦ୍ଧ: ମନ୍ତ୍ରୀ

ଭୁବନେଶ୍ୱର,୨୯ ଅଗଷ୍ଟ (ହି.ସ.) ରାଜ୍ୟର ସ୍ଥାନୀୟ କାରିଗର, କ୍ଷୁଦ୍ର ଉଦ୍ୟୋଗୀ ଓ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହିତ କରିବା ସହ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ କ୍ଷେତ୍ରର ବିକାଶ ପାଇଁ ସରକାର ପ୍ରତିବଦ୍ଧ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ବଲାଙ୍ଗୀରଠାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ଅଂଶୀଦାର ପରାମର୍ଶ କର୍ମଶାଳାରେ ମନ୍ତ୍ରୀ ମହାଲିଙ୍ଗ, ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ସହ ଯୋଗଦେଇଥିଲେ। ଏହି ଅବସରରେ ସେ ବୁଣାକାର ଭାଇଭଉଣୀମାନଙ୍କ ସହ ହସ୍ତତନ୍ତ ଓ ବୟନ ଶିଳ୍ପ ସହ ଜଡ଼ିତ ବିଭିନ୍ନ ବିଷୟ ନେଇ ଆଲୋଚନା କରିଥିଲେ। ଏଥିସହ ବଲାଙ୍ଗୀରରେ ଶ୍ରୀ ଅମ୍ବିକା କଟସ୍ପିନ୍ ପକ୍ଷରୁ ପ୍ରଥମଥର ପାଇଁ ପ୍ରତିଷ୍ଠା ହେବାକୁ ଥିବା ଟେକ୍ସଟାଇଲ୍ ପାର୍କ ସମ୍ପର୍କରେ ମଧ୍ୟ ମନ୍ତ୍ରୀ ମହାଲିଙ୍ଗ ଉଲ୍ଲେଖ କରିଥିଲେ। ଏହି ଅବସରରେ ସେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ଥାନୀୟ ଅଂଚଳର ଉତ୍ପାଦ, ବିଶେଷକରି ଓଡ଼ିଶାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପକୁ ଦେଶ ତଥା ବିଶ୍ୱସ୍ତରୀୟ ବଜାରରେ ପହଂଚାଇବା ସହ ଏହାକୁ ଅଧିକ ଲୋକପ୍ରିୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଭୋକାଲ୍ ଫର୍ ଲୋକାଲ୍' ଆହ୍ୱାନକୁ ସଫଳ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରହିଥିବା ମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟର ବୁଣାକାର ଓ କାରିଗରମାନଙ୍କ ଆର୍ଥିକ ଉନ୍ନତି ପାଇଁ ବିଭିନ୍ନ ଯୋଜନା ଓ ପଦକ୍ଷେପ କାର୍ଯ୍ୟକାରୀ ହେଉଛି ବୋଲି ସେ କହିଛନ୍ତି।
ଓଡ଼ିଶାର ସମୃଦ୍ଧ ଓ ପାରମ୍ପରିକ ହସ୍ତତନ୍ତ କଳାକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଅଧିକ ପରିଚିତ କରାଇବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ବିଶେଷକରି ସମ୍ବଲପୁରୀ ବାନ୍ଧକଳା ଭଳି ପ୍ରସିଦ୍ଧ ପାରମ୍ପରିକ ହସ୍ତତନ୍ତ କଳାର ପ୍ରଚାର ଓ ପ୍ରସାର ସହ ବୁଣାକାର ଓ କାରିଗରମାନଙ୍କୁ ଅଧିକ ବଜାର ସୁଯୋଗ ପ୍ରଦାନ ଦିଗରେ ସରକାର ଗୁରୁତ୍ୱ ଦେଉଛନ୍ତି।




*କଟକ ମହାନଗର ନିଗମର ୧୫୦ତମ ପୂର୍ତ୍ତି ଓ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଶହୀଦଭବନଠାରେ ଅନୁଷ୍ଠିତ ସାଧାରଣ ସଭାରେ ମାନ୍ୟଗଣ୍ୟ ଅତିଥି*

# ବସ୍‌କୁ ଅଟକାଇ ଦାଦାବଟି ମାଗିବା ଓ ବସ୍ ହେଲ୍‌ପରଙ୍କୁ ମାଡ଼ ମାରିବା ଅଭିଯୋଗରେ ୩ ଗିରଫ



ବ୍ରହ୍ମପୁର, (ପିପିଏସ୍): ଦାଦାଗିରି ଦେଖାଇ ବଟି ମାଗିଲେ, ବଟି ନ ଦେବାରୁ ବସ୍ ହେଲ୍‌ପରକୁ ଅସଭ୍ୟ ଭାଷାରେ ଗାଳିଗୁଲଜକରି ମାଡ ମାରିବା ଘଟଣାରେ ବଡବଜାର ପୋଲିସ ୩ ଆକ୍ରମଣକାରୀକୁ ଗିରଫକରି କୋର୍ଟଚାଲାଣ କରିଛି । ସୂଚନାଥାଉକି, ଡୁଡୁମାକଲୋନୀ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ପରିସରରେ ଶୁକ୍ରବାର ରାତ୍ରରେ ବରାଳଦେବୀ ନାମକ ଏକ ବସ୍ ବସ୍‌ଷ୍ଟାଣ୍ଡରୁ ବାହାରକୁ ବାହାରୁଥିବା ବେଳେ ୩ଜଣ ଯୁବକ ବସ୍ ସାମ୍ନାକୁ ଆସି ବସ୍‌କୁ ଅଟକାଇଥିଲେ । ବସ୍ ଡ୍ରାଇଭର ଓ କଣ୍ଡକ୍ଟରକୁ ଦାଦାବଟି ମାଗିଥିଲେ । ହେଲ୍‌ପରଜଣକ ତଳକୁ ଓହ୍ଲାଇବାକ୍ଷଣି ୩ଜଣ ଯୁବକ ତାଙ୍କୁ ନିର୍ଘୁମ ମାଡ ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଏହାସହ ହେଲ୍‌ପର ଉମା ମିଶ୍ରଙ୍କ ପକେଟ୍‌ରେ ଥିବା ୧ହଜାର ଟଙ୍କା ନେଇଯାଇଥିଲେ । ପରେ ଏକ ବାଡିରେ ବସ୍‌ର ସାମ୍ନାପଟ ଗ୍ଲାସକୁ ବାଡେଇଥିଲେ । ଘଟଣାସ୍ଥଳର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଥିଲା । ପରେ ହେଲ୍‌ପରଜଣକ ଯାଇ ବଡବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତକରି ୩ ଆକ୍ରମଣକାରୀ ଓମ୍ ଦାସ (୨୧), ଓମ୍ ପ୍ରଧାନ (୨୦) ଓ ରାହୁଲ କ୍ଷେତ୍ରୀ (୨୧)ଙ୍କୁ ଗିରଫକରି କୋର୍ଟଚାଲାଣ କରିଛି । ଗିରଫଙ୍କ ନାମରେ ବଡବଜାର ଥାନା ଅଞ୍ଚଳରେ ବହୁ ଅପରାଧିକ ମାମଲା ଥିବା ଜଣାପଡିଛି । ଗିରଫଙ୍କଠାରୁ ଗୋଟିଏ ମୋଟର ସାଇକେଲ୍, ଗୋଟିଏ ସ୍କୁଟି, ହେଲ୍‌ପର ଠାରୁ ଛଡାଇ ନେଇଥିବା ୧ହଜାର ଟଙ୍କା ଓ ମୋବାଇଲ ଜବତ କରାଯାଇଥିବା ଏସ୍‌ପି ଡା.ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି ।

# ସିଟି ହସ୍ପିଟାଲରେ ଲିଫ୍ଟ ଅଚଳ: ଅପରେସନ ପରେ ସାଲାଇନ୍ ଧରି ଅପେକ୍ଷାରେ ରୋଗୀ

ବ୍ରହ୍ମପୁର(ପିପିଏସ୍): ରୋଗୀଙ୍କ ସୁବିଧା ପାଇଁ ହସ୍ପିଟାଲରେ ରହିଛି ଲିଫ୍ଟ ବ୍ୟବସ୍ଥା । ହେଲେ ଦୀର୍ଘ ଦିନ ଧରି ଲିଫ୍ଟ ଅଚଳ ହୋଇପଡ଼ିଥିବାରୁ ଏବେ ରୋଗୀ ଓ ସମ୍ପର୍କୀୟଙ୍କ ଦୁର୍ଦ୍ଦଶା ବଢ଼ିଛି । ବ୍ରହ୍ମପୁର ସିଟି ମେଡିକାଲର ସର୍ଜରୀ ୱାର୍ଡରେ ଏଭଳି ଅବ୍ୟବସ୍ଥାର ଚିତ୍ର ସାମ୍ନାକୁ ଆସିଛି । ଅପରେସନ ପରେ ଜଣେ ବୃଦ୍ଧା ରୋଗୀ ଚେୟାରରେ ବସି ସାଲାଇନ୍ ଧରି ୱାର୍ଡକୁ ଯିବା ପାଇଁ ଅପେକ୍ଷା କରୁଥିବା ଦୃଶ୍ୟ ଏବେ ହସ୍ପିଟାଲର ବ୍ୟବସ୍ଥାକୁ ନେଇ ବଡ଼ ପ୍ରଶ୍ନ ଠିଆ କରିଛି । ଚାଲିବାରେ ଅସୁବିଧା ଥିବା ଜଣେ ରୋଗୀଙ୍କ ପାଇଁ ଲିଫ୍ଟ ଭଳି ମୌଳିକ ସୁବିଧା ଅଚଳ ହୋଇପଡ଼ିବା ଯୋଗୁଁ ତାଙ୍କ ପରିବାର ମଧ୍ୟ ଚିନ୍ତାରେ ପଡ଼ିଛନ୍ତି । ଘଟଣାଟି ସାମ୍ନାକୁ ଆସିବା ପରେ ହସ୍ପିଟାଲରେ ଲିଫ୍ଟ ସେବା କାହିଁକି ଦୀର୍ଘଦିନ ଧରି ଅଚଳ ରହିଛି ଏବଂ ଏହାର ମରାମତି ପାଇଁ କାହିଁକି ତ୍ୱରିତ ପଦକ୍ଷେପ ନିଆଯାଉନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି । ହସ୍ପିଟାଲକୁ ପ୍ରତିଦିନ ଅନେକ ଗୁରୁତର ଓ ବୟସ୍କ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ଲିଫ୍ଟ ଅଚଳ ରହିବା ସେମାନଙ୍କ ପାଇଁ ଏକ ବଡ଼ ସମସ୍ୟା । ତେଣୁ ରୋଗୀଙ୍କ ହିତକୁ ଦୃଷ୍ଟିରେ ରଖି ଲିଫ୍ଟ ସେବାକୁ ତୁରନ୍ତ ସଚଳ କରିବାକୁ ଦାବି ହୋଇଛି ।

## ଛତ୍ରପୁରରେ ଶିଶୁଯତ୍ନ ଓ ପରିବାରରୁ ବିଚ୍ଛିନ୍ନତା ନିବାରଣ ସମ୍ପର୍କିତ ଆଞ୍ଚଳିକ କର୍ମଶାଳା

# ପ୍ରତ୍ୟେକ ଶିଶୁ ପାଇଁ ପରିବାର ଓ ପ୍ରୀତିପୂର୍ଣ୍ଣ ପରିବେଶ ଗୁରୁତ୍ୱପୂର୍ଣ୍ଣ: ଅଧ୍ୟକ୍ଷା



ବ୍ରହ୍ମପୁର, (ପିପିଏସ୍): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ୟୁନିସେଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଶିଶୁ ଯତ୍ନ ଓ ପରିବାରରୁ ଶିଶୁମାନଙ୍କ ବିଚ୍ଛିନ୍ନତା ନିବାରଣ ସମ୍ପର୍କିତ ଏକ ଆଞ୍ଚଳିକ କର୍ମଶାଳା ଆଜି ଛତ୍ରପୁରସ୍ଥିତ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ପ୍ରଶାସନିକ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ କଲ୍ୟାଣ କମିଟିର ସଦସ୍ୟ ଏବଂ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇଥିଲେ । କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର କହିଥିଲେ ଯେ, ପ୍ରତ୍ୟେକ ଶିଶୁ ପାଇଁ ପରିବାର ଓ ପ୍ରୀତିପୂର୍ଣ୍ଣ ପରିବେଶ ଅତ୍ୟନ୍ତ ଜରୁରୀ । ଶିଶୁ ଯତ୍ନ ଅନୁଷ୍ଠାନରେ ରହିଥିବା, ଖାଦ୍ୟ, ଶିକ୍ଷା ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ମିଳିଥାଏ । ମାତ୍ର ପରିବାରର ସ୍ନେହ, ମମତା ଓ ଆତ୍ମୀୟତା ଅନୁଷ୍ଠାନ ସମୁଚିତ ଭାବରେ ଦେଇପାରେ ନାହିଁ । ତେଣୁ ଶିଶୁ ଯତ୍ନ ଅନୁଷ୍ଠାନକୁ ଶେଷ ବିକଳ୍ପ ଭାବେ ବିବେଚନା କରିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ । ଶିଶୁମାନଙ୍କୁ ପରିବାର ମଧ୍ୟରେ ସୁରକ୍ଷିତ ରଖିବା ପାଇଁ ପଞ୍ଚାୟତ ସ୍ତରରେ ଅସହାୟ ଓ ବିପଦାପନ୍ନ ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କ ପରିବାରକୁ ସାମାଜିକ ଓ ଆର୍ଥିକ ଭାବେ ସଶକ୍ତ କରିବା ଆବଶ୍ୟକ ବୋଲି ଅଧ୍ୟକ୍ଷା କହିଥିଲେ । ସୁଭଦ୍ରା, ଯଶୋଦା ଓ ଆଶୀର୍ବାଦ ଭଳି ସରକାରୀ ଯୋଜନା ସହ ଯୋଗ୍ୟ ପରିବାରଗୁଡ଼ିକୁ ଯୋଡ଼ି ସେମାନଙ୍କ ଜୀବିକା ଓ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରାଯାଇପାରିଲେ ଶିଶୁମାନଙ୍କୁ ପରିବାରରୁ ବିଚ୍ଛିନ୍ନ ହେବାରୁ ରୋକାଯାଇପାରିବ । ଶିଶୁ ଅନୁକୂଳ ଓଡ଼ିଶା ଗଠନ ଦିଗରେ ସମସ୍ତ ଅଂଶୀଦାର ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ କହିଥିଲେ ଯେ, ଶିଶୁମାନେ ପରିବାରରୁ ବିଚ୍ଛିନ୍ନ ହେବାର ପଛରେ ଥିବା ମୂଳ କାରଣଗୁଡ଼ିକୁ ଚିହ୍ନଟ କରି ତାହାର ସଠିକ ନିରାକରଣ କରିବା ଆବଶ୍ୟକ । ଗ୍ରାମାଞ୍ଚଳରେ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ସିଡିପିଓମାନେ ଅସହାୟ ପରିବାର ଓ ବିପଦାପନ୍ନ ଶିଶୁମାନଙ୍କୁ ଚିହ୍ନଟ କରି ସରକାରୀ ସହାୟତା ପହଞ୍ଚାଇବାରେ ଅଧିକ କ୍ରିୟାଶୀଳ ହେବା ଆବଶ୍ୟକ । ସାମୂହିକ ସଭାବନା ଓ ସମନ୍ୱିତ ପ୍ରୟାସ ମାଧ୍ୟମରେ ଶିଶୁମାନଙ୍କ ପାଇଁ ସୁରକ୍ଷିତ ଓ ସହାନୁଭୂତିଶୀଳ ପରିବେଶ ଗଠନ କରାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ୟୁନିସେଫର ଶିଶୁ ସୁରକ୍ଷା ବିଶେଷଜ୍ଞ ମାନ୍ନା ବିଶ୍ୱାସ କହିଥିଲେ ଯେ, ଓଡ଼ିଶାରେ ପ୍ରାୟ ୩ ପ୍ରତିଶତ ଶିଶୁ ନିଜ ସମ୍ପର୍କୀୟଙ୍କ ନିକଟରେ ରହୁଛନ୍ତି । ଶିଶୁମାନଙ୍କୁ ପ୍ରଥମେ ପରିବାର କିମ୍ବା ଆତ୍ମୀୟସ୍ୱଜନଙ୍କ ନିକଟରେ ସୁରକ୍ଷିତ ଭାବେ ରଖିବା ଉପରେ ପ୍ରାଥମିକତା ଦେବା ଆବଶ୍ୟକ । ଗ୍ରାମ ଓ ପଞ୍ଚାୟତ ସ୍ତରରେ ବିପଦାପନ୍ନ ଶିଶୁଙ୍କୁ ପୂର୍ବରୁ ଚିହ୍ନଟ କରି ସରକାରୀ ସହାୟତା, ଶିକ୍ଷା ସହାୟତା ଓ ଛାତ୍ରବୃତ୍ତି ଯୋଗାଇ ଦିଆଯାଇପାରିଲେ ଅନେକ ଶିଶୁଙ୍କୁ ଅନୁଷ୍ଠାନରେ ରଖିବାର ଆବଶ୍ୟକତା ପଡ଼ିବ ନାହିଁ ବୋଲି ସେ କହିଥିଲେ । ଶିଶୁ ଅଧିକାର କ୍ଷେତ୍ରରେ କାର୍ଯ୍ୟରତ ଘାସିରାମ ପଣ୍ଡା ଜିଲ୍ଲା ଓ ଗ୍ରାମପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟି ଏବଂ ବାଳସଭାଗୁଡ଼ିକୁ ଅଧିକ ସକ୍ରିୟ କରିବା ଉପରେ ଆଲୋକପାତ କରିଥିଲେ । ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ସମେତ ବିଭିନ୍ନ ବିଭାଗୀୟ ଯୋଜନା ମାଧ୍ୟମରେ ଶିଶୁମାନଙ୍କୁ ଶିକ୍ଷା ସହାୟତା ଯୋଗାଇ ଦେଇ ପରିବାରଗୁଡ଼ିକୁ ଆର୍ଥିକ ଭାବେ ସକ୍ଷମ କରାଯାଇପାରିବ ବୋଲି ସେ କହିଥିଲେ । ଶେଷରେ ଉପସ୍ଥିତ ସମସ୍ତ ଅଧିକାରୀ, ବିଶେଷଜ୍ଞ ଓ ପ୍ରତିନିଧିମାନେ ପ୍ରତ୍ୟେକ ବ୍ଲକ ଓ ଗ୍ରାମପଞ୍ଚାୟତ ସ୍ତରରେ ଶିଶୁମାନଙ୍କ ସର୍ବୋତ୍ତମ ହିତକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବା ସହିତ ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷିତ, ସ୍ନେହପୂର୍ଣ୍ଣ ଓ ପରିବାରଭିତ୍ତିକ ପରିବେଶ ଯୋଗାଇଦେବା ପାଇଁ ସଂକଳ୍ପ ନେଇଥିଲେ ।

# ଚୌଦ୍ୱାରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ



ଚୌଦ୍ୱାର, (ପିପିଏସ): ଚୌଦ୍ୱାର ସାହିତ୍ୟ ସଂସଦ ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି । ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ କଳିଙ୍ଗ ବିଦ୍ୟାପୀଠରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସାହିତ୍ୟିକ ଡ. ନିରଞ୍ଜନ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ୱଭାବ କବିଙ୍କୁ ଅମର କବି ଭାବରେ ବର୍ଣ୍ଣନା କରି ତାଙ୍କର ସମଗ୍ର ଜୀବନ ନୀତି, ଆଦର୍ଶ, ମାନବିକତାରେ ପରିପୂର୍ଣ୍ଣ ଥିଲା ବୋଲି ମତବ୍ୟକ୍ତ କରିଥିଲେ । ଗଙ୍ଗାଧରଙ୍କ କାବ୍ୟ ଓ କବିତାରେ ଜୀବନବୋଧ, ମାନବିକତା, ନୀତି ଓ ଆଦର୍ଶର ଯେଉଁ ସମନ୍ୱୟ ରହିଛି ତାହା ଅଭିନବ ସମାଜକୁ ଦିଗ୍‌ଦର୍ଶନ ଦେଉଛି ବୋଲି ଡ. ସାହୁ ପ୍ରକାଶ କରିଥିଲେ । ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ରାଉତ ଏବଂ କବି ଅକ୍ଷୟ କୁମାର ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରି ସ୍ୱଭାବ କବିଙ୍କ ଜୀବନାଦର୍ଶ ତାଙ୍କ ରଚିତ କାବ୍ୟ କବିତାରେ ପ୍ରତିଫଳିତ ହୋଇଥିବା ଏବଂ ତାହା ସମାଜକୁ ପାଇଁ ପ୍ରେରଣାର ଉତ୍ସ ସାଜିଥିବା ପ୍ରକାଶ କରିଥିଲେ । ସଂପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶରତ କୁମାର ଖୁଣ୍ଟିଆ, ଜୟଶ୍ରୀ ମହାନ୍ତି, ଭାଗିରଥୀ ମିଶ୍ର, ବୈରାଗୀ ଚରଣ ପ୍ରଧାନ, ବିଜୟ କୁମାର ନନ୍ଦ, ପ୍ରମୋଦ କୁମାର ନାୟକ, ପ୍ରଦୀପ୍ତ କୁମାର ପଣ୍ଡା, ମନ୍ମଥ ସାହୁ, ଅରୁଣ କୁମାର ରାଉତ, ଉତ୍ତମ କୁମାର ସ୍ୱାଇଁ, ରଘୁଧର ଖୁଣ୍ଟିଆ, ଅଶୋକ କୁମାର ନାୟକ ପ୍ରମୁଖ ମେହେରଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସଂଗଠନ ସଂପାଦକ ଚନ୍ଦ୍ରପ୍ରକାଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସହ ସଂପାଦକ ଭାସ୍କର ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବିଶ୍ୱ ଓଡ଼ିଆ ଅଧ୍ୟାପକ ସଂଗୋଷ୍ଠୀର ଷଷ୍ଠ ବାର୍ଷିକ ସମ୍ମିଳନୀ ଓ ଜାତୀୟ କର୍ମଶାଳା

# 'ଜ୍ଞାନ ବର୍ତ୍ତମାନରେ ଥାଏ, ଏହା ନବୀକୃତ ଓ ବିସ୍ତାରିତ ହେଉଥାଏ'

ବ୍ରହ୍ମପୁର, (ପିପିଏସ) : ମୌଳିକ ଭାବେ ଏମିତି କୌଣସି ବିଷୟ ଉତ୍କଳୀୟ ଜ୍ଞାନ ପରମ୍ପରା ହୋଇପାରିବ କି ? ଉତ୍କଳର ସାଂସ୍କୃତିକ, ଦାର୍ଶନିକ ଓ ଧର୍ମୀୟ ପରମ୍ପରାରେ ଯାହା ହୋଇଛି, ତାହା ଭାରତୀୟ ଜ୍ଞାନଧାରାକୁ ସମୃଦ୍ଧ କରିଛି । ବହୁତ୍ୱ ମଧ୍ୟରେ ଏକତ୍ୱର ଏକୀକରଣ ଘଟୁଛି ଭାରତୀୟ ଜ୍ଞାନ ପରମ୍ପରାରେ । ଜ୍ଞାନ ବର୍ତ୍ତମାନରେ ଥାଏ, ନବୀକୃତ ଓ ବିସ୍ତାରିତ ହେଉଥାଏ । ସେହି ଦୃଷ୍ଟିରୁ ଉତ୍କଳୀୟ ଜ୍ଞାନ ପରମ୍ପରାର ସ୍ୱତନ୍ତ୍ର ଚର୍ଚ୍ଚା ଆବଶ୍ୟକ ବୋଲି ବିଶ୍ୱଭାରତୀ, ଶାନ୍ତିନିକେତନ ଭାଷା ଭବନର ପ୍ରାକ୍ତନ ଅଧ୍ୟକ୍ଷ, ବିଶିଷ୍ଟ ଲୋକସାହିତ୍ୟ ତତ୍ତ୍ୱବିତ୍ ପ୍ରଫେସର କଇଳାଶ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି ।

ବିଶ୍ୱ ଓଡ଼ିଆ ଅଧ୍ୟାପକ ସଂଗୋଷ୍ଠୀର ଷଷ୍ଠ ସମ୍ମିଳନୀ ଓ ଜାତୀୟ କର୍ମଶାଳାରେ ମୁଖ୍ୟଅତିଥି ରୂପେ ଯୋଗଦେଇ ପ୍ରଫେସର୍ ପଟ୍ଟନାୟକ କହିଲେ, ଆମ ପୂର୍ବଜ ଓ ପରପିଢ଼ି ମଧ୍ୟରେ ବ୍ୟବଧାନ ବଢ଼ି ବଢ଼ି ଯାଉଛି । ଏହି ସ୍ଥିତିରେ ସମନ୍ୱୟ ସ୍ଥାପନ ନିମନ୍ତେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଚାରଣି, ଚରଣି, ଚମକ ପ୍ରସଙ୍ଗ ଏବଂ ପ୍ରଫେସର୍ ନିତ୍ୟାନନ୍ଦ ଶତପଥୀଙ୍କ ପରମ୍ପରା, ପରିସ୍ଥିତି ଓ ପୁରୋଦୃଷ୍ଟିକୁ ଆପଣେଇବାକୁ ହେବ । ବିଶ୍ୱ ଓଡ଼ିଆ ଅଧ୍ୟାପକ ସଂଗୋଷ୍ଠୀର ଷଷ୍ଠ ବାର୍ଷିକ ସମ୍ମିଳନୀ ଓ ଜାତୀୟ କର୍ମଶାଳ ସ୍ଥାନୀୟ ସରକାରୀ ଡି.ଏ.ଭି. ମହାବିଦ୍ୟାଳୟ ପରିସରରେ ଆଜି ପୂର୍ବାହ୍ଣରେ ଉଦ୍ଘାଟିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ବିଶ୍ୱ ଓଡ଼ିଆ ଅଧ୍ୟାପକ ସଂଗୋଷ୍ଠୀର ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ପୌରୋହିତ୍ୟ କରିଥିଲେ । ଏକ ଭବ୍ୟ ବାତାବରଣ ଓ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ବିଶ୍ୱ ଓଡ଼ିଆ ଅଧ୍ୟାପକ ସଂଗୋଷ୍ଠୀ ପକ୍ଷରୁ ପ୍ରକାଶିତ 'ଉତ୍କଳୀୟ ଜ୍ଞାନ ପରମ୍ପରା' ଶୀର୍ଷକ ପୁସ୍ତକ ଅତିଥିମାନଙ୍କ କରକମଳରେ ଲୋକାର୍ପିତ ହୋଇଥିଲା । କୋରାପୁଟ ଜିଲ୍ଲାର ଦୁଇ ଜଣ ସେବାନିବୃତ୍ତ ଓଡ଼ିଆ ଅଧ୍ୟାପକ ଡ. ରବି ଶତପଥୀ ଓ ଅଧ୍ୟାପକ ଶେଷାନନ୍ଦ ମିଶ୍ରଙ୍କୁ ଅଙ୍ଗବସ୍ତ୍ର ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ଡ. ସତ୍ୟନାରାୟଣ ଆଚାର୍ଯ୍ୟ ଉଦ୍ଘାଟକ ରୂପେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇ ଏହି ବାର୍ଷିକ ସମ୍ମିଳନୀ ଓ ଜାତୀୟ କର୍ମଶାଳାର ଶୁଭ ଉଦ୍ଘାଟନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ 'ଉତ୍କଳୀୟ ଜ୍ଞାନ ପରମ୍ପରା' ସଂପର୍କରେ ଉଲ୍ଲେଖ କରିବା ଓଡ଼ିଆ ଭାଷା-ସାହିତ୍ୟର ଗୁଣାତ୍ମକ ଗବେଷଣା ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ସମବେତ ଓଡ଼ିଆ ଅଧ୍ୟାପକ, ଅଧ୍ୟାପିକାଙ୍କୁ ଆହ୍ୱାନ ଜଣାଇଥିଲେ । ଭାଷା-ସାହିତ୍ୟର ନବଚିନ୍ତନ ଓ ନବମୂଲ୍ୟାୟନ ଦିଗରେ ଆଗ୍ରହୀ ଅଧ୍ୟାପକ, ଅଧ୍ୟାପିକାମାନଙ୍କ ନିମନ୍ତେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଦ୍ୱାର ଉନ୍ମୁକ୍ତ ବୋଲି ପ୍ରଫେସର୍ ଆଚାର୍ଯ୍ୟ ବକ୍ତବ୍ୟ ଛଳରେ କହିଥିଲେ ।

ଅଗଷ୍ଟ ୨୯ ଓ ୩୦ ତାରିଖ ଦୁଇ ଦିନ ବ୍ୟାପୀ ଆୟୋଜିତ ଏହି ସମ୍ମିଳନୀରେ ଓଡ଼ିଶା ଓ ଓଡ଼ିଶା ବାହାର ବିଭିନ୍ନ ଜିଲ୍ଲାରୁ ଆମନ୍ତ୍ରିତ ଓଡ଼ିଆ ଅଧ୍ୟାପକ, ଅଧ୍ୟାପିକାମାନେ ଯୋଗ ଦେଇଛନ୍ତି । ପ୍ରାକ୍-ଉଦ୍ଘାଟନୀ ପର୍ବରେ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ପୌରୋହିତ୍ୟ କରିଥିଲେ । ଶାନ୍ତିନିକେତନ ସ୍ଥିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଭାଷାଭବନର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର୍ କଇଳାଶ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଉତ୍କଳୀୟ ଜ୍ଞାନଧାରା ନାନା ଉପସର୍ଗ ଓ ଅନୁଷଙ୍ଗ ବିଷୟରେ ଉଲ୍ଲେଖ ପୂର୍ବକ କହିଥିଲେ, ଆନ୍ତରିକତା ନ ଥିଲେ ଷୋଡ଼ଶ ଉପଚାରରେ ପୂଜାର କୌଣସି ମୂଲ୍ୟ ନାହିଁ । ଏହି ବାର୍ଷିକ ସମ୍ମିଳନୀ ଓ କର୍ମଶାଳାର ସଂଯୋଜିକା ଡ. ପ୍ରୀତିଧାରା ସାମଲ ପ୍ରାଗ୍-ଭାଷ ପ୍ରଦାନ ପୂର୍ବକ ସଂସ୍କୃତି ସଂପନ୍ନ କୋରାପୁଟ ମାଟିକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସଂଗୋଷ୍ଠୀର ଉପ-ସଭାପତି ଡ. କୁଳମଣି ଓଝା ଉଦ୍ଘାଟନୀ ଉତ୍ସବର ସଂଯୋଜନା କରିଥିଲେ ଏବଂ ଶେଷରେ ଅଧ୍ୟାପିକା ସୁଜାତା ଷଡ଼ଙ୍ଗୀ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ ।

କ୍ରୋଡ଼ ଅଧିବେଶନରେ ବ୍ରହ୍ମପୁର ମହାମାୟୀ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରାକ୍ତନ ମୁଖ୍ୟ ଡ. ରମେଶ ଚନ୍ଦ୍ର ପ୍ରଧାନ ପୌରୋହିତ୍ୟ କରିଥିଲେ । ଜି. ଉଦୟଗିରିସ୍ଥିତ କଳିଙ୍ଗ ମହାବିଦ୍ୟାଳୟ ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ବରିଷ୍ଠ ପ୍ରାଧ୍ୟାପକ ଡ. ନଳିନୀ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ସଞ୍ଚାଳିତ ଏହି କ୍ରୋଡ଼ ଅଧିବେଶନରେ ଡ. ବନମାଳୀ ପାଣିଗ୍ରାହୀ, ଡ. ପୁଷ୍ପଲତା ରଥ 'ଉତ୍କଳୀୟ ଜ୍ଞାନ ପରମ୍ପରାରେ ପ୍ରଦର୍ଶନଶୀଳ ଲୋକକଳା' ଓ ଡ. ଅନୁପ କୁମାର ମାର୍ଥା 'ଉତ୍କଳୀୟ ଜ୍ଞାନ ପରମ୍ପରା ଓ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ' ଶୀର୍ଷକ ପ୍ରବନ୍ଧମାନ ଉପସ୍ଥାପନ କରିଥିଲେ । ଶେଷରେ ଡ. ସୌମେନ୍ଦ୍ର କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଳକା ମହାବିଦ୍ୟାଳୟରେ ମହିଳା ଅଧିକାର ସଚେତନତା



ରଘୁନାଥପୁର, (ପିପିଏସ): ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକ୍ ଅନ୍ତର୍ଗତ ଅଳକା ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠ ଆନୁକୂଲ୍ୟରେ, ମହିଳା ଅଧିକାର ତଥା ତତ୍‌ସଂଲଗ୍ନ ଆଇନମାନଙ୍କର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୌରୋହିତ କରି ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ର ଛାତ୍ରୀମାନଙ୍କୁ ନିଜ ଅଧିକାର ସଂପର୍କରେ ସତର୍କ ତଥା ସଚେତନ ହେବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିରିଡି ଥାନା ଅଧିକାରୀ ମାନସିଂହ ହେମ୍ବ୍ରମ ମହିଳା ସୁରକ୍ଷା ସଂପର୍କିତ ଆଇନମାନଙ୍କ ବିଷୟରେ ତର୍ଜମା କରିଥିଲେ । ମୁଖ୍ୟବକ୍ତା ଆଡଭୋକେଟ ଧିରେନ୍ଦ୍ରନାଥ ଆଚାର୍ଯ୍ୟ ଆଇନର ସଫଳ ରୂପାୟନ ଦିଗରେ ଛାତ୍ରୀମାନଙ୍କ ସହଯୋଗ କାମନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ମାତରମ ଗାନ କରାଯାଇଥିଲା । ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ମନୋରମା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଅଧ୍ୟାପିକା ଇଜାବେଲା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସେପ୍ଟେମ୍ବର ୨ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଭାପୁର, (ପିପିଏସ): ଭାପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆସନ୍ତା ସେପ୍ଟେମ୍ବର ମାସ ୨ ତାରିଖ ବୁଧବାର ଦିନ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହେବ । ଏନେଇ ପଞ୍ଚାୟତ ସମିତି ସଦ୍ ଭାବନା କକ୍ଷରେ ଶନିବାର ଦିନ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଡିଓ ସାରଦା ପ୍ରସନ୍ନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରା ଓ ୧୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ ଯୋଗଦେଇ ୨୦ ଟି ପଞ୍ଚାୟତର ପ୍ରାୟ ୮୦୦ରୁ ଉର୍ଦ୍ଧ୍ୱ ଆବେଦନକାରୀ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି ବୋଲି କହିଥିଲେ । ମାନସିକ ଅନଗ୍ରସର, ଅସ୍ଥିସଲ୍ୟ, ଭେଷଜ, ଚକ୍ଷୁ, ଶ୍ରବଣ ଓ ବାକ୍ ବାଧିତ ପାଇଁ ବିଶେଷଜ୍ଞ ଡାକ୍ତର ଶିବିରରେ ଯୋଗଦେଇ ଭିନ୍ନକ୍ଷମ ମାନଙ୍କୁ ଚିହ୍ନଟ କରିବାର ବ୍ୟବସ୍ଥା ରହିଛି । ଶିଶୁ ଏବଂ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଅଥବା ଅନ୍ୟମାନେ ଅନଲାଇନ ମାଧ୍ୟମରେ ଆବେଦନ କରି ସାଙ୍ଗରେ ଆବେଦନ ପତ୍ର ସହିତ ଫୋଟ ଆଧାରକାର୍ଡ଼ ଏବଂ ରେସନ କାର୍ଡ଼ର ଜେରକ୍ସ କପି ନେଇ ଆସିବେ ବୋଲି କୁହାଯାଇଛି । ଯେଉଁମାନଙ୍କର ପୂର୍ବରୁ ଭିନ୍ନକ୍ଷମ ପ୍ରମାଣପତ୍ର ହାତ ଲେଖା ରହିଛି କିମ୍ବା ଯେଉଁ ମାନଙ୍କର ଭିନ୍ନକ୍ଷମ ସାର୍ଟିଫିକେଟରେ ଶତକଡା କମ ରହିଛି ବୋଲି ଅଭିଯୋଗ କରୁଛନ୍ତି ସେମାନେ ଏହି ଶିବିରରେ ଯୋଗଦେଇ ସେମାନଙ୍କର ସମସ୍ୟାର ସମାଧାନ କରିପାରିବେ । ଆଜିର ଏହି ପ୍ରସ୍ତୁତି ବୈଠକରେ ଅଗ୍ନିଶମ ବାହିନୀ ଅଧିକାରୀ ନୀଳକଣ୍ଠ ମହାନ୍ତି, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ, ଫତେଗଡ଼ ଥାନା ଅଧିକାରୀ ଅଜୟ ସାହୁ, ବିଟ୍‌ହାଉସ ଅଧିକାରୀ ସୁଶାନ୍ତ ବେହେରା, ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ, ଜନପ୍ରତିନିଧି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ବନ୍ୟାବିପନ୍ନଙ୍କୁ କ୍ଷତିପୂରଣ ଦାବିକଲେ ବିଜେପି ନେତ୍ରୀ ସୁଜାତା



କେନ୍ଦ୍ରାପଡ଼ା, (ପିପିଏସ୍): କେନ୍ଦ୍ରାପଡା ଜିଲ୍ଲାର ବରିଷ୍ଠ ବିଜେପି ନେତ୍ରୀ ସୁଜାତା ବାରିକ ଚଳିତ ବନ୍ୟା ବିପନ୍ନଙ୍କ ଥାଇଥାନ ଦାବି କରିଛନ୍ତି । ଏ ନେଇ ସେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ସେ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି, ପଟ୍ଟାମୁଣ୍ଡାଇ, ରାଜନଗର, ରାଜକନିକା, କେନ୍ଦ୍ରାପଡ଼ା ବ୍ଲକ ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଞ୍ଚଳର ଲକ୍ଷ ଲକ୍ଷ ଲୋକ ବିପନ୍ନ ହୋଇଛନ୍ତି । ଅସଂଖ୍ୟ ଲୋକଙ୍କ କ୍ଷତିଗ୍ରସ୍ତ ଲୋକମାନଙ୍କର ଘର ଭାଙ୍ଗିଛି । ହଜାର ହଜାର ଚାଷୀଙ୍କ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି । ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି । ଛେଳି, ମେଣ୍ଢା, କୁକୁଡ଼ା ଓ ଗୋରୁଗାଈ ମଧ୍ୟ ବିପନ୍ନ ହୋଇଛନ୍ତି । କୁମ୍ଭୀର ଆକ୍ରମଣ, ସର୍ପାଘାତ ଓ ନଦୀସ୍ରୋତରେ ଲୋକଙ୍କ ଜୀବନ ଯାଇଛି । ଘର ଭାଙ୍ଗିଥିବା ସବୁ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର, କୁମ୍ଭୀର ଆକ୍ରମଣ, ସର୍ପାଘାତ, ବଜ୍ରପାତ ଓ ନଦୀସ୍ରୋତରେ ମୃତାହତଙ୍କୁ ଆଇନ ଅନୁଯାୟୀ କ୍ଷତିପୂରଣ ଆମର ପ୍ରଦାନ କରାଯାଉ । ଧାନଚାଷ ଉଜୁଡ଼ି ଯାଇଥିବା ଯୋଗୁ ଚଳିତ ସେପଟ୍ଟେମ୍ବର ମାସ ୧ ତାରିଖରୁ ଆଗାମୀ ଖରିଫ ଫସଲ ଅମଳ ହେବା ପର୍ଯ୍ୟନ୍ତ ପ୍ରତି ଚାଷୀଙ୍କୁ ମୁଣ୍ଡପିଛା ଦିନକୁ ୧ କେଜି ଚାଉଳ ଓ ନା ବାଳକଙ୍କ ପାଇଁ ଦିନକୁ ଅଧାକେଜି ଚାଉଳ ଯୋଗାଇ ଦିଆଯାଉ । ପ୍ରତି କ୍ଷତିଗ୍ରସ୍ତ ପରିବାରକୁ ଆଗାମୀ ଆଗାମୀ ଏକବର୍ଷ ପର୍ଯ୍ୟନ୍ତ ମାସିକ ୨୦୦୦ ଟଙ୍କା ସୁରକ୍ଷା ଭତ୍ତା ସ୍ୱତନ୍ତ୍ର ଭାବରେ ଯୋଗାଇ ଦିଆଯାଉ । ଉଜୁଡ଼ି ଯାଇଥିବା ଚାଷୀଙ୍କୁ ମାଗଣାରେ ପନିପରିବା ମଞ୍ଜି, ସାର, କୀଟନାଶକ ଔଷଧ ଯୋଗାଇ ଦିଆଯାଉ । ବନ୍ୟାଞ୍ଚଳରେ ସବୁ ଚାଷୀଙ୍କର ଋଣ ଛାଡ଼ କରାଯାଉ । ଆଗାମୀ ଚାଷ ପାଇଁ ବିନା ସୁଧରେ ଋଣ ଯୋଗାଇ ଦିଆଯାଉ । ବହିଖାତା, କଲମ ଓ ସ୍କୁଲ ପୋଷାକ ହରାଇଥିବା ଛାତ୍ରଛାତ୍ରୀଙ୍କୁ ନୂଆ ବହି, ଖାତା, କଲମ ପୋଷାକ ଯୋଗାଇ ଦିଆଯାଉ । ବନ୍ୟାଞ୍ଚଳରେ କ୍ଷତିଗ୍ରସ୍ତ ହୋଇଥିବ କୂଅ, ପୋଖରୀ, ନଳକୂପ, ଉଠା ଜଳସେଚନ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କରାଯାଉ । ବାରମ୍ବାର ବନ୍ୟାରେ କ୍ଷତିଗ୍ରସ୍ତ ହେଉଥିବା ଅଞ୍ଚଳରେ ବନ୍ଧବାଡ଼ର ସୁଦୃଢ଼ୀକରଣ କରାଯାଉ ବୋଲି ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସୁବାସ ଚନ୍ଦ୍ର ପାତ୍ର, ତୁଷାର କୁମାର ସାହୁ, ସୁଶାନ୍ତ ଦାସ, ସନ୍ତୋଷ ସ୍ୱାଇଁ ଓ ସନ୍ତୋଷ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲାପାଳଙ୍କ ଜରିଆରେ ସେ ମୁଖ୍ୟମନ୍ତ୍ରୀ, ଓଡ଼ିଶା ରିଲିଫ କମିଶନର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ନିର୍ମାଣ ଓ ଅଣସଂଗଠିତ ଶ୍ରମିକଙ୍କୁ ପରିଚୟପତ୍ର ଓ ସହାୟତା ରାଶି ବଣ୍ଟନ ଶିବିର



ଯାଜପୁର, (ପିପିଏସ୍): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ଯାଜପୁର ପକ୍ଷରୁ ଯାଜପୁର ରୋଡ଼ସ୍ଥିତ ସଂସ୍କୃତି ଭବନଠାରେ ଜିଲ୍ଲାର ପଞ୍ଜୀକୃତ ନିର୍ମାଣ ଓ ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସହାୟତା ରାଶି ଏବଂ ପରିଚୟ ପତ୍ର ବଣ୍ଟନ ଶିବିର ଆୟୋଜିତ ହୋଇଯାଇଛି । ଏହି ବୃହତ୍ ସମାରୋହରେ ଜିଲ୍ଲାର ମୋଟ ୫୪୩ ଜଣ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ୨ କୋଟି ୧୮ ଲକ୍ଷ ଟଙ୍କାର ବିଭିନ୍ନ କଲ୍ୟାଣକାରୀ ଆର୍ଥିକ ସହାୟତା ସିଧାସଳଖ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବା ସହ ନୂତନ ଶ୍ରମିକମାନଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ, ଲୋକସଭା, ଯାଜପୁର ଡା. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଏବଂ କୋରେଇର ମାନ୍ୟବର ବିଧାୟକ ଆକାଶ ଦାସନାୟକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଯୁଗ୍ମ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମାନ୍ୟବର ସାଂସଦ ଶ୍ରୀ ବେହେରା ନିଜ ବକ୍ତବ୍ୟରେ ଶ୍ରମିକ ସମାଜର ଆର୍ଥିକ ଉନ୍ନତି ଓ ନିରାପତ୍ତା ଉପରେ ଗୁରୁତ୍ୱ ଦେଇ କହିଲେ ଶ୍ରମିକ ଭାଇ ଓ ଭଉଣୀମାନେ ହେଉଛନ୍ତି ଆମ ସମାଜ ଓ ବିକାଶର ମୂଳଦୁଆ । ପ୍ରତ୍ୟେକ ନିର୍ମାଣ ଓ ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ନିରାପତ୍ତା ଏବଂ ସେମାନଙ୍କ ପରିବାରର ଆର୍ଥିକ ସୁରକ୍ଷା ନିଶ୍ଚିତ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ଶିକ୍ଷା, ବିବାହ, ପ୍ରସୂତି ଓ ମୃତ୍ୟୁକାଳୀନ ସହାୟତା ରାଶି ଡିବିଟି ମାଧ୍ୟମରେ ସିଧାସଳଖ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ପଠାଯାଉଛି, ଯାହାଫଳରେ ସ୍ୱଚ୍ଛତା ବଜାୟ ରହିବା ସହ ସେମାନେ ପ୍ରକୃତ ସୁବିଧା ପାଇପାରୁଛନ୍ତି । ଜିଲ୍ଲାର କୌଣସି ଯୋଗ୍ୟ ଶ୍ରମିକ ଯେପରି ସରକାରୀ ଯୋଜନାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ଶ୍ରମ ବିଭାଗ ନିରନ୍ତର କାର୍ଯ୍ୟ କରୁଛି ।' ଉକ୍ତ ବୈଠକରେ ଯୋଗଦେଇ କୋରେଇ ବିଧାୟକ ଶ୍ରୀ ଦାସନାୟକ ସାଧାରଣ ନିର୍ମାଣ ଓ ଅଣସଂଗଠିତ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ସରକାରୀ ଯୋଜନାର ସଫଳ ରୂପାୟନ ସହ କୋରେଇ ଅଞ୍ଚଳର ଶ୍ରମିକଙ୍କ ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରିବାକୁ ଆଶ୍ୱାସନା ଦେଇଥିଲେ । ଏଥି ସହ ଜିଲ୍ଲା ଶ୍ରମ ଅଧିକାରୀ ଦୀପ୍ତିରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ ।

ସରକାରୀ ସହାୟତା ବାବଦକୁ ୩୫୨ ଜଣ ଶ୍ରମିକଙ୍କ ପିଲାମାନଙ୍କୁ ୪୦,୦୧,୮୦୦ ଟଙ୍କାର ଶିକ୍ଷା ସହାୟତା, ୯୧ ଜଣ ହିତାଧିକାରୀଙ୍କୁ ୪୪,୭୫,୦୦୦ ଟଙ୍କାର ବିବାହ ସହାୟତା (ପ୍ରତି ହିତାଧିକାରୀ ୫୦,୦୦୦ ଟଙ୍କା), ୪୪ ଜଣ ମୃତ ଶ୍ରମିକଙ୍କ ପରିବାରକୁ ୧,୩୦,୦୦,୦୦୦ ଟଙ୍କାର ମୃତ୍ୟୁକାଳୀନ ସହାୟତା, ୪୫ ଜଣଙ୍କୁ ୨,୨୫,୦୦୦ ଟଙ୍କାର ଅନ୍ତ୍ୟେଷ୍ଟିକ୍ରିୟା ଖର୍ଚ୍ଚ ଏବଂ ୧୧ ଜଣଙ୍କୁ ୧,୧୦,୦୦୦ ଟଙ୍କାର ପ୍ରସୂତିକାଳୀନ ସହାୟତା ପ୍ରଦାନ କରାଯାଇଥିଲା ।

ଶ୍ରମିକମାନଙ୍କ ଆବେଦନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସହଜ କରିବା ପାଇଁ 'ଓଡ଼ିଶା ଶ୍ରମିକ ସାଥୀ' ମୋବାଇଲ୍ ଆପ୍ ସମ୍ପର୍କରେ ଶ୍ରମିକମାନଙ୍କୁ ସଚେତନ କରାଯାଇଥିଲା । ଶ୍ରମିକମାନେ ନିଜେ କିମ୍ବା 'ମୋ ସେବା କେନ୍ଦ୍ର' ମାଧ୍ୟମରେ ଆବେଦନ କରିପାରିବେ ଏବଂ 'ଓଡ଼ିଶା ଶ୍ରମିକ ସାଥୀ' ମୋବାଇଲ୍ ଆପ୍ ସମ୍ପର୍କରେ ଶ୍ରମିକମାନଙ୍କୁ ସଚେତନ କରାଯାଇଥିଲା । ଅଭିଯୋଗ ପାଇଁ ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବର ୧୮୦୦-୩୪୫୬୭୦୩ ଉପଲବ୍ଧ ରହିଛି । ଏଥିସହିତ ୧୪ ବର୍ଷରୁ କମ୍ ଶିଶୁଙ୍କୁ କାମରେ ଲଗାଇବା ଦଣ୍ଡନୀୟ ଅପରାଧ (ଫାଇନ୍ ୫୦,୦୦୦ କିମ୍ବା ୨ ବର୍ଷ ଜେଲ୍) ବୋଲି ସତର୍କ କରାଯିବା ସହ ଶିଶୁ ଶ୍ରମିକ ନିରୋଧ ପାଇଁ ଚାଇଲ୍ଡ ଲାଇନ୍ ନମ୍ବର ୧୦୯୮ରେ ସୂଚନା ଦେବାକୁ ଶ୍ରମ ବିଭାଗ ପକ୍ଷରୁ ନିବେଦନ କରାଯାଇଛି । ଶ୍ରମ ବିଭାଗ ପକ୍ଷରୁ ସମସ୍ତ ନିର୍ମାଣ ଓ ଅଣସଂଗଠିତ ଶ୍ରମିକ ଭାଇ-ଭଉଣୀମାନଙ୍କୁ ସଚେତନ ହୋଇ ସରକାରୀ ଯୋଜନାରେ ନିଜକୁ ପଞ୍ଜୀକୃତ କରି ସମସ୍ତ ସୁବିଧା ହାସଲ କରିବାକୁ ଆହ୍ୱାନ ଦିଆଯାଇଛି । ସହକାରୀ ଶ୍ରମ ଅଧିକାରୀଣୀ ସତ୍ୟରୂପା ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶ୍ରମ ଅଧିକାରୀଣୀ ନୀଳିମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।


## କେନ୍ଦ୍ରାପଡା ପୌର ପରିଷଦ, କେନ୍ଦ୍ରାପଡ଼ା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ୨୦୨୬ ୧ ପାଳନ ଅବସରରେ କେନ୍ଦ୍ରାପଡା ପୌର ପରିଷଦ ତାହାର ସମସ୍ତ କରଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି ।

### ନିବେଦନ

୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ । ଦିନକୁ ୨ ଥର ଆପଣଙ୍କ ଅଂଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଇଛି । ଅଳିଆ ସଂଗ୍ରହ ଗାଡି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ ।

୨. ରାସ୍ତା ଅବରୋଧ କରି ଇଟା, ଖୋଜି, ମାଟି କିମ୍ବା ବାଲି ରଖନ୍ତୁ ନାହିଁ ।

୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ) ଗିନା, ଥାଳି ଓ କାଗଜ ନିର୍ମିତ ବା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି । ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏଣୁ ଏ ସବୁ ବ୍ୟବହାର ନ କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ ।

୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଲନ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି, ସୁପର ଭାଇଜର କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି । ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫିକୁ ପୌରସଂସ୍ଥାର କର୍ମଚାରୀଙ୍କ ନିକଟରେ ପୈଠ କରି ପୌର ପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ ।

୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌର ସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ଦିଅନ୍ତୁ । ଯଦି ପୂର୍ବରୁ ପୌର ସଂସ୍ଥାର ବିନା ଅନୁମୋଦନ ଘର ନିର୍ମାଣ କରିସାରିଛନ୍ତି, ଆଗାମୀ ଦିନରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ ।

| ଶ୍ରୀଯୁକ୍ତ ତ୍ରିନାଥ ବେହେରା | ଆକବରୀ ଖାତୁନ | ଶ୍ରୀମତୀ ସରିତା ସାହୁ |
|---|---|---|
| ନିର୍ବାହୀ ଅଧିକାରୀ | ଉପାଧ୍ୟକ୍ଷା | ଅଧ୍ୟକ୍ଷା |

# ଶ୍ରୀପୁରା ବାଲିଘାଟକୁ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ
# ଜନଶୁଣାଣି ବାତିଲ୍ ସହ ବାଲି ଉଠାଣ ବନ୍ଦ ଦାବି

ଝାରସୁଗୁଡ଼ା: ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ଶ୍ରୀପୁରା ବାଲିଘାଟରୁ ବାଲି ଉଠାଣ ପ୍ରସ୍ତାବକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବାଲିଘାଟ ଲିଜ୍କୁ ବାତିଲ କରିବା ସହ ବାଲି ଉଠାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ପ୍ରସ୍ତାବିତ ଜନଶୁଣାଣିକୁ ବାତିଲ କରିବା ଦାବିରେ ଶ୍ରୀପୁରା ଗ୍ରାମବାସୀଙ୍କ ପକ୍ଷରୁ ଝାରସୁଗୁଡ଼ା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଶ୍ରୀପୁରା ବାଲିଘାଟକୁ ଯିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଓ ଉପଯୁକ୍ତ ସର୍ବସାଧାରଣ ରାସ୍ତା ନାହିଁ । ଏଭଳି ସ୍ଥିତିରେ ଆବାସିକ ଅଂଚଳ ଦେଇ ବାଲି ବୋଝେଇ ଭାରୀଯାନ ଚଳାଚଳ କଲେ ଗ୍ରାମବାସୀଙ୍କ ସୁରକ୍ଷା ଓ ସାଧାରଣ ଜୀବନଯାପନ ବ୍ୟାହତ ହେବାର ଆଶଙ୍କା ରହିଛି । ଗାଁର ସଂକୀର୍ଣ୍ଣ ଓ ଦୁର୍ବଳ ରାସ୍ତା ଦେଇ ନିୟମିତ ଭାବେ ଭାରୀ ଟ୍ରକ୍ ଓ ଟିପର ଚଳାଚଳ କଲେ ରାସ୍ତା ନଷ୍ଟ ହେବା ସହ ଯାତାୟାତ ସମସ୍ୟା ଉପୁଜିବ ବୋଲି ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି । ଏଥିସହ ଅନିୟନ୍ତ୍ରିତ ଭାରୀଯାନ ଚଳାଚଳ ଯୋଗୁଁ ସ୍କୁଲକୁ ଯାଉଥିବା କୋମଳମତି ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଓ ଅନ୍ୟ ନିୟମିତ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବା ସହ ଅଂଚଳର ପରିବେଶ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପଡ଼ିବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି । ଏହି ସମସ୍ତ ସମସ୍ୟାକୁ ବିଚାରକୁ ନେଇ ଶ୍ରୀପୁରା ବାଲିଘାଟ ଲିଜ୍ ପାଇଁ ଧାର୍ଯ୍ୟ ଜନଶୁଣାଣିକୁ ତୁରନ୍ତ ବାତିଲ କରିବା ସହ ବାଲି ଉଠାଣକୁ ବନ୍ଦ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଦାବିପତ୍ରର ନକଲ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରେରଣ କରାଯାଇଛି । ଏ ସମ୍ପର୍କରେ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର କହିଛନ୍ତି, ଏ ବିଷୟରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନେଇ ବିଚାର କରାଯିବ । ଦାବିପତ୍ର ପ୍ରଦାନ ସମୟରେ ଭୂପେନ୍ଦ୍ର ତ୍ରିପାଠୀ, ହିତେଶ କୁମାର ଦୀକ୍ଷିତ, ରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଗଛ ପାଇଁ ରାକ୍ଷୀଟିଏ କାର୍ଯ୍ୟକ୍ରମ

କଙ୍କଡ଼ାହାଡ଼ : ଢ଼େଙ୍କାନାଳ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ତଥା ଉପାନ୍ତ ଅଞ୍ଚଳ କଙ୍କଡ଼ାହାଡ଼ ବ୍ଲକ୍ ଚଡେଇରଗଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର 'ୟୁଥ୍ ଆଣ୍ଡ ଇକୋ କ୍ଲବ୍' ପକ୍ଷରୁ ରକ୍ଷା ବନ୍ଧନ ପର୍ବ ଅବସରରେ 'ଗଛ ପାଇଁ ରାକ୍ଷୀଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଭାରତୀ ଦେହୁରୀ,ଆସ ସ୍କୁଲ ଯିବା କମିଟିର ସଦସ୍ୟା ଉମାରାଣୀ ମହାନ୍ତ, ଶିଶୁ ସେବିକା ଜ୍ୟୋସ୍ନାମୟୀ ଦେହୁରୀ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କ ସହ ବିଦ୍ୟାଳୟ ପରିସରରେ ଥିବା ଫୁଲ ଓ ଫଳ ଗଛକୁ ବନ୍ଧାପନା କରିବା ସହ ରାକ୍ଷୀ ପିନ୍ଧାଇ ଥିଲେ । ବିଦ୍ୟାଳୟ ପରିସରକୁ ସବୁଜ, ସୁନ୍ଦର ରଖିବାକୁ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ ।

# ପଡ଼ିଆ ବ୍ଲକ୍‌ରେ ଅବ୍ୟବସ୍ଥାଘେରରେ ଅନେକ ବିଦ୍ୟାଳୟ

ମାଲକାନଗିରି : ମାଲକାନଗିରି ଜିଲ୍ଲା ସୀମାନ୍ତ ପଡ଼ିଆ ବ୍ଲକରେ ଥିବା ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି । କେଉଁଠି ବିଦ୍ୟାଳୟର ଛପର ଓ ଛାତ ସମ୍ପୂର୍ଣ୍ଣ ଉଡ଼ିଯାଇଛି, ତ ଆଉ କେଉଁଠି ଶ୍ରେଣୀଗୃହର କାନ୍ଥ, ଛାତ ଓ ଚଟାଣ ଭାଙ୍ଗି ବିପଦସଙ୍କୁଳ ଅବସ୍ଥାରେ ରହିଛି । ଫଳରେ ବର୍ଷାଦିନେ ସନ୍ତସନ୍ତିଆ ଓ ଅସୁରକ୍ଷିତ ପରିବେଶରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବାକୁ ପଡୁଛି । ସୂଚନା ଅନୁଯାୟୀ, ଗତ କିଛି ମାସ ମଧ୍ୟରେ ହୋଇଥିବା କାଳବୈଶାଖୀ ବର୍ଷାରେ ପଡ଼ିଆ ବ୍ଲକର ରାମାଗୁଡା, ଏମ୍ପିଭି-୪୯, ଏମ୍ ପି ଭି -୬୬, ଏମ୍ଭି-୧୨୫, ସଙ୍ଗେଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଉଣ୍ଡୁରୁକୋଣ୍ଡା ଉନ୍ନୀତ ଉଚ୍ଚବିଦ୍ୟାଳୟର ଛପର ଓ ଛାତ ଉଡ଼ିଯାଇଛି । ସେହିପରି ଟେକାଲଗୁଡ଼ା, ଏରବନପଲ୍ଲୀ, ଇରାଲଗୁଣ୍ଡି, କୁମ୍ଭାରଗୁଡା, ରେଙ୍ଗାଲିଗୁଡା, ବାଲାମପଲ୍ଲୀ, ନାକାମୁଣ୍ଡା ଓ ଏମ୍ପିଭି-୪୮ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ଗୁଡ଼ିକର କାନ୍ଥ, ଛାତ ଓ ଚଟାଣ ଭାଙ୍ଗିଥିବା ଅଭିଯୋଗ ହୋଇଛି । ଏହି ବିଦ୍ୟାଳୟ ଗୁଡ଼ିକ ମଧ୍ୟରୁ କେତେକର ଅବସ୍ଥା ଏତେ ବିପଦସଙ୍କୁଳ ଯେ, ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ପଲିଥିନ୍ ଟାଣି ଏବଂ ଅସ୍ଥାୟୀ ବ୍ୟବସ୍ଥାରେ ଚାଲିଛି ପାଠପଢ଼ା ୬ ସ୍କୁଲ୍ର ଛାତ ଉଡ଼ିଛି, ୮ ସ୍କୁଲ୍ କାନ୍ଥ ଓ ଚଟାଣ ଫାଟି ଆଁ ଏଭଳି ଅବ୍ୟବସ୍ଥା ନେଇ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି । ବିଦ୍ୟାଳୟ କର୍ତ୍ତୃପକ୍ଷ ପଲିଥିନ୍ ପକାଇବା ସହ ଅସ୍ଥାୟୀ ବ୍ୟବସ୍ଥା କରି ପାଠପଢ଼ା ଜାରି ରଖିଛନ୍ତି । ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଅନେକ ବିଦ୍ୟାଳୟର ମରାମତି ହୋଇନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଛି । ଅନ୍ୟପକ୍ଷରେ, ନିଲିଗୁଡା ପଞ୍ଚାୟତ ଚୁନୁରଗୁଡା ଓ କମାରଗୁଡା ବିଦ୍ୟାଳୟର ରୋଷେଇ ଘର ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି । ଏନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ମରାମତି କରାଯାଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଏ ସମ୍ପର୍କରେ ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, କିଛି ବିଦ୍ୟାଳୟର ମରାମତି କାର୍ଯ୍ୟ ହାତକୁ ନିଆଯାଇଛି । ଅନ୍ୟ ବିଦ୍ୟାଳୟ ଗୁଡ଼ିକର ମରାମତି ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ। ଦୁର୍ଗମ ଓ ଆଦିବାସୀ ଅଧ୍ୟଷିତ ବ୍ଲକରେ ଶିକ୍ଷାର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ପଡ଼ିଆ ବ୍ଲକରେ ଶିକ୍ଷା ଭିତ୍ତିଭୂମିରେ ସୁଧାର ନ ଆସିବା ଚିନ୍ତାର କାରଣ ପାଲଟିଛି । ତୁରନ୍ତ କ୍ଷତିଗ୍ରସ୍ତ ବିଦ୍ୟାଳୟଗୁଡ଼ିକର ମରାମତି କରି ଛାତ୍ରଛାତ୍ରୀଙ୍କ ପାଇଁ ସୁରକ୍ଷିତ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି ।

# ନୂଆ ଖାଇଲେ ଅଲେଖ ଧର୍ମାବଲମ୍ବୀ

ନୂଆପଡ଼ା: ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଭାଦ୍ରବ ମାସ ଶୁକ୍ଳପକ୍ଷ ପଂଚମୀ ତିଥିରେ ପାଳିତ ହେଉଥିବା ବେଳେ ଅଲେଖ ଧର୍ମାବଲମ୍ବୀ ସାଧୁସନ୍ଥ ଓ ମହିମା ଭକ୍ତମାନେ ଶ୍ରାବଣ ପୂର୍ଣ୍ଣିମା ବା ରାକ୍ଷୀ ପୂର୍ଣ୍ଣିମା ଅବସରରେ ନବାନ୍ନ ଭକ୍ଷଣ କରିଥାନ୍ତି । ଏହି ପରମ୍ପରା ଅନୁଯାୟୀ ଆଜି ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ତୁକଲା ଗ୍ରାମର ଐତିହାସିକ ଯୋଗୀମଠ ପାହାଡ଼ ଦେଶରେ ଥିବା ବାବା ମଠରେ ଅଲେଖ ଧର୍ମାବଲମ୍ବୀଙ୍କ ପକ୍ଷରୁ ମହାଆଡ଼ମ୍ବରରେ ନୂଆଖାଇ ପର୍ବ ପାଳିତ ହୋଇଛି । ମଠର ମୁଖ୍ୟ ବାବା ଲଛମନଙ୍କ ସମେତ ସାଧୁସନ୍ଥ ଓ ମହିମା ଭକ୍ତମାନେ ନୂଆ ଅନ୍ନ ଭକ୍ଷଣ କରିଥିଲେ । ଅଲେଖ ଧର୍ମାବଲମ୍ବୀଙ୍କ ନୂଆଖାଇ ପରମ୍ପରା ସାଧାରଣ ନୂଆଖାଇଠାରୁ କିଛିଟା ଭିନ୍ନ । ଅନ୍ୟ ଦେବଦେବୀଙ୍କୁ ଭୋଗ ଲାଗିବା ପୂର୍ବରୁ ମହିମା ଗୋସାଇଁଙ୍କୁ ପ୍ରଥମ ଭୋଗ ଅର୍ପଣ କରାଯାଇଥାଏ । ଏହି ଧାର୍ମିକ ବିଶ୍ୱାସ ଅନୁଯାୟୀ ନୂଆଖାଇ ପାଳନ କରାଯାଇଥିଲା । ଏହି ଅବସରରେ ପଶ୍ଚିମ ଓଡ଼ିଶା ସମେତ ଛତିଶଗଡ଼ର ବିଭିନ୍ନ ଅଂଚଳରୁ ଭକ୍ତମାନେ ମଠକୁ ଆସି ନବାନ୍ନ ଭକ୍ଷଣ କରିଥିଲେ । ଖଡ଼ିଆଳ ବ୍ଲକର ତୁକଲା ବାବା ମଠ, ଭୈରାଜପୁର ମଠ, ସିନାପାଲି ବ୍ଲକର ଶରଧାପୁର ବାବା ମଠ, ନିଲଜି ମଠ ଏବଂ ବୋଡ଼େନ ବ୍ଲକର ପାତାଳଗଙ୍ଗା ମଠରେ ମଧ୍ୟ ଅଲେଖ ଧର୍ମାବଲମ୍ବୀମାନେ ନୂଆଁ ଅନ୍ନ ଭକ୍ଷଣ କରିଥିଲେ । ପରମ୍ପରା ଅନୁଯାୟୀ ପ୍ରଥମ ଅମଳର ଆଟ ଧାନକୁ ନୂଆ ପାତ୍ରରେ ସଂଗ୍ରହ କରି ମଠରେ ରଖାଯାଇଥିଲା । ପରେ ମାଟି ପାତ୍ରରେ ନୂଆ ଧାନକୁ ନିଆଁରେ ଭାଜି ଗୁଣ୍ଡ କରାଯାଇ ଚୁଡ଼ା ପ୍ରସ୍ତୁତ କରାଯାଇଥିଲା । ଏଥିରେ ଘିଅ, ଗୁଡ଼, ପଂଚାମୃତ, କଦଳୀ ଓ ନଡ଼ିଆ ମିଶାଇ ନବାନ୍ନ ପ୍ରସ୍ତୁତ ହୋଇଥିଲା । ଅଲେଖ ଗୋସାଇଁଙ୍କୁ ନବାନ୍ନ ଅର୍ପଣ କରିବା ପରେ ସାଧୁସନ୍ଥମାନେ ସମୂହ ଭାବେ ନୂଆ ଅନ୍ନ ଭକ୍ଷଣ କରିଥିଲେ । ଏହାପରେ ପରସ୍ପର ମଧ୍ୟରେ ଜୁହାର ଭେଟ ହୋଇଥିଲେ । ଶେଷରେ ସାଧୁସନ୍ଥମାନେ ବିଶ୍ୱର ମଙ୍ଗଳ ଓ ଶାନ୍ତି କାମନା କରି ଅଲେଖ ମହିମାଙ୍କ ନିକଟରେ ସାମୂହିକ ପ୍ରାର୍ଥନା କରିଥିଲେ ।

# ସାମାନ୍ୟ ବର୍ଷାରେ ଜଳମଗ୍ନ ହୋଇପଡୁଛି ଏମ୍‌ଭି-୫୮ ଗ୍ରାମ

ମାଲକାନଗିରି: ସାମାନ୍ୟ ବର୍ଷା ହେଲେ ପଡିଆ ବ୍ଲକର ଏମ୍ଭି-୫୮ ଗ୍ରାମର ଜନବସତି ଜଳମଗ୍ନ ହୋଇପଡୁଛି । କାଲିମେଳା-ପଡିଆ ମୁଖ୍ୟରାସ୍ତା କଡରେ ବର୍ଷାଜଳ ନିଷ୍କାସନର ସୁବ୍ୟବସ୍ଥା ନଥିବାରୁ ରାସ୍ତା ପାର୍ଶ୍ୱରେ ପାଣି ଜମି ରହିବା ସହ ଲୋକଙ୍କ ଘର ଭିତରକୁ ପଶୁଥିବା ଅଭିଯୋଗ ହୋଇଛି । ଅଳ୍ପ ବର୍ଷା ହେବା ମାତ୍ରେ ବିରେନ ବିଶ୍ୱାସ, ଯାଦବ ରାୟ, ବୁଲୁ ଦେ ଓ ବଜରଙ୍ଗ ମୁଖାର୍ଜୀଙ୍କ ସମେତ ଅନ୍ୟ କିଛି ଲୋକ ଙ୍କ ଘର ଚାରିପଟେ ପାଣି ଜମି ଯାଉଛି । ଫଳରେ ପରିବାର ଲୋକଙ୍କୁ ଘରୁ ବାହାରିବା ଓ କାମ କରିବାରେ ନାହିଁ ନଥିବା ସମସ୍ୟା ଭୋଗିବାକୁ ପଡୁଛି । ବହୁ ସମୟ ଧରି ଜଳ ଜମି ରହିବା ଯୋଗୁଁ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ଏଥିସହ ମଶା ଓ ବିଭିନ୍ନ କୀଟପତଙ୍ଗଙ୍କ ପ୍ରାଦୁର୍ଭାବ ବଢୁଥିବାରୁ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତା ବଢିଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା କଡ଼ରେ ଆବଶ୍ୟକ ଡ୍ରେନ୍ ବ୍ୟବସ୍ଥା ନଥିବାରୁ ପ୍ରତିବର୍ଷ ବର୍ଷା ଋତୁରେ ଏଭଳି ସମସ୍ୟା ଦେଖାଦେଉଛି । ତୁରନ୍ତ ପ୍ରଶାସନିକ ଅଧିକାରୀ ଏହି ଅଞ୍ଚଳ ପରିଦର୍ଶନ କରି ରାସ୍ତା କଡ଼ରେ ଡ୍ରେନ୍ ନିର୍ମାଣ ସହ ବର୍ଷା ଜଳ ନିଷ୍କାସନର ସୁବ୍ୟବସ୍ଥିତ ବ୍ୟବସ୍ଥା କରିବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି ।

# ବ୍ଲକ୍ ପଞ୍ଚାୟତ ବିକାଶ ଯୋଜନା ବୈଠକ
# ଅଞ୍ଚଳ ସମସ୍ୟାର ସମାଧାନ ଓ ଉନ୍ନୟନ କାର୍ଯ୍ୟକୁ ଗୁରୁତ୍ୱ



ପାଟଣା : କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସଭାଗୃହରେ ଶୁକ୍ରବାର ବ୍ଲକ୍ ପଞ୍ଚାୟତ ବିକାଶ ଯୋଜନାର ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ପ୍ରକଳ୍ପ ପ୍ରସ୍ତୁତି ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି । ରାଜ୍ୟ ଓ ଜାତୀୟ ଅର୍ଥ କମିଶନ ସହ ଭିବି-ଜି ରାମ-ଜି ଯୋଜନାର ସହଭାଗିତାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକକୁ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ପରିଚାଳନା କରିଥିଲେ । ଏଥିରେ ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ସୌଭାଗ୍ୟ ମଞ୍ଜରୀ ନାୟକ, କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କ ପାଟଣା ବ୍ଲକ୍ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ସହକାରୀ ଯନ୍ତ୍ରୀ ସୁସ୍ମିତା ବେହେରା, ଏପିଇଓ ମଧୁସୂଦନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ପାଟଣା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷା ଶୁକାନ୍ତି ନାଏକ, ବଡ଼ପାଟଣା ସରପଞ୍ଚ ବିନତୀ ବାନାରା, ମୂଷାଖୋରୀ ସରପଞ୍ଚ ଭାମାମଣି ଦାସ, ମିରିଗିଖୋଜୀ ସରପଞ୍ଚ ମନମୋହନ ବେହେରା, ଟାଙ୍ଗରପଡ଼ା ସରପଞ୍ଚ ଅନିରୁଦ୍ଧ ନାଏକ, ରାଜନଗର ସରପଞ୍ଚ ସୁଧାଂଶୁ ଶେଖର ନାଏକ, ଚେମେଣା ସମିତି ସଭ୍ୟ ମନୋଜ ମହାନ୍ତ ପ୍ରମୁଖ ନିଜ ନିଜ ପଞ୍ଚାୟତର ବିଭିନ୍ନ ସମସ୍ୟା, ଦୁର୍ନୀତି ଓ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ମତ ରଖିଥିଲେ । ପଞ୍ଚାୟତଗୁଡ଼ିକରେ ଚାଲିଥିବା ବିଭିନ୍ନ କାର୍ଯ୍ୟର କାର୍ଯ୍ୟଶୈଳୀ ଓ ଅନିୟମିତତା ନେଇ କେତେକ ନିର୍ବାଚିତ ପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ । ନିଜ ନିଜ ଅଞ୍ଚଳର ସମସ୍ୟାର ସମାଧାନ ଓ ଉନ୍ନୟନ କାର୍ଯ୍ୟକୁ ଗୁରୁତ୍ୱ ଦେବା ପାଇଁ ସେମାନେ ଦାବି ରଖିଥିଲେ । ଏହାକୁ ନେଇ ବୈଠକରେ କିଛି ସମୟ ପାଇଁ ମାହୋଲ ସରଗରମ ହୋଇଉଠିଥିଲା । ବୈଠକରେ ପଞ୍ଚାୟତଗୁଡ଼ିକର ଆବଶ୍ୟକତା ଓ ସ୍ଥାନୀୟ ସମସ୍ୟାକୁ ଆଧାର କରି ଆଗାମୀ ଉନ୍ନୟନ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

# ଖଇରପୁଟରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

ମାଲକାନଗିରି : ଖଇରପୁଟ ବ୍ଲକ ପୋଡ଼ାଘାଟ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ବନଖଣ୍ଡ ଅଧିକାରୀ ସାଇ କିରଣ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଶ୍ମି ରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ । ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୀତମ ଦେବତା ପରିଚାଳନା କରିଥିବା ବେଳେ ବ୍ଲକର ବିଡିଓ, ତହସିଲଦାର ଏବଂ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଶିବିରରେ ସମୁଦାୟ ୬୯ ଟି ଅଭିଯୋଗର ଶୁଣାଣି କରାଯାଇଥିଲା, ଯେଉଁଥିରେ ୧୦ ଟି ବ୍ୟକ୍ତିଗତ ଏବଂ ୫୯ ଟି ଗ୍ରାମ ଭିତ୍ତିକ ସମସ୍ୟା ରହିଥିଲା । ଶିବିରରେ ଜନସାଧାରଣଙ୍କୁ ବିଭିନ୍ନ ସେବା ଯୋଗାଇବା ପାଇଁ ସ୍ୱତନ୍ତ୍ର କ୍ୟାମ୍ପମାନ ଆୟୋଜନ କରାଯାଇଥିଲା । ଏଥିରେ ଭିନ୍ନକ୍ଷମମାନଙ୍କୁ ସହାୟତା ଉପକରଣ ପ୍ରଦାନ, ସ୍ୱାସ୍ଥ୍ୟ ପରୀକ୍ଷା, ମଧୁବାବୁ ପେନସନ ଯୋଜନାରେ ନୂତନ ଭତ୍ତା ମଞ୍ଜୁର, ଜମି ପଟ୍ଟା ସମ୍ବନ୍ଧୀୟ ସମସ୍ୟାର ସମାଧାନ ଏବଂ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ କରାଯାଇଥିଲା । ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ପ୍ରଶାସନକୁ ଲୋକଙ୍କ ଘର ଦୁଆରମୁହଁରେ ପହଂଚାଇବା ଆମର ମୁଖ୍ୟ ଲକ୍ଷ୍ୟ, ଯଦ୍ୱାରା ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ସରକାରୀ ସେବାର ସୁଫଳ ପାଇପାରିବେ ଏବଂ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ହୋଇପାରିବ । ପ୍ରଶାସନର ଏହି ପଦକ୍ଷେପକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି । ପ୍ରଶାସନକୁ ନିଜ ଦୁଆର ମୁହଁରେ ପାଇ ପୋଡ଼ାଘାଟ ଓ ଆଖପାଖ ଅଂଚଳର ଜନସାଧାରଣ ଖୁବ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା । ଗ୍ରାମବାସୀଙ୍କ ମତରେ, ପୂର୍ବରୁ ସାମାନ୍ୟ କାମ ପାଇଁ ଜିଲ୍ଲା ସଦର ମହକୁମାକୁ ଯିବାକୁ ପଡୁଥିଲା, କିନ୍ତୁ ଏବେ ବଡ଼ ବଡ଼ ଅଧିକାରୀମାନେ ଗାଁକୁ ଆସି ସମସ୍ୟା ଶୁଣୁଥିବାରୁ ସେମାନେ ଅନେକ ସମୟ ଓ ଖର୍ଚ୍ଚରୁ ରକ୍ଷା ପାଉଛନ୍ତି । ଅନୁରୂପ ଭାବେ ଅନ୍ୟାନ୍ୟ ବ୍ଲକରେ ମଧ୍ୟ ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ଏବଂ ସଦର ମହକୁମାରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ସଫଳତାର ସହ ସମ୍ପନ୍ନ ହୋଇଛି ।

# ବଳଦେବଜୀଉଙ୍କ ଜନ୍ମୋତ୍ସବ ଓ ରକ୍ଷା ବନ୍ଧନ

ଭୁବନ: ଭୁବନ ରେ ସର୍ବାଧିକ ତଥା ଜନ ବହୁଳ ଜାତି / ସମ୍ପ୍ରଦାୟ 'କାପୁଡ଼ିଆ ସମାଜ' ତରଫରୁ ବିପୁଳ ଉତ୍ସାହ ଉଦ୍ଦୀପନା ଓ ଶ୍ରଦ୍ଧା ଭକ୍ତି ର ସହ ବଳଦେବ ଜୀଉ ଙ୍କ ଜନ୍ମୋତ୍ସବ, ରକ୍ଷା ବନ୍ଧନ ଓ ଗୋ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ରେ ବେହେରା ସାହି ସ୍ଥିତ ମନ୍ଦିରରେ ପ୍ରଭୁ ବଳଦେବ ଜୀଉ ଙ୍କ ପୂଜାର୍ଚ୍ଚନା କରାଯାଇ ଗୋ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ କର୍ମକର୍ତ୍ତା ଓ ଯୁବକ ମାନଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଅପରାହ୍ନ ୨ ଘଟିକା ସମୟରେ ବେହେରା ସାହି ସ୍ଥିତ ମନ୍ଦିରରୁ ପ୍ରଭୁ ବଳଦେବଜୀଉ ଓ ରାଧା କୃଷ୍ଣଙ୍କୁ ଏକ ସୁସଜ୍ଜିତ ବିଭାନ ରେ ବସାଇ ବାଜା, ପାରମ୍ପରିକ ବାଦ୍ୟ, ଶିଙ୍ଗ ବାଜା, ଭାଙ୍ଗଡା ବାଜା, ସଙ୍କୀର୍ତ୍ତନ ମଣ୍ଡଳୀ ଙ୍କ ଗହଣରେ ବାଜି ଛକ, ବଡ ହାଟ, ଅରାସାହି, ନୂଆ ବଜାର, ଗୁଜୁରି ହାଟ ଦେଇ ସହର ପରିକ୍ରମା କରାଯାଇଥିଲା । ବିଭିନ୍ନ ଛକ ମାନଙ୍କରେ ମହିଳା ମାନେ ବନ୍ଦାପନା କରିଥିଲେ । କାପୁଡ଼ିଆ ସମାଜ ଭୁବନ, ସଭାପତି ରାମ ଚନ୍ଦ୍ର ରାଉତ, ରାଜ୍ୟ ସଭାପତି ନବ କିଶୋର ଗୁରୁ, ରାଜ୍ୟ ସଂଗଠନ ସମ୍ପାଦକ ଦିଲୀପ କୁମାର ଦାସ ଙ୍କ ତତ୍ତ୍ୱାବଧାନରେ ୨୦ ଜଣ ବେହେରା, ୨୦ ଜଣ ପରିମାଣିକ ଏବଂ କାପୁଡିଆ ଯୁବକ ସଂଘ କର୍ମକର୍ତ୍ତା ମାନେ ଯାତ୍ରାର ନେତୃତ୍ୱ ନେଇଥିଲେ । ପ୍ରାୟ ୩ ହଜାର ରୁ ଉର୍ଦ୍ଧ୍ୱ କାପୁଡିଆ ସମାଜ ବ୍ୟକ୍ତି ଯାତ୍ରାରେ ସାମିଲ ହୋଇ ଅନ୍ୟ ଜାତି/ସମ୍ପ୍ରଦାୟ ବ୍ୟକ୍ତି ଙ୍କ ହାତରେ ରାକ୍ଷୀ ବାନ୍ଧି ଭାଇଚାରା ସୃଷ୍ଟି କରିଥିଲେ ।

# ଡିଏଭିରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ

ଝାରସୁଗୁଡ଼ା: ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଓଡ଼ିଆ ସାହିତ୍ୟର ଅମର ସାଧକ ତଥା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୫ ତମ ଜୟନ୍ତୀ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମହାନ ସାହିତ୍ୟିକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେରଙ୍କ ଜୀବନ, ସାହିତ୍ୟ ସାଧନା ଓ ଓଡ଼ିଆ ଭାଷା-ସାହିତ୍ୟ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା । ତାଙ୍କ ରଚନାରେ ପ୍ରକୃତିପ୍ରେମ, ମାନବିକତା, ନୈତିକତା ଓ ସାମାଜିକ ଚେତନାର ଅପୂର୍ବ ସମନ୍ୱୟ ରହିଥିବା ବିଷୟ ଉପରେ ଆଲୋକପାତ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କୁ ତାଙ୍କ ସାହିତ୍ୟ ପଢ଼ି ତାଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରିବାକୁ ପ୍ରେରିତ କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଲକ୍ଷ୍ମୀକାନ୍ତ ଦେବତାଙ୍କ ଆବାହକତ୍ୱରେ ଏହି ଅବସରରେ ଏକ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଛାତ୍ରଛାତ୍ରୀମାନେ ଗଙ୍ଗାଧର ମେହେରଙ୍କ ସାହିତ୍ୟ ଓ ଭାବଧାରା ଆଧାରିତ ବିଭିନ୍ନ ସାଂସ୍କୃତିକ ପରିବେଷଣ ମାଧ୍ୟମରେ ତାଙ୍କ ପ୍ରତି ଶ୍ରଦ୍ଧା ଜଣାଇଥିଲେ । ଛାତ୍ର ପ୍ରୀତି ପ୍ରସନ୍ନ ବିଶ୍ୱାଳ ଗଙ୍ଗାଧରଙ୍କ ବେଶ ଧାରଣ କରିବା ସହ ତାଙ୍କ ଚରିତ୍ର ଚିତ୍ରଣ କରିଥିଲେ ଓ ଛାତ୍ରୀ ସାମ୍ଭବୀ ସେନାପତି ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ଶିକ୍ଷୟିତ୍ରୀ ମଧୁସ୍ମିତା ପଲେଇଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଦିବ୍ୟେନ୍ଦୁ ମଲ୍ଲିକ, ଗୀତାଞ୍ଜଳି ମିଶ୍ର, ସତ୍ୟନାରାୟଣ ଜେନା ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରାଇଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ରାଗିଂ ବିରୋଧୀ ସଚେତନତା

ବଲାଙ୍ଗିର(ପିପିଏସ୍): ସ୍ଥାନୀୟ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପ୍ରଫେସର ଡ଼ା. ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜାତୀୟ ରାଗିଂ ବିରୋଧୀ ସପ୍ତାହ ପାଳିତ ହୋଇଯାଇଛି । ଉକ୍ତ ଜାତୀୟ ରାଗିଂ ବିରୋଧୀ ସପ୍ତାହ ପାଳନ ସଭାରେ ରାଗିଂ ସମ୍ବଳିତ ଆଇନ ଏବଂ ବିହିତ ଦଣ୍ଡ ବିଧାନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ବାର ଆସୋସିଏସନର ସଭାପତି ଆଡଭୋକେଟ ବାସୁ ଦେବ ରଥ , ବରିଷ୍ଠ ଆଇନଜୀବୀ ଜୟକୃଷ୍ଣ ସାହୁ ଓ ଚନ୍ଦ୍ରଶେଖର ମିଶ୍ର, ବଲାଙ୍ଗିର ଟାଉନ ପୋଲିସର ସବ ଇନ୍ସପେକ୍ଟର ସଂଗୀତା ବେକ, ଏଏସଆଇ ମମତା ପ୍ରଧାନ ଉପସ୍ଥିତ ଥିଲେ । କଲେଜ ରାଗିଂ କମିଟି ଓ କାର୍ଯ୍ୟ ପନ୍ଥା ବିଷୟରେ ପ୍ରଫେସର ଡ଼ା ସରିତା ମହନ୍ତ ସବିଶେଷ ବିବରଣୀ ପ୍ରସ୍ତୁତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ କଲେଜର ଅଧ୍ୟାପିକା ଡ଼ା. ସ୍ନେହଲତା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ଼ା. ଲିପ୍ସା ଦାସ । ଆୟୁର୍ବେଦିକ କଲେଜର ସମସ୍ତ ଡାକ୍ତର, କର୍ମଚାରୀ ଓ ଡ଼ାକ୍ତରୀ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ସମ୍ବଲପୁର: ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବିବିଏସଏ ଅନ୍ତର୍ଗତ ଏକ ଦିନିଆ ଶିବିର ଜୁଜୁମୁରା ଆର୍ଏମ୍ସି ପଡିଆଠାରେ ଆୟୋଜିତ ହୋଇଯାଇଛି । ଏହି ଶିବିରରେ ମୋଟ ୧୭୬ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସ୍ନାତକ କରାଯାଇ ସେମାନଙ୍କର ଅସମର୍ଥ୍ୟତା ପ୍ରତିଶତ ନିର୍ଣ୍ଣୟ କରାଯାଇଛି । ଏଥିରେ ୮୫ ଜଣ ଶାରିରୀକ ଅକ୍ଷମ , ୧୨ ଜଣ ଦୃଷ୍ଟିବାଧିତ , ୨୩ ଜଣ ବଧିର , ୧୫ ଜଣ ସିକଲ୍ ସେଲ୍ ରୋଗୀ ଏବଂ ୪୧ ଜଣ ବୁଦ୍ଧିଗତ ଅକ୍ଷମତା ବ୍ୟକ୍ତି ଚିହ୍ନଟ ଓ ସର୍ଟିଫାଇଡ ହୋଇଛନ୍ତି । ଜୁଜୁମୁରା ଖଣ୍ଡର ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମ ବ୍ୟକ୍ତିମାନେ ଏହି ଶିବିରରେ ଯୋଗଦେଇ ତାଙ୍କର ବିଶେଷଜ୍ଞ ଚିକିତ୍ସକମାନଙ୍କ ଦ୍ୱାରା ପୂର୍ଣ୍ଣ ଯାଞ୍ଚ କରାଇଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମ୍ବଲପୁରରୁ ଆସିଥିବା ବିଶେଷଜ୍ଞ ଡାକ୍ତରମାନଙ୍କ ଟିମ୍ ଦ୍ୱାରା ଏହି ସମସ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କର ଯାଞ୍ଚ, ପରୀକ୍ଷା ଓ ମୂଲ୍ୟାଙ୍କନ କାର୍ଯ୍ୟ ସଂପାଦିତ ହୋଇଛି । ଯାଞ୍ଚ ପରେ ଯୋଗ୍ୟ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଭିନ୍ନକ୍ଷମ ସନଦ ଓ ପ୍ରତିଶତ ନିର୍ଣ୍ଣୟ ପତ୍ର ପ୍ରଦାନ କରାଯାଇଛି । ଶିବିରରେ ବିଭିନ୍ନ ସହାୟକ ସାମଗ୍ରୀ ମଧ୍ୟ ବଣ୍ଟନ କରାଯାଇଛି । ଏପର୍ଯ୍ୟନ୍ତ ୫ ଟି ହୁଇଲ ଚେୟାର ଓ ୨ ଟି ଶ୍ରବଣ ଯନ୍ତ୍ର ଯୋଗ୍ୟ ଲାଭାନ୍ୱିତମାନଙ୍କୁ ଦିଆଯାଇଛି । ଏହି କାର୍ଯ୍ୟକ୍ରମଟି ଜୁଜୁମୁରା ବ୍ଲକ ଉନ୍ନୟନ ଅଧିକାରୀଙ୍କ ନେତୃତ୍ୱରେ ଜିଲ୍ଲା ସମ୍ବଲପୁର ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାନୁସାରେ ଓ ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ, ସମ୍ବଲପୁରଙ୍କ ସହ ଯୋଗ ସମନ୍ୱୟରେ ଆୟୋଜିତ ହୋଇଥିଲା ।

# ବାଇକ୍ ଧକ୍କାରେ ଗୁରୁତର ବ୍ୟକ୍ତିଙ୍କ ମୃତ୍ୟୁ

ଜୟପୁର: କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅନ୍ତର୍ଗତ ଷ୍ଟେସନକଙ୍ଗା କେନାଲ ଛକ ନିକଟସ୍ଥ ହରଡ଼ାପୁଟ-କୁସୁମୀ ରାସ୍ତାରେ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଷ୍ଟେସନକଙ୍ଗା ଗ୍ରାମର ଗୋବିନ୍ଦ ଅମନାତ୍ୟ(୫୦) । ପ୍ରକାଶ ଯେ, ଗତ ଶୁକ୍ରବାର ଗୋବିନ୍ଦ ସାଇକେଲରେ କେନାଲ ଛକରୁ ହରଡ଼ାପୁଟ-କୁସୁମୀ ରାସ୍ତାରେ ଘରକୁ ଫେରୁଥିଲେ । ତେବେ କୁସୁମୀ ପାର୍ଶ୍ୱରୁ ଦ୍ରୁତ ବେଗରେ ଏକ ବାଇକ୍ ପଛ ପଟୁ ଆସି ଜୋରରେ ତାଙ୍କୁ ଧକ୍କା ଦେଇଥିଲା । ଧକ୍କା ଦେବା ଫଳରେ ରାସ୍ତା ଉପରେ ଛିଟିକି ପଡ଼ି ଗୋବିନ୍ଦ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ପ୍ରଥମେ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କୋରାପୁଟସ୍ଥିତ ଏସ୍ଏଲ୍ଏନ୍ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୋବିନ୍ଦଙ୍କ ମୃତ୍ୟୁ ଘଟିଛି । ଏନେଇ ମୃତକଙ୍କ ସ୍ତ୍ରୀ ନୀଳା ଅମାନତ୍ୟ ସଦର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଭିତ୍ତି କାରି ପୋଲିସ ମାମଲା ୨୭୪/୨୬ରେ ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ସଦର ଥାନା ଅଧିକାରୀ ସଚ୍ଚିଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ଜାତୀୟ କ୍ରୀଡ଼ା ଦିବସ ଅବସରରେ କ୍ରୀଡ଼ା ଉତ୍ସବ

ଜୟପୁର: ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁରର କ୍ରୀଡ଼ା ପରିଷଦ ପକ୍ଷରୁ "ଖେଲେଗା ଭାରତ, ଜିତେଗା ଭାରତ" ବିଷୟବସ୍ତୁକୁ ଆଧାର କରି ଜାତୀୟ କ୍ରୀଡ଼ା ଦିବସ-୨୦୨୬ ଅଗଷ୍ଟ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଉଛି । ୨୮ ଅଗଷ୍ଟ ପୂର୍ବାହ୍ନ ୧୦ଟା ସମୟରେ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ/ମଞ୍ଚଠାରେ ଏହାର ଉଦ୍ଘାଟନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମାନ୍ୟବର କୁଳପତି ପ୍ରଫେସର ହୃଷୀକେଶ ସେନାପତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଉଦ୍ଘାଟନ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ ଏବଂ ସିପିଜିସି ଡ. ପ୍ରଶାନ୍ତ କୁମାର ପାତ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟର ବହୁ ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟିର ସମନ୍ୱୟ ଓ ପରିଚାଳନା କ୍ରୀଡ଼ା ପରିଷଦର ସଚିବ କ୍ୟାପଟେନ୍ ଡ. ଲକ୍ଷ୍ମଣ ପାତ୍ରଙ୍କ ନେତୃତ୍ୱରେ କରାଯାଇଥିଲା । ତାଙ୍କ ନେତୃତ୍ୱରେ ଜାତୀୟ କ୍ରୀଡ଼ା ଦିବସକୁ ସୁଚାରୁ ଓ ସଫଳ ଭାବେ ପାଳନ କରିବା ପାଇଁ ବିଭିନ୍ନ କ୍ରୀଡ଼ା ଓ ଶାରୀରିକ ସୁସ୍ଥତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଉଦ୍ଘାଟନୀ ଦିବସରେ ଏନସିସି , ଏନଏସଏସ ଓ ୱାଆରସି ର ଅଧିକାରୀମାନଙ୍କ ସହଯୋଗରେ ଏକ ଉଦ୍ଘାଟନୀ ରାଲି ଆୟୋଜିତ ହୋଇଥିଲା । ଏହା ସହିତ ସ୍କ୍ୱାଟ୍, ପୁଶ୍-ଅପ୍, ସ୍କିପିଂ, ସିଟ୍-ଅପ୍, ଜମ୍ପିଂ ଜ୍ୟାକ୍, ଲଞ୍ଜେସ୍, ବର୍ପିଜ୍, ହାଇ ନିଜ୍, ମାଉଣ୍ଟେନ୍ କ୍ଲାଇମ୍ବର୍ସ, ଫୁଟବଲ୍ କିକ୍ସ ଏବଂ କ୍ୟାଚ୍ ଆଣ୍ଡ ଥ୍ରୋ ଭଳି ବିଭିନ୍ନ ଫିଟନେସ୍ ଚ୍ୟାଲେଞ୍ଜ ଆୟୋଜନ କରାଯାଇଥିଲା । ୨୯ ଅଗଷ୍ଟରେ ଭଲିବଲ୍, କବାଡ଼ି ଓ ଫୁଟବଲ୍ ଭଳି ବିଭିନ୍ନ ଦଳଗତ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯିବ । ୩୦ ଅଗଷ୍ଟ ୨୦୨୬ରେ ସାଇକେଲ୍ ରାଲି ଏବଂ ସମାପନୀ ସମାରୋହ ଅନୁଷ୍ଠିତ ହେବ । ଏହି ଅବସରରେ କୁଳପତି, ରେଜିଷ୍ଟ୍ରାର ଓ ସିପିଜିସି କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନେ ନିୟମିତ କ୍ରୀଡ଼ା ଓ ଶାରୀରିକ ବ୍ୟାୟାମରେ ଅଂଶଗ୍ରହଣ କରି ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ଆହ୍ୱାନ ଜଣାଇଥିଲେ । ଜାତୀୟ କ୍ରୀଡ଼ା ଦିବସ ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସକୁ ସ୍ମରଣ କରିବାର ଏକ ଗୌରବମୟ ଅବସର । ବିଶ୍ୱବିଦ୍ୟାଳୟରେ ଏହି ତିନିଦିନିଆ କାର୍ଯ୍ୟକ୍ରମ କ୍ରୀଡ଼ାସୁଲଭ ମନୋଭାବ, ଶୃଙ୍ଖଳା, ନେତୃତ୍ୱ, ଦଳଗତ ଭାବନା ଓ ଶାରୀରିକ ସୁସ୍ଥତାର ବିକାଶରେ ଏକ ସକାରାତ୍ମକ ପଦକ୍ଷେପ ଭାବେ ପରିଗଣିତ ହୋଇଛି । ଖେଲେଗା ଭାରତ, ଜିତେଗା ଭାରତ ର ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତାକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟରେ କ୍ରୀଡ଼ା ସଂସ୍କୃତିକୁ ଅଧିକ ସୁଦୃଢ଼ କରିବା ସହ ଯୁବପିଢ଼ିଙ୍କୁ କ୍ରୀଡ଼ା ପ୍ରତି ଉତ୍ସାହିତ କରିବ ବୋଲି ଆଶା କରାଯାଏ ।

## କାଦୁଅ ରାସ୍ତାରେ ପ୍ରତିବାଦ

ମାଲକାନଗିରି : ବହୁବାର ଅଭିଯୋଗ ପରେ ମଧ୍ୟ ରାସ୍ତା ସମସ୍ୟାର ସମାଧାନ ନ ହେବାରୁ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କର୍ଲନପାଲ୍ଲୀ ପସଙ୍ଗାୟତ ଅନ୍ତର୍ଗତ ବାରା ଗ୍ରାମର ଗ୍ରାମବାସୀ କାଦୁଅ ରାସ୍ତାରେ ଧାନ ତଳି ରୋଇ ଅଭିନବ ଭାବେ ପ୍ରତିବାଦ କରିଛନ୍ତି । ଗ୍ରାମର ଗୁଣ୍ଡାଲଗୁଡା ସାହିକୁ ସଂଯୋଗ କରୁଥିବା ରାସ୍ତା ବର୍ଷା ଦିନେ ଅତ୍ୟନ୍ତ ଶୋଚନୀୟ ହୋଇପଡୁଛି । ଫଳରେ ଦୁଇଚକିଆ ଯାନ ଚଳାଚଳ ମଧ୍ୟ ସମ୍ଭବ ହେଉନାହିଁ । ଗୁରୁତର ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ଦୀର୍ଘ ଦୂରତା ଅତିକ୍ରମ କରି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଂଚାଇବାକୁ ପଡୁଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସରପଂଚ, ସମିତି ସଭ୍ୟ, ପଂଚାୟତ କର୍ମଚାରୀ, ବିଡିଓ ଓ ଜିଲ୍ଲାପାଳଙ୍କ ଜନଶୁଣାଣିରେ ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ଏହାର ପ୍ରତିବାଦରେ ଗ୍ରାମବାସୀ ରାସ୍ତାରେ ଧାନ ତଳି ରୋଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ୨୦୨୭ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ଜୟପୁରରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୋଧରେ ମୁଖ୍ୟସଚିବ ଓ ଡିଜିପିଙ୍କୁ ସ୍ମାରକପତ୍ର

ଜୟପୁର: କୋରାପୁଟ ଜିଲ୍ଲାର ପଞ୍ଚମ ଅନୁସୂଚୀ ଅଞ୍ଚଳରେ ଆଇନ ଓ ଶୃଙ୍ଖଳାର ଏକ ଚିନ୍ତାଜନକ ବିପର୍ଯ୍ୟସ୍ତତା, ଦିନ ଦ୍ୱିପ୍ରହରରେ ଡକାୟତି, ନିଶାଦ୍ରବ୍ୟ ସେବନ ଏବଂ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) ନିର୍ଦ୍ଦେଶାବଳୀର ଅବମାନନାକୁ ନେଇ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଏକ ଆନୁଷ୍ଠାନିକ ପ୍ରୋ ବୋନୋ ପବ୍ଲିକୋ ଅଭିଯୋଗ ଆବେଦନ ଦାଖଲ କରାଯାଇଛି । ଅଭିଯୋଗର ମୁଖ୍ୟ ବିଷୟବସ୍ତୁ ରହିଛି ଦିବସରେ ଡକାୟତି ଏବଂ ଚୋରିରେ ବୃଦ୍ଧି: ସଶସ୍ତ୍ର ଚୋରି ଏବଂ ଦିବାଲୋକରେ ଲୁଟପାଟ ଘଟଣା - ଯାହା ଅଗଷ୍ଟ ୨୫, ୨୦୨୬ ରେ ଜୟପୁର ସଦର ବସ୍ ଷ୍ଟାଣ୍ଡ ନିକଟରେ ଛୁରୀ ଦେଖାଇବା ସହିତ - ନାଗରିକଙ୍କ ମଧ୍ୟରେ ବ୍ୟାପକ ଭୟ ସୃଷ୍ଟି କରିଛି କ୍ଷ ଖୋଲା ନିଶାଦ୍ରବ୍ୟ ବାଣିଜ୍ୟ ଏବଂ ସାର୍ବଜନୀନ ଧମକ: ଶ୍ରୀରାମ ନଗର ମହାବୀର ଲେନ୍ ଭଳି ଆବାସିକ ଅଞ୍ଚଳଗୁଡ଼ିକ ପ୍ରାୟ ଦଣ୍ଡମୁକ୍ତ ଭାବରେ କାର୍ଯ୍ୟ କରୁଥିବା ସଂଗଠିତ ନିଶା ନେଟୱାର୍କଗୁଡ଼ିକ ଦ୍ୱାରା ନିରନ୍ତର ହଇରାଣ, ମୌଖିକ ଅପବ୍ୟବହାର ଏବଂ ମୃତ୍ୟୁ ଧମକର ସମ୍ମୁଖୀନ ହେଉଛନ୍ତି । ବିଳମ୍ବରେ ଜରୁରୀକାଳୀନ ପ୍ରତିକ୍ରିୟା: ଗୁରୁତର ଜରୁରୀକାଳୀନ କଲ୍ ସମୟରେ ତୀବ୍ର ବ୍ୟବସ୍ଥାଗତ ଅଭାବ ଏବଂ ବିଳମ୍ବରେ ପିସିଆର୍ ଗତିଶୀଳତା ନାଗରିକମାନଙ୍କୁ ଦୁର୍ବଳ କରିଦିଏ । ଏନଏଚଆରସି ନିର୍ଦ୍ଦେଶର ଇଚ୍ଛାକୃତ ଅବମାନନା (କେସ୍ ନମ୍ବର ୫୧୨/୧୮/୮/୨୦୨୬): ୧୮ ଜୁନ୍, ୨୦୨୬ ରେ ଏନଏଚଆରସି ଦ୍ୱାରା ଜାରି କରାଯାଇଥିବା ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ, ରାଜ୍ୟ ସରକାର ଜୟପୁର ଟାଉନ୍, ସଦର ଏବଂ ମହିଳା ପୋଲିସ ଷ୍ଟେସନରେ ଗୁରୁତର ପୋଲିସ ପଦବୀ, ଭିତ୍ତିଭୂମି ଅଭାବ ଏବଂ ଅପର୍ଯ୍ୟାପ୍ତ କର୍ମଚାରୀ ନିୟୋଜନକୁ ସମାଧାନ କରିବାରେ ବିଫଳ ହୋଇଛନ୍ତି । ଏନେଇ ସରକାରଙ୍କ ସମ୍ମୁଖରେ ତୁରନ୍ତ ଦାବି ରହିଛି ତତ୍କାଳିକ ବଳ ନିୟୋଜନ: ବ୍ୟବସ୍ଥିତ ଖାଲି ପଦବୀ ପୂରଣ ଏବଂ ଅତିରିକ୍ତ କର୍ମଚାରୀ ସହିତ ଜୟପୁର ଟାଉନ୍, ସଦର ଏବଂ ମହିଳା ପୋଲିସ ଷ୍ଟେସନକୁ ସୁଦୃଢ଼ କରିବା । ନିଶା ନିବାରଣ ଅଭିଯାନ: ଆବାସିକ ଅଞ୍ଚଳରେ ଖୋଲା ନିଶା କାରବାରକୁ ଦୂର କରିବା ପାଇଁ କେନ୍ଦ୍ରିତ ରାତ୍ରିକାଳୀନ କମ୍ବିଂ ଅପରେସନ୍ କରିବାକୁ କୋରାପୁଟ ପୋଲିସକୁ ନିର୍ଦ୍ଦେଶ ଦେବା, କଠୋର ପ୍ରଭାତ ଏବଂ ରାତି ପାଟ୍ରୋଲିଂ: ପରିବହନ କେନ୍ଦ୍ର ଏବଂ ଦୁର୍ବଳ ପଡ଼ୋଶୀଗୁଡ଼ିକରେ ରାତି ୧୦:୦୦ ରୁ ସକାଳ ୪:୦୦ ଏବଂ ସକାଳ ୪:୦୦ ରୁ ସକାଳ ୭:୦୦ ମଧ୍ୟରେ ସକ୍ରିୟ ବ୍ୟାରିକେଡ୍ ଏବଂ ପାଟ୍ରୋଲିଂକୁ ତୀବ୍ର କରନ୍ତୁ । ବାଧ୍ୟତାମୂଳକ ଏନଏଚ ଆର ସି ଅନୁପାଳନ: ଜାତୀୟ ମାନବାଧିକାର କମିଶନଙ୍କ ସମ୍ମୁଖରେ ତୁରନ୍ତ ବାଧ୍ୟତାମୂଳକ ସ୍ୱଚ୍ଛତା ଏବଂ ଭିତ୍ତିଭୂମି ଅନୁପାଳନ ରିପୋର୍ଟ ଦାଖଲ କରନ୍ତୁ । କରଦାତାମାନେ ଏବେ ସୁରକ୍ଷା ଏବଂ ଦାୟିତ୍ୱ ଦାବି କରନ୍ତି !' ନାଗରିକଙ୍କ ଜୀବନ, ସମ୍ପତ୍ତି ଏବଂ ମର୍ଯ୍ୟାଦାକୁ ସୁରକ୍ଷା ଦେବାରେ କ୍ରମାଗତ ବିଫଳତା ଭାରତୀୟ ସମ୍ବିଧାନର ଧାରା ୨୧ ଅନୁଯାୟୀ ସୁନିଶ୍ଚିତ ମୌଳିକ ଅଧିକାରକୁ ଉଲ୍ଲଂଘନ କରେ । ତୁରନ୍ତ ପ୍ରଶାସନିକ ହସ୍ତକ୍ଷେପ ଆବଶ୍ୟକ ବୋଲି ଆଇନଜୀବୀ ଅନୁପ କୁମାର ପାତ୍ର ଦାବି କରିଛନ୍ତି ।

*ଠିକ ନେତୃତ୍ୱ ନିଜର ସାଧନ ନିଜେ ପ୍ରସ୍ତୁତ କରେ ଓ ନିଜର ଗୋଷ୍ଠୀକୁ ସଂଗଠିତ କରି ଗଢ଼େ । ମାତ୍ର ଭୁଲ୍ ନେତୃତ୍ୱ ସବୁବେଳେ ନିଜର ସାଧନାକୁ ଦୋଷ ଦେଇ ଚାଲେ ଓ ନିଜ ଗୋଷ୍ଠୀକୁ ବିଭକ୍ତ ଓ ଅସଂଲଗ୍ନ କରିଦିଏ ।*

**(ଗାଁ ମଜଲିସ୍, ୭ମ ଖଣ୍ଡ, ପୃଷ୍ଠା-୧୮)**

**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର

ତା ୩୦।୦୮ ।୨୦୨୬ ■ ରବିବାର

# ନେପାଳରେ ବନ୍ୟାବିପ୍ଳାତ

ତିବ୍ବତ-ନେପାଳ ସୀମାନ୍ତ ଅଞ୍ଚଳରେ ଅଚାନକ ବନ୍ୟାବିପ୍ଳାତ ଘଟିବା ଫଳରେ ଯେପ୍ରକାର ଧନଜୀବନ ହାନି ଘଟିଛି ତାହା ଅତ୍ୟନ୍ତ ଦୁଃଖାବହ । ସମସ୍ତ ଏଜେନ୍ସୀ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଲାଗିଛନ୍ତି, କିନ୍ତୁ ଏ ବିପତ୍ତି କେତେ ଭୟାନକ, ତାହାର ନିଶ୍ଚିତ ଆକଳନ କରିବା ଲାଗି କିଛି ସମୟ ଲାଗିପାରେ । ବୁଧବାର ସକାଳେ ଅଚାନକ ଜଳପ୍ରଳୟ ଘଟିବାରୁ ଅନେକ ଲୋକ କାଳଗର୍ଭରେ ଲୀନ ହୋଇଗଲେ, ବହୁ ସଂଖ୍ୟକ ଲୋକ ଏଯାଏ ନିଖୋଜ ଅଛନ୍ତି । ପ୍ରବଳ ବେଗରେ ଜଳ ମାଡ଼ିଆସିବାରୁ ତା'ର ମାର୍ଗରେ ଯାହା କିଛି ପଡ଼ିଲା ତାହା ସ୍ୱାହା ହୋଇଗଲା । ସହସ୍ରାଧିକ ଲୋକ ନିଖୋଜ ହୋଇଯାଇଛନ୍ତି, ଯାହାଙ୍କ ମଧ୍ୟରେ ଅନ୍ୟ ଦେଶର ଲୋକେ ଥିବା ସହ ବହୁ ଭାରତୀୟ ମଧ୍ୟ ଅଛନ୍ତି । ଏ ଜଳପ୍ଲାବନ ତିବ୍ବତରେ ଥିବା ଅନେକ ଗ୍ରାମ ଓ କେତେକ ବିକାଶ ଯୋଜନା ପ୍ରକଳ୍ପକୁ ମଧ୍ୟ ବହିନେଇଛି । ନେପାଳ ଅବଶ୍ୟ ଉଭୟ ଭାରତ ଓ ଚୀନଠାରୁ ସହାୟତା ଲୋଡ଼ିଛି ଓ ପୀଡ଼ିତଙ୍କୁ ସବୁପ୍ରକାରର ସହାୟତା ପ୍ରଦାନ କରାଯିବା ଦରକାର । ଭାରତର ପ୍ରଧାନମନ୍ତ୍ରୀ ମଧ୍ୟ ନେପାଳ ପ୍ରଧାନମନ୍ତ୍ରୀଙ୍କ ସହ କଥାବାର୍ତ୍ତା କରି ସବୁପ୍ରକାରର ସହାୟତା ପହଞ୍ଚାଇବା ଲାଗି ଆଶ୍ୱାସନା ଦେଇଛନ୍ତି । ଖବରରୁ ପ୍ରକାଶ ଯେ ତିବ୍ବତରେ ଏକ ଗ୍ଲାସିୟର ଭୁଶୁଡ଼ିପଡ଼ିବା ଫଳରେ ଏପ୍ରକାର ବନ୍ୟା ବିପତ୍ତି ଅକସ୍ମାତ ଘଟିଛି ।

ଅବଶ୍ୟ ବଡ଼ଧରଣର ଭୂସ୍ଖଳନ ଫଳରେ ତିବ୍ବତର ଗ୍ଲାସିୟର ଭୁଶୁଡ଼ିବା ଯୋଗୁଁ ସେଠାରେ ମଧ୍ୟ ଧନଜୀବନ ହାନି ହୋଇଥିବ । ନେପାଳର ଭୋଟକୋଶୀ ନଦୀରେ ଆସିଥିବା ବନ୍ୟା ଫଳରେ ନେପାଳର ନ୍ୱାକୋଟ ଓ ଧାଡ଼ିଙ୍ଗ ଜିଲ୍ଲାରେ ଅନେକ ଲୋକ ଭାସିଯାଇଛନ୍ତି । ଏବେ ସଂପୂର୍ଣ୍ଣ ତଥ୍ୟ ନେପାଳ ପ୍ରଦାନ କରିବା ଅବସ୍ଥାରେ ନାହିଁ କେତେ ଗ୍ରାମ ଭାସିଯାଇଛି । ପ୍ରାୟ ୫୦,୦୦୦ ଜନସଂଖ୍ୟା ବିଶିଷ୍ଟ ପାହାଡ଼ିଆ ଜିଲ୍ଲା ରସୁବାର ବନ୍ୟା ପ୍ରଭାବିତ ଅଞ୍ଚଳ, ସ୍ୟାପ୍ରୁ ବେସୀ ଓ ତିମୂରେରେ ଜଳର ସ୍ତର ଏତେ ଅଧିକ ଥିଲା ଯେ ଉଦ୍ଧାର ପାଇଁ ହେଲିକପ୍ଟର ମଧ୍ୟ କେଉଁଠାରେ ଓହ୍ଲାଇ ପାରିନାହିଁ । ଇଆଡ଼େ, ନେପାଳରୁ ଆସୁଥିବା ବନ୍ୟାଜଳ ଯୋଗୁଁ ବିହାରରେ ମଧ୍ୟ, ବିଶେଷକରି ଗଣ୍ଡକ ନଦୀରେ ବନ୍ୟା ଆଶଙ୍କା ଦେଖି ରାଜ୍ୟ ସରକାର ସତର୍କ ହୋଇ ଯାଇଛି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ସହ କଥାବାର୍ତ୍ତା କରି ପୂରାମାତ୍ରାରେ ସତର୍କତା ଅବଲମ୍ବନ କରିବାକୁ ଚେତାଇ ଦେଇଛନ୍ତି । ବିହାରରେ ଯେଉଁଠାରେ ଆବଶ୍ୟକ, ସେଠି ବନ୍ଧ ଫାଟକ ଖୋଲିଦିଆଯିବ, ଯାହା ଦ୍ୱାରା କେଉଁଠି ଯେପରି ଧନଜୀବନ ହାନି ହେବନାହିଁ କି କେଉଁଠାରେ ବନ୍ୟା ବିପତ୍ତି ସୃଷ୍ଟି ହେବ ନାହିଁ ।

ଅଚାନକ ବନ୍ୟାର ନିଶ୍ଚିତ କାରଣ ଏଯାଏ ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ ଓ ଚୀନଠାରୁ ଜବାବ ପାଇବା ଲାଗି ନେପାଳ ଅପେକ୍ଷା କରିଛି । ପରିତାପର ବିଷୟ ଯେ, ଗତବର୍ଷ ମଧ୍ୟ ଏକ ଗ୍ଲାସିୟର ଭୁଶୁଡ଼ିଯିବା ଫଳରେ ନେପାଳରେ ପ୍ରବଳ ବନ୍ୟାର ପ୍ରକୋପ ସହିବାକୁ ପଡ଼ିଥିଲା ଓ ଏବର୍ଷ ମଧ୍ୟ ନେପାଳକୁ ପୂର୍ବରୁ ସତର୍କ କରାଯାଇନଥିଲା । କୁହାଯାଉଛି ବନ୍ୟା ସଂପର୍କରେ ତଥ୍ୟ ଯଦି ନେପାଳକୁ ମାତ୍ର ୪୫ ମିନିଟ ପୂର୍ବରୁ ଦିଆଯାଇଥାଆନ୍ତା, ତେବେ ଅନେକ ଧନଜୀବନ ରକ୍ଷା କରାହୋଇପାରିଥା'ନ୍ତା । ଚୀନ ପ୍ରତି ତେଣୁ ନେପାଳରେ ରୋଷ ପ୍ରବଳ ସୃଷ୍ଟି ହୋଇଛି । ଟେକ୍ନୋଲୋଜି ଦୃଷ୍ଟିରୁ ଚୀନ ଯଥେଷ୍ଟ ଆଧୁନିକ ସ୍ତରକୁ ଗଲାଣି, ତଥାପି ଏପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ମାମଲାରେ ଯଦି ନେପାଳକୁ ସମୟାନୁସାରେ ସଚେତ କରାଯାଇ ପାରିଲା ନାହିଁ ତେବେ ସେ ଜ୍ଞାନ କେଉଁ କାମକୁ ? ପରିବେଶକୁ ନିଜ ଅନୁସାରେ ନିୟନ୍ତ୍ରଣ କରିବା ଲାଗି ଚୀନ ହିମାଳୟରେ ଉଦ୍ୟମ କରୁଛି । ଉଚ୍ଚ ଜାଗାମାନଙ୍କରେ ବଡ଼ବଡ଼ ବନ୍ଧ ନିର୍ମାଣ କରିଛି । ଅବଶ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ପୂରାମାତ୍ରାରେ ରୋକାଯାଇପାରିବ ନାହିଁ ସତ କିନ୍ତୁ ଚେତାବନୀ ବ୍ୟବସ୍ଥାକୁ ସୁଦୃଢ଼ କରିବା ଜରୁରୀ । ଚୀନ ସମେତ ଦକ୍ଷିଣ ଏସିଆର ସବୁ ଦେଶ ପ୍ରାକୃତିକ ବିପର୍ଯ୍ୟୟ ନେଇ ତତ୍କାଳ ସୂଚନା ପ୍ରଦାନ କରିବା ଲାଗି ବ୍ୟବସ୍ଥା ଗ୍ରହଣ କରିବା ଦରକାର । ❐❐

# ଆଚରଣ ଓ ଉଚ୍ଚାରଣ

କ୍ଷମା ମାନବ ଜୀବନର ଶିରୋମଣି ସଦୃଶ। ଏହା ସବୁଗୁଣ ମଧ୍ୟରେ ଶ୍ରେଷ୍ଠ। କ୍ଷମା ଗୁଣ ପାଇଁ ଜାତି, ଧର୍ମ, ବର୍ଣ୍ଣ ଆଦିର କିଛି ଭେଦ ବିଚାର ନାହିଁ। ଏହାର ଉତ୍ପତ୍ତି ପ୍ରେମରୁ। ଯେଉଁ ବ୍ୟକ୍ତି କ୍ଷମାଶୀଳ ସେ ସଂସାରର ଯେ କୌଣସି ବଡ଼ କାମ ସାଧନ କରି ପାରିବ। ଚନ୍ଦନକାଠ ଯେପରି ଘଷା ହେଲେ ମଧ୍ୟ ସୁଗନ୍ଧ ବିତରଣ କରେ, ମଲ୍ଲୀ ଫୁଲ ଝଡ଼ି ଗଲାବେଳେ ମଧ୍ୟ ମହକ ଖେଳାଇ ଦିଏ, ସାଧୁ ଲୋକ ସେହିପରି ଦୁଃଖରେ କଷ୍ଟରେ ଜୀବନ ବିତାଉ ଥିଲାବେଳେ ମଧ୍ୟ ନିଜର ସାଧୁତା ଓ କ୍ଷମାଗୁଣ ପ୍ରଦର୍ଶନ କରିଥାଏ। ଫଳ ଖାଇବାକୁ ହେଲେ ଗଛକୁ ରକ୍ଷା କରିବାକୁ ହେବ। ଗଛର ଡାଳପତ୍ର ସହ ଫଳର ପ୍ରତ୍ୟକ୍ଷ ସମ୍ପର୍କ ନଥିଲେ ମଧ୍ୟ ଫଳ ନିମନ୍ତେ ଏହାକୁ ରକ୍ଷା କରିବାକୁ ହେବ।

ସେହିପରି ଯେଉଁମାନେ ଜ୍ଞାନ ଫଳ ଚାହାନ୍ତି ସେମାନଙ୍କୁ ତପ, ଧ୍ୟାନ, ଭଜନର ଗଛକୁ ପରିପାଳନ କରିବାକୁ ହେବ। ଏହା କଲେ ଯାଇ ମଣିଷ ନିଜର ମଣିଷ ପଣିଆ ଉପଲବ୍ଧି କରିପାରିବ। ଭୌତିକ ହେଉ ବା ଆଧ୍ୟାତ୍ମିକ ହେଉ, ଯେକୌଣସି କର୍ମ କରିବାକୁ ହେଲେ ଦୃଢ଼ ପ୍ରଯତ୍ନ ଦରକାର। ପ୍ରଯତ୍ନ ବିନା କିଛି ହେଲେ ସଫଳ ହେବନାହିଁ। ସାଧନାରେ ପ୍ରଥମେ ହତାଶା ଆସିପାରେ, ବିଫଳତା ଆସିପାରେ, ମାତ୍ର ସାଧନା ପରିତ୍ୟାଗ କରିନା। ସାଇକେଲ ଚଢ଼ା ଶିଖିଲା ବେଳେ ପ୍ରଥମେ ପ୍ରଥମେ ତଳେ ପଡ଼ି ଆହତ ହେବାର ସମ୍ଭାବନା ଥାଏ। ମାତ୍ର କ୍ରମେ ସାଇକେଲ ଚଢ଼ା ଶିଖିଗଲେ ହାତ ଛାଡ଼ି ମଧ୍ୟ ସାଇକେଲ ଚଳାଇ ହୁଏ। ସାଧନା ଅଭ୍ୟାସ କଲେ ଯାଇ ଜ୍ଞାନର ଫଳ ମିଳିବ। ସେଥିପାଇଁ ପ୍ରଯତ୍ନ ଆରମ୍ଭ କରିବାକୁ ହେବ।

ଅଭ୍ୟାସ ବଳରେ ସଂସାରରେ ଅନେକ କାମ କରାଯାଇ ପାରିବ। ପ୍ରଯତ୍ନ କଲେ ପିମ୍ପୁଡ଼ି ମଧ୍ୟ ଅନେକ ବାଟ ଚାଲିପାରେ, ଉଦ୍ୟମ ନ କଲେ ଚିଲ ଫୁଟେ ବି ଉଡି ପାରିବ ନାହିଁ। ଏଣୁ ଫଳ କର୍ମ ଦ୍ୱାରା ହିଁ ନିର୍ଦ୍ଧାରିତ ହୋଇଥାଏ। ସତକର୍ମ ନିମନ୍ତେ ସତସଙ୍ଗ ଦରକାର। ସତସଙ୍ଗର ପବିତ୍ରତା ଅନୁଭବ ଦ୍ୱାରା ବୁଝି ହେବ, ମୁହଁର କଥାରୁ ନୁହେଁ। ସଙ୍ଗ ଫଳ ତୁମକୁ ଗୌରବର ଶିଖରରେ ପହଞ୍ଚାଇ ଦେଇପାରେ କିମ୍ବା ବିନାଶର ଗଭୀରତାରେ ନିକ୍ଷେପ କରି ଦେଇପାରେ। ଧୂଳି ପବନ ସଙ୍ଗ ଲାଭ କରି ଆକାଶକୁ ଉଠିଯାଏ, ମାତ୍ର ଜଳର ସଙ୍ଗ ଲାଭ କଲେ କାଦୁଅ ହୋଇ ତଳେ ବସିଯାଏ। ଧୂଳିର ଚାଲିବାକୁ ଗୋଡ ନାହିଁ ବା ଉଡିବାକୁ ଡେଣା ନାହିଁ। ଉପରକୁ ଉଠିବାକୁ ବା ତଳକୁ ଖସିବାକୁ ଦାୟୀ ସଙ୍ଗ। ଯିଏ ଆମର ଉପକାର କରେ, ତାର ଅପକାର କରିବା, ଯିଏ ଆମକୁ ଭଲ ପାଏ ତାକୁ ଘୃଣା କରିବା ରାକ୍ଷସ ସ୍ୱଭାବ। ଯିଏ ଆମକୁ ଭଲ ପାଏ ତାକୁ ଭଲ ପାଇବା ମନୁଷ୍ୟ ସ୍ୱଭାବ, ମାତ୍ର ଯିଏ ଆମର ଅପକାର କରେ ତାର ଉପକାର କରିବା, ଯିଏ ଘୃଣା କରେ ତାକୁ ପ୍ରେମ କରିବା, ଦୈବୀ ସ୍ୱଭାବ। ପରମାତ୍ମାଙ୍କ ସ୍ୱଭାବ କେବଳ ପ୍ରେମ। ପ୍ରେମ ଓ କ୍ଷମା ସମାନ। ଏଣୁ ପ୍ରେମ ଓ କ୍ଷମା ମଧ୍ୟରେ ଅଭିନ୍ନ ଭାବ ସମ୍ବନ୍ଧ ବିଦ୍ୟମାନ। ଶାନ୍ତ ଭାବ ଗୋଟିଏ ଭଲ ଗୁଣ।

ଭବାଶିଷ ଦାସ, କଟକ

# ରାଜନୀତିରେ ଭାଷାର ମର୍ଯ୍ୟାଦା ରହୁ

**ଧ୍ୱନିପ୍ରତିଧ୍ୱନି**

**ଭର୍ତ୍ତୃହରି ମହତାବ**



ଦେଶର ପବ୍ଲିକ ଲାଇଫ୍ ବା ସାଧାରଣ ଜୀବନ ଏ ସମୟରେ ଏକ ଗଭୀର ଅନ୍ତର୍ବିରୋଧ ମଧ୍ୟଦେଇ ଗତି କରୁଛି । ଏକପକ୍ଷରେ ଦୋ ସୁଶାସନ, ନୀତିଗତ ସଂସ୍କାର ଓ ବିକାଶର ନୂଆ ପ୍ରାଥମିକତା ସବୁକୁ ନେଇ ଆଗକୁ ବଢ଼ି ଚାଲିଛି । ଅନ୍ୟପକ୍ଷରେ ରାଜନୈତିକ ବ୍ୟବହାର ଅତ୍ୟନ୍ତ ଆକ୍ରମଣାତ୍ମକ ଓ ଅସଂସଦୀୟ ପ୍ରବୃତ୍ତି ତୀବ୍ରଗତିରେ ବୃଦ୍ଧି ପାଇଚାଲିଛି । ଗଣତନ୍ତ୍ରରେ ବିରୋଧ କରିବା ହେଉଛି ସାମ୍ବିଧାନିକ ଅଧିକାର, କିନ୍ତୁ ଯେବେ ବିରୋଧର ଭାଷାରୁ ଶିଷ୍ଟତା ଲୋପ ପାଇଯାଏ । ସେତେବେଳେ ନୀତିଗତ ବିତର୍କ ସ୍ଥାନରେ କେବଳ ବ୍ୟକ୍ତିଗତ କଟୁଭାଷା ହିଁ ପ୍ରକଟିତ ହୋଇଥାଏ । ଏହା ଉଭୟ ଶାସକ ଓ ବିପକ୍ଷ ଉଭୟଙ୍କ କ୍ଷେତ୍ରରେ ସମାନ ଭାବେ ଲାଗୁ ହେବ । ରାଜନୈତିକ ଭାଷା ବିଚାର ଅଭିବ୍ୟକ୍ତିର ମାଧ୍ୟମ ନୁହେଁ । ତାହା ସମାଜର ଶାସନ ସଂସ୍କୃତି ଓ ନାଗରିକ ଚେତନା ମଧ୍ୟ ନିର୍ମାଣ କରିଥାଏ । ରାଜନୈତିକ ଚର୍ଚ୍ଚା ସ୍ଥିର କରିଥାଏ ସମାଜରେ ଅସହମତିର ସ୍ୱରୂପ କିପରି ହେବ । ଯଦି ଅପମାନ ଓ ଅସତ୍ୟ ଆରୋପ ହିଁ ବିମର୍ଶର ମୁଖ୍ୟ ମାଧ୍ୟମ ହୋଇଯାଏ, ତେବେ ତଥ୍ୟନିଷ୍ଠ ଓ ଗମ୍ଭୀର ଭାଷା ଦୂରେଇ ଯାଇଥାଏ । ଯେବେ ଶୀର୍ଷ ନେତୃତ୍ୱର ଭାଷା ସଂଯମିତ ହୋଇଯାଏ, ସେତେବେଳେ ସମାଜରେ ବିମର୍ଶର ସ୍ତର ପରିପକ୍ୱ ହୁଏ । ଯଦି ଭାଷାର ସ୍ତର ନିମ୍ନଗାମୀ ହୁଏ ତେବେ ତାହାର ସିଧା ପ୍ରଭାବ ସାମାଜିକ ସଦ୍‌ଭାବ ଉପରେ ପଡ଼ିଥାଏ ।

ଏବେ ସାଧାରଣ ଜୀବନର ସଂକଟ ହେଉଛି ରାଜନୀତିରେ ନୀତିଗତ ବିରୋଧ ଓ ବ୍ୟକ୍ତିଗତ ଆକ୍ଷେପ ମଧ୍ୟରେ ବ୍ୟବଧାନ ଲିଭିଯାଉଛି । ଅସହମତି ହେଉଛି ଗଣତନ୍ତ୍ରର ଶକ୍ତି, କିନ୍ତୁ ଜନାଦେଶକୁ ସମ୍ମାନ ନ କରିବା ଦ୍ୱାରା ଗଣତାନ୍ତ୍ରିକ ବିବେକକୁ ଦୁର୍ବଳ କରିଦିଆଯାଉଛି । ବିରୋଧୀ ଦଳ ହେଉଛି ଶାସନର ବିକଳ୍ପ ଦାବିଦାର । ବ୍ୟବସ୍ଥାର ଶତ୍ରୁ ନୁହେଁ । ରାଜନୈତିକ କଟୁତାର ସବୁଠାରୁ ଗୁରୁତର ପରିଣାମ ହୁଏ ଯେବେ ରାଜନୈତିକ ବିରୋଧୀକୁ ବିରୋଧୀ ଭାବେ ନ ମାନି ଶତ୍ରୁ ମାନିନିଆଯାଏ, ଗଣତନ୍ତ୍ରରେ ଶାସକ ଓ ବିରୋଧୀ, ଉଭୟ ପରସ୍ପରର ରାଜନୈତିକ ବୈଧତା ସ୍ୱୀକାର କରିଥାଆନ୍ତି । ଯେବେ ଏହି ସ୍ୱୀକାର୍ଯ୍ୟତା ଦୁର୍ବଳ ପଡ଼ିଯାଏ, ସେତେବେଳେ ପ୍ରତ୍ୟେକ ଅସହମତି ଦେଶହିତ ଓ ଦେଶବିରୋଧର ଦ୍ୱନ୍ଦ୍ୱରେ ପରିବର୍ତ୍ତିତ ହେବାକୁ ଲାଗେ । ତା'ପରେ କଥାବାର୍ତ୍ତାର ଉଦ୍ଦେଶ୍ୟ ପରସ୍ପରକୁ ବୁଝାଇବା ଲାଗି ନୁହେଁ, ତାହାକୁ ଖାରଜ କରିବାରେ ଲାଗିଯାଏ । ଏପ୍ରକାର ରାଜନୀତିରେ ବୁଝାମଣା ସମସ୍ତଙ୍କୁ ଦୁର୍ବଳତା ଭଳି ପ୍ରତୀତ ହୁଏ ଓ ମତଭେଦକୁ ସ୍ଥାନ ଦେବା ରାଜନୈତିକ ଅପରାଧ ଭଳି ପ୍ରତୀତ ହୋଇଥାଏ ।

ଯେବେ ରାଷ୍ଟ୍ରୀୟ ସ୍ତରର କୌଣସି ନେତା ସାଧାରଣ ସଭାମଞ୍ଚରେ ଅମର୍ଯ୍ୟାଦାପୂର୍ଣ୍ଣ ଭାଷା ପ୍ରୟୋଗ କରେ, ସେତେବେଳେ ସେ ଦଳର କର୍ମୀ ଓ ନେତା ତଥା ସମର୍ଥକମାନେ ମଧ୍ୟ ସେଇ ଭାଷାକୁ ବ୍ୟବହାର କରିଥାଆନ୍ତି । ଏପ୍ରକାର ମଞ୍ଚମାନଙ୍କରୁ ଆରମ୍ଭ ହୋଇଥିବା ଭାଷାଗତ ପ୍ରଦୂଷଣ ଧୀରେଧୀରେ ସମୁଚିତ ସାମାଜିକ ପରିବେଶକୁ ପ୍ରଭାବିତ କରିଥାଏ । ନେତାଗଣଙ୍କୁ ମନେ ରଖିବାକୁ ହେବ ଯେ ସେମାନେ ସମାଜର ସାଧାରଣ ଜୀବନର ଆଚରଣ ପ୍ରସ୍ତୁତ କରିଥାଆନ୍ତି । ସରକାରଙ୍କ ନୀତି ଉପରେ କଠୋର ପ୍ରଶ୍ନ କରିବା ହେଉଛି ଗଣତନ୍ତ୍ରର ଆବଶ୍ୟକତା, କିନ୍ତୁ ପ୍ରଶ୍ନ ଯଦି ବିନା ସାକ୍ଷ୍ୟପ୍ରମାଣରେ କେବଳ ଆରୋପ କରାଯାଏ ତେବେ ତାହାକୁ ଆଦୌ ଉଚିତ ବୋଲି କୁହାଯାଇ ପାରିବ ନାହିଁ । ନିର୍ବାଚନ ପ୍ରକ୍ରିୟା, ସାମ୍ବିଧାନିକ ସଂସ୍ଥା କି ସରକାରଙ୍କ ଉଦ୍ଦେଶ୍ୟ ଉପରେ ଗମ୍ଭୀର ଆରୋପ କେବଳ ରାଜନୈତିକ ମଞ୍ଚମାନଙ୍କରେ ଦୋହରାଇଲେ ତାହା ପ୍ରମାଣିତ ହୋଇଯାଏ ନାହିଁ । ଯେତେ ଗୁରୁତର ଅଭିଯୋଗ ହେବ, ସେତେ ଠୋସ୍ ତାହାର ପ୍ରମାଣ ଦିଆଯିବା ଆବଶ୍ୟକ । ପ୍ରତ୍ୟେକ ସରକାରୀ ନିର୍ଣ୍ଣୟକୁ ବିଫଳ, ସବୁ ବିବାଦକୁ ସଂକଟ ଓ ପ୍ରତ୍ୟେକ ରାଜନୈତିକ ଅସହମତିକୁ ଷଡ଼ଯନ୍ତ୍ର ବୋଲି କୁହାଗଲେ ଲୋକେ ଏସବୁ ଶବ୍ଦ ପ୍ରତି ଉଦାସୀନ ହୋଇଯିବେ । ଏପରି ହେଲେ ବାସ୍ତବ ସମସ୍ୟା ମଧ୍ୟ ତା'ରି ଭିତରେ ଦବିକରି ରହିଯିବ । ଗଣତନ୍ତ୍ରରେ ପ୍ରଭାବଶାଳୀ ବିପକ୍ଷ ତାହା ନୁହେଁ ଯିଏ ସବୁବେଳେ ଉଚ୍ଚସ୍ୱରରେ କୁହେ, ବରଂ ଯାହାକୁ ଶୁଣି ଶାସନ ଉତ୍ତରଦେବାକୁ ବାଧ୍ୟ ହୋଇଥାଏ ଓ ଲୋକେ ତାହାକୁ ବିବେଚନା କରନ୍ତି, ତାହା ହିଁ ବାସ୍ତବରେ ପ୍ରଭାବଶାଳୀ ବିପକ୍ଷ । ଉତ୍ତେଜନାପୂର୍ଣ୍ଣ ରାଜନୈତିକ ଭାଷା ଆକ୍ରମଣ ହୋଇପାରେ, ପ୍ରଭାବଶାଳୀ ନୁହେଁ ।

ଆମ ସାଧାରଣ ଜୀବନରେ ମତଭେଦ ସତ୍ତ୍ୱେ କଥାବାର୍ତ୍ତା, ପରସ୍ପର ମଧ୍ୟରେ ଚର୍ଚ୍ଚା ହେବାର ଦୀର୍ଘ ପରମ୍ପରା ରହିଆସିଛି । ସଂସଦ କେବଳ ସଂଖ୍ୟାବଳର ମଞ୍ଚ ନୁହେଁ । ତାହା ସେ ରାଜନୈତିକ ସଂସ୍କାରର ମଧ୍ୟ ପରୀକ୍ଷା, ଯେଉଁଠି ବିପକ୍ଷର ମତକୁ ଶୁଣିବାର କ୍ଷମତା ଥାଏ । ସଂସଦରେ ଭାଷାର ମର୍ଯ୍ୟାଦାକୁ ମହତ୍ତ୍ୱ ଏଇଥିଲାଗି ଅଧିକ ଦିଆଯାଇଥାଏ ଯେ ସେଠାରେ କୁହାଯାଉଥିବା ଶବ୍ଦ ସଂସଦୀୟ ଅଭିଲେଖର ଅଂଶବିଶେଷ ହୋଇଥାଏ । ବିତର୍କର ଉଦ୍ଦେଶ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅପମାନିତ କରିବା ଲାଗି ନୁହେଁ, ନିଜର ତର୍କକୁ ସୁଦୃଢ଼ କରିବା । ଏବେତ ରାଜନୈତିକ ଭାଷଣର ଏକ ବଡ଼ ଅଂଶ ଡିଜିଟାଲ ମିଡ଼ିଆର ପ୍ରତିକ୍ରିୟା ଓ ଦୃଶ୍ୟକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଉଛି । ଉତ୍ତେଜନାପୂର୍ଣ୍ଣ ବାକ୍ୟ ଓ ଅମର୍ଯ୍ୟାଦିତ ବୟାନ ସବୁବେଳେ ତୀବ୍ରଗତିରେ ବ୍ୟାପିଯାଉଛି, ଅଥଚ ତଥ୍ୟ ଓ ସନ୍ଦର୍ଭ ପଛରେ ପଡ଼ିଯାଉଛି । 'ଭାଇରଲ ହେବା' ଓ 'ବିଶ୍ୱସନୀୟ ହେବା' ଭିତରେ ପାର୍ଥକ୍ୟ ରହିଛି । ସଂସଦରେ ସରକାରଙ୍କଠାରୁ ଉତ୍ତର ଦାବି କରିବା ଜରୁରୀ, କିନ୍ତୁ ପ୍ରତ୍ୟେକ ପ୍ରଶ୍ନର ଉଦ୍ଦେଶ୍ୟ ନୀତିକୁ ଉତ୍ତମ ପର୍ଯ୍ୟାୟକୁ ନେବା ଲାଗି ଉଦ୍ଦିଷ୍ଟ ହେବା ଦରକାର । ସରକାରଙ୍କର ମଧ୍ୟ ଦାୟିତ୍ୱ କେବଳ ସମାଲୋଚନାର ଉତ୍ତର ଦେବା ନୁହେଁ, ନିଜ ନିର୍ଣ୍ଣୟକୁ ତଥ୍ୟ ଏବଂ ପରିଣାମ ଆଧାରରେ ଉପସ୍ଥାପନ କରିବା ଆବଶ୍ୟକ । ଯଦି ରାଜନୀତିର କେନ୍ଦ୍ର ଶାସନ ଓ ନୀତି ବଦଳରେ ଲଗାତାର ଆରୋପ ଲଗାଇବା ହୋଇଯାଏ, ତେବେ ଗଣତାନ୍ତ୍ରିକ ବ୍ୟବସ୍ଥାର କ୍ଷତି ହିଁ ହୋଇଚାଲିବ ।

ଗଣତାନ୍ତ୍ରିକ ମର୍ଯ୍ୟାଦାର ରକ୍ଷା କେବଳ ନେତାମାନଙ୍କ ଭରସାରେ ଛାଡ଼ି ଦିଆଯାଇ ପାରିବ ନାହିଁ । ନାଗରିକ କିପ୍ରକାରର ରାଜନୈତିକ ଭାଷାକୁ ମହତ୍ତ୍ୱ ଦେଉଛନ୍ତି, ତାହା ଦ୍ୱାରା ମଧ୍ୟ ସାଧାରଣ ଜୀବନର ଦିଗ ନିର୍ଣ୍ଣୟ ହୋଇଥାଏ । ଲୋକଙ୍କ ବିବେକ ହିଁ ଅସଭ୍ୟ ଭାଷା ଉପରେ ସବୁଠାରୁ ବଡ଼ ଗଣତାନ୍ତ୍ରିକ ଅଙ୍କୁଶ । ରାଜନୈତିକ ଦଳମାନଙ୍କୁ ବୁଝିବା ଦରକାର ଯେ ନିର୍ବାଚନ ଆସିବ ଯିବ, ସରକାର ବଦଳିବ, କିନ୍ତୁ ରାଜନୈତିକ ସଂସ୍କାର ଦୀର୍ଘ ସମୟ ଯାଏ ରହିଥାଏ । ଭାରତକୁ ମର୍ଯ୍ୟାଦା-ଯୁକ୍ତ ବିରୋଧୀ ଦରକାର । ଆକ୍ରମକ ବ୍ୟବହାର ଗଣତାନ୍ତ୍ରିକ ରାଜନୀତିର ଉର୍ଜା ହୋଇପାରେ, କିନ୍ତୁ ଅଭଦ୍ରତା କଦାପି ତା'ର ଶକ୍ତି ହୋଇ ପାରିବ ନାହିଁ । ଶାସନ ବଦଳିପାରେ, ଦଳ ବଦଳିଯାଇପାରେ, କିନ୍ତୁ ସାଧାରଣ ଜୀବନରେ ଭାଷାର ସଂସ୍କାର ସମାଜରେ ଦୀର୍ଘ ସମୟ ଧରି ରହିଥାଏ । ତେଣୁ ରାଜନୀତିରେ ଜିତିବା ଆଗରୁ ନିଜ ଶବ୍ଦକୁ ଜିତିବା ଦରକାର । ❐❐

# ଗରିବର ପ୍ରକୃତ ବନ୍ଧୁ

**ଆର୍ତ୍ତବନ୍ଧୁ ଦାସ**

ଭାରତ ଏକ କୃଷି ପ୍ରଧାନ ଦେଶ। ଶତକଡା ୮୦ରୁ ୮୫% ଭାଗ ଲୋକ କୃଷି ଉପରେ ନିର୍ଭର କରି ଜୀବନଜୀବିକା ନିର୍ବାହ କରନ୍ତି। ଦେଶର ଆୟତନରେ ନଦନଦୀ ବଣ ଖାତଖମା ଗିରି ପାହାଡ ପର୍ବତ ହ୍ରଦପରିସୀମା ବାଦ ଦେଲା ଉତ୍ତାରୁ ଅବଶିଷ୍ଟ ଯେଉଁ ଭୂମି ରହିଲା, ସେ ସବୁଥିରେ ଯେ ଚାଷ ହେଉଛି ଏକଥା ତ ନୁହେଁ କାରଣ ଉର୍ବର -ଅନୁର୍ବର ଖାଲ-ଢିପ ଅନୁଯାୟୀ ଯେଉଁ ଜମି ସେଥିରେ ଜଳବାୟୁ ଉପଯୋଗୀ ସମୟାନୁକ୍ରମେ ନାନା କିସମର ଜାତି ଜାତିକା ଶସ୍ୟ ବୁଣି ଚାଷୀ ଉପରକୁ ମୁହଁ ଟେକି ଇନ୍ଦ୍ର ଦେବତାଙ୍କଠାରେ ଭରସା ରଖି ଅଳ୍ପେ ବହୁତେ ଯାହା ସାମାନ୍ୟ ଅଥବା ମନ ରହି ଫସଲ ଅମଳ କରେ ସେଥିରେ ଯେ ଚାଷୀର କାଳ ମେଣ୍ଟିବ କି ପେଟ ଭରିବ, ଏହା ସର୍ବାଦୌ ଅସମ୍ଭବ ।

ଗାଁ ଗଣ୍ଡା ପୁର ପଲ୍ଲୀର ମୋଟ ଜମିଆୟତନ ସର୍ବାଙ୍ଗୀନ ପୂର୍ଣ୍ଣତଃ ଚାଷୋପଯୋଗୀ ତା ତ ନୁହେଁ। ତେଣୁ ବର୍ଷର ଏକ ତୃତୀୟାଂଶ ଦିନ ଖାଦ୍ୟାବଣ୍ଟନ ଚାଷୀ କୁଳ ଭୋଗିବେ ହିଁ ଭୋଗିବେ, କାରଣ ବର୍ଷା ଉପରେ ନିର୍ଭର କରୁଥିବା ହେତୁ ମୌସୁମୀ ପ୍ରବାହ ଠିକ୍ ଠିକ୍ ହେବ ଏକଥା କିଏ କହିବ ? ଚାଷୀକୂଳ ଯେହେତୁ ମୌସୁମୀ ବର୍ଷାକୁ ଚାହିଁ ରହିଥାଏ ତେଣୁ ଦୁଃଖ କଷ୍ଟରେ କାଳାତିପାତ କରିବାକୁ ହିଁ ପଡିବ ଏଥିରେ ଦ୍ୱିଧା ନାହିଁ । ଦେଶ ସବୁକ୍ଷେତ୍ରରେ ନାନା ଉନ୍ନତି ନ କରୁଛି ଏହା ତ ନୁହେଁ । ବିଜ୍ଞାନ ପଦ୍ଧତି ଅବଲମ୍ବନ କଲେ କଣ ବା ହେବ ? ପ୍ରଧାନତଃ ଭାରତରେ କୃଷି ସର୍ବାଦୌ ମୌସୁମୀ ଉପରେ ନିର୍ଭରଶୀଳ । ଏଣୁ ଚାଷୀ କୁଳ ଖଟି ଖଟି ପେଟ ବରଂ ପିଠିକୁ ଯାଉ ହେଲେ ଦୁଃଖ ଲାଘବ ହେବ ବା କିପରି ? ଦାରିଦ୍ର୍ୟର କଷାଘାତରୁ ମୁକ୍ତି ମିଳିବ ବା କିପରି ? ଉନ୍ନତି ଅଭିମୁଖେ ଗତି କରି ଚାଲୁଥିବା ଦେଶ ଜଣେ ଦିନୁ ଦିନ ପ୍ରତିଯୋଗୀତା ମନୋବୃତ୍ତି ନେଇ ଉନ୍ନରୁ ଉନ୍ନତତର ବାସୋପଯୋଗୀ ଅତ୍ୟାଧୁନିକ ବାସଗୃହ ନାନାମତେ ନିର୍ମାଣ ଦିଗରେ ମନୋନିବେଶ କରି ନୟାନ୍ତ ହେଉଥିଲେ ହେଁ ସେ ଦିଗରୁ ମୁହଁ ଫେରାଇ ନିବୃତ୍ତ ହୋଇପାରୁନି, କାହିଁକି ନା ଜନସଂଖ୍ୟା ମାତ୍ରାତୀତ ଭାବେ ବଢି ବଢି ଚାଲିଛି ।। ଫଳତଃ ଦେଶର ଉନ୍ନତି ପଥେ ନାନା ଅବାଞ୍ଛିତ ପ୍ରତିବନ୍ଧକ ସୃଷ୍ଟି ହେବାଟା ସ୍ୱାଭାବିକ ଆଗରୁ ଆମ ଦେଶ, ରାଜ୍ୟ, ଜିଲ୍ଲା, କିଲା ଅଞ୍ଚଳରେ ଯେଉଁ ପରିମାଣରେ ଡାଳବନ ,ଶାଳବଣ, ବନ ଉଦ୍ୟାନ ଜଙ୍ଗଲ ଦୃଷ୍ଟିଗୋଚର ହେଉଥିଲେ କାଇଁ ଆଜିତ ତାର ଲେଶେ ମାତ୍ର ଦୃଷ୍ଟିରେ ପଡୁନି । ଆଗପେକ୍ଷା ବର୍ତ୍ତମାନ ଚାଷ କ୍ଷେତ୍ରରେ ବେଶ ଆଶାତୀତ ଉନ୍ନତି ନ କରିଛି ଏ କଥା ନୁହେଁ ବରଂ ପ୍ରଗତିଶୀଳ ଚାଷୀକୂଳ ପୂର୍ବାପେକ୍ଷା ଶସ୍ୟ ଉତ୍ପାଦନରେ ଉତ୍ତରୋତ୍ତର ବୃଦ୍ଧି ଘଟାଇ ଚାଲିଲେ ବି ଅଭାବ ଅନାଷ୍ଟନ କାହିଁ କତି ଛାଡିବାର ନାଁ ଧରୁନି ।

ଇନ୍ଦ୍ର ଭରସାକୁ ପଛରେ ପକାଇ ଦେଶରେ ଏବେ କେତେ ଯେ ଜଳସେଚନ ଯୋଜନା କାର୍ଯ୍ୟକାରୀ ନ ହୋଇଛି ତା ନୁହେଁ ବରଂ ଯୁଗକୁ ଚାହିଁ ପରାନୁଶରଣ ମୁଖି ଜନତା ପୂର୍ବାପେକ୍ଷା ଅଧିକରୁ ଅଧିକ ଭର ଆଳସ୍ୟ ପରାୟଣ ହୋଇ ଯାଉଛନ୍ତି ଏବଂ ବାହ୍ୟ ଚାକଚକ୍ୟରେ ବିମୁଗ୍ଧ ହୋଇ ଦାଦନ ଖଟିବାକୁ ଦେଶ ଭିଟାମାଟି ଛାଡି ବିଦେଶ ତଥା ସହରାଭିମୁଖୀ ହେବାରେ ଅବହେଳା କରୁନାହାଁନ୍ତି । ଚାଷପ୍ରତି ଅନେକେ ମୁହଁ ଫେରାଇ ବରଂ ଦୈନ୍ୟତା ଭୋଗନ୍ତୁ କିନ୍ତୁ ଆଗ୍ରହ ପ୍ରକାଶ କରୁନଥିବାରୁ ଖାଦ୍ୟାନଷ୍ଟନ ମେଣ୍ଟୁନି । ଦେଖାଯାଏ ଯେ ଚାଷୀକୂଳ ଯେତିକି ଆଧୁନିକ ପ୍ରଣାଳୀରେ ଉନ୍ନତ ଚାଷପ୍ରତି ଆକୃଷ୍ଟ ହୋଇ ପ୍ରଧାନ ଫସଲ ଧାନ ଗହମ ବିରି ମୁଗ କୋଳଥ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି କାହିଁ ସେହି ମାତ୍ରାରେ ଅତି ସଅଳ ଅମଳ ସାପେକ୍ଷ ଖାଦ୍ୟ ଶସ୍ୟ ଯେମିତି କି ସୁଆଁ, କୋଦ, କୁହୁରି, କାଙ୍ଗୁଲ,ମାଣ୍ଡିଆ କାଇଁ କେହି କରୁନାହାଁନ୍ତି । ଯାହାକି ଚାଷକଲେ ବିନା ପରିଶ୍ରମରେ ଦାହ ବିନା ଠିକ୍ ତିରୋଟିଆ ଅଭାବ ଅନାଷ୍ଟନ କାଳରେ ହିଁ ଅମଳ ହୋଇ ଗରିବ କୁଳ ଭୋକ ମେଣ୍ଟାଇ ପାରନ୍ତା । ଅଧିକାଂଶ ଜମି ଜାଗାରେ ତ କାଜୁ ଇତ୍ୟାଦି ଫଳଚାଷ ତଥା ଆଖୁଚାଷ ପ୍ରତି ଆକୃଷ୍ଟ ହୋଇ କରୁଛନ୍ତି କାହିଁକି ନା ସେ ସବୁ ଲାଭବାନ୍ ଚାଷ ଯେଉଁଥିରୁ କି ପ୍ରଚୁର ଅର୍ଥ ମିଳିବ ସତ୍ ମାତ୍ର ଏଇ ଯେଉଁ ହେୟ ତୁଚ୍ଛ ଖାଦ୍ୟଶସ୍ୟ ଯେଉଁଟା କି ପ୍ରକୃତପକ୍ଷେ ଗରିବର ଅସଲ ବନ୍ଧୁ । ତା ପ୍ରତି ଆଦର ଶ୍ରଦ୍ଧା ନଥାଉ ଏତେ ହତାଦର କାହିଁକି ? ବିଲ ପାଣିପାଟ ପର ଝାଟପାଟ ଯେଉଁ ସମୟ କି ଗରିବଚାଷୀ ମୂଲିଆ ଶ୍ରମିକଙ୍କ ପରେ ଖାଦ୍ୟଶସ୍ୟ ସମ୍ପୂର୍ଣ୍ଣ ମାତ୍ରାରେ ଶୂନ ଠିକ୍ ଏଭଳି ଘଡିସନ୍ଧି ମୁହୂର୍ତ୍ତରେ କୁହୁରି, ସୁଆଁ, କୋଦ, କାଙ୍ଗୁଲ, ମାଣ୍ଡିଆ ଯାହାକି ଘାସ ତୃଣ ଜାତୀୟ ଫସଲ ହେଲେ ବି ଅତି ତିରୋଟିଆ ଅଭାବ ଅନାଷ୍ଟନ ସମୟରେ ଚାଷୀର ସମବେଦନଶୀଳ ଦରଦୀ ବନ୍ଧୁ ଭାବେ ଆସି ଭରା ହୋଇ ସମସ୍ତ ଅନାହାର ଭୋକ କଷ୍ଟରୁ ତାରଣ କରିବାକୁ ସକ୍ଷମ ହୋଇଥାଏ । ଆଉ ଚାଷୀକୁଳ ତଥା ଗରିବ ମୂଲିଆ ଶ୍ରେଣୀର ଲୋକଙ୍କର ଦୁଃଖହାରୀ ପରମ ପ୍ରିୟ ହୀତାକାଂକ୍ଷୀ ମହତ ଉଦ୍ଦେଶ୍ୟ ସାଧନ କରୁଥିବା ପ୍ରକୃତ ବନ୍ଧୁ । କାହିଁକି ନା ଏଥି ପୂର୍ବରୁ ଏ ବର୍ଗର ପ୍ରତ୍ୟେକ ଲୋକ ଭୋକ ଓପାସରେ ସଢି ସଢି ନାନା ଦୁଃସ୍ଥିତିରେ କାଳାତିପାତ କରିକରି ନାନା ରୋଗ ବୈରାଗର ଶିକାର ବଳିଥାନ୍ତି ଏବଂ ଶ୍ରାବଣ ଶେଷଭାଗ ତଥା ଭାଦ୍ରବରେ କୌଣସି ବି ଫସଲ ଅମଳ ଯୋଗ୍ୟ ନଥିବା ସମୟେ ଏଇସବୁ ତୃଣ ଜାତୀୟ ଫସଲ ଜୀବନ ରକ୍ଷାରେ ସହାୟକ ହୋଇଥାଏ ।

ଆଗକୁ ଷଠିଆ ଶୁକା ଛୋଟ ଲଘୁଧାନ ଅମଳ ହେବାକୁ ଥାଏ ଓ ଅମଳ ପରେ ପରେ କ୍ଷୁଧା ଜର୍ଜରିତ ଗରିବ ଲୋକ ହାଇଁ ପାଇଁ ହୋଇ ଚାହିଁ ବସିଥାନ୍ତି କି ନବାନ୍ନ ରକ୍ଷଣ ପୂର୍ବକ ପେଟପୁରା ଆହାର ଖାଇ ସୁସ୍ଥ ହେବେ କଣ ? ବରଂ ନୂଆଧାନର ଭାତ ଏତେ ଯେ ଗୁରୁପାକ ହଜମ ସାପେକ୍ଷ ନୁହଁ । ଏଣୁ ପ୍ରାଣ ଘାତି ରୋଗ ବେମାର ଆଣି ମଣିଷକୁ ରୋଗାକ୍ରାନ୍ତ କରିପକାଏ ଆଉ ଏ ଯେଉଁ ଫସଲ ଦୁଃସମୟେ ଅମଳ ହୁଏ ତାହା ସର୍ବାଦୌ ଲଘୁପାକ ସହଜ ହଜମ ସାପେକ୍ଷ ଯାହା ଖାଇଲେ ଶରୀରର ସନ୍ତୁଳନ ଠିକ୍ ଭାବେ ରଖିହେବ ଏବଂ କୌଣସି ରୋଗ ବୈରାଗ ପାଖ ମାଡି ପାରିବନାହିଁ ।

ଭୁବନେଶ୍ୱର

## ସଂପାଦକଙ୍କୁ ପତ୍ର

### ନିରାପଦ ଯାତ୍ରା ପାଇଁ ସତର୍କତା ଆବଶ୍ୟକ

ମହାଶୟ,

ସୁରକ୍ଷିତ ଏବଂ ନିରାପଦ ଯାତ୍ରା କରିବା ସମସ୍ତଙ୍କର କାମ୍ୟ ହୋଇଥାଏ । ସାଧାରଣତଃ ବସଷ୍ଟାଣ୍ଡ, ରେଳ ଷ୍ଟେସନ୍, ବିମାନବନ୍ଦର, ବସ୍, ଟ୍ରେନ୍, ଆଦି କେତେକ ସ୍ଥାନରେ କିଛି ବ୍ୟକ୍ତି ସେମାନଙ୍କ ହ୍ୟାଣ୍ଡ୍ ବ୍ୟାଗ୍/ବ୍ୟାଗ୍ ପ୍ୟାକ୍ ଆଦିକୁ ନିଜ ପାଖରେ ନରଖି ପାର୍ଶ୍ୱରେ ଖାଲି ଥିବା ସିଟ୍ ଉପରେ ରଖିବା ଦୃଷ୍ଟିଗୋଚର ହୋଇଥାଏ । ଫଳସ୍ୱରୂପ, ଅନ୍ୟ ଲୋକମାନେ ଆସନ ପାଇବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଅଧିକନ୍ତୁ, ସେମାନଙ୍କ ବ୍ୟାଗରେ ଲାଗିଥିବା ଜୀବାଣୁ ସେହି ଆସନକୁ ସ୍ଥାନାନ୍ତରିତ ହେବାର ଯଥେଷ୍ଟ ସମ୍ଭାବନା ଥାଏ ଯାହା କି ପରବର୍ତ୍ତୀ ଅବସ୍ଥା ରେ ସେହି ଆସନ ରେ ବସିବା ଲୋକକୁ ସଂକ୍ରମିତ ହୋଇଥାଏ । ଆହୁରି ମଧ୍ୟ କିଛି ଯାତ୍ରୀ ସେମାନଙ୍କର ସୁଟକେସ୍/ ଲଗେଜ୍ ମାନ ଦାଗ ହୋଇଯିବା ଭୟରେ ଟ୍ରେନ୍ ସିଟ୍ ତଳେ ନ ରଖି (ଯାହାକି ରଖିବା ପାଇଁ ଉଦ୍ଦିଷ୍ଟ) ସେମାନେ ଏହାକୁ ଦୁଇଟି ଆସନର ପଥରେ ଭୂଲମ୍ବ ଅବସ୍ଥାରେ ରଖିଥାନ୍ତି । ଫଳସ୍ୱରୂପ, ଅନ୍ୟ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି । ବେଳେବେଳେ ବଚସା ହେବାର ମଧ୍ୟ ନଜିର ଅଛି । ଏହି ପରିପ୍ରେକ୍ଷୀରେ, ସମସ୍ତ ଯାତ୍ରୀ ଏଥିପ୍ରତି ଯତ୍ନବାନ ହେଲେ ନିଶ୍ଚିତ ସୁଫଳ ପ୍ରାପ୍ତ ହେବ । ପ୍ରତ୍ୟେକ ଯାତ୍ରୀ ସୁରକ୍ଷିତ ଏବଂ ସ୍ୱଚ୍ଛ ଭାବରେ ଯାତ୍ରା କରିବାର ମୌଳିକ ଅଧିକାର ଅଛି ।

ନବନୀତ ପାଣିଗ୍ରାହୀ
ରାୟଗଡ଼ା

# ଡେଙ୍ଗୁ ଟିକାକରଣକୁ ସ୍ୱୀକୃତି


**ଡା. ରାଜକିଶୋର ପଣ୍ଡା**

ଗୋଟିଏ ସମୟ ଥିଲା, ଯେତେବେଳେ ମ୍ୟାଲେରିଆ ମଶା ଦ୍ୱାରା ବ୍ୟାପୁଥିବା ସେହି ରୋଗଥିଲା, ଯାହାକୁ ଅଧିକାଂଶ ଭାରତୀୟ ଭୟ କରୁଥିଲେ। ଏହାର ବିପରୀତରେ ଡେଙ୍ଗୁକୁ କମ୍ ପ୍ରଚଳିତ ଓ ଭୟାବହ ବୋଲି ବିବେଚନା କରାଯାଉଥିଲା। କିନ୍ତୁ ଏହି ସ୍ଥିତି ବର୍ତ୍ତମାନ ନାଟକୀୟ ଭାବରେ ବଦଳି ଯାଇଛି। ବିଗତ ଦୁଇ ଦଶକରେ ଡେଙ୍ଗୁ ଭାରତ ଓ ଅନ୍ୟାନ୍ୟ ସ୍ଥାନରେ କ୍ଷିପ୍ରତାର ସହ ବ୍ୟାପିଛି। ଏବେ ଜ୍ୱର ହେବା, ହସ୍ପିଟାଲରେ ଭର୍ତ୍ତି ଭଳି ପରିସ୍ଥିତି ସୃଷ୍ଟି, ଏପରିକି ମୃତ୍ୟୁ ମଧ୍ୟ ଘଟିତ ହେବାର ଏକ ପ୍ରମୁଖ କାରଣ ପାଲଟିଛି "ଡେଙ୍ଗୁ" ବିଶେଷ କରି ମୌସୁମୀ ସମୟରେ। ଏହା ପରେ ମଧ୍ୟ ମ୍ୟାଲେରିଆ ପାଇଁ ପ୍ରଭାବଶାଳୀ ଔଷଧ ରହିଛି, କିନ୍ତୁ ଡେଙ୍ଗୁ ପାଇଁ କୌଣସି ଆଣ୍ଟିଭାଇରାଲ୍ ଉପଲବ୍ଧ ନାହିଁ। ଡେଙ୍ଗୁ ଏକ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ। ଏହି ମଶାଟି ହେଉଛି "ମାଇ ଏଡିସ୍" । ଏଡିସ୍ ମଶାରେ ଥାଏ ଏହି ରୋଗକୁ ସୃଷ୍ଟି କରୁଥିବା ଭୂତାଣୁ ଯାହାକୁ କୁହାଯାଏ 'ଡେଙ୍ଗୁ ଭାଇରସ୍'। ଏହି ଭାଇରସ୍‌ର ଚାରୋଟି ପ୍ରଜାତି ଅଛନ୍ତି। ସେମାନେ ହେଉଛନ୍ତି ଡେନଭି-୧, ଡେନଭି-୨, ଡେନଭି-୩ ଓ ଡେନଭି-୪। ଆସ୍ୱସ୍ତିର କଥା ହେଉଛି କି ଭାରତର ଔଷଧ ନିୟନ୍ତ୍ରକ ବିଭାଗ ଏବେ ନିକଟରେ ଦେଶର ପ୍ରଥମ ଡେଙ୍ଗୁ ନିରୋଧ ଟୀକାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ଟୀକାଟିର ନାମ ହେଉଛି କ୍ୟୁଡେଙ୍ଗା। ଡେଙ୍ଗୁ ଭାଇରସ୍‌ର ଚାରୋଟି ପ୍ରଜାତିକୁ ପ୍ରତିରୋଧ କରିପାରିବା ଲକ୍ଷ୍ୟନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ଚାରିବର୍ଷର ଶିଶୁଠାରୁ ଆରମ୍ଭ କରି ଷାଠିଏ ବର୍ଷ ପର୍ଯ୍ୟନ୍ତ ବୟସ୍କ ଲୋକଙ୍କୁ ସେମାନେ ପୂର୍ବରୁ ଡେଙ୍ଗୁ ଆକ୍ରାନ୍ତ ହୋଇଥାନ୍ତୁ ବା ନ ହୋଇଥାନ୍ତୁ, ଏହି ଟୀକାଟି ଦିଆ ଯାଇପାରିବ। ବିଶ୍ୱବ୍ୟାପୀ ଚାଳିଶରୁ ଅଧିକ ଦେଶ କ୍ୟୁଡେଙ୍ଗାକୁ ସ୍ୱୀକୃତି ପ୍ରଦାନ କରିସାରିଲେଣି। ଏହାକୁ ନିର୍ମାଣ କରିଛି ଜାପାନର ଫାର୍ମାସ୍ୟୁଟିକାଲ୍ ଉଦ୍ୟୋଗ "ଟାକେଡା"। ଅନୁମାନ କରାଯାଉଛି କି ବିଶ୍ୱବ୍ୟାପୀ ଦେଖାଯାଉଥିବା ଡେଙ୍ଗୁ ମାମଲାର ଏକ ତୃତୀୟାଂଶ ଭାରତରେ ହୋଇଥାଏ। ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୫ରେ ଭାରତରେ ପାଖାପାଖି ଏକଲକ୍ଷ କୋଡ଼ିଏ ହଜାର ଡେଙ୍ଗୁ ମାମଲା ଓ ଏଥିଯୋଗୁଁ ଏକଶହ ଏକତିରିଶଟି ମୃତ୍ୟୁ ପଞ୍ଜୀକୃତ ହୋଇଛି। ଏହି ତଥ୍ୟ କିନ୍ତୁ ଡେଙ୍ଗୁର ପ୍ରକୃତ ବୋଝକୁ କମ୍ ଦେଖାଇଥାଏ। ଅନେକ ସଂକ୍ରମଣର ଯାଞ୍ଚ ହୋଇନଥାଏ, କେତେ ରୋଗୀଙ୍କର ଚିକିତ୍ସାର ପଞ୍ଜୀକରଣ ହୁଏନା ଏବଂ ଅନ୍ୟତ୍ର କିଛି ଡେଙ୍ଗୁ ଜନିତ ମୃତ୍ୟୁକୁ ରକ୍ତସ୍ରାବ ଭଳି ଜଟିଳତା ହେତୁ ମୃତ୍ୟୁ ହେଲା ବୋଲି ଧରିନିଆଯାଏ। ଡେଙ୍ଗୁର ଟୀକା ପ୍ରସ୍ତୁତି ଏକ କଷ୍ଟକର ବ୍ୟାପାର ବୋଲି ପ୍ରମାଣିତ ହୋଇଛି। 'କ୍ୟୁଡେଙ୍ଗା' ପୂର୍ବରୁ ଆହୁରି କେତୋଟି ଟୀକା ମଧ୍ୟ ଅତୀତରେ ଆସିଛି କିନ୍ତୁ ପ୍ରତ୍ୟେକଟି ସହ ବୈଜ୍ଞାନିକ, ସୁରକ୍ଷା ଓ ଉପଯୋଗୀତା ଜନିତ ସମସ୍ୟା ଜଡ଼ିତ ଥିଲା। ଡେଙ୍ଗୁ ଭାଇରସ୍‌ର ଚାରୋଟି ପ୍ରଜାତି (ଡେନଭି ୧-୪) ଭାରତରେ ଏହି ରୋଗଟିକୁ ସୃଷ୍ଟି କରିଥାନ୍ତି। ପ୍ରତ୍ୟେକ ପ୍ରଜାତି ଅନ୍ୟ ପ୍ରଜାତି ଠାରୁ ଏହି ଭାବରେ ଭିନ୍ନ ଯେ ଯଦି କୌଣସି ପ୍ରଜାତି ବିରୋଧରେ ପ୍ରାକୃତିକ ପ୍ରତିରୋଧ ବ୍ୟବସ୍ଥା ମଣିଷ ଶରୀରରେ ସୃଷ୍ଟି ହେଲା, ଉକ୍ତ ପ୍ରତିରୋଧ ବ୍ୟବସ୍ଥା କେବଳ ସେହି ନିର୍ଦ୍ଦିଷ୍ଟ ପ୍ରଜାତିକୁ ହିଁ ବାଧା ଦେବ। ଅନ୍ୟ ପ୍ରଜାତିର ସଂକ୍ରମଣକୁ ଏହି ପ୍ରତିରୋଧ ରୋକି ନ ପାରେ। ଯେଉଁ ବ୍ୟକ୍ତିଙ୍କୁ ଡେଙ୍ଗୁ ସଂକ୍ରମଣ ହୋଇଛି, ତାଙ୍କୁ ସଂକ୍ରମିତ କରିଥିବା ଡେଙ୍ଗୁ ଭାଇରସ୍ ପ୍ରଜାତି ଅନୁଯାୟୀ ସଂପୃକ୍ତ ବ୍ୟକ୍ତିଙ୍କ ରକ୍ତରେ ଆଣ୍ଟିବଡି ସୃଷ୍ଟି ହେବ। ଏହାକୁ ସେରୋପଜିଟିଭ୍ କୁହାଯାଏ। ଯାହାଙ୍କୁ ଡେଙ୍ଗୁ ସଂକ୍ରମଣ ହୋଇନାହିଁ, ତାଙ୍କ ରକ୍ତରେ ଆଣ୍ଟିବଡି ଦେଖାଯିବ ନାହିଁ ଓ ଏହାକୁ ସେରୋନେଗେଟିଭ୍ ବୋଲି କୁହାଯିବ। ଯେତେବେଳେ ଜଣେ ସେରୋପଜିଟିଭ୍ ବ୍ୟକ୍ତି (ଡେଙ୍ଗୁର ଚାରି ପ୍ରଜାତି ମଧ୍ୟରୁ ଯେକୌଣସି ଗୋଟିଏ ଦ୍ୱାରା ସଂକ୍ରମଣ ହେତୁ), ନିଜ ଜୀବନକାଳରେ ଅନ୍ୟ ଗୋଟିଏ ଡେଙ୍ଗୁ ପ୍ରଜାତି (ପୂର୍ବ ସଂକ୍ରମଣରୁ ଅଲଗା ପ୍ରଜାତି) ଦ୍ୱାରା ସଂକ୍ରମିତ ହୁଅନ୍ତି, ସେତେବେଳେ ଏହା ଭୟାବହ ଡେଙ୍ଗୁ ଜ୍ୱରରେ ପରିଣତ ହୋଇପାରେ। ଏହାର କାରଣ ହେଉଛି, ପ୍ରଥମ ଡେଙ୍ଗୁ ଭାଇରସ୍ ପ୍ରଜାତିର ଆଣ୍ଟିବଡି, ଦ୍ୱିତୀୟ ପ୍ରଜାତିର ସଂକ୍ରମଣକୁ ବଢ଼ାଇ ଦେଇଥାଏ। ଏହାକୁ ଡାକ୍ତରୀ ଭାଷାରେ କୁହାଯାଏ ଆଣ୍ଟିବଡି ଡିପେଣ୍ଡାଣ୍ଟ ଏନହେନ୍ସମେଣ୍ଟ୍ ବା ଏ.ଡି.ଇ। ଏ.ଡି.ଇ କୁ ପ୍ରତିରୋଧ କରିବା ହିଁ ହେଉଛି ଡେଙ୍ଗୁ ଟୀକା ନିର୍ମାଣର ମୂଳତତ୍ତ୍ୱ। ଯେ କୌଣସି ଡେଙ୍ଗୁ ଟୀକା "ଟେଟ୍ରାଭାଲେଣ୍ଟ" ହେବା ନିହାତି ଦରକାର ଅର୍ଥାତ୍ ଏହା ଭାଇରସ୍‌ଟିର ଚାରୋଟି ପ୍ରଜାତିକୁ ଏକା ସାଙ୍ଗରେ ଓ ସମାନ ଭାବରେ ପ୍ରତିରୋଧ କରିବାର ଆବଶ୍ୟକତା ରହିଛି। ଚାରୋଟି ପ୍ରଜାତିରୁ ଯେକୌଣସି ଗୋଟିଏକୁ ଯଦି ନିର୍ଦ୍ଦିଷ୍ଟ ଟୀକା ପ୍ରତିରୋଧ କରିପାରିଲା ନାହିଁ, ଏହାକୁ ବ୍ୟବହାର କଲେ ଏ.ଡି.ଇ ହେବାର ସମ୍ଭାବନା ରହିଥାଏ। ଯଦିଓ ସାନୋଫି ଦ୍ୱାରା ପ୍ରସ୍ତୁତ ଟୀକା "ଡେଙ୍ଗଭାକ୍ସିଆ"କୁ ପ୍ରାରମ୍ଭିକ ସମୟରେ ସଫଳ ବୋଲି ସ୍ୱୀକାର କରାଗଲା, ଏ.ଡି.ଇ. କାରଣରୁ ହିଁ ଏହା ଦୀର୍ଘସ୍ଥାୟୀ ହୋଇପାରିଲା ନାହିଁ। 'କ୍ୟୁଡେଙ୍ଗା' କିନ୍ତୁ ଏକ ଟେଟ୍ରାଭାଲେଣ୍ଟ ଟିକା ଅଟେ, ଯାହାକି ଦୁର୍ବଳ ଡେନଭି-୨ ପ୍ରଜାତିର ଆନୁବଂଶିକ ପଦାର୍ଥ ଉପରେ ପର୍ଯ୍ୟବେସିତ। ଏଥିରେ ଅନ୍ୟ ତିନୋଟି ପ୍ରଜାତିର ଆନୁବଂଶିକ ପଦାର୍ଥ ମଧ୍ୟ ସାମିଲ ଅଛି। ଏହାକୁ ତିନି ମାସର ବ୍ୟବଧାନରେ ଦୁଇଟି ଡୋଜ୍‌ରେ ଦେବାର ବ୍ୟବସ୍ଥା ରହିଛି। କ୍ୟୁଡେଙ୍ଗାର ଦକ୍ଷତା ସମ୍ବନ୍ଧରେ ହୋଇଥିବା ପରୀକ୍ଷଣରୁ ଜଣା ପଡ଼ିଛି କି, ଏକ ବର୍ଷରେ ଏହାର ପ୍ରଭାବ ପାଖାପାଖି ଅଶୀ ପ୍ରତିଶତ ରହିଛି ଓ ଅଠର ମାସ ସମୟ ସୀମା ମଧ୍ୟରେ ଡେଙ୍ଗୁରେ ପୀଡ଼ିତ ହୋଇ ହସ୍‌ପିଟାଲରେ ଭର୍ତ୍ତି ହେବାର ସମ୍ଭାବନାରେ ନବେ ପ୍ରତିଶତ ହ୍ରାସ ଘଟୁଛି। ହାଇଦ୍ରାବାଦ ସ୍ଥିତ ଔଷଧ ନିର୍ମାତା "ବାୟୋଲୋଜିକାଲ୍-ଇ" ଓ ଟାକେଡା ମିଳିତ ଭାବରେ ଭାରତରେ ବାର୍ଷିକ ପାଞ୍ଚ କୋଟି ଟୀକା ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି, ଯାହାକି ୨୦୩୦ ସୁଦ୍ଧା ବାର୍ଷିକ ଦଶ କୋଟୀରେ ପରିଣତ ହେବ। ଭାରତ ଏହାଦ୍ୱାରା ଏକ ପ୍ରମୁଖ ଟୀକା ଉତ୍ପାଦନ କେନ୍ଦ୍ର ହୋଇପାରିବ। କ୍ୟୁଡେଙ୍ଗାକୁ ସ୍ୱୀକୃତି ପ୍ରଦାନ ଭାରତ ପାଇଁ ଆରମ୍ଭ ମାତ୍ର। ଗୋଦାମ, କ୍ଲିନିକ୍ ଓ ସରକାରୀ ଡାକ୍ତରଖାନାରେ ଗଚ୍ଛିତ ଥିବା ଟୀକା ସେତେବେଳ ପର୍ଯ୍ୟନ୍ତ ରୋଗକୁ ପ୍ରତିରୋଧ କରିପାରେନାହିଁ, ଯେଉଁ ପର୍ଯ୍ୟନ୍ତ ତାହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚ ନାହିଁ। କ୍ୟୁଡେଙ୍ଗାକୁ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ କବଚରେ ପରିଣତ କରିବା ବହୁଳ ଭାବରେ ନିର୍ଭର କରୁଛି, ଏହାର ମୂଲ୍ୟ ନିର୍ଦ୍ଧାରଣ, କୋଲଡ୍ ଚେନ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶିକ୍ଷଣ ଉପରେ। ଏହି ଟୀକାକୁ ନେଇ ଏକ ରାଷ୍ଟ୍ରବ୍ୟାପୀ ଟୀକାକରଣ କାର୍ଯ୍ୟକ୍ରମ କରିବା ଆବଶ୍ୟକ ନୁହେଁ, ଏହା ଏ ଲେଖକର ମତ। କାରଣ ଡେଙ୍ଗୁର ଉପସ୍ଥିତି ଆମ ଦେଶରେ ଅସମାନତାର ସହ ଦେଖିବାପାଇଁ ମିଳେ। କେତେକ ଗ୍ରାମ ବା ସହରାଞ୍ଚଳରେ ଏହାର ପ୍ରାଦୁର୍ଭାବ ଓ ବିପଦ ଖୁବ୍ ବେଶୀ ଥିବା ବେଳେ ଅନ୍ୟତ୍ର ନ ଥାଏ। ଯେଉଁଠାରେ ଏହାର ପ୍ରାବଲ୍ୟ ଅଛି ସରକାର ସେଠାରେ ସୁଲଭତାର ସହ କ୍ୟୁଡେଙ୍ଗାକୁ ଯୋଗାଇବାର ବ୍ୟବସ୍ଥା କରିପାରିବେ।

ଟିକା ସହିତ ଉପଯୁକ୍ତ ନିରୀକ୍ଷଣ ମଧ୍ୟ ନିତାନ୍ତ ଜରୁରୀ। ଏଥିରେ ଜିଲ୍ଲା ସ୍ତରୀୟ ଡାଟା, ବେସରକାରୀ ହସ୍ପିଟାଲରୁ ସମ୍ପୂର୍ଣ୍ଣ ରିପୋର୍ଟ ଓ ଡେଙ୍ଗୁ ପ୍ରଜାତିର (ସେରୋଟାଇପ୍) ବ୍ୟାପିବା ନେଇ ନିର୍ଭୁଲ ତଥ୍ୟର ଆବଶ୍ୟକତା ରହିଛି। ସମଗ୍ର ଦେଶରେ କମ୍ ମାତ୍ରାରେ କ୍ୟୁଡେଙ୍ଗାକୁ ଯୋଗାଇବା ଅପେକ୍ଷା, ଡେଙ୍ଗୁ ପ୍ରବଣ ଅଞ୍ଚଳରେ ଏହାକୁ ଅଧିକ ମାତ୍ରାରେ କେନ୍ଦ୍ରୀଭୂତ କଲେ ଅଧିକ ସୁଫଳ ମିଳିବାର ସମ୍ଭାବନା ରହିଛି। ଟୀକାକରଣ ସହିତ ମଶା ନିୟନ୍ତ୍ରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆ ଯାଉ। କ୍ୟୁଡେଙ୍ଗା ରୂପରେ ଦେଶକୁ ଡେଙ୍ଗୁ ବିରୋଧରେ ଏକ ଉପଯୁକ୍ତ ଅସ୍ତ୍ର ମିଳିଛି। ଏହା ସାଙ୍ଗକୁ ଆବଶ୍ୟକ ରହିଛି ସରକାର ଓ ଲୋକମାନଙ୍କର ଭାଗିଦାରୀ ଯାହାକି କୌଣସି ଯୋଜନାର ସଫଳ ରୂପାୟନ ପାଇଁ ପଥ ପରିଷ୍କାର କରେ।

ଭୁବନେଶ୍ୱର
ମୋ:୮୧୪୪୦୪୨୯୯୭





କ୍ଷୁଦ୍ର ଗଳ୍ପ

# ଶେଷ ଶ୍ରାବଣର ଶ୍ରାବଣୀ

ନିର୍ବିକାର ପ୍ରଭାତ

ବୋଲ୍ ବମ୍ - ହରହର ବମ୍, ଜଟିଆ ବାବା ପାର୍ କରେଗା- ଲମ୍ବାରାସ୍ତା ପାର୍ କରେଗା ଧ୍ୱନିରେ କାଉଡ଼ିଆ ମାନଙ୍କ ଟଳମଳ ପାଦସବୁ ଆଗକୁ ପଡୁଥାଏ । ହରିବୋଲ ହୁଳହୁଳି ଶବ୍ଦର ତାଳେ ତାଳେ ସବୁ ଭକ୍ତ ଆଗକୁ ଚାଲିଥାନ୍ତି । ପୁରୀ ଆଡୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଭିତରେ କିଛି ମହିଳା କାଉଡ଼ିଆ ରହିଥା'ନ୍ତି । ଶ୍ରାବଣ ସୋମବାରରେ ବାବା କପିଳେଶ୍ୱରଙ୍କ ଲିଙ୍ଗରେ ସ୍ୱହସ୍ତରେ ଜଳାଭିଷେକ କଲେ ଅସ୍ଥି ଜନିତ ଯେ କୌଣସି ରୋଗ ଆରୋଗ୍ୟ ହୁଏ ବୋଲି ବିଶ୍ୱାସ ଅଛି । ପ୍ରତ୍ୟେକ୍ଷ ଠାକୁର ବାବା ବାଲିକପିଳେଶ୍ୱର । ଭକ୍ତିରେ ଡାକିଲେ ବାବା ସଦୟ ହୋଇ ରୋଗମୁକ୍ତ କରନ୍ତି ।

ଭଙ୍ଗାହାଡ଼ ଯୋଡା ଠାକୁରଙ୍କ ପାଖକୁ ଜଳଭାର ନେଇ ଫିରୋଜ ଚାଲିଥାଏ । ଲମ୍ବା ରାସ୍ତାରେ ପାଦତଳ ଫୋଟକା ହୋଇ ପ୍ରବଳ ଯନ୍ତ୍ରଣା ହେଉଥାଏ । ତଥାପି ସାଥୀ ମାନଙ୍କ ସହିତ ଈଶ୍ୱରଙ୍କୁ ଡାକି ଡାକି ଚାଲିଥିଲା ସରୋଜ । ଓଁ ନମଃ ଶିବାୟ, ଜୟ ଆଶୁତୋଷ ଶଙ୍କର, ବାବା ବାଲିକପିଳେଶ୍ୱରଙ୍କ ନାମ ଧରି ଅନ୍ଧାର ରାସ୍ତାର ଖାଲଢ଼ିପ ପାର ହେଉଥିଲେ ସମସ୍ତେ । ନିଷ୍ଠା ସହିତ ଭକ୍ତି ରହିଲେ ବୁଢ଼ାବାପାଙ୍କ ଗୋଡ଼ବିନ୍ଧା କମିଯିବ । ଏହି ଆଶା ଭରସାରେ ଫିରୋଜ ଚାଲୁଛି ଯେ ଚାଲୁଛି ।

କଳା ମଚମଚ ପିଚୁ ରାସ୍ତାର ମୁନିଆ କଂକ୍ରିଟ ଗଳି ଯାଉଥାଏ ପାଦତଳେ । କେଉଁଠି କେଉଁଠି ଖାଲଖମାରେ ଥିବା ବର୍ଷା ପାଣିରେ କି ଘାସ ଗାଲିଚା ଉପରେ ପାଦ ପଡ଼ିଗଲେ ଉପଶମ ଲାଗୁଥାଏ । ପୁଣି କେତେବେଳେ ରାସ୍ତା ଧାରେ ସ୍ୱେଚ୍ଛାସେବୀଙ୍କ ଭାରା ଉପରେ କାନ୍ଧରୁ ବାହୁଙ୍ଗି ଥୋଇ ତଳେ ଗଡ଼ି ପଡ଼ିଲେ ଆରାମ ଲାଗୁଥାଏ ।

ଜନ୍ମକର୍ତ୍ତା ପିତାଙ୍କ ସେବା କରିବାର ସୁଯୋଗ ସେ ପାଇ ନଥିଲା । ଦାଦନରୁ ଆସି ବାପାଙ୍କ ପାଇଁ ମାନସିକ ପୂରଣ କରିବାର ଦୃଢ଼ ଭକ୍ତି ତାକୁ ଏତେବାଟ ଟାଣି ନେଉଥିଲା । ଈଶ୍ୱରଙ୍କ ଡୋରି ନଲାଗିଲେ କିଏ ବା ଜଳାଭିଷେକ କରିପାରିବ ? ସେ ଭାଗ୍ୟବାନ୍ । ସେ ନିଶ୍ଚିତ ଭାବେ ପୂଜାର୍ଚ୍ଚନା କରିବ । ବୃଦ୍ଧ ପିତାଙ୍କ ଗୋଡବିନ୍ଧା ଲାଘବ ହେବାକୁ ଅନେକ ଔଷଧ ପ୍ରୟୋଗ କଲା ପରେ ଶେଷ ଅବଲମ୍ବନ ଏହି ଜଳାଭିଷେକ । ପ୍ରଭୁ ଆଶୁତୋଷ ଭଲ କର୍ମର ଭଲ ଫଳ ଦେବେ । ବାପାଙ୍କ ଗୋଡ ସୁସ୍ଥ ହେବା ବିଶ୍ୱାସରେ ଟଳମଳ ପାଦ ଦୁଇଟି ପୁନର୍ବାର ଦୃଢ଼ ହୋଇ ଯାଉଥାଏ ।

କିଛି ଦୂରରେ ଜଣେ ମହିଳାଙ୍କୁ ଦେଖି ତାର ଗତଶୀଳ ପାଦଦ୍ୱୟ ତାଙ୍କ ପାଖେ ପହଞ୍ଚିଗଲା । ଜଳଭାର ବୋହି ସେ ପ୍ରବଳ କଷ୍ଟ ପାଉଥିଲେ । ମହିଳାଙ୍କ ପାଦ ଦୁଇଟି ଆଘାତପ୍ରାପ୍ତ । ଗାଢ଼ ରାତି ସତ୍ତ୍ୱେ ଉତ୍ତପ୍ତ ପିଚୁ ଉପରେ ଟଳମଳ ପାଦରେ ସେ ଭାରସାମ୍ୟ ରଖି ପାରୁନଥିଲେ । କାନ୍ଧର ବାହୁଙ୍ଗି ବୁଲିଯାଇ ରାସ୍ତାକୁ ମାଡ଼ି ଯାଉଥାଏ । କାଁ ଭାଁ ଚାଲୁଥିବା ଗାଡ଼ିଗୁଡିକ ହର୍ଣ୍ଣ ମାରି ମାରି ତାଙ୍କୁ ଅତିକ୍ରମ କରୁଥାନ୍ତି । ଅନ୍ଧାର ରାତିରେ ଫିରୋଜ ଦେଖି ପାରୁନଥିଲା ତାଙ୍କ ମୁଖମଣ୍ଡଳ । ଅନ୍ୟଜଣଙ୍କ ସାହାରା ମନେମନେ ସେ ଖୋଜୁଥିଲେ । ଫିରୋଜ ସାହାଯ୍ୟ କରିବାକୁ ଆଗେଇ ଆସି ତାଙ୍କ ବାହୁଙ୍ଗିଟିକୁ ନିଜ କାନ୍ଧରେ ଥୋଇ ଆଗକୁ ଚାଲିଲା । ବିନା ବାକ୍ୟବ୍ୟୟରେ ଦୁହେଁ ଚାଲୁଥିଲେ । ପରକୁ ସାହଯ୍ୟ କରିବାର ମହାର୍ଘ ସୁଯୋଗର ହାତଛଡ଼ା ନ କରି ସୁଖ ପାଉଥିଲା ଫିରୋଜ ।

'ଧନ୍ୟବାଦ ଆପଣଙ୍କୁ' । ମହିଳା କହିବା ପରେ ଚମକି ପଡ଼ିଲା ଫିରୋଜ । ଜଣେ ଅଣଓଡ଼ିଆ ନାରୀଙ୍କ କଣ୍ଠସ୍ୱର । ସେହି ଭାଷା ସହିତ ସେ ବହୁ ଆଗରୁ ପରିଚିତ ଥିଲା ଭଳି ତାର ମନେହେଲା । ମନେ ପଡ଼ିଗଲା ଅତୀତର ଘଟଣାମାନ ।

ଠିକ୍ ଏହି ଶ୍ରାବଣ ମାସରେ ଗୋଟିଏ ମନ୍ଦିରରେ ଦେଖା ଦେଇଥିଲେ ଜଣେ ଝିଅ । ପ୍ରତି ସୋମବାର ଉଭୟଙ୍କର ଭେଟହୁଏ ମନ୍ଦିର ବେଢାର ଚଉତରା ଉପରେ । ବିନା କଥୋପକଥନରେ ଫିରୋଜର ମନ ଜାଣି ଯୁବତୀ ଜଣଙ୍କ ତା ହାତରେ ସମର୍ପି ଦେଇଥିଲେ ଆଶୁତୋଷ ଶଙ୍କରଙ୍କ ପାଦୋଦକ ଟିକିଏ । ଅଜଣା କିଶୋରୀଙ୍କ ଆକର୍ଷଣୀୟ ସୌନ୍ଦର୍ଯ୍ୟରେ ବିମୋହିତ ହୋଇଥିଲା ଫିରୋଜ । ଅଳ୍ପ ଦିନ ଭିତରେ ତା ହୃଦୟରେ ଆସ୍ଥାନ ମାଡ଼ି ବସିଥିବା ସେହି ଲାସ୍ୟମୟୀଟି କିଏ ଫିରୋଜ ଜାଣିନଥିଲା ଅନେକ ଦିନ ପର୍ଯ୍ୟନ୍ତ । ମନ କଥା କହି ହେଉନଥିଲା କି ସହି ହେଉନଥିଲା । ପଡ଼ୋଶୀ ବନ୍ଧୁ ଜଣେ ଇଲେକ୍ଟ୍ରୋନିକ୍ସ ଦୋକାନୀ । ଫିରୋଜ ସେଇ ଅଜଣା ଯୁବତୀଙ୍କ ସମ୍ପର୍କରେ କହିଲା । ବନ୍ଧୁ କିଛି ଜାଣି ପାରିଲେ ନାହିଁ । ଶ୍ରାବଣର ଶେଷ ସୋମବାରରେ ସେ ଦେଖାଦେଇ ହଜିଗଲେ ଅନେକ ଦିନପାଇଁ । କେଉଁଠୁ ସେ ଆସୁଥିଲେ କେଉଁ ପରିବାରର ଅଲିଅଳ କନ୍ୟା ଫିରୋଜ ଜାଣି ନପାରି ବିବ୍ରତ ହେଉଥିଲା । ତା ମନର ଦୁର୍ବଳତା ତାକୁ ଅସ୍ଥିର କରୁଥିଲା ।

ଗ୍ରୀଷ୍ମଋତୁରେ ସେହି ପାହାଡ଼ିଆ ସହରରେ ଜଳାଭାବ ଦେଖାଦେଲା । ନଳକୂପରେ ପାଣି ଉଠିଲା ନାହିଁ କି ବାହାରେ ପିଇବା ପାଇଁ ପାଣି ଟୋପେ ମିଳିଲା ନାହିଁ । ପାନୀୟ ଜଳ ମୁନ୍ଦେ ପାଇବା ଆଶାରେ ଦୋକନୀ ବନ୍ଧୁ ବୋତଲ ଧରି ଅନତି ଦୂରର ଅଣଓଡ଼ିଆ ସମ୍ଭ୍ରାନ୍ତ ଘରେ ପହଞ୍ଚି ଗଲେ । ସେ ଘରର ଦୁଇ ଅବଳାଙ୍କ ମଧ୍ୟରୁ ଜଣେ ଆସି ହାତରୁ ବୋତଲ ନେଇ ଫ୍ରିଜ୍ ୱାଟର ଭର୍ତ୍ତି କରି ଆଣି ଧରାଇ ଦେଲେ । ବନ୍ଧୁ ପାଣି ପିଇ ଆନନ୍ଦରେ ତୃଷା ନିବାରଣ କଲେ । ଗ୍ରୀଷ୍ମ ଋତୁ ସାରା ସେହି ଗୋଟିଏ ଯୁବତୀଙ୍କ ଅକୁଣ୍ଠ ସହଯୋଗ ବନ୍ଧୁଙ୍କୁ ଆବେଗମୟତାରେ ଆପ୍ଲୁତ କଲା । ବନ୍ଧୁ କଥା ପ୍ରସଙ୍ଗରେ ଉକ୍ତ ଝିଅର ଭୌଗୋଳିକ ପରିପାଟୀ ଓ ଶାରୀରିକ ଗଠନ ବର୍ଣ୍ଣନା କରୁ କରୁ ଜଣାଗଲା ଯେ ସେ ହିଁ ସେଦିନର ହାସ୍ୟମୟୀ ଲାସ୍ୟମୟୀ ଅନୁଢା ଯୁବତୀ, ଯିଏ ମନ୍ଦିର ଭିତରେ ସମର୍ପି ଦେଇଥିଲେ ପାଦୁକ ସହିତ କୋମଳ ମନଟିକୁ । ଫିରୋଜ ହୃଦୟ ଭିତରେ ଆଲୋଡ଼ନ ଖେଳିଗଲା । ଏତେବଡ଼ ସ୍ୱଚ୍ଛଳ ପରିବାରର ଝିଅ କାହିଁକି ଏମିତି ସମୟ ସ୍ରୋତରେ ସ୍ୱପ୍ନ ଦେଖାଇ ଚାଲିଗଲେ ? ଅସମ୍ଭବ ସମ୍ପର୍କର ମାୟାଜାଲରେ ପକାଇ ଦେବା କ'ଣ ଈଶ୍ୱରଙ୍କ ଇଙ୍ଗିତ ନା ଆପଣାର ଅହେତୁକ ପ୍ରବଣତା ? ନା ଯୁବ ସମୟର ବ୍ୟାକୁଳତା ?



ଫିରୋଜ ରାତି ଦିନ ଷ୍ଟୁଡିଓ ଭିତରେ ଏକାଗ୍ରତାର ସହିତ ଆର୍ଟ କରି ପାରୁନଥିଲା । କଷ୍ଟମର ସହିତ ଠିକ୍ ଡିଲ୍ କରି ପାରୁନଥିଲା । ବାରମ୍ବାର ଅବସାଦରେ ପ୍ରପୀଡ଼ିତ ଫିରୋଜ ନିଜ ମନକୁ ବୁଝାଇ ପାରୁନଥିଲା । ପଡ଼ୋଶୀ ବନ୍ଧୁ ଅନେକ ଆଶ୍ୱାସନାର ବାଣୀ ପ୍ରଦାନ କଲେ । କିନ୍ତୁ ଏମିତି ଗୋଟେ ଅସମାହିତ ଦ୍ୱନ୍ଦ୍ୱ ଭିତରେ ଅଣନିଃଶ୍ୱାସୀ ହୋଇ ପଡୁଥିଲା କମର୍ସିଆଲ ଆର୍ଟିଷ୍ଟ ଫିରୋଜ ।

କିଛିଦିନ ପରେ ପରିବାର ସହିତ ଯୁବତୀ ଜଣଙ୍କ ରାସ୍ତାରେ ଯିବା ବେଳେ ତାଙ୍କୁ ଦେଖିଲେ ଦୋକାନୀ ବନ୍ଧୁ । ଫିରୋଜକୁ ଜଣାଇବାରୁ ସେ ଲୁଚିଲୁଚି ତାଙ୍କୁ ଚାହିଁଲା । ଯୁବତୀ ଦୋକାନକୁ ଚାହିଁ ଚାହିଁ ଆଗକୁ ମାଡ଼ି ଚାଲିବା ବେଳେ ନିଜ ଭଉଣୀ ସହିତ ଧକ୍କା ଖାଇଗଲେ । ଫିରୋଜକୁ ବନ୍ଧୁ କହିଲେ, ଏତେବଡ଼ ମୋହ ମାୟା ଭିତରେ ତୁମେ ଦୁହେଁ ଜଡ଼ସଡ଼ । ତାଙ୍କର ନାମ ତ ଆମେ ଜାଣିନେ । କେବଳ ସେ ହିଁ ତୁମ ମନର ନାୟିକା, ଶେଷ ଶ୍ରାବଣର ଶ୍ରାବଣୀ ।

ସମୟ ସହିତ ତାଳଦେଇ ଭାବାନ୍ତର ବ୍ୟାପିଗଲା ମନରୁ ହୃଦୟକୁ । କେବଳ ବିବେକ ଛାଟ ମାରୁଥିଲା ଅବିରତ । ଗୋଟିଏ ଅଦୃଶ୍ୟ ଭୟ ସଞ୍ଚରି ଯାଉଥିଲା ଫିରୋଜର ଛାତି ଭିତରର ଅଜଣା ଇଲାକାରେ । -'କୌଣସି ପ୍ରକାରେ ସନ୍ଦେହ ଆସିଲେ ସେ ପରିବାର ତୁମକୁ ସଂସାରରୁ ହଜାଇ ନ ଦେବେ ବୋଲି କିଏ କହିବ ? ଏ କୁଖ୍ୟାତ ସହରରେ ଅନେକ ବିଖ୍ୟାତ ମଣିଷ ଅଛନ୍ତି । କିନ୍ତୁ ଝିଅ ପୁଅ ମ୍ୟାଟରରେ ପାଦ ସାମାନ୍ୟ ଚହଲିଗଲେ କେହି କାହାର ନୁହନ୍ତି ।' ବନ୍ଧୁଙ୍କ କଥାରେ ଭୟ କଲା ଫିରୋଜ । ଦିନ ଦ୍ୱିପ୍ରହରେ ପ୍ରେମ ଘଟଣାକୁ ନେଇ ସେଦିନ ପାଖ ଗଳିରେ ଦୁଇ ଯୁବକଙ୍କୁ ନିର୍ମମ ହତ୍ୟା କରା ଯାଇଥିଲା । ଆଇନ୍ ଦୋଷୀଙ୍କୁ ଦଣ୍ଡ ଦେଲା ସତ କିନ୍ତୁ ଆଉ ଫେରି ଆସିଲେନି ମୃତ ଯୁବକ ଦୁହେଁ । ନିଜର ଅଜାଣତରେ ଗୋଟେ ବିରାଟ ବିପଦ ମାଡ଼ି ଆସିବନି ବୋଲି କିଏ କହିବ ? ଛାତି ଭିତରେ ସୃଷ୍ଟି ହେଉଥିଲା ଗୋଟେ ଖାଁ ଖାଁ ଭାବ । ଉଭୟଙ୍କ ପାଇଁ ପରିସ୍ଥିତି ଗମ୍ଭୀର ହେଲା । ମନ୍ଦିର ଯିବା ଫିରୋଜ ବନ୍ଦ କରିଦେଲା । ମୀନାବଜାର କି ଦଶହରା ମେଢ଼ ଦେଖିବାକୁ ବାହାରୁଥିବା ବେଳେ ଅଚାନକ୍ ଆଖି ସହିତ ଆଖି ମିଶିଗଲେ ଦୁହେଁ ବିଚଳିତ ହୋଇ ପଡ଼ନ୍ତି । ଶ୍ରାବଣୀର ଆକର୍ଷଣୀୟ ଢଳଢଳ ଆଖି, ଶାରୀରିକ ଅଭିବୃଦ୍ଧି ଫିରୋଜକୁ ପ୍ରଲୁବ୍ଧ କରେ । ଗୋଟିଏ ଅଜଣା ଶିହରଣରେ ଆକ୍ତାମାକ୍ତା ହୋଇ ଯା'ନ୍ତି ସେମାନେ । କେତେଦିନ ଆଉ ହୃଦୟକୁ ପଥର କରିବ ଫିରୋଜ ? ପ୍ରେମ ଚିର ଶାଶ୍ୱତ, ନୈସର୍ଗିକ । ବିନା ଶବ୍ଦରେ ଫୁଟୁଥିବା ଗୋଟିଏ ବୋମା ଯାହା ଅବିଳମ୍ବେ ବ୍ୟାପିଯିବ ଚଉହଦି । ସେଥିରେ ଶ୍ରାବଣୀର କିଛି ହେଉ କି ନହେଉ ବଞ୍ଚି ରହିବା ହେବ ତା ପାଇଁ ଦୁରୁହ ବ୍ୟାପାର ।

ସେମାନେ ଲୈଲା ମଜନୁ କି ହୀର୍ ରାଞ୍ଝା ନୁହନ୍ତି । ସେମାନେ କେଦାର ଗୌରୀ ବି ନୁହନ୍ତି । ତଥାପି ପ୍ରମାଣ ଶୂନ୍ୟ ଆବେଗରେ ସେମାନେ ଛଳଛଳ । କାହା ଉପରେ କାହାର ଭରସା ଅଛି କି ନାହିଁ ତାହା ଜାଣିବା କଷ୍ଟକର । କାରଣ ମାସ ମାସ ଧରି ଅନ୍ତର୍ବେଦନାକୁ ହଜମ କରୁଥିବା ଦୁଇ କୋମଳ ମ ଣି ଷଭିତରେ ଆଦୌ କଥାବାର୍ତ୍ତା ନଥିଲା ।

ଗୋଟିଏ ଝଡ଼ବର୍ଷା ରାତିରେ ପାଖ ମଲ୍ ଛାତ ଉପରକୁ ଚଢ଼ିଗଲା ଫିରୋଜ । ସେଠାରୁ ଦେଖି ହେଉଥିଲା ଶ୍ରାବଣୀର ବାଲକୋନୀ । ଗଭୀର ରାତିରେ ଶ୍ରାବଣୀ ଷ୍ଟୁଡିଓ ଆଡ଼କୁ ଚାହିଁ ଅନ୍ୟ ମନସ୍କ ହୋଇ ବସିଥିଲେ । ଘନଘନ ବିଜୁଳି ଆଲୋକରେ ଫିରୋଜ ମୁହଁ ବାହାରକୁ ଅସ୍ପଷ୍ଟ ଦିଶୁଥିଲା । ଶ୍ରାବଣୀ ଘରର ଜଗୁଆଳ ଫିରୋଜକୁ ଟର୍ଚ୍ଚ ପକାଇଲା । ଫିରୋଜ କାନ୍ଥ ଧାରେ ଲୁଚିଗଲା । ପରଦିନ ଦୋକାନୀ ବନ୍ଧୁ ପାଖରେ ବାହାରୁ ଅପବାଦ ଖବର ପହଞ୍ଚିଲା । ବନ୍ଧୁଙ୍କ ପ୍ରରୋଚନାରେ ଜୀବନ ବଞ୍ଚାଇବାକୁ ଫିରୋଜ ଦୋକାନ ଛାଡି ଅନ୍ୟ ଏକ ରାଜ୍ୟକୁ ଚାଲିଗଲା । ଗୋଟିଏ ପଳାତକ ଯୁବକ ଭଲ ପାଇବାର ଅଧିକାର ହରାଇଲା । ଗୋଟାଏ ଅନର୍ କିଲିଙ୍ଗ୍ କ୍ରାଇମ୍ ସଂଘଟିତ ହେବା ଆଗରୁ ଟଳିଗଲା । କୁଖ୍ୟାତ ସହରର ବିଖ୍ୟାତ ପରିବାର ସଦସ୍ୟଙ୍କ ହିଂସ୍ର ଆଖିରୁ ସେ ବଞ୍ଚିଗଲା । ତଥାପି ବନ୍ଧୁଙ୍କ ଠାରୁ ଶ୍ରାବଣୀ ଖବର ସେ ବୁଝୁଥିଲା । ଶ୍ରାବଣୀଙ୍କ ପୂର୍ବ ସତେଜତା ନଥିଲା । ହେଲେ ସେ ଯେତେବେଳେ ରାସ୍ତାରେ ଯାଆନ୍ତି, ବନ୍ଦ ଦୋକାନକୁ ଅପଲକ ନେତ୍ରରେ ଚାହିଁ ଚାହିଁ ଅଦୃଶ୍ୟ ହୋଇଯା'ନ୍ତି । ଫ୍ୟାକ୍ଟ୍ରି ଭିତରେ କାମ କରିବା ବେଳେ ଶ୍ରାବଣୀ କଥା ମନେ ପଡ଼ିଲେ ଲୁଚି ଲୁଚି ମାଇଚିଆ ପରି ଲୁହ ପୋଛେ । ଥରେ ଏମିତି ଅନ୍ୟମନସ୍କ ହେବାରୁ ଡାହାଣ ହାତର ବୃଦ୍ଧାଙ୍ଗୁଳି ମେସିନରେ ଚାପି ହୋଇ ଯାଇଥିଲା । ତା ପରଠାରୁ ସେ ସାବଧାନ ହୋଇ କାମ କଲା । ଈଶ୍ୱରଙ୍କ ଉପରେ ଅଭିମାନ କରି ଫିରୋଜ କୌଣସି ମନ୍ଦିର ନ ଯାଇ କେବଳ ତାଙ୍କୁ ଝୁରିହେଲା ।

ସରକାରୀ ଚାକିରି ତା ଭାଗ୍ୟରେ ନଥିବାରୁ ବହୁ ମାନସିକ ଯନ୍ତ୍ରଣାରେ ସେ ଡ୍ୟୁଟି କରୁଥିଲା । ଗୋଟେ ରାତିରେ ସେ ଶୋଇ ପାରିଲା ନାହିଁ । କୋଉଠି କିଛି ଅଘଟଣ ଘଟିଲା ପରି ତାର ମନେ ହେଲା । ଘରକୁ ଫୋନ୍‌କଲା । ବାପା ବୋଉ ଭଲରେ ଥିଲେ । ତଥାପି ମନଟା ତାର ଅସ୍ଥିର ହେଉଥିଲା । ଶ୍ରାବଣୀର କିଛି ଅସୁବିଧା ହୋଇଛି କି ନାହିଁ ଜାଣିବାକୁ ଦୋକାନୀବନ୍ଧୁଙ୍କ ପାଖକୁ ଫୋନ କରି ଜାଣିଲା, ଶ୍ରାବଣୀ ବିଭା ହୋଇଯାଇଛନ୍ତି । ଡ୍ୟୁଟି ଅବହେଳା କରି କିଛିଦିନ ଆଖିରୁ ଶ୍ରାବଣର ଧାରା ଛୁଟାଇ ମନକୁ ବୁଝାଇଲା ।

ଏବେ ଭାରି ମନେ ପଡୁଛି ତାଙ୍କ କଥା । ତେବେ ଏହି ମହିଳାଙ୍କ ବାହୁଙ୍ଗି ଧରିବାରୁ ଆଉ ତାଙ୍କ ସ୍ୱର ଶୁଣିବାରୁ ମନ ଚଳଚଞ୍ଚଳ ହେଉଛି କାହିଁକି ?

ଫିରୋଜ ଆଉ ଭାବି ପାରିଲା ନାହିଁ । ଅତୀତର ସ୍ମୃତି ସାଉଁଟୁ ସାଉଁଟୁ ବାବା ବାଲିକପିଳେଶ୍ୱରଙ୍କ ପାଖରେ ସେମାନେ ପହଞ୍ଚି ଯାଇଥିଲେ ।

ଅନ୍ଧାର ହଟି ନଥିଲା କି ସିନ୍ଦୂରା ଫାଟିନଥିଲା । ମହିଳା ଜଣକ ପୁଅ ଗୋଡ଼ ଭଲ ହେବା ଉଦ୍ଦେଶ୍ୟରେ ଜଳଭାର ନେଇ ଆସିଥିଲେ । କାର୍ ଦୁର୍ଘଟଣାରେ ପୁଅ ଗୋଡ ଭାଙ୍ଗି ଯାଇଥିଲା । ଔଷଧ ଖାଇବାରୁ ଭଲ ଅଛି । କିନ୍ତୁ ବାବା ବାଲିକପିଳେଶ୍ୱରଙ୍କ ପାଖରେ ଯେଉଁ ମାନସିକ କରିଥିଲେ, ତାରି ପାଇଁ ଥିଲା ତାଙ୍କର ଜଳାଭିଷେକ । ତାଙ୍କର ମନୋସ୍କାମନା ପୂରଣ ପାଇଁ ସେ କଷ୍ଟ ସ୍ୱୀକାର କରିଥିଲେ । ତାଙ୍କୁ ଫିରୋଜ କାରଣ ପଚାରି ନଥିଲା । ପଚାରିବାର ସୁଯୋଗ ପାଇ ନଥିଲା କି କାହା ବ୍ୟକ୍ତିଗତ ମାମଲାରେ ମୁଣ୍ଡ ପୂରାଇବାର ତାର ଇଚ୍ଛା ନଥିଲା । ଜଣେ କାଉଡ଼ିଆଙ୍କୁ ସାହାଯ୍ୟ କରିବା ତାର ଉଦ୍ଦେଶ୍ୟ ଥିଲା ଯାହାଦ୍ୱାରା ସେ ଅଧିକ ଠାକୁରଙ୍କ ଆଶୀର୍ବାଦ ପାଇପାରିବ ।

ପ୍ରବଳ ଭିଡ଼ ଭିତରେ ଧାଡ଼ି ହୋଇ ଗୋଟିଏ ପଟେ ପୁରୁଷ ଓ ଅନ୍ୟପଟେ ମହିଳା ମନ୍ଦିର ଭିତରକୁ ପ୍ରବେଶ କରୁଥିବାରୁ ବିନା ବାକ୍ୟବ୍ୟୟରେ ଫିରୋଜ କାନ୍ଧରୁ ବାହୁଙ୍ଗି ନେବାକୁ ଆସି ଫିରୋଜକୁ ଛୁଇଁ ଦେବାରୁ ତା ଦେହରେ ବିଦ୍ୟୁତ ଖେଳିଗଲା । ଗୋଟିଏ ପଟେ ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ସେ ଭାରାକ୍ରାନ୍ତ ଅନ୍ୟ ପଟେ ଶ୍ରାବଣୀଙ୍କ ସ୍ମୃତି ଫିରୋଜ ମନରେ ପାପ ସୃଷ୍ଟି କରୁଥିଲା । କୁଶବଟୁ ପିନ୍ଧି ସଂକଳ୍ପ କରି ପବିତ୍ର ହୋଇଥିବା ମନ ଭିତରକୁ ଅପବିତ୍ରତାର କୁହୁଡ଼ି କାହିଁକି ପଶି ଆସୁଛି ? ମହିଳା ଜଣକ ହ୍ୟାଣ୍ଡ୍ ବ୍ୟାଗ୍‌ଟିକୁ ଗଛ ଧାରେ ରଖି ଜଳ ଅଭିଷେକ କରିବାକୁ ଚାଲିଗଲେ । ପ୍ରାୟ ଦେଢ଼ଘଣ୍ଟା ପରେ ବ୍ୟାଗ୍ ପାଇଁ ଯଥାସ୍ଥାନକୁ ସେ ଫେରି ଆସିଲେ । ଫିରୋଜ ପୂଜାବିଧି ଶେଷକରି ସେଠାରେ ପହଞ୍ଚିଲା । ପରସ୍ପରରକୁ ଚାହିଁଦେବାରୁ ଫିରୋଜ ଛାତିରୁ କଳିଜାଟି ଖସି ପଡ଼ିବା ଭଳି ଲାଗିଲା । ଦିନ ହୋଇଯାଇ ଥିବାରୁ ଫିରୋଜ ତାଙ୍କୁ ଚିହ୍ନିପାରି କହି ପକାଇଲା, 'ଶ୍ରାବଣୀ ତୁମେ ... ?'

- 'ମୁଁ ଶ୍ରାବଣୀ ନାହିଁ ଆର୍ଟିଷ୍ଟ, ମୁଁ ସୁମିତା, ସୁମିତା ପରିମଲ୍ । ଷ୍ଟୁଡିଓ ଫ୍ରଣ୍ଟରେ ଅନେକ ବାର ଆପଣଙ୍କୁ ଖୋଜିଥିଲି, ପାଇଥିଲିନି । ଦଶବର୍ଷ ବାଦ୍ ଆପଣଙ୍କ ସାଥ୍ ମିଟ୍ ହେଲା । ମୋ ଲାଗି ଆପଣ ବହୁତ୍ ହୈରାଣ ହେଲେ । ସେଥିପାଇଁ ମୁଁ ଋଣୀ ହେଲି । ଜିନ୍ଦେଗି ଭର୍ ମୁଁ ଆପଣଙ୍କୁ ଭୁଲି ପାରିବିନି ।' ଫିରୋଜ କୋହ ଚାପି ମୁହଁ ବୁଲାଇ ଦେଲା କାରଣ ସେ ଜଣାଇ ଦେବାକୁ ଚାହୁଁଥିଲା, ସେ ନିର୍ବାକ, ନିସ୍ପନ୍ଦ, ନିର୍ବିକାର । ■

ହାପିକଲୋନୀ, ଗୋପ, ପୁରୀ
ମୋ-୭୯୭୮୬୩୫୨୭୬

## ଜହ୍ନ ରାତିରେ ଲୁହଟି ଝରେ

ପ୍ରଶାନ୍ତ କୁମାର ଦାଶ

ସମୟପକ୍ଷୀ ଡେଣାରେ ବସି
ତୁମେ ତ ଗଲ ଦୂରେ
ଭାବି ନଥିଲି କରିବ ପର
ତୁମକୁ ମନଝୁରେ ।

ଜହ୍ନରାତିର ସୁଖ ତ ନେଲ
ମୋ ଠାରୁ ସବୁ ଲୁଟି
ଲାଗୁନି ଭଲ ରାତି ତ ଆଉ
ଦୁଃଖ ଆସୁଛି ଛୁଟି ।

ଅଲିଅଳର ବେଳ ସରିଲା
ରାତି ମେଲାଣି ନେଲା
ସପନ କହେ ବିଦାୟ ଦିଅ
ସୁନା ସକାଳ ହେଲା ।



ତୁମେ ତ ନାହଁ ଦେଖିବା ପାଇଁ
ମୋ ଦୁଃଖ ଲୁହ କୋହ
ରାତିକ ପରେ ତୁଟାଇ ଦେଲା
ପ୍ରେମ ସମ୍ପର୍କ ମୋହ ।

ହୁଅନା ସାଥୀ ଆଖି ଉହାଡ଼େ
ଲୁହ ତ ପୁଣି କାର
ସମୟ ଭାଙ୍ଗେ ସୁଖ ସଂସାର
ଟାଣି ବିଚ୍ଛେଦ ଗାର ।

ତମସା ଭରା ମୋହର କାୟା
ତୁମକୁ ହୁଏ ଝୁରି
ଆହତ ପକ୍ଷୀ ପରି ମୁଁ ବୁଲେ
ଦୁନିଆ ସାରା ଘୂରି ।

ଦିବସ ବାର ମାସ ସରିଲା
ମିଳିଲା ନାହିଁ ସୁଖ
ଫଟା କପାଳେ ଲେଖା ତ ଖାଲି
ଅଶ୍ରୁ ସଜଳ ଦୁଃଖ ।

କୁଞ୍ଜର, ସଙ୍ଗଳାଇ
ପିପିଲି, ପୁରୀ
ମୋ-୯୬୭୮୮୨୨୧୯୦

## ବର୍ଷାବରଣ

ଡ. ଶୁଭେନ୍ଦୁ ମହାପାତ୍ର

ମୋ ରଫୁକରା ଚିରାଫଟା
ହୃଦୟରେ ଶ୍ୱାସରୁଦ୍ଧ ଦୁଃଖସବୁ
ଚିପୁଡ଼ିହୋଇ ଆଖିକୋଣରୁ ନିଗିଡ଼ି
ସତ୍ତା ହରାଉଥିଲେ
ଫାଜିଲ ମେଘର ମେଲଣରେ
ମୁଁ ସାଇତା ଲୁହକୁ ହକାଳିପକାଏ
ଯେମିତି ଉଷର ମାଟିରେ ପଡ଼ି
ବର୍ଷା ତାର ପରିଚୟ ହରାଇଦିଏ ।
ସିଏ ଆସିଲେ ବୃକ୍ଷ ପଲ୍ଲବିତ ହୁଏ
ଫୁଲମାନେ ଶୃଙ୍ଗାରରେ
ଆମୋଦିତ ହୁଅନ୍ତି
ପବନରେ ଶୁଭେ ଆଷାଢ଼ଶୁକ୍ଳର
ଚିତ୍ତଚୋରା ବେପଥୁ ରାଗିଣୀ
ଶ୍ରାବଣରେ ଭିଜା ଭିଜା ମାଟିର ବାସ୍ନା
ତରଙ୍ଗାୟିତ ଫୁଲେଇ ନଦୀର ରାଗିଣୀ
ଭାଦ୍ରବରେ ଓଦା ଓଦା କଦମ୍ବର ମହକ
ପତ୍ର କୁଞ୍ଜରେ ରିମଝିମ ଝଙ୍କାର
ମତେ ବାରମ୍ବାର ଆନମନା କରେ
ମୋ ଚିତ୍ତ ଚୈତନ୍ୟ ବ୍ୟାକୁଳ ହୁଏ
ପୁଣି ନିର୍ବୋଧପଣ ଡଙ୍କେଇ ଉଠେ
ଫେରିଯିବାକୁ ପିଲାବେଳର ଗାଆଁଦାଣ୍ଡ
ଆଉ ଦାଣ୍ଡରେ ସର୍ପିଳ ବର୍ଷା ସୁଅରେ
ଭାସି ଯାଉଥିବା କାଗଜଡଙ୍ଗା ପାଖକୁ




ହେଜିବାକୁ ସେଦିନର ସ୍ମୃତି ଅନୁଭୂତି ।
ସବୁ ଋତୁପରି ଏ ବର୍ଷା ଋତୁ ଆସି
ନୈସର୍ଗିକ ବୁନ୍ଦାବୁନ୍ଦା ମନ୍ତୁରା ପାଣି ସିଂଚି
ନଦୀକୁ ପୂର୍ଣ୍ଣଗର୍ଭା କରି
ପ୍ରକୃତିକୁ ସବୁଜିମାରେ ଭରି
କଳାମେଘି ଚାଦରଖଣ୍ଡ ସବୁ ଚଉତେଇ
ସାଇତି ରଖି ଆକାଶ କୋରଡ଼ରେ
ସଭିଙ୍କୁ କଥାଦେଇ ଚାଲିଯାଏ
ପୁଣି ଆସିବାକୁ ଆରସନ ଶ୍ରାବଣକୁ
ଗ୍ରୀଷ୍ମର ଚିଟାଉ ପାଇ ।
କିନ୍ତୁ ଉଇ ଚରି ଯାଇଥିବା ମୋ ଭାଗ୍ୟ
ଅବସନ୍ନ ଓ ଅବସାଦରେ
ବହଳ ବିଶ୍ୱାସରେ ଚାହିଁ ରହିଥାଏ
ପୁଣି ଧୋଇଦେବାକୁ ସବୁତକ ଦୁଃଖ
ସବୁଥର ପରି ବର୍ଷାବରଣରେ । ■

ପଳାଶୁଣୀ, ଭୁବନେଶ୍ୱର
ମୋ-୯୪୩୮୦୬୪୯୦୮

## ଅଳସ ଭାଙ୍ଗେ ବର୍ଷା

ଅନସୂୟା ପଣ୍ଡା

ନିଶାଖୋରୀ ପରି ଅଭୁଲା ସ୍ମୃତିମାନେ
କବାଟେ ଆଘାତ କଲେଣି ବିତର୍କରେ
କଅଁଳ ନିଦରୁ ଉଠି ଋତୁଟିଏ
ପଦ ଚାଳନା କଲାଣି ଶାଶ୍ୱତୀରେ
ପୂରାଷୀ ମୌସୁମୀ ମଧୁର ଆଳାପେ
ପୁଲକିତ ଆର୍ଦ୍ର କୋମଳ ବାତେ
ଲାଗେ ପୂର୍ଣ୍ଣମୀ ସ୍ୱର୍ଣ୍ଣ ଆଭା ଚପଳାରେ ।



ଫି ଥର ଅଳସ ଭାଙ୍ଗେ ବର୍ଷା
ସ୍ନିଗ୍ଧପଣରେ ଅବତରିଲେ ଧରା
ନଈ ନାଳ ସବୁ ତରୁଲତା
ନେଇ ନୂଆନୂଆ ଉନ୍ମାଦନା
ଭିଜୁଥାଆନ୍ତି ନିରବେ ପ୍ରହର ପ୍ରହର
ଆକାଶେ ବାଦଲ ଲଦି କାନ୍ଧେ ତା'ର ।



ଜଳଗର୍ଭା ମାଟିରେ ଗଜୁରୀ ଉଠେ
ମଙ୍ଗଳକାରୀ ବର୍ଷାର ଅନୁଗ୍ରହରେ
ଅକଳ୍ପନୀୟ ସବୁଜ ଖୁସି ଯେତେ
ପିନ୍ଧି ଚାଷୀର ଅଭାବୀ ଆମନ୍ତ୍ରଣ
ସୁଜଳା ସୁଫଳା ଶସ୍ୟ ଶ୍ୟାମଳଆଶାର ।

ବର୍ଷା ଆସିଲେ ନିଶାଗ୍ରସ୍ତ ପ୍ରକୃତି
ମନ ମାଟି ପବନ ନଦୀ କୃଷି
ପୁଣି ଚାଷୀର ଚଉଡ଼ା ଛାତି
ବୁଣା ଧାନ ସବୁ ଉଠିଲେ ଗଜୁରି
ସୁନା ଫଳାଏ ଭୂମିରେ ସଂଗ୍ରାମ କରି
ନୀଳନୀଳ ସ୍ୱପ୍ନ ମାଖି ସେ ଶ୍ରମଜୀବୀ
ବିକଶିତ ଭାରତ ପାଇଁ ଭଗୀରଥ ସାଜି ।
■

ଭୁବନେଶ୍ୱର-୭୫୧୦୧୯
ମୋ-୯୪୩୯୨୧୧୯୭୧

## ବର୍ଷା

ଅନିମା ଦେହୁରୀ

ବର୍ଷା ଆସିଲେ
ମୁଁ ଆକାଶକୁ ଦେଖେନି
ଦେଖେ ମାଟିକୁ...
କାରଣ ଅପେକ୍ଷାର ଅର୍ଥ
ମାଟିଠାରୁ ଭଲ କିଏ ବା ବୁଝିବ ?

ମାସ ମାସ ଧରି
ନିରବରେ ସହିଥିବା ତାଆର ତୃଷ୍ଣା
ଗୋଟିଏ ବୁନ୍ଦାର ସ୍ପର୍ଶରେ
ହୋଇଯାଏ ସବୁଜ ସ୍ୱପ୍ନ ।

ମେଘ କେବେ ପଚାରେନି --
ମୋତେ କିଏ ଅପେକ୍ଷା କରିଛି ?
ସେ ତ କେବଳ ଝରିଯାଏ
ନିଜକୁ ଶେଷକରି
ଅନ୍ୟର ଜୀବନରେ
ନୂଆ ଆରମ୍ଭ ଲେଖିବା ପାଇଁ ।

ଜୀବନ ବି ଏମିତି
କେହି ଆସେ
କେହି ଚାଲିଯାଏ
କିଛି ସମ୍ପର୍କ ଭିଜାଇ ଦିଏ
କିଛି ବିଦାୟ ଶୁଖାଇ ଦିଏ,
କିନ୍ତୁ କିଛି ମଣିଷ
ବର୍ଷାର ଗନ୍ଧ ପରି
ଚାଲି ଯାଇ ମଧ
ମନରେ ରହି ଯାଆନ୍ତି ।

ତେଣୁ ବର୍ଷା ଆସିଲେ
ମୁଁ ଆଉ
ଭିଜିବାକୁ ଭୟ କରେନି
ଜାଣିଛି
କିଛି ଭିଜିବା
ଆମକୁ ଭାଙ୍ଗେ ନାହିଁ
ବରଂ ଭିତରୁ
ପୁଣି ଥରେ ଜୀବନ୍ତ କରିଦିଏ ।
■

ହାଇଦ୍ରାବାଦ
ମୋ-୯୮୫୩୪୧୭୪୭୦



## ପ୍ରତୀକ୍ଷା

ଡ.ସୀତାକାନ୍ତ ତ୍ରିପାଠୀ

ସବୁ ଶେଷରୁ କିଛି ଆରମ୍ଭ ହେବ ବୋଲି ଥାଏ
ପ୍ରତୀକ୍ଷା, କାଳେ କିଛି ଘଟିଯିବ
ଅଲୌକିକ ଘଟଣା !
ବନ୍ୟାର ସୁଅରେ ଭାସିଯାଇଥିବା ସ୍ୱପ୍ନ କାଳେ ସତ
ହେବ ବୋଲି ଥାଏ ପ୍ରତୀକ୍ଷା, ତେଣିକି ସିଏ
ଭଗବାନ ହୁଅନ୍ତୁ କି ସରକାର !
ପରୀକ୍ଷା ସରିବା ପରେ ଥାଏ ପ୍ରତୀକ୍ଷା, ନିଜ ପରିଶ୍ରମର
ସଠିକ୍ ଫଳ ମିଳିବାର ଆଶା ଓ ବିଶ୍ୱାସ ଆଉ ଭାଗ୍ୟ,
ଭଗବାନ୍,ସରକାର ଉପରେ
ଭରସା କରିବାର ନିର୍ଯ୍ୟାସ !
ଆଇସିୟୁରେ ଭେଣ୍ଟିଲେଟର ଲାଗି ଥିବା ରୋଗୀର
ପରିବାରର ଥାଏ ପ୍ରତୀକ୍ଷା, କାଳେ କିଛି ମିଳିଯିବ ଶୁଭ ଖବର
ଆଉ ପରଖି ହେବ ଡାକ୍ତର
ଆଉ ଭଗବାନଙ୍କ କିମିଆଁ !
ରାସ୍ତାକଡ଼ ଡଷ୍ଟବିନ୍‌ରେ ପଡ଼ି
ଛଟପଟ ହେଉଥିବା ପିଲାଟିର ଥାଏ ପ୍ରତୀକ୍ଷା,
ମୃତ୍ୟୁ ଓ ଜୀବନର ଦୋ ଛକିରୁ ଅନ୍ତତଃ
ମିଳିଯାଉ ଭଗବାନ ଆଉ ସୈତାନଙ୍କ ଠିକଣା !
ପ୍ରତୀକ୍ଷା, ମାପିପାରେ ସହନଶୀଳତା
ଆଉ ହୃତସ୍ପନ୍ଦନର ବେଗ, ଯାହା ନିୟନ୍ତ୍ରିତ
ହୁଏ ଅନ୍ୟମାନଙ୍କ ହାତର
ଯାଦୁକରୀ ସ୍ପର୍ଶରେ ! ■



ତଳଗୋପ ବିନ୍ଧା, ଅର୍ଣ୍ଣପାଳ, ଭଦ୍ରକ, ମୋ-୯୭୭୮୭୬୪୩୯୪

### ଭଦ୍ରକ ଜିଲ୍ଲା ବିକାଶ ପରିଷଦ, ଟିପର ଓ ଟ୍ରକ ମାଲିକ ସଂଘର ୩୫ ଦିନର ରିଲେ ଅନଶନ

# ଦାବି ପୂରଣ ନହେଲେ ୪ ତାରିଖରେ ପୁଣି ରେଳରୋକ



ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲ୍ଲାରେ କୋଇଲା ପରିବହନ ବ୍ୟବସ୍ଥାରେ ସ୍ଥାନୀୟ ଏଜେନ୍ସି ଓ ଗାଡ଼ିମାଲିକମାନଙ୍କୁ ସମାନ ସୁଯୋଗ ଦେବା ଦାବିକୁ ନେଇ ଚାଲିଥିବା ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଦୀର୍ଘ ୩୫ ଦିନ ଧରି ରିଲେ ଅନଶନ ଜାରି ରହିଥିବାବେଳେ, ଦାବି ପୂରଣ ଦିଗରେ ଠୋସ୍ ପଦକ୍ଷେପ ନିଆନଗଲେ ଆସନ୍ତା ୪ ତାରିଖରେ ପୁନର୍ବାର ରେଳରୋକ ଆନ୍ଦୋଳନ କରାଯିବ ବୋଲି ଭଦ୍ରକ ଜିଲ୍ଲା ବିକାଶ ପରିଷଦ,ଟିପର ଓ ଟ୍ରକ ମାଲିକ ସଂଘର ସଭାପତି ଶୁଭେନ୍ଦୁ ରାୟ ମହାପାତ୍ରଙ୍କ ସମେତ ବିଶ୍ୱକର୍ମା ଟ୍ରକ ମାଲିକ ସଂଘ ପକ୍ଷରୁ ଆଜିର ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଭଦ୍ରକ ଜିଲ୍ଲା ଦେଇ ହେଉଥିବା କୋଇଲା ପରିବହନ କାର୍ଯ୍ୟରେ ଜିଲ୍ଲାର ସମସ୍ତ ସ୍ଥାନୀୟ ଏଜେନ୍ସି ଓ ଗାଡ଼ିମାଲିକଙ୍କୁ ସମାନ ପରିମାଣରେ କାମର ସୁଯୋଗ ମିଳୁନାହିଁ। ଏହା ଫଳରେ ଭଦ୍ରକର ମୂଳ ବାସିନ୍ଦା ଅନେକ ଗାଡ଼ିମାଲିକ ଓ ପରିବହନ ବ୍ୟବସାୟ ସହ ଜଡ଼ିତ ପରିବାର ଆର୍ଥିକ ଭାବେ ପ୍ରଭାବିତ ହେଉଥିବା ସେମାନେ ଦାବି କରିଛନ୍ତି।ସ୍ଥାନୀୟ ଗାଡ଼ିମାଲିକ ଓ ପରିବହନ ସଂପୃକ୍ତ ବ୍ୟକ୍ତିମାନଙ୍କ ଦାବିକୁ ନେଇ ପୂର୍ବରୁ ମଧ୍ୟ ଆନ୍ଦୋଳନ, ଧରଣା ଓ ରେଳରୋକ ଭଳି ଗଣତାନ୍ତ୍ରିକ ପ୍ରତିବାଦ କରାଯାଇଥିବା କୁହାଯାଇଛି। ବର୍ତ୍ତମାନ ଦୀର୍ଘ ୩୫ ଦିନ ହେଲା ରିଲେ ଅନଶନ ମାଧ୍ୟମରେ ଦାବି ଉପସ୍ଥାପନ କରାଯାଉଛି। ଆନ୍ଦୋଳନକାରୀମାନେ କହିଛନ୍ତି ଯେ, ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ସମସ୍ତ ଷ୍ଟେକ୍‌ହୋଲ୍ଡରଙ୍କୁ ଦାବି ଓ ସମସ୍ୟା ସମ୍ପର୍କରେ ପୂର୍ବରୁ ଅବଗତ କରାଯାଇଛି। ତଥାପି ଏଯାବତ୍ ଦାବିର ସ୍ଥାୟୀ ସମାଧାନ ହୋଇନଥିବା ସେମାନେ ଅଭିଯୋଗ କରିଛନ୍ତି।

ଆନ୍ଦୋଳନକାରୀଙ୍କ ମୁଖ୍ୟ ଦାବି ହେଉଛି, ଭଦ୍ରକରେ କୋଇଲା ପରିବହନରେ ସ୍ଥାନୀୟ ସମସ୍ତ ଯୋଗ୍ୟ ଏଜେନ୍ସିଙ୍କୁ ନ୍ୟାୟସଙ୍ଗତ ଭାବରେ କାମର ସୁଯୋଗ ଦିଆଯାଉ। ଏଥିସହ ଜିଲ୍ଲାର ସ୍ଥାନୀୟ ଗାଡ଼ିମାଲିକମାନଙ୍କୁ ମଧ୍ୟ ପରିବହନ କାର୍ଯ୍ୟରେ ଅଧିକ ସୁଯୋଗ ଦେଇ ସେମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରାଯାଉ। ତିହିଡ଼ି, ପିରାହାଟ, ଚାନ୍ଦବାଲି ସମେତ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଂଚଳର ଗାଡ଼ିମାଲିକ ଓ ପରିବହନ ବ୍ୟବସାୟୀମାନେ ଏହି ଆନ୍ଦୋଳନ ସହ ଜଡ଼ିତ ହୋଇଥିବା ଆନ୍ଦୋଳନକାରୀ କହିଛନ୍ତି। କୋଇଲା ପରିବହନରୁ ମିଳୁଥିବା ଆର୍ଥିକ ସୁଯୋଗରେ ସ୍ଥାନୀୟ ଲୋକଙ୍କ ଅଂଶୀଦାରିତ୍ୱ ନିଶ୍ଚିତ କରିବାକୁ ସେମାନେ ଦାବି ଉଠାଇଛନ୍ତି। ଦୀର୍ଘ ସମୟ ଧରି ଗାଡ଼ିଗୁଡ଼ିକ ପରିବହନ କାର୍ଯ୍ୟରେ ନିୟୋଜିତ ହୋଇପାରୁନଥିବା କିମ୍ବା ପର୍ଯ୍ୟାପ୍ତ କାମ ନମିଳିବାରୁ ଅନେକ ଗାଡ଼ିମାଲିକ ଆର୍ଥିକ ଚାପରେ ରହିଥିବା ଆନ୍ଦୋଳନକାରୀମାନେ କହିଛନ୍ତି। ଗାଡ଼ି କିଣିବା ପାଇଁ ନିଆଯାଇଥିବା ଋଣ, ଡ୍ରାଇଭର ଓ କର୍ମଚାରୀଙ୍କ ଖର୍ଚ୍ଚ, ଗାଡ଼ିର ରକ୍ଷଣାବେକ୍ଷଣ ସହିତ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ୁଥିବା ବେଳେ ନିୟମିତ କାମ ନମିଳିଲେ ସେମାନେ ଅଧିକ ଆର୍ଥିକ ସଙ୍କଟରେ ପଡ଼ୁଥିବା ଦାବି କରାଯାଇଛି। ବିଶେଷ ଯେଉଁ ଗାଡ଼ିମାଲିକମାନେ ବର୍ତ୍ତମାନ ଆର୍ଥିକ ଅଭାବ ଓ ଅନିଶ୍ଚିତ ମଧ୍ୟରେ ଗତି କରୁଛନ୍ତି, ସେମାନଙ୍କୁ ମଧ୍ୟ ପରିବହନ ବ୍ୟବସ୍ଥାରେ ନ୍ୟାୟସଙ୍ଗତ ଭାବରେ ସାମିଲ କରାଯାଉ ବୋଲି ଦାବି ହୋଇଛି।ଆନ୍ଦୋଳନକାରୀମାନେ ଭଦ୍ରକ ଜିଲ୍ଲାର ସାଧାରଣ ଜନତାଙ୍କୁ ଦଳମତ ନିର୍ବିଶେଷରେ ଏହି ଦାବି ପ୍ରତି ନୈତିକ ସମର୍ଥନ ଦେବାକୁ ଆହ୍ୱାନ ଦେଇଛନ୍ତି। ଭଦ୍ରକରେ ଆଗାମୀ ଦିନରେ ଯେଉଁ ଶିଳ୍ପାୟନ ଓ ଆର୍ଥିକ ବିକାଶ ହେବ, ସେଥିରେ ସ୍ଥାନୀୟ ଯୁବକ-ଯୁବତୀ ଓ ଶିକ୍ଷିତ ପିଢ଼ି ଯେପରି ଅଂଶୀଦାର ହୋଇପାରିବେ, ସେ ଦିଗରେ ଏବେଠାରୁ ସ୍ଥାନୀୟ ଲୋକଙ୍କ ଅଧିକାର ଓ ଆର୍ଥିକ ସୁଯୋଗ ସୁନିଶ୍ଚିତ କରାଯିବା ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି। ଆନ୍ଦୋଳନକାରୀମାନେ କହିଛନ୍ତି ଯେ, ପ୍ରଶାସନ ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦାବି ଜଣାଇବା ସତ୍ତ୍ୱେ ସମାଧାନର ବାଟ ନଖୋଲିଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ। ଏହାର ଅଂଶ ଭାବେ ଆସନ୍ତା ୪ ତାରିଖରେ ପୁନର୍ବାର ରେଳରୋକ କରାଯିବ ବୋଲି ସେମାନେ ଘୋଷଣା କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଏହି ପ୍ରତିବାଦ ଗଣତାନ୍ତ୍ରିକ ଉପାୟରେ କରାଯିବ। କୋଇଲା ପରିବହନକୁ ସ୍ୱଚ୍ଛ, ନ୍ୟାୟସଙ୍ଗତ ଓ ସମାନ ଭାବରେ ବଂଟନ କରି ସ୍ଥାନୀୟ ଗାଡ଼ିମାଲିକ ଓ ଏଜେନ୍ସିମାନଙ୍କୁ ବିକାଶ ମୁଖ୍ୟଧାରାରେ ସାମିଲ କରିବା ହେଉଛି ଆନ୍ଦୋଳନର ମୂଳ ଉଦ୍ଦେଶ୍ୟ ବୋଲି ସେମାନେ ପ୍ରକାଶ କରିଛନ୍ତି।ଏବଂ ଆଜି ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କୁ ଏକ ଦାବିପତ୍ର ଦେଇଛନ୍ତି।ଏବେ ଦୀର୍ଘ ୩୫ ଦିନର ରିଲେ ଅନଶନ ପରେ ଆନ୍ଦୋଳନକାରୀଙ୍କ ଘୋଷିତ ରେଳରୋକ ଆନ୍ଦୋଳନକୁ ନେଇ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ କର୍ତ୍ତୃପକ୍ଷ କି ପଦକ୍ଷେପ ନେଉଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।


# ଦଳିତ ସମାଜ କଲ୍ୟାଣର ସାଙ୍ଗଠନିକ ବୈଠକ



ବ୍ରହ୍ମପୁର, (ପିପିଏସ୍): ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦ ଗଞ୍ଜାମ ଜିଲ୍ଲା ସଙ୍ଗଠନର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଏନ୍‌ଜିଓ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ଅକ୍ଟୋବର ୨ରେ ଗାନ୍ଧୀ ଜୟନ୍ତୀ ଦିନ ଗଞ୍ଜାମ ଜିଲ୍ଲା ସଙ୍ଗଠନର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଗାଙ୍ଗପୁରରେ ଆୟୋଜନ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତି ହୋଇଥିଲା। ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟକାରୀ ସଭାପତି ପଞ୍ଚାନନ ନାୟକ, ଆଇନ ପରାମର୍ଶଦାତା ପ୍ରଶାନ୍ତ କୁମାର ନାୟକ, କୋଷାଧ୍ୟକ୍ଷ ଜଗା ହାଡ଼ିଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ବନମାଳି ସେଠୀ ଓ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସଭାପତି ଗୋପୀନାଥ ନାୟକ, ସମ୍ପାଦକ ଅଶୋକ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ନାୟକ ଏବଂ ରାଜ୍ୟ ଅଧକ୍ଷ ନିରମଣି ନାୟକ ଉପସ୍ଥିତରହି ସଙ୍ଗଠନର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକକୁ ରାଜ୍ୟ ସଭାପତି ମନୋରଞ୍ଜନ ଲିମାଙ୍କ ସଭାପତିତ୍ୱରେ ସମ୍ପାଦନ ହୋଇଥିଲା। ଏହି ବୈଠକରେ ଜିଲ୍ଲାର ବହୁ ଦଳୀୟ ସଦସ୍ୟ ବରିଷ୍ଠ ବ୍ୟକ୍ତିବିଶେଷ ଯୋଗଦେଇ ନିଜର ମତାମତ ରଖିଥିଲେ।

# ଟୟୋଟା ସର୍ଭିସ୍ ଶୋରୁମ୍‌ରେ ଭୟାବହ ଅଗ୍ନିକାଣ୍ଡରେ ଜଳିଗଲା ୨୦ ଦାମୀ କାର୍

## ଅଗ୍ନିଶମ ବିଭାଗର ୮ସେକ୍‌ସନ୍‌ର ୭୦ରୁ ଉର୍ଦ୍ଧ୍ୱ କର୍ମଚାରୀ କଲେ ନିଆଁକୁ ଆୟତ୍ତ



ବ୍ରହ୍ମପୁର(ପିପିଏସ୍): ଦୁଇ ମହଲା ଚକାଚକ କୋଠା । କିନ୍ତୁ ନଥିଲା ଫାୟାରସେଫ୍ଟି। ଯାହାଫଳରେ ସାମାନ୍ୟ ଅଗ୍ନିକାଣ୍ଡରୁ ହେଲା ଭୟାବହ ଅଗ୍ନିକାଣ୍ଡ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ଉପକଣ୍ଠ ହଳଦିଆପଦର ଅଟୋନଗରରେ ଥିବା ଲକ୍ଷ୍ମୀ ଟୋୟଟା ସର୍ଭିସ୍ ସେଣ୍ଟରରେ। ଏହି ଅଗ୍ନିକାଣ୍ଡରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଦାମୀକାର ଜଳିପୋଡି ନଷ୍ଟ ହୋଇଯାଇଛି । ଖବରପାଇ ଅଗ୍ନିଶମ ବିଭାଗର ୮ଟି ସେକ୍‌ସନ୍‌ର ୭୦ରୁ ଅଧିକ ଅଗ୍ନିଶମ କର୍ମଚାରୀଙ୍କ ଦୀର୍ଘ ୩ଘଣ୍ଟାର ଅକ୍ଲାନ୍ତ ପରିଶ୍ରମପରେ ନିଆଁ ସମ୍ପୂର୍ଣ୍ଣ ଆୟତ ହୋଇଥିଲା । ତେବେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିବା ବେଳେ ଫାୟାରସେଫ୍ଟି ନଥିବା ନେଇ ବିଭାଗକୁ ଜଣାଇବାପରେ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଗ୍ନିଶମ ବିଭାଗର ମୁଖ୍ୟ ବିଚିତ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି । ସେପଟେ ଲକ୍ଷ ଲକ୍ଷ ଟଙ୍କାର କାର୍ ଜଳିପୋଡି ନଷ୍ଟ ହୋଇଯାଇଥିବା ବେଳେ ଶନିବାର ସକାଳ ଭୋଟ ୫ଟାରେ ସର୍ଭିସ୍ ସେଣ୍ଟର ଭିତରୁ ଧୂଆଁ ବାହାରୁଥିବା ଦେଖି ସେଠାରେ ଥିବା ୨ ସିକ୍ୟୁରିଟ୍ ଗାର୍ଡ କମ୍ପାନୀର ଅଧିକାରୀଙ୍କୁ ଜଣାଇଥିଲେ । ପରେ ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଅଗ୍ନିଶମ ବିଭାଗ ପହଞ୍ଚି ଯୁଦ୍ଧକାଳୀନଭିତିରେ ନିଆଁକୁ ଲିଭାଇଥିଲେ । ଅଗ୍ନିଶମ ବିଭାଗର ଅତ୍ୟାଧୁନିକ ରୋବର୍ଟ କୃଷ୍ଣକୁ ନିୟୋଜିତ କରାଯାଇ ନିଆଁ ଲିଭାଯାଇଥିଲା । ନିଆଁ ଲିଭାଇବା ଭିତରେ ସର୍ଭିସ୍ ସେଣ୍ଟରରେ ଥିବା ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଦାମୀକାର ଜଳିପୋଡି ନଷ୍ଟ ହୋଇଯାଇଥିଲା। ତେବେ ଉପର ମହଲାରେ ଥିବା ହିରୋ ସର୍ଭିସ୍ ସେଣ୍ଟରରେ ସେତେ ପରିମାଣର କ୍ଷୟକ୍ଷତି ହୋଇନାହିଁ। ନିଆଁ ଆୟତ ହେବାପରେ ଜଣାପଡିଥିଲା ଯେ, ଦୁଇ ମହଲା କୋଠାରେ ନଥିଲା ଅଗ୍ନି ନିର୍ବାପକ ବ୍ୟବସ୍ଥା । ଯାହା ଫଳରେ ସାଧାରଣ ନିଆଁରୁ ଭୟାବହ ଅଗ୍ନିକାଣ୍ଡରେ ପରିଣତ ହୋଇଥିଲା ।

# ସେପ୍ଟେମ୍ବର ୩ରୁ ପାରାଦୀପରେ ସେନା ଭର୍ତ୍ତି ରାଲି

କେନ୍ଦ୍ରାପଡ଼ା, (ପିପିଏସ): ସେନା ଭର୍ତ୍ତି କାର୍ଯ୍ୟାଳୟ, କଟକ ପକ୍ଷରୁ ଅଗ୍ନିପଥ ଯୋଜନା ଅଧୀନରେ ସେନା ଭର୍ତ୍ତି ରାଲି ଆସନ୍ତା ୩ ସେପ୍ଟେମ୍ବରରୁ ୧୬ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ପାରାଦୀପ ସ୍ଥିତ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ଏହି ଭର୍ତ୍ତି ରାଲି କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ପ୍ରାର୍ଥୀମାନଙ୍କ ପାଇଁ ଆୟୋଜିତ ହେବ।ଏହି ଭର୍ତ୍ତି ରାଲିରେ ରେଗୁଲାର କ୍ୟାଡେଟ ବର୍ଗ ସହିତ ଓଡ଼ିଶା, ପଶ୍ଚିମବଙ୍ଗ ଓ ସିକ୍କିମ ରାଜ୍ୟର ପ୍ରାର୍ଥୀମାନଙ୍କ ପାଇଁ ଅଗ୍ନିବୀର କ୍ଲର୍କ/ ଷ୍ଟୋର କିପର ଟେକ୍ନିକାଲ ବର୍ଗରେ ମଧ୍ୟ ଭର୍ତ୍ତି କରାଯିବ।

ଅନଲାଇନ୍ କମନ୍ ଏଣ୍ଟ୍ରାନ୍ସ ଏକ୍‌ଜାମିନେସନ୍‌ରେ ଉତ୍ତୀର୍ଣ୍ଣ ତଥା ଶର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀମାନେ ନିଜ ଆଡମିଟ୍ କାର୍ଡରେ ଉଲ୍ଲେଖିତ ତାରିଖ ଓ ସମୟ ଅନୁଯାୟୀ ଫିଜିକାଲ୍ ଫିଟନେସ୍ ଟେଷ୍ଟ ଓ ମେଡିକାଲ୍ ପରୀକ୍ଷା ପାଇଁ ଉପସ୍ଥିତ ହେବାକୁ ପଡ଼ିବ। ସମ୍ପୃକ୍ତ ପ୍ରାର୍ଥୀମାନଙ୍କ ଆଡମିଟ୍ କାର୍ଡ ସେମାନଙ୍କ ପଞ୍ଜିକୃତ ଇ-ମେଲ୍ ଆଇଡିକୁ ପଠାଯାଇଛି। ଏହାଛଡ଼ା ପ୍ରାର୍ଥୀମାନେ ଭାରତୀୟ ସେନାର ଅଫିସିଆଲ୍ ୱେବସାଇଟ୍ www.joinindianarmy.nic.inରେ ନିଜ ପ୍ରୋଫାଇଲ୍‌ରେ ଲଗ୍‌ଇନ୍ କରି ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ଭର୍ତ୍ତି ରାଲି ସମୟରେ ପ୍ରାର୍ଥୀମାନେ ନିଜର ମୂଳ ଦସ୍ତାବିଜ କୌଣସି ଅଜଣା ବ୍ୟକ୍ତି, ଦଲାଲ କିମ୍ବା ଏଜେଣ୍ଟଙ୍କୁ ହସ୍ତାନ୍ତର ନକରିବାକୁ ପରାମର୍ଶ ଦିଆଯାଇଛି। ଏଭଳି କୌଣସି ଘଟଣା ନଜରକୁ ଆସିଲେ ତୁରନ୍ତ ସ୍ଥାନୀୟ ପୋଲିସ କିମ୍ବା ସେନା ଭର୍ତ୍ତି କାର୍ଯ୍ୟାଳୟ, କଟକର କର୍ମଚାରୀଙ୍କୁ ଜଣାଇବାକୁ କୁହାଯାଇଛି। ଭର୍ତ୍ତି ସମ୍ପର୍କିତ ଯେକୌଣସି ଯୋଗାଯୋଗ, ସୂଚନା କିମ୍ବା ପଚରାଉଚରା ପାଇଁ ପ୍ରାର୍ଥୀମାନେ ସେନା ଭର୍ତ୍ତି କାର୍ଯ୍ୟାଳୟ, କଟକ ସହ ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରିପାରିବେ: ଲ୍ୟାଣ୍ଡଲାଇନ୍: ୦୬୭୧-୨୩୦୫୮୮୦। ମୋବାଇଲ୍: ୯୪୩୭୧୬୨୨୮୦।

# ୮୨ ଲିଟର ଚୋରା ବିଦେଶୀ ମଦ ଜବତ, ଜଣେ କୋର୍ଟଚାଲାଣ

ବାଙ୍କୀ, (ପିପିଏସ୍) : ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ ହାଉସ ଅନ୍ତର୍ଗତ ଅଂଶୁପା ହ୍ରଦ ନିକଟରେ ଥିବା ସରକାରୀ ବିଦେଶୀ ମଦ ଦୋକାନ ରୁ ଚୋରା କରବାର ବୃଦ୍ଧି ପାଉଛି। ଚୋରାରେ ମଦ ଚାଲାଣ ହେଉଥିବା ବେଳେ ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ଖବର ପାଇ ରତାଗଡ ପଞ୍ଚାୟତ ତାରିଣୀ ମନ୍ଦିର ନିକଟରୁ ଚୋରା ମଦ ବେପାରୀକୁ ମାଡି ବସି ବାଙ୍କୀ ଥାନାକୁ ଖବର ଦେବାପରେ ଘଟଣା ସ୍ଥଳରେ ଆଇଆଇସି ଦିଲ୍ଲିପ କୁମାର ମର୍ଦରାଜ ଭୂୟାଁ ପହଂଚି ମଦ ଜବତ କରିବା ସହ ଗାଡି ଓ ମଦ ବେପାରୀଙ୍କୁ ଗିରଫ କରି କେସ୍ ନମ୍ବର ୪୫୧/୨୬ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲେ। ଅଂଶୁପା ବିଦେଶୀ ମଦ ଦୋକାନରେ କାମ କରୁଥିବା ପପୁ ବେଜ ଏହି ଚୋରା ମଦ ଗାଁ ବେପାରୀଙ୍କ ପାଖକୁ ନେଉଥିଲା ବୋଲି ଆଇଆଇସି ଭୂୟାଁ ସୂଚନା ଦେଇଛନ୍ତି।

### କିନ୍ନର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

# ଚରମ୍ପା ରେଳ ଓଭରବ୍ରିଜ ନିକଟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ, ପରସ୍ପରକୁ ଆକ୍ରମଣ ଅଭିଯୋଗ

ଭଦ୍ରକ, (ପିପିଏସ୍): ଭଦ୍ରକ ସହରର ଚରମ୍ପା ଅଂଚଳରେ ଦୁଇ କିନ୍ନର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳକୁ ନେଇ ଚର୍ଚ୍ଚା ଜୋର ଧରିଛି। ଚରମ୍ପା ରେଳ ଓଭରବ୍ରିଜ ନିକଟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ପରେ ବିବାଦ ଉଗ୍ରରୂପ ନେଇଥିବା ଜଣାପଡ଼ିଛି। ଏହାପରେ ଉଭୟ ପକ୍ଷ ପରସ୍ପରଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଚରମ୍ପା ରେଳ ଓଭରବ୍ରିଜ ନିକଟରେ କିଛି ସମୟ ପାଇଁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଦେଖାଦେଇଥିଲା। ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ କୌଣସି ଏକ କାରଣକୁ ନେଇ ବଚସା ହୋଇଥିବା ବେଳେ ପରେ ତାହା ହାତାହାତି ଓ ଆକ୍ରମଣର ରୂପ ନେଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିବା ସହ କିଛି ସମୟ ପାଇଁ ଅଂଚଳରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଗଣ୍ଡଗୋଳରେ ଆହତ ହୋଇଥିବା କିଛି କିନ୍ନରଙ୍କୁ ଚିକିତ୍ସା ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି। ଚିକିତ୍ସାଳୟରେ ସେମାନଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି। ଘଟଣାକୁ ନେଇ ପୁଲିସ ପକ୍ଷରୁ ତଦନ୍ତ କରାଯାଉଥିବା ବେଳେ ଗଣ୍ଡଗୋଳର ପ୍ରକୃତ କାରଣ କ'ଣ, ଏଥିରେ କେତେଜଣ ସମ୍ପୃକ୍ତ ଥିଲେ ଏବଂ ଆକ୍ରମଣରେ କେତେଜଣ ଆହତ ହୋଇଛନ୍ତି, ସେନେଇ ସବିଶେଷ ତଥ୍ୟ ତଦନ୍ତ ପରେ ସ୍ପଷ୍ଟ ହେବ। ଘଟଣା ପରେ ଅଂଚଳରେ ଯେପରି ଆଉ କୌଣସି ଅପ୍ରୀତିକର ପରିସ୍ଥିତି ନଘଟେ, ସେଥିପାଇଁ ପୁଲିସ ନଜର ରଖିଥିବା ଜଣାପଡ଼ିଛି। ଦୁଇ କିନ୍ନର ଗୋଷ୍ଠୀ ମଧ୍ୟରେ ଏଭଳି ଗଣ୍ଡଗୋଳ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ମଧ୍ୟ ଆଲୋଚନା ଜୋର ଧରିଛି। ତେବେ ଗଣ୍ଡଗୋଳର ପଛରେ ଥିବା ପ୍ରକୃତ କାରଣ ଏବଂ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ପୁଲିସ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ।

# ନୟାଗଡ଼ରେ ଜାତୀୟ କ୍ରୀଡ଼ା ଦିବସ



ନୟାଗଡ଼, (ପିପିଏସ୍): ନୟାଗଡ ଜିଲ୍ଲା ପ୍ରଶାସନ, ନୟାଗଡ଼ ପକ୍ଷରୁ ଆଜି ପ୍ରାତଃ ୭ ଟା ସମୟରେ ନୟାଗଡ଼ସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଜାତୀୟ କ୍ରୀଡ଼ା ଦିବସ-୨୦୨୬ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଭାରତୀୟ ହକିର କିମ୍ବଦନ୍ତୀ ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଜୟନ୍ତୀ ଅବସରରେ ଏହି ଦିବସ ପାଳନ କରାଯାଇଥାଏ।

ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡା, ସହାୟକ ଜିଲ୍ଲାପାଳ ଅକ୍ଷୟ କୁମାର ବେହେରା, ଆଥଲେଟିକ୍ ସଂଘର ସମ୍ପାଦକ ଆଶିଷ ଦାସ ଏବଂ ଜିଲ୍ଲା କ୍ରିଡା ଅଧିକାରୀ ସୁଜାତା କୁମାରୀ ସାହୁ ଆଦି ଉପସ୍ଥିତ ଥିଲେ। ଏହି ଅବସରରେ ନୟାଗଡ ଷ୍ଟାଡିୟମ ଠାରୁ ସ୍ୱୟଂଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରଯାଇଥିଲା। ଏହି ଶୋଭାଯାତ୍ରାରେ ଛାତ୍ରଛାତ୍ରୀ, ମହିଳା, ସାମ୍ବାଦିକ ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଇତ୍ୟଅବସରରେ ବିଭିନ୍ନ ପ୍ରକାର କ୍ରିଡା ପ୍ରତିଯୋଗୀତା ଯଥା ଫୁଟବଲ, ବ୍ୟାଡମିଣ୍ଟନ, ଗଙ୍କଶ୍ୱସମ ମଷବସଶ୍ୱ ଇତ୍ୟାଦିର ଆୟୋଜନ କରଯାଇଥିଲା ଏବଂ କୃତି ପ୍ରତିଯୋଗୀମାନଙ୍କୁ ଜିଲ୍ଲାପାଳ ମଧୁମିତା ରଥ ପୁରସ୍କୃତ କରିଥିଲେ।

ନୟାଗଡ଼ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ, ଓଡିଶାଙ୍କ ସଂଯୁକ୍ତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜିଲ୍ଲାରେ କ୍ରୀଡ଼ାର ପରିବେଶକୁ ଅଧିକ ସୁଦୃଢ଼ କରିବା ସହିତ ସମସ୍ତ ବର୍ଗର ନାଗରିକଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, କ୍ରୀଡ଼ା ପ୍ରତି ଆଗ୍ରହ ଓ କ୍ରୀଡ଼ା ମନୋଭାବକୁ ପ୍ରୋତ୍ସାହିତ କରିବା। ଜିଲ୍ଲାରେ କ୍ରୀଡ଼ାର ପ୍ରସାର, ଶାରୀରିକ ସୁସ୍ଥତାର ବିକାଶ ଏବଂ ସମସ୍ତ ବୟସ ବର୍ଗର ନାଗରିକଙ୍କୁ କ୍ରୀଡ଼ା ଓ ଶାରୀରିକ କ୍ରିୟାକଳାପରେ ଅଧିକ ସକ୍ରିୟ ଭାବେ ସାମିଲ କରିବା ପାଇଁ ସମସ୍ତେ ନୂତନ ସଂକଳ୍ପ ଗ୍ରହଣ କରିଥିଲେ। ଶେଷରେ, ଅଂଶଗ୍ରହଣକାରୀ ଏବଂ ଅତିଥିମାନଙ୍କ ନିମନ୍ତେ ଜଳପାନର ବ୍ୟବସ୍ଥା କରଯାଇଥିଲା।

# ସମବାୟ ପରିଚାଳନା ପ୍ରତିଷ୍ଠାନ ଆନୁକୂଲ୍ୟରେ ଦକ୍ଷତା ବିକାଶ ସମବାୟ ତାଲିମ୍ କାର୍ଯ୍ୟକ୍ରମ



ବ୍ରହ୍ମପୁର, (ପିପିଏସ୍): ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ, ଭୁବନେଶ୍ୱର ଅଧିନସ୍ଥ ସମବାୟ ପରିଚାଳନା ପ୍ରତିଷ୍ଠାନ, ଗୋପାଳପୁର ବେଳାଭୂମି ଆନୁକୂଲ୍ୟରେ ହସ୍ତ ତନ୍ତ ବୁଣାକାର ସମବାୟ ସମିତିର ପରିଚାଳନା ପରିଷଦର ସଭ୍ୟ ଓ ସହକାରୀ ବୟନ ଶିଳ୍ପ ଓ ହସ୍ତ ତନ୍ତ ନିର୍ଦ୍ଦେଶାଳୟର କର୍ମଚାରୀ ମାନଙ୍କ ନିମନ୍ତେ ଏକ ଦିବସୀୟ ଦକ୍ଷତା ବିକାଶ ସମବାୟ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ୍ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ରଣା, ହୃଷୀକେଶ ମାହାଳି ଉପ ନିର୍ଦ୍ଦେଶକ ବୟନ ଶିଳ୍ପ ନିର୍ଦ୍ଦେଶାଳୟ, ଅଶୋକ କୁମାର ରାୟ ପ୍ରଶାସନିକ ଅଧିକାରୀ, ଟାଟା ଷ୍ଟିଲ, ରାମମୋହନ ପାତ୍ର, ଅବସରପ୍ରାପ୍ତ ଉପ ନିବନ୍ଧକ, ସମବାୟ ସମିତି ସମୂହ, ମିସ୍ ଡି. ବିଜୟଲକ୍ଷ୍ମୀ, ଅଧ୍ୟାପକ, ସ୍କିଲ୍ ଡେଭଲପମେଣ୍ଟ, ଉଦୟନାଥ ପ୍ରଧାନ, ଅବସରପ୍ରାପ୍ତ ଉପ ସହକାରୀ ନିରୀକ୍ଷକ, ଡି.କ୍ରିଷ୍ଣାନନ୍ଦ, ଅଧ୍ୟକ୍ଷ, ନାସିର ହୁସେନ, ଉପ ସହକାରୀ ନିବନ୍ଧକ, ବୟନ ଶିଳ୍ପ, ମମତା ସାହୁ, ଅଧ୍ୟାପିକା, ସମବାୟ ପରିଚାଳନା ପ୍ରତିଷ୍ଠାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିବା ବେଳେ ରାମ ମୋହନ ପାତ୍ର ସମବାୟ ଆଇନ ଓ ନିୟମକୁ ପାଥେୟ କରି ସମିତିର ଆର୍ଥିକ ଓ ସାମାଜିକ ଏବଂ ସାଂସ୍କୃତିକ ଅଭିବୃଦ୍ଧି ନିମନ୍ତେ ପ୍ରଶିକ୍ଷଣାର୍ଥୀମାନଙ୍କୁ ପ୍ରେରଣା ଦେଇଥିଲେ। ଅଶୋକ କୁମାର ରାୟ, ମିସ୍ ଡି.ବିଜୟଲକ୍ଷ୍ମୀ ସମିତିର ଦକ୍ଷତା ବୃଦ୍ଧି ଓ ନେତୃତ୍ୱ ଉପରେ ତାଲିମ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୦ଜଣ ପରିଚାଳନା ପରିଷଦର ସଭ୍ୟ ଏବଂ କର୍ମଚାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏଥିସହିତ ପ୍ରଶିକ୍ଷଣାର୍ଥୀମାନଙ୍କ ତରଫରୁ ଏହି ପ୍ରକାର ତାଲିମ୍ କାର୍ଯ୍ୟକ୍ରମ ସମୟକ୍ଷନୁଯାୟୀ ଆୟୋଜନ କରାଯିବା ନେଇ ସହମତି ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମକୁ ସମବାୟ ପରିଚାଳନା ପ୍ରତିଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ମମତା ସାହୁ ସଂଯୋଜନା କରିଥିଲେ।

# ଭାଇଚାରାର ବାର୍ତ୍ତାନେଇ ବାଙ୍କୀରେ ରକ୍ଷା ବନ୍ଧନ ଉତ୍ସବ



ବାଙ୍କୀ, (ପିପିଏସ୍): ଭାଇଚାରା, ସାମାଜିକ ସମ୍ପ୍ରୀତି ଓ ଏକତାର ବାର୍ତ୍ତା ନେଇ ବାଙ୍କୀରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଛି। ମା' ଚର୍ଚ୍ଚିକା ପ୍ରଭାତ ଶାଖା ପକ୍ଷରୁ ସ୍ଥାନୀୟ କଚେରୀ ପଡ଼ିଆରେ ଏହି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବାଙ୍କୀର ବିଶିଷ୍ଟ ବ୍ୟବସାୟୀ ଯୁଗଳ ଭୂତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମରେନ୍ଦ୍ର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ରକ୍ଷା ବନ୍ଧନର ମହତ୍ତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ମୁଖ୍ୟବକ୍ତା ଆଲୋକପାତ କରିଥିଲେ। ଦେଶର ଏକତା ଓ ଭାଇଚାରାକୁ ମଜବୁତ କରିବା ସହ ଭାରତ ମାତାର ମାନସମ୍ମାନକୁ ବିଶ୍ୱସ୍ତରରେ ବୃଦ୍ଧି କରିବା ଦିଗରେ ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରସନ୍ନ ପଣ୍ଡା ପରିଚାଳନା କରିଥିଲେ। ଉତ୍ସବର ପରିଶେଷରେ ସ୍ୱୟଂସେବକ ଓ କର୍ମକର୍ତ୍ତାମାନେ ବାଙ୍କୀ କାରାଗାର ପରିଦର୍ଶନ କରିଥିଲେ। ସେଠାରେ ଅନ୍ତେବାସୀମାନଙ୍କୁ ରକ୍ଷୀ ବାନ୍ଧିବା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାରାଗାରର ଅନ୍ତେବାସୀଙ୍କ ସହ ରକ୍ଷା ବନ୍ଧନ ପାଳନ କରିବାର ଏହି ପ୍ରୟାସ ମାଧ୍ୟମରେ ସାମାଜିକ ଏକତା, ମାନବିକତା ଓ ଭାଇଚାରାର ଏକ ସୁନ୍ଦର ବାର୍ତ୍ତା ପ୍ରସାରିତ ହୋଇଥିଲା।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆହାର କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଦାବିପତ୍ର



ଭଦ୍ରକ, (ପିପିଏସ୍) ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆହାର କେନ୍ଦ୍ର ପ୍ରତିଷ୍ଠା ଗୁରୁତ୍ୱ ବହନ କରୁଥିଲା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦୁଇଟି ଦାବିପତ୍ର ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀ ଓ ସମସ୍ତ କର୍ମକର୍ତା ମାନେ ପ୍ରଦାନ କରିଥିଲେ। ପୂର୍ବତନ ଜିଲ୍ଲାପାଳ ଡ. ଦିଲୀପ ରାଉତ ରାଏ ମଧ୍ୟ ବିଭାଗୀୟ ସଚିବଙ୍କ ସହ ଆଲୋଚନା କରିଥିଲେ। ଇତି ମଧ୍ୟରେ ଏକ ମାସ ପନ୍ଦର ଦିନ ବିତି ଯାଇଥିଲେ ମଧ୍ୟ ବିଭାଗୀୟ ସଚିବ କୌଣଷି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରି ନାହାଁନ୍ତି। ପୁନର୍ବାର ଆଜି ସକାଳ ୧୧ ଘଟିକାରେ ଆହାର କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଦାବିପତ୍ର ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରାଯାଇ ଥିଲା। ସଭାପତି ଶ୍ରୀ ପାଣିଗ୍ରାହୀ, ଉପସଭାପତି ଅଧିବକ୍ତା ଆଦିତ୍ୟ କୁମାର ନାୟକ, ପ୍ରଧାପକ କମଳା କାନ୍ତ ସ୍ୱାଇଁ, ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ଦାସ, ଶ୍ରୀହର୍ଷ ସ୍ୱାଇଁ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତଙ୍କୁ ପ୍ରଦାନ କରିଥିଲେ।

### ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାରୋହ ସହ

# ଶ୍ରୀବିନୋଦବିହାରୀଜୀଉଙ୍କ ଝୁଲଣ ଯାତ୍ରା ଉଦ୍‌ଯାପିତ

କେନ୍ଦ୍ରାପଡ଼ା, (ପିପିଏସ୍): କେନ୍ଦ୍ରାପଡ଼ା ସହରରେ ଥିବା ପ୍ରାୟ ଦୁଇ ଶହ ବର୍ଷର ପ୍ରାଚୀନ ଶ୍ରୀଶ୍ରୀ ବିନୋଦବିହାରୀଜୀଉ ମନ୍ଦିରରେ ଶ୍ରୀଜୀଉଙ୍କ ଚଳିତ ବର୍ଷର ଝୁଲଣ ଯାତ୍ରା ଶ୍ରାବଣ ପୂର୍ଣ୍ଣିମା ଅବସରରେ ଉଦ୍‌ଯାପିତ ହୋଇଯାଇଛି। ଗତ ଦଶମୀ ତିଥି ଠାରୁ ପ୍ରତିଦିନ ଭଳି ଶ୍ରୀଜୀଉଙ୍କ ସଂଧ୍ୟା ଅଳତୀ ପରେ ସୁସଜ୍ଜିତ ଝୁଲଣ ବିମାନରେ ବିଜେ କରାଯାଇ ପୂଜାର୍ଚ୍ଚନା ଓ ଅରତି କରାଯିବା ସହିତ ଝୁଲଣ ସେବା କରାଯାଇଥିଲା। ଶହ ଶହ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଝୁଲଣ ବିମାନରେ ଶ୍ରୀଜୀଉଙ୍କ ଦିବ୍ୟ ଦର୍ଶନ ଲାଭ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାରୋହରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିବା ପ୍ରାଚୀନ ଗୋକୁଳ ଚନ୍ଦ୍ର ସଂଗୀତ ସଦନର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସ ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତି ସହକାରେ ଅନେକ ଭଜନ ଗାଇ ଶ୍ରୀଜୀଉଙ୍କୁ ସମର୍ପଣ କରିଥିଲେ। ଦୀର୍ଘ ପ୍ରାୟ ଦୁଇ ଘଣ୍ଟା ଧରି ଶ୍ରୀଦାସ ଗୋଟିଏ ପରେ ଗୋଟିଏ ଭଜନ ଗାଇ ଏକାକୀ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ବାନ୍ଧି ରଖିଥିଲେ। ତାଙ୍କ ଭଜନର ତାଳେ ତାଳେ ଗୋକୁଳ ଚନ୍ଦ୍ର ସଂଗୀତ ସଦନର ନୃତ୍ୟଗୁରୁ ସୁଶ୍ରୀ ଭାନୁପ୍ରିୟା ଖଟୁଆଙ୍କ ନେତୃତ୍ୱରେ ଛାତ୍ରୀମାନେ ଚିତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସମାରୋହରେ କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଓ ବିଶିଷ୍ଟ ଶିକ୍ଷାବିତ୍ ଡ଼. ଶରଦ ଚନ୍ଦ୍ର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମନ୍ଦିର ର ଟ୍ରଷ୍ଟି ଉମାକାନ୍ତ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପୌରାଧ୍ୟକ୍ଷ ଧିରେନ କୁମାର ସାହୁ, ବରିଷ୍ଠ ବିଜେଡି ନେତା ରଂଜିତ କୁମାର ସାହୁ, ସମାଜସେବୀ କ୍ଷିରୋଦ ପ୍ରସାଦ ସିଂହ, ସରୋଜକାନ୍ତ ସାହୁ,ବରିଷ୍ଠ ସାମ୍ବାଦିକ ପରେଶ ଚନ୍ଦ୍ର ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତଥା ଜନସାଧାରଣ ଉପସ୍ଥିତ ଥିଲେ। ଶେଷରେ ଶ୍ରୀଜୀଉଙ୍କ ପ୍ରସାଦରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା।

# ମାନପୁର ଓଭର ବ୍ରିଜ୍‌ରେ ବସ୍ ଦୁର୍ଘଟଣାରେ ମହିଳା ମୃତ

ଯାଜପୁର (ପିପିଏସ): ଚୋରଦା - ଡୁବୁରୀ ରାସ୍ତାର ମାନପୁର ଓଭରବ୍ରିଜ ଉପରେ ଶନିବାର ସକାଳ ୮.୩୦ ମିନିଟ ସମୟରେ ଜିନ୍ଦଲ କାରଖାନାରେ କାମ କରିବାକୁ ଏକ ସ୍କୁଟି ନମ୍ବର ଓଡି ୩୪ସି ୮୮୪୮ରେ ଯାଉଥିବା ବେଳେ ଅନ୍ୟ ଏକ ବାଇକ ଦୁର୍ଘଟଣା ଘଟି ପଡିଯିବା ବେଳେ ଦ୍ରୁତ ଗତିରେ ଆସୁଥିବା ମା' ମଙ୍ଗଳା ନାମକ କାରଖାନା ବସ ନମ୍ବର୍ ଓଡି ୦୨ ସି ୟୁ ୭୨୫୫ ଚଢ଼ି ଯିବାରୁ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତ ମହିଳା ଠିକା ଶ୍ରମିକ ଜଣକ ହେଲେ ଚନ୍ଦ୍ରିକା ମହାନ୍ତ (୨୯)। ତାଙ୍କ ଘର କେନ୍ଦୁଝର ଜିଲ୍ଲାରେ ହୋଇଥିବାବେଳେ ସେ ଦାନଗଦି ଶୋଲେଇରେ ଭଡାଘରେ ରହୁଥିଲେ। ଖବର ପାଇ କଳିଙ୍ଗନଗର ପୁଲିସ ଘଟଣାସ୍ଥଳରେ ପହଁଞ୍ଚି ୨୫୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରଖି ଚାଳକଙ୍କୁ ଅଟକ ରଖି ତଦନ୍ତ କରୁଥିବାବେଳେ ଦୁର୍ଘଟଣା ଘଟାଇଥିବା ବସ୍ ଓ ସ୍କୁଟି ଗାଡ଼ିକୁ ପୁଲିସ ଜବତ କରିଛି।

### ୧୦୫ ବର୍ଷର ବୃଦ୍ଧା ମା'ଙ୍କୁ ତିନି ପୁଅଙ୍କ ଅବହେଳା ଅଭିଯୋଗ

# ଖାଇବା ଓ ରହିବାକୁ ନ ଦେବା ଅଭିଯୋଗରେ ପୁରୁଣାବଜାର ଥାନାର ଦ୍ୱାରସ୍ଥ ହେଲେ ବୃଦ୍ଧା

ଭଦ୍ରକ, (ପିପିଏସ୍): ବୟସର ଶେଷ ପାହାଚରେ ପହଂଚିଥିବା ଜଣେ ୧୦୫ ବର୍ଷୀୟ ବୃଦ୍ଧା ମା'ଙ୍କୁ ନିଜର ତିନି ପୁଅ ଖାଇବା ଓ ରହିବାକୁ ଦେଉନଥିବା ନେଇ ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ବୃଦ୍ଧା ଜଣକ ଭଦ୍ରକ ପୁରୁଣାବଜାର ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ଘଟଣାଟି ଭଦ୍ରକ ମୁନିସିପାଲିଟି ଅନ୍ତର୍ଗତ ମୁଲ୍ଲାସାହି ଅଂଚଳର ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ମୁଲ୍ଲାସାହି ଅଂଚଳର ଏହି ବୃଦ୍ଧାଙ୍କ ବୟସ ପ୍ରାୟ ୧୦୫ ବର୍ଷ। ବୃଦ୍ଧାବସ୍ଥା ଯୋଗୁଁ ସେ ନିଜେ ନିଜର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବାରେ ଅସମର୍ଥ। ଏଭଳି ସମୟରେ ନିଜ ସନ୍ତାନମାନଙ୍କ ସହାୟତା ଓ ଆଶ୍ରୟ ହିଁ ତାଙ୍କର ଏକମାତ୍ର ଭରସା ବୋଲି ପରିବାର ପକ୍ଷରୁ କୁହାଯାଇଛି।



ବୃଦ୍ଧାଙ୍କ କହିବା ଅନୁଯାୟୀ, ତାଙ୍କ ବଡ଼ ପୁଅ ଦୀର୍ଘ ଦିନ ଧରି ତାଙ୍କୁ ନିଜ ପାଖରେ ରଖି ଆସୁଥିଲେ। ବୃଦ୍ଧାଙ୍କ ଦେଖାଶୁଣା ଓ ଖାଦ୍ୟପାନୀୟର ବ୍ୟବସ୍ଥା ମଧ୍ୟ କରୁଥିଲେ। କିନ୍ତୁ ପୁଅଙ୍କ ବେପାର ବାଣିଜ୍ୟ ଠିକ୍ ଭାବେ ଚାଲୁନଥିବାରୁ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିଥିବା ଅଭିଯୋଗ ରହିଛି। ଫଳରେ ବୃଦ୍ଧାଙ୍କ ଖାଇବା, ରହିବା ଓ ଦେଖାଶୁଣାକୁ ନେଇ ସମସ୍ୟା ସୃଷ୍ଟି ହୋଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ, ବୃଦ୍ଧାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କର ତିନି ପୁଅ ଥିଲେ ମଧ୍ୟ ବର୍ତ୍ତମାନ ତାଙ୍କୁ ଠିକ୍ ଭାବରେ ଖାଇବାକୁ ଓ ରହିବାକୁ ଦିଆଯାଉନାହିଁ। ଏହି ବୟସରେ ନିଜ ସନ୍ତାନଙ୍କ ଠାରୁ ଆଶ୍ରୟ ନପାଇ ସେ ଅସହାୟ ଅବସ୍ଥାରେ ପଡ଼ିଥିବା କହିଛନ୍ତି।

# ଡକ୍ଟର ରବିନାରାୟଣ ଦାଶଙ୍କ ଅଷ୍ଟାଦଶ ଶ୍ରାଦ୍ଧୋତ୍ସବ



**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶାର ପ୍ରତିଷ୍ଠିତ ଐତିହାସିକ ତଥା ଅନନ୍ୟ ନୃତତ୍ତ୍ୱବିତ୍ ଡ. ରବିନାରାୟଣ ଦାଶଙ୍କ ଅଷ୍ଟାଦଶ ଶ୍ରାଦ୍ଧୋତ୍ସବ କେଦାର ନାଥ ଗବେଷଣା ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ଆଇଏଏସ୍ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ପୂଜ୍ୟପୂଜା ସମାରୋହରେ ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ କେଦାର ନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପ୍ରଫେସର ସତ୍ୟନାରାୟଣ ରଥଙ୍କୁ ଏହି ଅବସରରେ 'ରବିନାରାୟଣ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା । ଏହି ପୂଜ୍ୟପୂଜା ସମାରୋହରେ ଡ. ସୁବ୍ରତ କୁମାର ଦାଶ, ପ୍ରଫେସର ଜଗନ୍ନାଥ ଦାଶ ଓ ପ୍ରାକ୍ତନ ସାଂସଦ ଡ. ପ୍ରଭାସ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସମ୍ପାଦକ ଡକ୍ଟର ରମେଶ ଚନ୍ଦ୍ର ପାଣି ପ୍ରାରମ୍ଭିକ ସୂଚନା, ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ ଡକ୍ଟର ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦିକା ତନୟାଦାସ ଗୋସ୍ୱାମୀ ସମ୍ବନ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ମାନପତ୍ର ପାଠ କରିଥିବାବେଳେ ଅନ୍ୟତମ ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ ଡକ୍ଟର ଶକୁନ୍ତଳା ବଳିୟାରସିଂ, ଶରତ କୁମାରୀ ମିଶ୍ର, ଭାଗିରଥୀ ମହାସୁଆର ପ୍ରମୁଖ ବହୁ ବୁଦ୍ଧିଜୀବୀ ଯୋଗଦେଇ ପୂଜ୍ୟପୂଜା ସମାରୋହରେ ସେମାନଙ୍କର ଶ୍ରଦ୍ଧା ନିବେଦନ କରିଥିଲେ ।

# ଚେକ୍ ବାଉନ୍ସ ମାମଲାରେ କମ୍ପାନୀ ମାଲିକ ଦୋଷୀ ସାବ୍ୟସ୍ତ

**ଭୁବନେଶ୍ୱର (ପିପିଏସ୍):** ଖଣ୍ଡଗିରି ଥାନାରେ ହୋଇଥିବା ଏକ ଚେକ୍ ବାଉନ୍ସ ମାମଲାର ରାୟ ପ୍ରକାଶ ପାଇଛି । ଜେଏମଏଫସିର ବିଚାରପତି ରୋଜାଲିନ ଦାସ ଏହି ମାମଲାର ବିଚାରକରି ପ୍ରଭାକର କନଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ମହାରଣାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ପୁଲିସ ସୂଚନାନୁସାରେ, ପାତ୍ରପଡ଼ା ଅଞ୍ଚଳର ସ୍ନେହଲତା ସାହୁ ନିଜ ଘର ନିର୍ମାଣ ପାଇଁ ୨୦୧୯ ମସିହା ମାର୍ଚ୍ଚ ମାସରେ ପ୍ରଦୀପଙ୍କ ସଂସ୍ଥା ସହ ମୋଟ ୨୭ ଲକ୍ଷ ୬୪ ହଜାର ୫୦୦ ଟଙ୍କାର ଚୁକ୍ତି କରିଥିଲେ । ଚୁକ୍ତି ମୁତାବକ ଫାଉଣ୍ଡେସନ୍ ଓ ପ୍ଲିନ୍ଥ ନିର୍ମାଣ ପାଇଁ ୨୦ ପ୍ରତିଶତ ଲେଖାଏଁ ଅର୍ଥ ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ପ୍ରଦୀପଙ୍କ ଦାବି ମୁତାବକ, ସେ ଆହୁରି ଏକଲକ୍ଷ ୨୬ ହଜାର ଓ ଏକଲକ୍ଷ ୧୦ ହଜାରଦେଇଥିଲେ ମଧ୍ୟ ଛାତ ପଡ଼ିବା ପୂର୍ବରୁ ସଂସ୍ଥା ଅଧାରେ କାମ ଛାଡ଼ି ଦେଇଥିଲା । ଖଣ୍ଡଗିରି ଥାନାରେ ପଚରାଉଚରା କରିବା ବେଳେ ପ୍ରଦୀପ ଟଙ୍କା ଫେରାଇବା ନେଇ ଏକ ଲିଖିତ ପ୍ରତିଶ୍ରୁତି ଦେବା ସହ ୫ ଲକ୍ଷ ୪୭ ହଜାର ଟଙ୍କାର ଏକ ଚେକ୍ ଦେଇଥିଲେ । ହେଲେ ବ୍ୟାଙ୍କ ଆକାଉଣ୍ଟ ବନ୍ଦ ଥିବାରୁ ଉକ୍ତ ଚେକ୍ ବାଉନ୍ସ ହୋଇଯାଇଥିଲା । ସ୍ନେହଲତା ଅଭିଯୋଗ କ୍ରମେ ଭୁବନେଶ୍ୱର ଏସଡିଜେଏମ୍ କୋର୍ଟ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରିଥିଲା । ତତ୍କାଳୀନ ଏଏସ୍ଆଇ ମହେନ୍ଦ୍ର ମଲ୍ଲିକ ଏହି ମାମଲାର ତଦନ୍ତ କରି ପ୍ରଦୀପ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ । ବିଚାର ସମୟରେ ପ୍ରଦୀପଙ୍କ ପକ୍ଷରୁ ଏହାକୁ କେବଳ ଏକ ସାଧାରଣ ନିର୍ମାଣ ବିଳମ୍ବ ଦର୍ଶାଇ ଖସିଯିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସରକାରୀ ଓକିଲ ଏହି ଯୁକ୍ତିକୁ ଖଣ୍ଡନ କରିଥିଲେ । ୧୨ଟି ମନି ରିସିପ୍ଟ, ଥାନାରେ ଦେଇଥିବା ଲିଖିତ ପ୍ରତିଶ୍ରୁତି, ବାଉନ୍ସ ଚେକ୍ ଓ ମୂଳ ଚୁକ୍ତିନାମା ଭଳି ବଳିଷ୍ଠ ପ୍ରମାଣ ଆଧାରରେ ପ୍ରୋସିକ୍ୟୁସନ୍ ଠକେଇ ଉଦ୍ଦେଶ୍ୟକୁ କୋର୍ଟରେ ସଫଳତାର ସହ ପ୍ରମାଣିତ କରିଥିଲେ । ଅଦାଲତ ଏହି ମାମଲାର ବିଚାରକରି ପ୍ରଦୀପଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଆଇପିସିର ଧାରା ୪୨୦ ଅନୁଯାୟୀ ୩ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜୋରିମାନା ଦେବାକୁ ଆଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସର ସଶ୍ରମ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ସୁଶାନ୍ତ କୁମାର ଦାଶ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ ।

# ଚୋରା ନିଶା କାରବାର ଅଭିଯୋଗରେ ଯୁବକ ଗିରଫ

ହଂସପାଳ, ୨୬/୮ (ସମିସ): ଚୋରା ନିଶା କାରବାର ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ଗଞ୍ଜାମ ପୁରୁଷୋତ୍ତମପୁର ଥାନା କନକ ସାହିର ସନ୍ୟାସୀ ପାତ୍ର (୪୬)କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ସୂଚନା ଅନୁସାରେ ବାଲିଅନ୍ତା ଥାନା ଅଧିକାରୀ ରଶ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବାଲିଅନ୍ତା ନେହରୁ କଲେଜ ପଛପଟେ ଥିବା ନିଶା ଆଡ଼ା ଉପରେ ଅଚାନକ ଚଢାଉ କରିଥିଲେ । ଚଢଉ ସମୟରେ ସନ୍ୟାସୀକୁ ପୋଲିସ ଧରିଥିବା ବେଳେ ଏକ ଘର ଭିତରୁ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିଥିଲେ ।

# ସାରସ୍ୱତ ସମାଜର ସମାଜସେବା

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ସାରସ୍ୱତ ସମାଜ ସାମାଜିକ ଅନୁଷ୍ଠାନ ତରଫରୁ ଉପଦେଷ୍ଟା ଅନୁସୃତ ସିଂହଦେଓଙ୍କ ନେତୃତ୍ୱରେ ଭୁବନେଶ୍ୱର ଉପକଣ୍ଠ ପଥରଗାଡିଆ ବସ୍ତିରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରାଯାଇଛି । ବସ୍ତିରେ ରହୁଥିବା ଛୋଟ ପିଲା ଏବଂ ଭୂମିହୀନ ଲୋକମାନଙ୍କୁ ଖାଦ୍ୟ, ବସ୍ତ୍ର ସମେତ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଏଥିରେ ଅନୁଷ୍ଠାନ ଅନ୍ୟତମ ଉପଦେଷ୍ଟା ସୌଭାଗ୍ୟବତୀ ମହାପାତ୍ର, ସଭ୍ୟା ଦୀପିକା ମହାନ୍ତି, ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିବା ସହ ବସ୍ତି ବାସିନ୍ଦାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଆଗାମୀ ଦିନରେ ସମସ୍ୟାର ସମାଧାନ କରାଯିବାକୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# 'ନେରେଡ଼ି ପ୍ରକଳ୍ପ ପାଇଁ ଓଡ଼ିଶା ଜମି ଦେବା ବନ୍ଦ କରୁ'

**ଭୁବନେଶ୍ୱର (ପିପିଏସ୍):** ଆନ୍ଧ୍ରର ଯେଉଁ ନେରେଡି ପ୍ରକଳ୍ପକୁ ଓଡିଶା ପକ୍ଷରୁ ବିରୋଧ ହୋଇ ଆସୁଥିଲା, ଏବେ ସେହି ପ୍ରକଳ୍ପ ପାଇଁ ଓଡିଶା ସରକାର ଜମି ଯୋଗାଇ ଦେବେ କି ବୋଲି ଉତ୍କଳ ସମ୍ମିଳନୀ ପ୍ରଶ୍ନ କରିଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡ଼ିଶା ନିଜର ସୀମାନ୍ତ ଅଞ୍ଚଳରୁ ଶହ ଶହ ଏକର ଜମି ହରାଇବା ସହିତ ଗଜପତି ଜିଲ୍ଲାରୁ ୫ ଟି ଗ୍ରାମ ସହିତ ୨୦୦୦ ପରିବାର ବାସ ଓ ଚାଷ ଜମି ହରାଇବେ । କିନ୍ତୁ ଆନ୍ଧ୍ର ପ୍ରଦେଶ ଉପକୃତ ହେବ । ଅନ୍ୟ ପକ୍ଷରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଲାଗୁକରିଥିବା ସ୍ଥିତାବସ୍ଥାକୁ ଖାତିର ନକରି କୋଟିଆକୁ ଅନୁପ୍ରବେଶ କରୁଥିବା ଆନ୍ଧ୍ର ପ୍ରଦେଶକୁ ଜମି ଯୋଗାଇବା ପାଇଁ ଓଡିଶା ରାଜ୍ୟ ସରକାର ତତ୍ପର କାହିଁକି ବୁଝି ହେଉନାହିଁ । ନେରେଡି ପ୍ରକଳ୍ପକୁ ଓଡିଶା ଜମି ଯୋଗାଇଲେ ଓଡିଆମାନେ ତଥା ସୀମାନ୍ତ ବାସୀ ଏଥିରୁ କଣ ଲାଭ ପାଇବେ ବୋଲି ଉତ୍କଳ ସମ୍ମିଳନୀ ପ୍ରଶ୍ନ କରିଛି । ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ଓ ସମ୍ମିଳନୀର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଏକ ପ୍ରେସ ବିବୃତିରେ କହିଛନ୍ତି ଯେ, ଏଭଳି ନିତିହୀନ କାର୍ଯ୍ୟରୁ ରାଜ୍ୟ ସରକାର ନିବୃତ ରୁହନ୍ତୁ ନଚେତ ଜନଆନ୍ଦୋଳନ ହେବ ।

# ମନ୍ତ୍ରୀ ଏବଂ ଅଭିନେତାଙ୍କ ହାତରେ ରାଖୀ ବାନ୍ଧିଲେ ଗାନ୍ଧୀ ବିଦ୍ୟାପୀଠ ଛାତ୍ରୀ



**ଭୁବନେଶ୍ୱର (ପିପିଏସ୍):** ଗାନ୍ଧୀ ବିଦ୍ୟାପୀଠ ଯୁକ୍ତଦୁଇ ବିଜ୍ଞାନ ମହାବିଦ୍ୟାଳୟ ଖଣ୍ଡଗିରିରେ ରକ୍ଷା ବନ୍ଧନ ବହୁ ପାଳିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀମାନେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ସୂର୍ଯ୍ୟବଂଶୀ ସୁରଜଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ । ଏହା ପରେ ଓଡ଼ିଆ ଅଭିନେତା ତଥା ପ୍ରଯୋଜକ ଶ୍ରୀତମ ଦାସଙ୍କୁ ରାକ୍ଷୀ ବାନ୍ଧିଥିଲେ । ପରେ ମହାବିଦ୍ୟାଳୟରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ମହାବିଦ୍ୟାଳୟର ଅଧକ୍ଷ ନୃସିଂହ ଚରଣ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ନୃତ୍ୟ, ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ମହାବିଦ୍ୟାଳୟର ଆଧାପକ ଦିବ୍ୟରଞ୍ଜନ ସାହୁ, ଓଡ଼ିଆ ଅଧ୍ୟାପକ ନିମାଇଁ ଚରଣ ସେନାପତି, ନିତ୍ୟାନନ୍ଦ ସାହୁ, ମୋନାଲିକ ପାଇକରାୟ, ପ୍ରିୟଦର୍ଶିନୀ ପ୍ରଧାନ ପ୍ରମୁଖ ଯୋଗଦେଇ ରକ୍ଷା ବନ୍ଧନ ପର୍ବ ଉପରେ ଆଲୋକପାତ କରିଥିଲେ ।

# ଚୋରି ଅଭିଯୋଗରେ ଘରୋଇ ସହାୟିକା ଗିରଫ

**ଭୁବନେଶ୍ୱର (ପିପିଏସ୍):** ପୁଣି ବିଶ୍ୱାସରେ ବିଷ ଦେଇଛି ଘରୋଇ ସହାୟିକା । ଘର ଆଲମାରିରୁ ଲକ୍ଷାଧିକ ଟଙ୍କା ଚୋରି କରି ନେଇଛି । ଆଇଆରସି ଭିଲେଜ ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ଘରୋଇ ସହାୟିକାଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ । ଗିରଫ ମହିଳା ହେଲେ ପୁରୀ ଜିଲ୍ଲା ଗୋପ ଥାନା ସାନକୁନ୍ଦୁରା ଗାଁର ରଶ୍ମିତା ସେଠୀ ଓରଫ୍ ପୂଜା (୨୯) । ପୁଲିସ ସୂଚନାନୁଯାୟୀ, ଆଇଆରସି ଭିଲେଜରେ ରହୁଥିବା ମାନସ କୁମାର କାନୁନଗୋଙ୍କ ବୃଦ୍ଧା ମାଆଙ୍କର ଦେଖାଶୁଣା କରିବା ପାଇଁ ଏକ ଏଜେନ୍ସି ଜରିଆକୁ ଯୋଗାଯୋଗ କରିଥିଲେ । ନର୍ସିଂ ଆଟେଣ୍ଡାଣ୍ଟ୍ ରଶ୍ମିତା ଏଜେନ୍ସି ଦ୍ୱାରା ନିଯୁକ୍ତ ହୋଇ ପ୍ରାୟ ୬ ମାସ ହେବ ମାନସଙ୍କ ଘରେ କାମ କରୁଥିଲେ । ସେ ଧୀରେ ଧୀରେ ପରିବାର ଲୋକଙ୍କ ବିଶ୍ୱାସ ଭାଜନ ହେବା ସହ ଆଲମାରିରୁ ଏକଲକ୍ଷ ୮୦ ହଜାର ଟଙ୍କା ଚୋରି କରି ନେଇଥିଲେ । ଗତ ରବିବାର ଦିନ କାମ ଅଛି କହି ରଶ୍ମିତା ନିଜ ଗାଁକୁ ପଳାଇଥିଲେ । ସେ ଯିବାପରେ ହିଁ ଟଙ୍କା ଚୋରି ହୋଇଥିବା କଥା ଜଣାପଡ଼ିଥିଲା ।ସିସିଟିଭି ଫୁଟେଜ୍ ଯାଞ୍ଚରୁ ରଶ୍ମିତାଙ୍କ ଗତିବିଧି ସନ୍ଦେହଜନକ ଥିବା ଜଣାପଡ଼ିଥିଲା ଓ ପରେ ପଚରାଉଚରା ବେଳେ ସେ ଟଙ୍କା ନେଇଥିବା କଥା ସ୍ୱୀକାର କରିଥିଲେ ।

# ତାଲା ଭାଙ୍ଗି ସୁନାଗହଣା ଚୋରି; ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ତାଲା ଭାଙ୍ଗି ଘରୁ ସୁନାଗହଣା ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଭରତପୁର ସତ୍ୟ ନଗରର ପ୍ରତାପ ଦାସ (୨୧) । ପୁଲିସ ସୂଚନାନୁଯାୟୀ, ଦୁର୍ଗାମାଧବ ନଗରର ଉର୍ମିଳା ନାୟକ ଗତ ୨୫ ତାରିଖ ଅପରାହ୍ଣରେ ଦୁଇ ଝିଅଙ୍କୁ ସ୍କୁଲରୁ ଆଣିବା ପାଇଁ ବରମୁଣ୍ଡା ରେଣ୍ଟାଲ କଲୋନୀସ୍ଥିତ ସରକାରୀ ହାଇସ୍କୁଲକୁ ଯାଇଥିଲେ । ସେହି ସମୟରେ ପ୍ରତାପ ଓ ତାର ସହଯୋଗୀମାନେ ଘର ତାଲା ଭାଙ୍ଗି ଭିତରେ ପଶିଥିଲେ । ଆଲମିରା ଭାଙ୍ଗି



ଗୋଟିଏ ସୁନା ମଙ୍ଗଳସୂତ୍ର, ଗୋଟିଏ ହଳ ମୁଦି, କାନଫୁଲ (ପେଣ୍ଡି), ନଗଦ ୫ ହଜାର ୭୦୦ ଟଙ୍କା ଓ ୩ଟି ଆୟୁଷ୍ମାନ କାର୍ଡ ଚୋରି କରି ନେଇଥିଲେ । ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣି ଉର୍ମିଳା ଭରତପୁର ଥାନାରେ ଏତଲା ଦେଇଥିଲେ । ଗୁରୁବାର ସକାଳେ ପ୍ରତାପ ଚୋରି ସୁନା ଅଳଙ୍କାର ବିକ୍ରି କରିବା ପାଇଁ ତାରିଣୀ ମାର୍କେଟ ବୁଲୁଥିବା ବେଳେ ପୁଲିସ ତାକୁ କାବୁ କରିଥିଲା । ତା' ଠାରୁ ଗୋଟିଏ ହଳ ସୁନା କାନଫୁଲ ଓ ଗୋଟିଏ ସୁନା ମଙ୍ଗଳସୂତ୍ର ଜବତ କରିଥିଲା । ପ୍ରାଥମିକ ତଦନ୍ତରୁ ସଂପୃକ୍ତି ସ୍ପଷ୍ଟ ହେବାପରେ ପ୍ରତାପକୁ କୋର୍ଟ ଚାଲାଣ କରିଛି ପୁଲିସ ।

# ତୈଳିକ ବୈଶ୍ୟ ସମାଜର ଛାତ୍ର କଲ୍ୟାଣ ପାଣ୍ଠି ଗଠିତ

**ଭୁବନେଶ୍ୱର (ପିପିଏସ୍):** ପ୍ରାଚୀ ମୁଳକ ତୈଳିକ ବୈଶ୍ୟ ସମାଜ ର ଏକ ବୈଠକ ବନମାଳୀପୁର ଦିଗ୍ୱାନ ପାଟଣା ଗ୍ରାମର ଫ୍ରେଣ୍ଡସ କନଭେନସନ ଠାରେ ସଭାପତି ଗୁରୁ କିଙ୍କର ଜେଠିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ତୃତୀୟ ମୁଳକ ସଂଗଠନ ର ସଭାପତି ଶରତ ଚନ୍ଦ୍ର ସାହୁ ଓ ସମ୍ପାଦକ ରଶ୍ମି ରଞ୍ଜନ ସାହୁଙ୍କ ନେତୃତ୍ୱରେ ଶତାଧିକ ସଭ୍ୟ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଏକ ଛାତ୍ର କଲ୍ୟାଣ ପାଣ୍ଠି ଗଠନ କରାଯାଇ ଏଥିପାଇଁ ପାଞ୍ଚ ଲକ୍ଷ ଟଙ୍କା ସଂଗ୍ରହ କରାଯାଇଥିଲା । ସମାଜର ଆର୍ଥିକ ଅବସ୍ଥା ଭଲ ନଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଏହି ପାଣ୍ଠିରୁ ସାହାଯ୍ୟ ଯୋଗାଇ ଦେବାକୁ ସ୍ଥିର ହୋଇଥିଲା । ବୈଶ୍ୟ ସମାଜର ଉପଦେଷ୍ଟା ରମେଶ ଚନ୍ଦ୍ର ସାହୁ, ସମ୍ପାଦକ ଶଙ୍କର ପୃଷ୍ଟି, ମନୋରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଏନ୍ଏଚ୍‌ରେ ମହିଳାଙ୍କଠାରୁ ଲୁଟ୍

**ଭୁବନେଶ୍ୱର (ପିପିଏସ୍):** ରାଜପଥରେ ବଢୁଛି ଲୁଟ ଓ ଛିନତାଇ । ରାତି ପ୍ରାୟ ୮ଟା ବେଳେ ଇନଫୋଭ୍ୟାଲି ଥାନା ୧୬ ଜାତୀୟ ରାଜପଥ ତଳଖେତା ଛକ ନିକଟରେ ଏକ ଲୁଟ ହୋଇଛି । ଏକ ପଲସର ଯୋଗେ ଆସି ଦୁଇ ଜଣ ଲୁଟିଆ ଅଟୋରେ ଯାଉଥିବା ଜଣେ ମହିଳାଙ୍କ ଠାରୁ ଭ୍ୟାନିଟି ବ୍ୟାଗ ଛଡାଇ ଫେରାର ହୋଇଛନ୍ତି । ଏନେଇ ମହିଳା ଜଣକ ଇନଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ରାତି ପ୍ରାୟ ୮ ବେଳେ ଜଣେ ମହିଳା ଅଟୋ ଯୋଗେ ଭୁବନେଶ୍ୱରରୁ ଖୋର୍ଦ୍ଧା ଯାଉଥିଲେ । ଏକ ପଲସର ମୋଟରସାଇକଲ ଯୋଗେ ଦୁଇ ଜଣ ଲୁଟିଆ ଅଟୋକୁ ପିଛା କରି ଆସିଥିଲେ ।ତଳଖେତା ଛକ ନିକଟରେ ମହିଳାଙ୍କ ହାତରୁ ଭ୍ୟାନିଟ ବ୍ୟାଗଟି ଛଡାଇ ଫେରାର ହୋଇଯାଇଥିଲେ । ମହିଳାଙ୍କ ଭ୍ୟାନିଟ ବ୍ୟାଗରେ ଆଧାର କାର୍ଡ, ପ୍ୟାନ କାର୍ଡ, ୩ ଟି ଏଟିଏମ୍ କାର୍ଡ ସହ କିଛି ଟଙ୍କା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିଲା ।ମହିଳା ଜଣକ ଚିତ୍କାର କରିଥିଲେ ମଧ୍ୟ ଲୁଟିଆଙ୍କ ଟେର ମିଳି ନଥିଲା । ପରେ ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କୁ ଜଣାଇବା ସହ ଇନଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ।

# ରାସ୍ତାରେ ଝୁଲୁଛି ମୃତ୍ୟୁର ଫାଶ, ବିପଦରେ ପଥଚାରୀ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀର କସ୍ମୋପଲିସ ଛକ ନିକଟରେ ବିଦ୍ୟୁତ୍ ତାରରେ ମାଡ଼ିଯାଇଛି ଲତା । ଏହାର ପ୍ରଭାବରେ ବିଦ୍ୟୁତ ତାରଗୁଡ଼ିକ ତଳକୁ ଝୁଲି ରହିଥିବାରୁ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ପାଇଁ ଏହା ବିପଦର କାରଣ ପାଲଟିଛି । ରାସ୍ତା ଉପରେ ଏଭଳି ଭାବେ ତାର ଝୁଲି ରହିବା ଯୋଗୁଁ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି । କସ୍ମୋପୋଲି ଛକ ଦେଇ ପ୍ରତିଦିନ ବହୁ ସଂଖ୍ୟାରେ ଦୁଇଚକିଆ, ଚାରିଚକିଆ ଗାଡ଼ି ସହ ୨୫ ନମ୍ବର ଓ ୨୬ ନମ୍ବର ଆମ ବସ ଓ ପଥଚାରୀମାନେ ଯାତାୟାତ କରିଥାନ୍ତି । ତାରରେ ଲତା ଗୁଡ଼ିକ ଏତେ ଜୋରରେ ମାଡ଼ିଲାଣି ଯେ ଫଳରେ ଲତା ତଳକୁ ତଳକୁ ଛୁଲି ରହିଛି । ଯାହାଦ୍ୱାରା ତାର ସବୁ ତଳକୁ ନଇଁ ରହିଛି । ଆମ ବସ କିମ୍ବା ବଡ଼ ଯାନବାହନ ଏଥିରେ ଲାଗିଯିବାର ସମ୍ଭାବନା ରହିଛି । ଏପରିକି ତାର ଛିଣ୍ଡି ରାସ୍ତା ଉପରେ ପଡ଼ିଲେ ବିଦ୍ୟୁତ୍ ଆଘାତ ଭଳି ଗୁରୁତର ଦୁର୍ଘଟଣା ଘଟିବାର ବହୁତ ସମ୍ଭାବନା ରହିଛି । କେବଳ ଯେ କସ୍ମୋପଲିସ ନୁହେଁ ସହରର ଅନ୍ୟ ବିଭିନ୍ନ ଛକମାନଙ୍କରେ ମଧ ବିଦ୍ୟୁତ୍ ତାରରେ ଗଛଲତା ମାଡ଼ି ରହିଛି । ଆଚାର୍ଯ୍ୟ ବିହାର ଛକରେ ମଧ ବିଦ୍ୟୁତ୍ ତାରରେ ଗଛଲତା ମାଡ଼ି ରହିଥିବାର ଦେଖିବାକୁ ମିଳିଛି । ଏଥିସହ ସହରର ଅନ୍ୟ ବସ୍ତି ଓ ଗଳିମାନଙ୍କରେ ମଧ ଏମିତି ବିଦ୍ୟୁତ୍ ତାରରେ ଲତା ସବୁ ମାଡ଼ି ରହିଛି । ବର୍ଷା ଦିନ ହୋଇଥିବାରୁ ବିଦ୍ୟୁତ୍ ତାରରେ ଏଭଳି ଲତା ମାଡ଼ିଥିବାରୁ ଏହାକୁ ତୁରନ୍ତ ସଫା କରିବା ପାଇଁ ଦାବି ହୋଇଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ବିଦ୍ୟୁତ ତାରରେ ଲତା ମାଡ଼ିଯାଇଥିଲେ ମଧ୍ୟ ଏହାକୁ ନିୟମିତ ସଫା କରାଯାଉନାହିଁ । ଫଳରେ ଲତାର ଓଜନରେ ତାର ତଳକୁ ଝୁଲିବା ବିପଦ ସୃଷ୍ଟି ହୋଇଛି । ରାତି ସମୟରେ ଏହି ସମସ୍ୟା ଆହୁରି ଗମ୍ଭୀର ହୋଇପାରେ । କାରଣ ଅନ୍ଧାରରେ ଝୁଲିଥିବା ତାର ଦେଖିବା କଷ୍ଟକର । ତେଣୁ ଦୁର୍ଘଟଣା ଘଟିବା ପୂର୍ବରୁ ସମ୍ପୃକ୍ତ ବିଦ୍ୟୁତ ବିଭାଗ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ଲତାଗୁଡ଼ିକୁ କାଟିବା ସହ ଝୁଲି ରହିଥିବା ବିଦ୍ୟୁତ ତାରକୁ ସୁରକ୍ଷିତ ଭାବେ ଠିକ୍ କରିବାକୁ ଦାବି କରିଛନ୍ତି ।

# ଉଦ୍ୟୋଗୀ ବିକାଶ ଅଭିଯାନ ଓ ଆଲୋଚନାଚକ୍ର



**ଭୁବନେଶ୍ୱର (ପିପିଏସ୍):** ଓଡିଶା ଉଦ୍ୟୋଗୀ ପରିବାରର ମାସିକ ସମୀକ୍ଷା ବୈଠକ ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ, ଉଦ୍ୟୋଗୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱ ଶ୍ରୀକାନ୍ତ ଶେଖର ସାହୁଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବିଶ୍ୱ ଓଡ଼ିଆ ପରିବାରର ପ୍ରତିଷ୍ଠାତା ତଥା ଭାଜପା ନେତା ସଜ୍ଜନ ଶର୍ମା, ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ଯୁବ ଉଦ୍ୟୋଗୀ ଅମିତାଭ ସ୍ୱାଇଁ ଉଦ୍ୟୋଗୀଙ୍କ ବିଭିନ୍ନ ସମସ୍ୟା, ସମାଧାନ ସହ ଓଡିଶା ଅନନ୍ତ ପ୍ରତିଭାର ଅଧିକାରୀ ବୋଲି ମତବ୍ୟକ୍ତ କରିଥିଲେ । ସମସ୍ତ ଓଡ଼ିଆଙ୍କୁ ଏକତ୍ରିତ କରି ନିଷ୍ଠା, ପରିଶ୍ରମ ଓ ଉଦ୍ୟମ ଅବ୍ୟାହତ ରଖିଲେ ଉଦ୍ୟୋଗ ଶିଳ୍ପ ଆହୁରି ସମୃଦ୍ଧ ହୋଇପାରିବ ବୋଲି ମତ ରଖିବା ସହିତ ଯୌଥ ପରିବାରର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଉଦ୍ୟୋଗୀଙ୍କ ସମ୍ମାନ, ସୁରକ୍ଷା ସମୃଦ୍ଧି ଉପରେ ଅଧ୍ୟକ୍ଷ ଶ୍ରୀ ମିଶ୍ର ଗୁରୁତ୍ୱାରୋପ ସହ ପ୍ରତି ଉଦ୍ୟୋଗୀ ଜଣେ ଜଣେ ରାଷ୍ଟ୍ର ନିର୍ମାତା ବୋଲି ମତବ୍ୟକ୍ତ କରିଥିଲେ । ବିଭିନ୍ନ ସ୍ଥାନରୁ ଆସିଥିବା ଉଦ୍ୟୋଗୀ ସମୂହ ନିଜ ନିଜ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ଉଦ୍ୟୋଗୀ ପରିବାର ସଦସ୍ୟଙ୍କ ସହିତ ଉଦ୍ୟୋଗୀ ସୀତାଂଶୁ ଶେଖର ମହାରଣା, ନୀଳୟକାନ୍ତ ନାୟକ, ବିପି ସିଂ ମନୋରଞ୍ଜନ ବାରିକ,ସତ୍ୟ ଜିତ ପରିଜା ପ୍ରମୁଖ ପରିଚାଳନା କରିଥିଲେ ।

# ଚୋରି ଅଭିଯୋଗରେ ଆଉ ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ସ୍ୱଶକ୍ତି ରେଫ୍ରିଜେରେସନ୍‌ରୁ ଏସି ପାଇପ ଚୋରି ଘଟଣାରେ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ । ଗିରଫ ଅଭିଯୁକ୍ତ ହେଉଛି କଟକ ଜିଲ୍ଲା ନିଶ୍ଚିତକୋଇଲି ଥାନା ଅନ୍ତର୍ଗତ ବାଲିଆପଡ଼ା ଗ୍ରାମ ଖଣ୍ଡା ସାହିର ପପୁ(୨୦) ଓରଫ କିରଣ କୁମାର ବେହେରା । ପ୍ରକାଶ ଥାଉକି ଅଭିଯୋଗକାରୀ ରଶ୍ମି ରଞ୍ଜନ ଜେନାଙ୍କ ଲିଖିତ ଏତଲା ଆଧାରରେ ଧଉଳି ଥାନାରେ ଚୋରି ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା ।

ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୨ ତାରିଖ ମଧ୍ୟରାତ୍ରିରେ ରଶ୍ମିରଞ୍ଜନଙ୍କ ଅଫିସର ଷ୍ଟୋରରୁମ୍ ତାଲା ଭାଙ୍ଗି ଏସି ମରାମତି ପାଇଁ ଉଦ୍ଦିଷ୍ଟ ଥିବା ଦୁଇ କଏଲ୍ ତମ୍ବା ପାଇପ୍ ଏବଂ ଗୋଟିଏ ବାକ୍ସ ଏଲବୋ ସକେଟ୍ ଚୋରି ହୋଇଯାଇଥିଲା, ଯାହାର ଆନୁମାନିକ ମୂଲ୍ୟ ୮୦,୦୦୦/-ଟଙ୍କା । ଏଥିସହ ଅଫିସ୍ ପରିସରରେ ରଖାଯାଇଥିବା ଅଭିଯୋଗକାରୀଙ୍କ ହିରୋ ପ୍ୟାସନ୍ ମୋଟରସାଇକେଲ୍ ମଧ ସେଠାରୁ ଚୋରି ହୋଇଯାଇଥିଲା । ସିସିଟିଭି ଫୁଟେଜ୍ ଯାଞ୍ଚରୁ ଜଣାପଡିଥିଲା ଯେ, ସେଠାରେ ରହି କାମ କରୁଥିବା ଦୁଇ ଜଣ କର୍ମଚାରୀ ପପୁ ଏବଂ ଆଦି ରାତି ଅଧରେ ଚୋରି ସାମଗ୍ରୀଗୁଡ଼ିକୁ ଏକ ବ୍ୟାଗରେ ପୂରାଇ ଉକ୍ତ ମୋଟରସାଇକେଲ ଧରି ଫେରାର ହୋଇଯାଇଥିଲେ । ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ଆଦିତ୍ୟ ନାରାୟଣ ପତି ଓରଫ ଆଦିକୁ କାବୁ କରି ଗତ ୬ ତାରିଖରେ କୋର୍ଟ ଚାଲାଣ କରିଥିବା ବେଳେ, ତା' ନିକଟରୁ ଚୋରି ହୋଇଥିବା ହିରୋ ପ୍ୟାସନ୍ ମୋଟରସାଇକେଲ୍ ଜବତ କରିଥିଲେ । ଏହି ମାମଲାର ଅଧିକ ତଦନ୍ତ କାଳରେ ଅନ୍ୟ ଜଣେ ଅଭିଯୁକ୍ତ କଟକ ଜିଲ୍ଲା ନିଶ୍ଚିତକୋଇଲି ଥାନା ଅନ୍ତର୍ଗତ ବାଲିଆପଡ଼ା ଗ୍ରାମ ଖଣ୍ଡା ସାହିର ପପୁ(୨୦) ଓରଫ କିରଣ କୁମାର ବେହେରାଙ୍କୁ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଥିଲେ ।

# ଆଶ୍ରୟ ଆଶ୍ରମରେ ରାକ୍ଷୀ ବନ୍ଧନ



**ଭୁବନେଶ୍ୱର (ପିପିଏସ୍):** ଡୁମୁଡୁମା ସ୍ଥିତ ଆଶ୍ରୟ ଆଶ୍ରମରେ ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁନି କୁନି ପିଲାମାନଙ୍କ ହାତରେ ଭରଷା ଫାଉଣ୍ଡେସନ ଟ୍ରଷ୍ଟ ଭଉଣୀ ମାନେ ରାକ୍ଷୀ ବାନ୍ଧିଥିଲେ । ଏହି କାର୍ଯ୍ୟକ୍ରମ ଭରଷା ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ମୁକ୍ତିକାନ୍ତ ବାରିକ, ମହିଳା ସଭାପତି ହିରନ ସାହୁ, ପଦ୍ମିନୀ ବିଶ୍ୱାସ, ମଧୁସ୍ମିତା ସାହୁଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ରହିଥିଲେ ।

# ବୈଷ୍ଣବ ସାମଲ ପାଇବେ ଗଙ୍ଗାଧର ମେହେର ସମ୍ମାନ

**ଭୁବନେଶ୍ୱର (ପିପିଏସ୍):** ଗଙ୍ଗାଧର ମେହେର ଜୟନ୍ତୀ ପାଳନ ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗଙ୍ଗାଧର ମେହେର ଚଳିତ ବର୍ଷର ସମ୍ମାନ ଜନକ 'ଗଙ୍ଗାଧର ମେହେର ସମ୍ମାନ' ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ସାମଲଙ୍କୁ ପ୍ରଦାନ କରାଯିବ । ସେହିପରି ବିଶିଷ୍ଟ ସାହିତ୍ୟିକ ଭୋଜରାଜ ସ୍ୱାଇଁଙ୍କୁ 'ଗଙ୍ଗାଧର ମେହେର ପ୍ରତିଭା ସମ୍ମାନ' ଏବଂ ଯୁବ ସାହିତ୍ୟିକ ବ୍ରଜମୋହନ ମେହେରଙ୍କୁ 'କବିପୁତ୍ର ଭଗବାନ ମେହେର ସମ୍ମାନ' ପ୍ରଦାନ କରାଯିବ ବୋଲି ଗଙ୍ଗାଧର ମେହେର ପ୍ରତିଷ୍ଠାନ ପକ୍ଷରୁ ଚଳିତ ବର୍ଷ ଗଙ୍ଗାଧର ମେହେର ଜୟନ୍ତୀ ପାଳନ ଉପଲକ୍ଷେ ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି । ପ୍ରତିଷ୍ଠାନର ଅଧକ୍ଷ ମିହିର ମେହେର ଅଧକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସ୍ମୃତି କମିଟିର ସମ୍ପାଦକ ତଥା ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ଉପସ୍ଥିତ ରହି ସୂଚନା ଦେଇଛନ୍ତି । ତେବେ ଆସନ୍ତା ୨୮ ତାରିଖ ଶୁକ୍ରବାର ବୁଦ୍ଧ ମନ୍ଦିର ସଭାଗୃହରେ ଆୟୋଜିତ ହେବାକୁ ଥିବା ଜୟନ୍ତୀ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବା ସହ କଳିଙ୍ଗ ହସ୍ପିଟାଲ ଛକରେ ଥିବା ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି ।

# ବିଏମ୍‌ସି ହସ୍ପିଟାଲର ଅବ୍ୟବସ୍ଥା ନେଇ ଅସନ୍ତୁଷ୍ଟ ଅଞ୍ଚଳବାସୀ

**ଭୁବନେଶ୍ୱର (ପିପିଏସ୍):** କ୍ୟାପିଟାଲ ହସ୍ପିଟାଲ ପରେ ରାଜଧାନୀର ଅନ୍ୟ ପ୍ରମୁଖ ହସ୍ପିଟାଲ ହେଉଛି ଲିଙ୍ଗରାଜ ମନ୍ଦିର ନିକଟରେ ଥିବା ବିଏମ୍‌ସି ହସ୍ପିଟାଲ । ଏଠି ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ଡାକ୍ତରଙ୍କ ସଂଖ୍ୟା କିନ୍ତୁ କମିବାରେ ଲାଗିଛି । ଏଠି ପ୍ରାୟ ୩୦ ହଜାର ରୋଗୀଙ୍କ ପାଇଁ ରହିଛନ୍ତି ମାତ୍ର ୯ ଜଣ ଡାକ୍ତର । ଫଳରେ ଡାକ୍ତରୀ ସେବାରୁ ବଞ୍ଚିତ ହେଉଛନ୍ତି ଶହଶହ ରୋଗୀ । ରାଜଧାନୀ ଡାକ୍ତରଖାନା ପରେ ସହରର ଅନ୍ୟ ପ୍ରମୁଖ ସରକାରୀ ଡାକ୍ତରଖାନା ଭାବେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଡାକ୍ତରଖାନା ହେଉଛି ଏହି ମିଏମ୍‌ସି ହସ୍ପିଟାଲ । ହସ୍ପିଟାଲରେ କେବଳ ଡାକ୍ତରଙ୍କ ଅଭାବ ନାହିଁ ବରଂ ଡାକ୍ତର ଲେଖୁଥିବା ଔଷଧ ଡାକ୍ତରଖାନା ପରିସରରେ ଥିବା ଔଷଧ କେନ୍ଦ୍ରରେ ଉପଲବ୍ଧ ରହୁନି । ବାଧହୋଇ ବାହାରୁ ଚଢ଼ା ଦରରେ ଔଷଧ କିଣୁଥିବା




ଅଭିଯୋଗ ହୋଇଛି । ସମସ୍ୟା କେବଳ ସେତିକିରେ ସୀମିତ ନାହିଁ, ହସ୍ପିଟାଲ ପରିସରରେ ରହିଥିବା ହୃଦ୍‌ରୋଗ ବିଭାଗରେ ଚାଲିଛି ଆଖି, ଦାନ୍ତ, ଗଳା ଚିକିତ୍ସା ସହ ମଳମୂତ୍ର ପରୀକ୍ଷା । ଏଭଳି ଅବ୍ୟବସ୍ଥା ମଧ୍ୟରେ ରହିଛି ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍‌ସି ହସ୍ପିଟାଲ । ଶ୍ରୀଲିଙ୍ଗରାଜଙ୍କ ନିକଟକୁ ପ୍ରତିଦିନ ବିଭିନ୍ନ ସ୍ଥାନରୁ ଶହଶହ ଶ୍ରଦ୍ଧାଳୁ ଆସିଥାନ୍ତି । ଏହାକୁ ଦୃଷ୍ଟିରେ ରଖି ୧୯୪୬ ମସିହାରେ ଲିଙ୍ଗରାଜ ମନ୍ଦିର ନିଟକରେ ଏହି ହସ୍ପିଟାଲ ନିର୍ମାଣ କରାଯାଇଥିଲା । ୨୦୧୫ ମସିହାରୁ ଏହା ପୌରାଞ୍ଚଳ ଚିକିତ୍ସାଳୟର ମାନ୍ୟତା ପାଇଥିଲା । ତଥ୍ୟ ଅନୁସାରେ, ହସ୍ପିଟାଲରେ ବର୍ତ୍ତମାନ ମୁଖ୍ୟ ଚିକିତ୍ସକ (ସିଏମଓ) ନଥିବା ବେଳେ ଡାକ୍ତରଙ୍କ ସଂଖ୍ୟା ୪୧ରୁ ୯ରେ ପହଞ୍ଚିଥିବାରୁ ରୋଗୀଙ୍କ ଅନୁପାତରେ ଅଧିକାଂଶ ବିଭାଗ ଖାଲି ପଡ଼ିଛି । ଫଳରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଡାକ୍ତର ନଥିବାରୁ ରୋଗୀମାନେ ଚିକିତ୍ସା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସେମାନଙ୍କୁ ରାଜଧାନୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ହସ୍ପିଟାଲ ପରିସରରେ ପ୍ରାୟ ୭ବର୍ଷ ହେବ ଆରମ୍ଭ ହୋଇଥିବା ହୃଦ୍‌ରୋଗ ବିଭାଗ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ପ୍ରାୟ ୧କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ଏହି ବିଭାଗରେ ଇଏନ୍‌ଟି ଚିକିତ୍ସା ଚାଲିଥିବାରୁ ହୃଦରୋଗୀମାନେ ସେବା ନପାଇ ନିରାଶ ହେଉଛନ୍ତି । କେବଳ ନାମକୁ ମାତ୍ର ଏଠାରେ ହୃଦ୍‌ରୋଗ ବିଭାଗ ଲେଖା ରହିଛି କିନ୍ତୁ, ଭିତରେ ଆଖି, ଦାନ୍ତ, ଗଳା ଚିକିତ୍ସା ହେଉଥିବା ସହ ମଳ, ମୂତ୍ର ପରୀକ୍ଷା କରାଯାଉଥିବା ସୂଚନା ରହିଛି । ସେହିପରି ଆବଶ୍ୟକୀୟ ଷ୍ଟାଫ୍ ନର୍ସ ନଥିବା ସହ ପୂର୍ବରୁ ଏଠାରେ ରୋଗୀଙ୍କ ନିମନ୍ତେ ୧୦୭ଟି ବେଡ୍ ବା ଶଯ୍ୟା ରହିଥିବା ବେଳେ ତାହା ଏବେ ୫୭ରେ ପହଞ୍ଚିଲାଣି । ଯାହାକି ରାଜଧାନୀର ସର୍ବପୁରାତନ ହସ୍ପିଟାଲର ମାନ୍ୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ସ୍ୱାଧୀନତା ପୂର୍ବରୁ (୧୯୪୬ ମସିହା) ନିର୍ମିତ ଏହି ହସ୍ପିଟାଲ ବହୁ ନାମୀଦାମୀ ଡାକ୍ତରଙ୍କ ସେବା ପାଇଁ ସୁନାମ ଅର୍ଜନ କରିଥିଲା । ବର୍ତ୍ତମାନ ଡାକ୍ତରଙ୍କ ସଂଖ୍ୟା କମିବା ସହ କେବଳ ସକାଳ ୮ଟାରୁ ୧୨ଟା ଯାଏ ରେଗୀସେବା ଚାଲିଥିବା ବେଳେ ଉପରବେଳା ଡାକ୍ତର ଆସୁନଥିବା ଅଭିଯୋଗ ହୋଇଛି । କେବଳ ଜଣେ ଡାକ୍ତର ଉପସ୍ଥିତ ରହିଥିବାରୁ ସେ ରୋଗୀମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରୁଥିବା ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି ।

# ପାକିସ୍ତାନର ବଦଳିଲା ପ୍ଲାନ୍

ନୂଆଦିଲ୍ଲୀ : ଇରାନ-ଆମେରିକା ମଧ୍ୟରେ ଚାଲିଥିବା ଉତ୍ତେଜନା ଓ ଯୁଦ୍ଧର ମଧ୍ୟସ୍ଥତା କରିବାକୁ ଦାବି କରୁଥିବା ପଡ଼ୋଶୀ ଦେଶ ପାକିସ୍ତାନ, ଏବେ ତା'ର ଯୋଜନା ବଦଳାଇ ଦେଇଛି । ଅନ୍ତର୍ଜାତୀୟ ସ୍ତରରେ ଅପମାନିତ ହେବା ପରେ , ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶଲ ଆସିମ୍ ମୁନିର ଏକ ନୂଆ ପ୍ଲାନ୍ ଆରମ୍ଭ କରିଥିବା ଆଶଙ୍କା କରାଯାଉଛି । ଏବେ ସେ ଏକ ନୂଆ ଯୁଦ୍ଧ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି, ସେଥିପାଇଁ ସେ ହଠାତ୍ ଅସ୍ତ୍ରଶସ୍ତ୍ର ତିଆରି କରୁଥିବା କାରଖାନା ଗୁଡ଼ିକର ଅନୁଧ୍ୟାନ କରିବାକୁ ପହଞ୍ଚୁଛନ୍ତି । ନିକଟରେ ଆସିମ୍ ମୁନିର ୱାହ ସ୍ଥିତ 'ପାକିସ୍ତାନ ଅର୍ଡିନାନ୍ସ ଫ୍ୟାକ୍ଟ୍ରି' (ପିଓଏଫ) ଗସ୍ତ କରି ଅସ୍ତ୍ରଶସ୍ତ୍ର ଉତ୍ପାଦନ, ରପ୍ତାନି କ୍ଷମତା ଏବଂ ଅସ୍ତ୍ର ବିକାଶ ସଂକ୍ରାନ୍ତୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି । ମୁନିରଙ୍କ ଏହି ଗସ୍ତ ତାଙ୍କର ଆକ୍ରାମକ ସାମରିକ ବୟାନବାଜି ମଧ୍ୟରେ ହୋଇ ଥିବାରୁ , ଏହା ଅନେକ ଚିନ୍ତା ସୃଷ୍ଟି କରିଛି । ଗୁପ୍ତଚର ବିଭାଗ ସୂତ୍ରକୁ ଆଧାର କରି ଉଭରଣ-ଘରଙ୍ଗାଂ୧୮ ରିପୋର୍ଟରେ କୁହାଯାଇଛି ଯେ, ପାକିସ୍ତାନ ସେନାମୁଖ୍ୟ ପାକିସ୍ତାନ ଏବଂ ବିଦେଶର ବିଭିନ୍ନ ମଞ୍ଚରୁ ଭାରତକୁ ବାରମ୍ବାର ଧମକ ଦେଇ ଆସୁଛନ୍ତି । ପାକିସ୍ତାନୀ ରାଜନୀତିରେ ନିଜର ପକଡ଼ ମଜବୁତ କରିବା ପାଇଁ ମୁନିର ଆଉ ଏକ ଯୁଦ୍ଧର ଷଡ଼ଯନ୍ତ୍ର ରଚୁଛନ୍ତି, ଯାହାପାଇଁ ସେ ଅସ୍ତ୍ରଶସ୍ତ୍ର କାରଖାନା ପରିଦର୍ଶନ କରି ଉତ୍ପାଦନ ଓ ସଂରକ୍ଷଣର ହିସାବ ନେଉଛନ୍ତି ।

# ନେପାଳରୁ ଭାସି ଭାରତୀୟ ନଦୀରେ ପହଞ୍ଚୁଛି ମୃତଦେହ




ଗୋପାଳଗଞ୍ଜ: ନେପାଳରେ ହୋଇଥିବା ଭୟଙ୍କର ବନ୍ୟାର ପ୍ରଭାବ ଏବେ ଭାରତରେ ମଧ୍ୟ ଅନୁଭୂତ ହେଉଛି । ନାରାୟଣୀ ନଦୀରେ ବନ୍ୟାଜଳ ସହିତ ମୃତଦେହ ବୋହି ମହାରାଜଗଞ୍ଜରେ ପହଞ୍ଚିଛି । ଏପର୍ଯ୍ୟନ୍ତ ଚାରି ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି, ଯେଉଁଥିରେ ତିନି ଜଣ ଶିଶୁ ମଧ୍ୟ ଅଛନ୍ତି । ନଦୀରେ ଭାସିଯାଇଥିବା ମୃତଦେହ, ଭଗ୍ନାବଶେଷ, କାଠ ଏବଂ ଜିନିଷପତ୍ରର ଏହି ଦୃଶ୍ୟ ବନ୍ୟାର ଦୁଃଖଦ କ୍ଷୟକ୍ଷତିକୁ ଦର୍ଶାଉଛି । ନାରାୟଣୀ ନଦୀରେ କେବଳ ପାଣି ପ୍ରବାହିତ ହେଉନାହିଁ ବନ୍ୟା ପାଣି କାଠ, ଘରକରଣା ଜିନିଷପତ୍ର, ଏପରିକି ସିଲିଣ୍ଡର ସହିତ ଅନ୍ୟାନ୍ୟ ଜିନିଷପତ୍ର ମଧ୍ୟ ଭାରତ ପଟେ ପହଞ୍ଚିଛି । ଏହି ସମୟରେ, ଉଦ୍ଧାରକାରୀ ଦଳ ନଦୀରେ କିଛି ସନ୍ଦେହଜନକ ଜିନିଷ ଦେଖିଥିଲେ । ପାଖକୁ ଯାଇ ଭଲ ଭାବରେ ଯାଞ୍ଚ କରିବା ପରେ, ସେମାନେ ମୃତ ଶରୀର ପାଇଥିଲେ । ଉଦ୍ଧାର ହୋଇଥିବା ଚାରିଟି ମୃତଦେହ ମଧ୍ୟରେ ତିନି ଜଣ ମହିଳା ଏବଂ ଜଣେ ପୁରୁଷଙ୍କର ବୋଲି ଜଣାପଡ଼ିଛି । ମହାରାଜଗଞ୍ଜ ପ୍ରଶାସନ ମୃତଦେହ ମିଳିବା ସମ୍ପର୍କରେ ନେପାଳକୁ ସୂଚନା ପଠାଇଛି । ଚିହ୍ନଟ ସହିତ ଜଡ଼ିତ ଫଟୋ ଏବଂ ଭିଡିଓ ମଧ୍ୟ ସେୟାର କରାଯାଇଛି । ନେପାଳ ପ୍ରଶାସନର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କ'ଣ ହେବ ସେ ନେଇ ଅପେକ୍ଷା କରାଯାଉଛି । ନଦୀ କୂଳରେ ନିୟୋଜିତ ଉଦ୍ଧାରକାରୀ ଦଳ ସ୍ଥିତି ଉପରେ ନିରନ୍ତର ନଜର ରଖୁଛନ୍ତି । ଯେତେବେଳେ କୌଣସି ସନ୍ଦେହଜନକ ବସ୍ତୁ ଦେଖାଯାଏ, କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରନ୍ତି । ଯଦି କୌଣସି ମାନବ ମୃତଦେହ ମିଳେ, ତେବେ ଆବଶ୍ୟକୀୟ ପ୍ରକ୍ରିୟା ପରେ ତାକୁ ଉଦ୍ଧାର କରାଯାଇ ଶବ ସଂରକ୍ଷଣ ଗୃହକୁ ପଠାଯାଏ । କିଛି ଲୋକ ବନ୍ୟା ପାଣିରେ ଭାସି ଯାଉଥିବା ଜିନିଷପତ୍ର ଉଦ୍ଧାର କରିବା ପାଇଁ ନିଜ ଜୀବନକୁ ବାଜି ଲଗାଉଛନ୍ତି । ଉଦ୍ଧାରକାରୀ ଦଳ ସେମାନଙ୍କୁ ନଦୀର କୂଳରେ ରହିବାକୁ ବାରମ୍ବାର ସତର୍କ କରାଉଛନ୍ତି, କିନ୍ତୁ ଅନେକ ଲୋକ ଏବେ ବି କାଠ ଏବଂ ଅନ୍ୟାନ୍ୟ ଜିନିଷପତ୍ର ଆଣିବା ପାଇଁ ପାଣି ଭିତରକୁ ଯାଉଛନ୍ତି ।

# ଶାହଙ୍କ ହାତରେ ରାକ୍ଷୀ ବାନ୍ଧିଲେ ସୁନେତ୍ରା ପାୱାର



ମୁମ୍ବାଇ : ରକ୍ଷା ବନ୍ଧନର ପବିତ୍ର ଅବସର। ମୁମ୍ବାଇରେ ରାଜନୀତିର ମଞ୍ଚରେ ଦେଖିବାକୁ ମିଳିଲା ଭାଇ-ଭଉଣୀର ସ୍ନେହର ଏକ ଭାବପୂର୍ଣ୍ଣ ଦୃଶ୍ୟ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାର ଶାହଙ୍କ ହାତରେ ରାକ୍ଷୀ ଶୁଭେଚ୍ଛା ଜଣାଇଥିଲେ। ଏହି ସାକ୍ଷାତକାର ରାଜନୈତିକ ଦୃଷ୍ଟିରୁ ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ଏହାର ଭାବନାତ୍ମକ ପକ୍ଷ ମଧ୍ୟ ସାମ୍ନାକୁ ଆସିଥିଲା। ସ୍ୱାଗତ ପରେ ଶାହଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ ସୁନେତ୍ରା। ଏହି ବିଶେଷ ମୁହୂର୍ତ୍ତର ଫଟୋ ସୁନେତ୍ରା ପାୱାର ସୋସିଆଲ୍ ମିଡିଆରେ ସେୟାର କରିଛନ୍ତି। ମୁମ୍ବାଇରେ ଅମିତ ଶାହଙ୍କୁ ସ୍ୱାଗତ କରିବା ସହ ରକ୍ଷାବନ୍ଧନର ପବିତ୍ର ଅବସରରେ ତାଙ୍କୁ ରାକ୍ଷୀ ବାନ୍ଧିଥିବା ନେଇ ସେ ଜଣାଇଥିଲେ। ମହାରାଷ୍ଟ୍ରର ବିକାଶ ଓ ଦେଶ ହିତ ସମ୍ପର୍କିତ ବିଷୟରେ ଅମିତ ଶାହଙ୍କ ମାର୍ଗଦର୍ଶନ ଓ ସହଯୋଗ ସବୁବେଳେ ପ୍ରେରଣାଦାୟକ ବୋଲି ସେ ନିଜ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଏହି ଦୃଶ୍ୟ ରାଜନୈତିକ ଚର୍ଚ୍ଚାଠାରୁ ଅଧିକ ଦୃଷ୍ଟି ଆକର୍ଷଣ କରିଥିଲା। ଗୃହମନ୍ତ୍ରୀଙ୍କ ମୁମ୍ବାଇ ଗସ୍ତ, ଅନ୍ୟପଟେ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାକ୍ଷୀ ବାନ୍ଧିବାର ଏହି ମୁହୂର୍ତ୍ତ ରାଜନୈତିକ ପରିବେଶକୁ ଏକ ଆବେଗଭରା ରଙ୍ଗ ଦେଇଥିଲା।

# ନେପାଳରେ ଫସି ରହିଥିବା ୧୦୦ ମହାରାଷ୍ଟ୍ର ତୀର୍ଥଯାତ୍ରୀ ଉଦ୍ଧାର



କାଠମାଣ୍ଡୁ:ାତ୍ ବନ୍ୟା ଯୋଗୁଁ ନେପାଳରେ ଫସି ରହିଥିବା ପ୍ରାୟ ୧୦୦ ଜଣ ମହାରାଷ୍ଟ୍ର ତୀର୍ଥଯାତ୍ରୀଙ୍କୁ ନେପାଳ ସୀମାରୁ ବିହାରକୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଥିଲା। ପରେ ଖାଦ୍ୟ, ଆଶ୍ରୟ ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବା ସହିତ ସେମାନଙ୍କୁ ଟ୍ରେନ ଯୋଗେ ଘରକୁ ପଠାଯାଇଥିଲା। ମହାରାଷ୍ଟ୍ର ସରକାରଙ୍କ ଅନୁରୋଧ ପରେ ବିହାର ସରକାରଙ୍କ ପକ୍ଷରୁ ଏହି ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ବିହାର ସରକାର କହିଛନ୍ତି ଯେ, ମାନବିକତା ଓ କରୁଣା ଭିତ୍ତିରେ ଏହି ପ୍ରୟାସ କରାଯାଇଥିଲା। ବିହାର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମୁଖ୍ୟ ସଚିବ ଓ ପ୍ରମୁଖ ସଚିବଙ୍କ ନିରନ୍ତର ତତ୍ତ୍ୱାବଧାନରେ ସୀତାମାଢ଼ି ଜିଲ୍ଲା ପ୍ରଶାସନ ଅଗଷ୍ଟ ୨୮ ତାରିଖରେ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ବିପର୍ଯ୍ୟୟ ପରିଚାଳନା ବିଭାଗ ସହିତ ସମନ୍ୱୟ ରଖି ଅଧିକାରୀମାନେ ସମସ୍ତ ତୀର୍ଥଯାତ୍ରୀଙ୍କୁ ନେପାଳ ସୀମାରୁ ସୀତାମାଢ଼ି ପର୍ଯ୍ୟନ୍ତ ସୁରକ୍ଷିତ ଭାବରେ ପହଞ୍ଚାଇଥିଲେ। ପ୍ରଶାସନ ସୀତାମାଢ଼ିରେ ତୀର୍ଥଯାତ୍ରୀଙ୍କ ପାଇଁ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ବ୍ୟବସ୍ଥା କରିଥିଲା। ପରେ ତୀର୍ଥଯାତ୍ରୀମାନଙ୍କୁ ସୀତାମାଢ଼ିରୁ ପାଟନା ଅଣାଯାଇଥିଲା। ଶୁକ୍ରବାର-ଶନିବାର ରାତି ପ୍ରାୟ ୨ଟା ୩୦ ମିନିଟ ସମୟରେ ରାଜଧାନୀ ପାଟନାରେ ପହଞ୍ଚିଥିଲେ। ପାଟନା ଜିଲ୍ଲା ପ୍ରଶାସନ ସେମାନଙ୍କ ପାଇଁ ରହିବାର ବ୍ୟବସ୍ଥା କରିଥିଲା, ଯେଉଁଠାରେ ଖାଦ୍ୟ ଓ ରହିବାର ବ୍ୟବସ୍ଥା କରାଯାଇଥିଲା। ସେହି ରାତିରେ ଡାକ୍ତରୀ ଯାଞ୍ଚ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ମଧ୍ୟ ଯୋଗାଇ ଦିଆଯାଇଥିଲା। ତୀର୍ଥଯାତ୍ରୀମାନଙ୍କ ଫେରିବା ଯାତ୍ରାକୁ ସହଜ କରିବା ପାଇଁ ବିହାର ସରକାର ନୂଆଦିଲ୍ଲୀର ରେଳ ବୋର୍ଡ ସହିତ ସମନ୍ୱୟ ସ୍ଥାପନ କରିଥିଲେ। ବିହାର ମୁଖ୍ୟ ସଚିବ ଓ ରେଳ ବୋର୍ଡର ଅଧ୍ୟକ୍ଷଙ୍କ ମଧ୍ୟରେ ସମନ୍ୱୟ ପରେ ପାଟନା-ପୂର୍ଣ୍ଣା ଏକ୍ସପ୍ରେସରେ ଦୁଇଟି ଅତିରିକ୍ତ କୋଚ୍ ସଂଯୋଗ କରାଯାଇଥିଲା। ସ୍ୱତନ୍ତ୍ର ବ୍ୟବସ୍ଥା ଅଧୀନରେ ଅଗଷ୍ଟ ୨୯ ତାରିଖ ସକାଳ ପ୍ରାୟ ୭ଟା ୩୦ ମିନିଟ ସମୟରେ ତୀର୍ଥଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ଟ୍ରେନ ଯୋଗେ ମହାରାଷ୍ଟ୍ର ପଠାଯାଇଥିଲା। ସୁରକ୍ଷିତ ଭାବରେ ସେମାନଙ୍କ ଗୃହ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରିବାକୁ ନେଇ ତୀର୍ଥଯାତ୍ରୀମାନେ ବିହାର ସରକାର, ସୀତାମାଢ଼ି ଓ ପାଟନା ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି।

# ନେପାଳରୁ ଫେରିଲେ ୨୧ ତୀର୍ଥଯାତ୍ରୀ

ନୂଆଦିଲ୍ଲୀ: ଜଣ ତୀର୍ଥଯାତ୍ରୀଙ୍କ ପାଇଁ ଶୁକ୍ରବାର ଘରକୁ ଫେରିବା ଘଟଣା ଦ୍ୱିତୀୟ ଜନ୍ମଠାରୁ କିଛି କମ୍ ନଥିଲା। ସେମାନେ ନେପାଳ ତୀର୍ଥଯାତ୍ରାରେ ବାହାରିଥିଲେ। କିନ୍ତୁ ହିମସ୍ଖଳନ ଯୋଗୁଁ ଆସିଥିବା ଫ୍ଲାସ୍ ଫ୍ଲଡ୍ରେ ସେମାନଙ୍କ କାଫିଲା ଫସିଯିବା ପରେ ଯାତ୍ରା ଜୀବନ ବଞ୍ଚାଇବାର ସଂଘର୍ଷରେ ପରିଣତ ହୋଇଥିଲା। ତିନୋଟି ବସ୍ ମଧ୍ୟରୁ ଦୁଇଟିକୁ ପ୍ରବଳ ବନ୍ୟାଜଳ ଭସାଇ ନେଇଥିଲା। ଚେନ୍ନାଇ ଫେରିଥିବା ତୀର୍ଥଯାତ୍ରୀଙ୍କ ମୁହଁରେ ଭୟର ଛାପ, ଆଖିରେ ଲୁହ ଏବଂ ଜୀବନ ବଞ୍ଚିଯାଇଥିବାରୁ ଅପାର କୃତଜ୍ଞତା ଥିଲା। ବଞ୍ଚିଯାଇଥିବା ଯାତ୍ରୀଙ୍କ ମଧ୍ୟରେ ବିଜୟ ଭୁବନେଶ୍ୱରୀ ମଧ୍ୟ ଥିଲେ। ସେ ବିପର୍ଯ୍ୟୟର ସେହି ଭୟଙ୍କର ମୁହୂର୍ତ୍ତକୁ ସ୍ପଷ୍ଟ ଭାବେ ମନେ ପକାଇ କହିଥିଲେ।"ତିନୋଟି ବସ୍ ଥିବା ଆମ କାଫିଲା ଉପରେ ଫ୍ଲାସ୍ ଫ୍ଲଡ୍ ଆସିବା ବେଳେ ବୋମା ବିସ୍ଫୋରଣ ଭଳି ଏକ ଭୟଙ୍କର ଶବ୍ଦ ହୋଇଥିଲା। ଆମ ଆଗରେ ଓ ପଛରେ ଥିବା ବସ୍ ଦୁଇଟି ଆମ ବସ୍କୁ ଚାପି ଧରିଥିଲା। ଜୀବନ ବଞ୍ଚାଇବା ପାଇଁ ଆମେ ବସ୍ ଉପରକୁ ଚଢ଼ିଯାଇଥିଲୁ। ପରେ ଆମେ ପାହାଡ଼ ଉପରକୁ ଚଢ଼ିଥିଲୁ, ଯେଉଁଠାରେ ଆର୍ମଡ୍ ରିଜର୍ଭ ପୋଲିସ୍ର ଏକ କ୍ୟାମ୍ପ ଥିଲା। ପୋଲିସ୍ ଆମକୁ ସାହାଯ୍ୟ କରିବା ସହ ଆଶ୍ରୟ ଦେଇଥିଲେ," ବୋଲି ସେ କହିଥିଲେ। ସେ ଏହି ବିପର୍ଯ୍ୟୟରୁ ଜୀବିତ ଫେରିପାରିବେ ବୋଲି କେବେ ଭାବିଥିଲେ କି ବୋଲି ପଚରାଯିବାରୁ ତାଙ୍କ ଉତ୍ତର ତାଙ୍କ ଅନୁଭୂତିର ଭୟାବହତାକୁ ପ୍ରକାଶ କରିଥିଲା। "୯୦ ପ୍ରତିଶତ ନା। ମୁଁ କେବଳ ମୋ ଝିଅ କଥା ଭାବୁଥିଲି," ସେ କହିଥିଲେ।

କିରୁବଥିରିଙ୍କ ପାଇଁ ଏହି ଅନୁଭୂତି ଜୀବନକୁ ଦେଖିବାର ତାଙ୍କ ଦୃଷ୍ଟିକୋଣ ବଦଳାଇ ଦେଇଛି। "ଏହା ମୋର ନୂଆ ଜନ୍ମ। ମୋର କୌଣସି ଅଭିଯୋଗ ନାହିଁ। ଜଳବାୟୁ ପରିବର୍ତ୍ତନ ସତ। ଅନ୍ୟମାନଙ୍କ ଜଳବାୟୁ ସମ୍ପର୍କିତ ଭୁଲର ଭାର ସବୁବେଳେ ଗରିବ ଲୋକମାନେ ବହନ କରନ୍ତି," ବୋଲି ସେ କହିଥିଲେ। ତୀର୍ଥଯାତ୍ରୀ ଭଲ୍ଲିନାୟକୀଙ୍କ ପାଇଁ ମଧ୍ୟ ପ୍ରକୃତିର ଏହି ପ୍ରଚଣ୍ଡ ରୂପକୁ ବୁଝିବା ପ୍ରାୟ ଅସମ୍ଭବ ଥିଲା। "ଏହା ଏକ ଚମତ୍କାର ରକ୍ଷା। ଏହା କଂକ୍ରିଟ୍ର ଏକ ଜ୍ୱାଳାମୁଖୀ ବିସ୍ଫୋରଣ ଭଳି ଥିଲା, ଯାହା ଆମକୁ ଗିଳିବାକୁ ଆସିଥିଲା," ବୋଲି ସେ କହିଥିଲେ। ଚେନ୍ନାଇ ବିମାନବନ୍ଦରରେ ମଧ୍ୟ ଏହି ତୀର୍ଥଯାତ୍ରୀମାନେ ଫେରିବା ପରେ ପରିବାରଗୁଡ଼ିକ ଆଶ୍ୱସ୍ତ ହୋଇଥିଲେ। ପ୍ରିୟଜନଙ୍କୁ ଆଲିଙ୍ଗନ କରିବା ପାଇଁ ସେମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ।

# ୩ ବରିଷ୍ଠ ନେତାଙ୍କୁ ଭର୍ତ୍ସନା କଲେ ନୀତୀନ ନବୀନ



ନୂଆଦିଲ୍ଲୀ: ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିବା ବିଜେପିର ତିନି ସାଂସଦଙ୍କୁ ତାଗିଦ୍ କରିଛନ୍ତି ଦଳର ରାଷ୍ଟ୍ରୀୟ ସଭାପତି ନୀତୀନ ନବୀନ। ଦିଲ୍ଲୀର ଏହି ତିନି ଲୋକସଭା ସାଂସଦ ହେଉଛନ୍ତି- କମଲଜୀତ ସେହରାୱତ, ରାମବୀର ସିଂହ ବିଧୁରୀ ଏବଂ ଯୋଗେନ୍ଦ୍ର ଚାନ୍ଦୋଲିଆ। ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିଜେପି ସଭାପତି ନୀତୀନ ନବୀନ ଦଳୀୟ ସାଂସଦଙ୍କ ଏହି କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରିବା ସହିତ ସେମାନଙ୍କୁ ତାଗିଦ୍ କରିଛନ୍ତି। ସେମାନେ ସେଠାକୁ ଯିବାର ନଥିଲା ବୋଲି ନବୀନ କହିବା ସହ ସେମାନଙ୍କୁ ସମନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସଜ୍ଜନ କୁମାର ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ଦିଲ୍ଲୀର ତିହାର ଜେଲ୍ରେ ଆଜୀବନ ସା କାଟୁଥିବା ଅବସ୍ଥାରେ ଅଗଷ୍ଟ ୨୦ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ସଜ୍ଜନ କୁମାରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକଙ୍କୁ ବିଜେପି ସାଂସଦ କମଲଜୀତ ସେ-ହରାୱତ, ରାମବୀର ସିଂହ ବିଧୁରୀ ଏବଂ ଯୋଗେନ୍ଦ୍ର ଚାନ୍ଦୋଲିଆ ଭେଟି ସମବେଦନା ଜଣାଇବା ପରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ବିଶେଷ କରି ଚଳିତ ବର୍ଷ ଏପ୍ରିଲ ମାସରେ ବିଜେପିରେ ଯୋଗ ଦେଇଥିବା ଏଚ୍.ଏସ୍ ଫୁଲକା ଏହାକୁ ତୀବ୍ର ନିନ୍ଦା କରିଥିଲେ। ଶ୍ରୀ ଫୁଲ୍କା ହେଉଛନ୍ତି ଜଣେ ପ୍ରସିଦ୍ଧ ଆଡଭୋକେଟ୍। ସେ ୧୯୮୪ ଦଙ୍ଗା ପୀଡ଼ିତଙ୍କ ତରଫରୁ ମାମଲା ଲଢ଼ିଥିଲେ। ସେ କହିଥିଲେ, ଗଣହତ୍ୟାକାରୀ ସଜ୍ଜନ କୁମାରଙ୍କ ମୃତ୍ୟୁ ପରେ ତାଙ୍କ ବାସଭବନକୁ ଯାଇ ତିନି ଜଣ ସାଂସଦ ସମବେଦନା ଜଣାଇବା ଘଟଣାକୁ ମୁଁ ତୀବ୍ର ନିନ୍ଦା କରୁଛି। ଶ୍ରୀ ଫୁଲକା କହିଥିଲେ ଯେ ଏହି ଗସ୍ତ ବିଶେଷ ଭାବରେ ଆପତ୍ତିଜନକ ଥିଲା। କାରଣ ବିଜେପି କ୍ରମାଗତ ଭାବରେ ଶିଖ୍ ଦଙ୍ଗା ପୀଡ଼ିତଙ୍କ ନ୍ୟାୟ ପାଇଁ ଲଢ଼େଇକୁ ସମର୍ଥନ କରିଆସିଛି ଏବଂ କୁମାରଙ୍କୁ ଜେଲରେ ରଖିବା ପାଇଁ ପୀଡ଼ିତ ପରିବାରର ଉଦ୍ୟମକୁ ସହଯୋଗ କରିଛି। ସହାନୁଭୂତି କେବଳ ପୀଡ଼ିତ ଏବଂ ସେମାନଙ୍କ ପରିବାର ପାଇଁ ରହିବା ଉଚିତ୍, ଯେଉଁମାନଙ୍କ ମଧ୍ୟରୁ ଅନେକ ଆଜି ପର୍ଯ୍ୟନ୍ତ ସେହି ଭୟଙ୍କର ଦିନଗୁଡ଼ିକୁ ଭୁଲି ପାରି ନାହାନ୍ତି। ଅନ୍ୟପକ୍ଷରେ ବିଜେପି ମୁଖପାତ୍ର ଆରପି ସିଂହ କହିଥିଲେ ଯେ ଏହି ତିନି ସାଂସଦ ବ୍ୟକ୍ତିଗତ ସ୍ତରରେ ସଜ୍ଜନ କୁମାରଙ୍କ ଘରକୁ ଯାଇଥିଲେ। ସେମାନେ ଦଳର ପ୍ରତିନିଧି ଭାବେ ସେଠାକୁ ଯାଇନଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ମାଗିଲେ ଚିରାଗ ପାଶୱାନ




ନୂଆଦିଲ୍ଲୀ : ଘରଇରେ ଦଳିତ ସଂରକ୍ଷଣକୁ ନେଇ ଫାଟ ସ୍ପଷ୍ଟ ଦେଖାଯାଉଛି। ଲୋକ ଜନଶକ୍ତି ପାର୍ଟି (ରା-ମବିଲାସ) ର ମୁଖ୍ୟ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶୱାନ, ମୋଦି କ୍ୟାବିନେଟରେ ଥିବା ନିଜର ସହଯୋଗୀ ଏବଂ ହିନ୍ଦୁସ୍ତାନ ଆୱାମୀ ମୋର୍ଚ୍ଚାର ଅଧ୍ୟକ୍ଷ ଜୀତନରାମ ମାଂଝୀଙ୍କୁ ଇସ୍ତଫା ଦେବାକୁ କହିଛନ୍ତି। କେବଳ ଏତିକି ନୁହେଁ, ଚିରାଗ ପାଶୱାନ ବିହାର ସରକାରରେ ମନ୍ତ୍ରୀ ଥିବା ସନ୍ତୋଷ ସୁମନଙ୍କୁ ମଧ୍ୟ ନିଜ ପଦ ଛାଡ଼ିବାକୁ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଶନିବାର କହିଛନ୍ତି ଯେ ଜୀତନରାମ ମାଂଝୀ ଦଳିତ ସଂରକ୍ଷଣରେ ସବ-କ୍ୟାଟେଗୋରାଇଜେସନ (ଉପ-ବର୍ଗୀକରଣ) କଥା କହୁଛନ୍ତି, ଏପରି ସ୍ଥିତିରେ ସେ ଏବଂ ତାଙ୍କ ପୁଅ ସବୁଠାରୁ ପ୍ରଥମେ ମନ୍ତ୍ରୀପଦ ଛାଡ଼ିବା ଉଚିତ।ଶନିବାର ସାମ୍ବାଦିକମାନଙ୍କ ସହ କଥା ହୋଇ ଚିରାଗ ପାଶୱାନ କହିଛନ୍ତି "ଅନୁସୂଚିତ ବର୍ଗର ସମସ୍ତ ଜାତି ଏକାଠି ଛିଡ଼ା ହୋଇଛନ୍ତି, ସେଥିପାଇଁ ଶକ୍ତିଶାଳୀ ଅଛନ୍ତି। ଯଦି ସେମାନଙ୍କର ଏକତା ନ ରହେ, ତେବେ ସଂରକ୍ଷଣ ଶେଷ ହୋଇଯିବ।" ସେ କହିଛନ୍ତି "ମୁଁ ସେତେବେଳେ ବି ସ୍ୱର ଉତ୍ତୋଳନ କରିଥିଲି, ଯେତେବେଳେ ଦଳିତ ଏବଂ ମହାଦଳିତର ବିଭାଜନ କରିବାକୁ ଚେଷ୍ଟା କରାଯାଇଥିଲା। ଆମ ପାର୍ଟି ଦଳିତ ସଂର-କ୍ଷଣରେ ସବ-କୋଟା (ଉପ-କୋଟା) ସପକ୍ଷରେ ଆଦୌ ନାହିଁ।" ଚିରାଗ ପାଶୱାନ ଏହାକୁ ସମ୍ପୂର୍ଣ୍ଣ ଭାବେ ସମ୍ବିଧାନର ଅବମାନନା ବୋଲି ଆଖ୍ୟା ଦେଇଛନ୍ତି। ସେ କହିଛନ୍ତି "ସମ୍ବିଧାନରେ ଦଳିତମାନଙ୍କୁ ବହୁତ ଭାବିଚିନ୍ତି ସଂରକ୍ଷଣ ଦିଆଯାଇଛି, ଏହା ସମାଜ ଏବଂ ଅଛୁଆଁଭାବ ଆଧାରରେ ଦିଆଯାଇଛି, ସେଥିରେ କୌଣସିଠାରେ ବି ଆର୍ଥିକ ସ୍ଥିତିକୁ ସଂରକ୍ଷଣର ଆଧାର ବୋଲି କୁହାଯାଇ ନାହିଁ।"

# ମମତା ବାନାର୍ଜୀଙ୍କ ବିରୋଧରେ ମାମଲା ରୁଜୁ

କଲକାତା : ବଢ଼ିଲା ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଡୁଆ। ତୃଣମୂଳ କଂଗ୍ରେସ (ଟିଏମସି) ଛାତ୍ର ଶାଖା, ତୃଣମୂଳ ଛାତ୍ର ପରିଷଦ (ଟିଏମସିପି) ର ପ୍ରତିଷ୍ଠା ଦିବସ ପାଳନ ପାଇଁ ଆୟୋଜିତ ଏକ ଆଇନଗତ ବିବାଦ ଉପୁଜିଛି। କଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ କରିବା ଅଭିଯୋଗରେ ପୁଲିସ ସ୍ୱତଃସମର୍ଥନ ଗ୍ରହଣ କରି ମମତା ବାନାର୍ଜୀ ଏବଂ କାର୍ଯ୍ୟକ୍ରମର ଆୟୋଜକଙ୍କ ବିରୁଦ୍ଧରେ ଏକ ଏଫଆଇଆର ରୁଜୁ କରିଛି। କଲକାତା ହାଇକୋର୍ଟ ଅଗଷ୍ଟ ୨୮ ତାରିଖରେ କ୍ୟାଥେଡ୍ରାଲ୍ ରୋଡରେ ଟିଏମସିପିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ପାଇଁ ଅନୁମତି ପ୍ରଦାନ କରିଥିଲେ। କୋର୍ଟ ସର୍ତ୍ତ ରଖିଥିଲେ ଯେ ଜନସାଧାରଣ ଏବଂ ଟ୍ରାଫିକର ସୁବିଧା ପାଇଁ ରାସ୍ତାର ଏକ ଅଂଶ ସମ୍ପୂର୍ଣ୍ଣ ଖୋଲା ରଖାଯିବ ଏବଂ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମାପ୍ତ ହେବ। କେନ୍ଦ୍ରୀୟ କଲକାତାର ହେଷ୍ଟିଙ୍ଗ୍ସ ପୁଲିସ ଷ୍ଟେସନରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପୁଲିସ ଅଧିକାରୀଙ୍କ ଅନୁଯାୟୀ, ଅଗଷ୍ଟ ୨୮ ତାରିଖରେ କେନ୍ଦ୍ରୀୟ କଲକାତାର କ୍ୟାଥେଡ୍ରାଲ୍ ରୋଡରେ ଆୟୋଜିତ ଛାତ୍ର ରାଲି ସମୟରେ କୋର୍ଟ ଦ୍ୱାରା ସ୍ଥିର କରାଯାଇଥିବା ସର୍ତ୍ତାବଳୀ ପାଳନ କରାଯାଇ ନଥିଲା। ରାସ୍ତାର ଆବଶ୍ୟକୀୟ ଅଂଶ ଖୋଲା ରଖାଯାଇ ନଥିଲା, ଯାହା ଫଳରେ ଟ୍ରାଫିକ୍ ବାଧାପ୍ରାପ୍ତ ହୋଇଥିଲା।

# ପୁସ୍ତକ ପ୍ରତ୍ୟାହାର ଅଭିଯୋଗକୁ ଫେଙ୍ଗୁଇନ୍ ଇଣ୍ଡିଆର ଖଣ୍ଡନ




ନୂଆଦିଲ୍ଲୀ : କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ବହୁଚର୍ଚ୍ଚିତ ଜୀବନୀ 'ବିଲଙ୍ଗିଙ୍ଗ୍:ଏ ଜର୍ଣ୍ଣି ଅଫ୍ ଲଭ୍' ପ୍ରକାଶନକୁ ନେଇ ଆସିଥିବା ସମସ୍ତ ଗଣମାଧ୍ୟମ ରିପୋର୍ଟକୁ ପେଙ୍ଗୁଇନ ରାଣ୍ଡମ ହାଉସ୍ ଇଣ୍ଡିଆ ସ୍ପଷ୍ଟ ଭାବେ ଖଣ୍ଡନ କରିଛି। ସମ୍ପାଦକୀୟ ପରିବର୍ତ୍ତନକୁ ଲେଖିକା ଗ୍ରହଣ ନ କରିବାରୁ ପ୍ରକାଶକ ବହି ପ୍ରକାଶନରୁ ଓହରି ଯାଇଥିବା ନେଇ ଚର୍ଚ୍ଚା ହେଉଥିଲା, ତାହା ସମ୍ପୂର୍ଣ୍ଣ ଭୁଲ୍ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ପେଙ୍ଗୁଇନ ଇଣ୍ଡିଆ ସ୍ପଷ୍ଟ କରିଛି ଯେ ସେମାନେ ଭାରତରେ ଏହି ପୁସ୍ତକର ପ୍ରକାଶକ ନୁହଁନ୍ତି ଏବଂ ଆଲୋଚନା ସମୟରେ ସେମାନେ ବହିଟି ପ୍ରକାଶ କରିବାକୁ ସର୍ବଦା ଆଗ୍ରହୀ ଥିଲେ। ଏହି ଘଟଣାକୁ ନେଇ କଂଗ୍ରେସ ନେତାମାନେ ସରକାରୀ ଚାପ ଏବଂ ମତପ୍ରକାଶର ସ୍ୱାଧୀନତା କ୍ଷୁନ୍ନର୍ ହେଉଥିବା ଅଭିଯୋଗ ଆଣି କେନ୍ଦ୍ର ସରକାର ଓ ପ୍ରକାଶକଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ତଥା ରାଜସ୍ଥାନ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲୋଟ୍ ଏହାକୁ 'ମତପ୍ରକାଶ ସ୍ୱାଧୀନତାର ହତ୍ୟା' ବୋଲି ଅଭିହିତ କରିଛନ୍ତି। ପ୍ରକାଶନ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ପାଣ୍ଡୁଲିପିର ତଥ୍ୟ ଯାଞ୍ଚ କରିବା ଏବଂ ସମ୍ପାଦକୀୟ ପରାମର୍ଶ ଦେବା ହେଉଛି ପ୍ରକାଶନ ପ୍ରକ୍ରିୟାର ଏକ ସାଧାରଣ ଅଂଶ। ଲେଖକଙ୍କ ସହ ଗୋପନୀୟ ଆଲୋଚନା ସମ୍ପର୍କରେ ସଂସ୍ଥା ଅଧିକ କିଛି କହିବାକୁ ମନା କରିଦେଇଛି। ତେବେ ସଂସ୍ଥାର ଅନ୍ୟ ଏକ ପ୍ରକାଶନ ସଂସ୍ଥା 'ଆଲଫ୍ରେଡ ଏ ନଫ୍' ଜରିଆରେ ନଭେମ୍ବର ୧୦ରେ ଏହି ପୁସ୍ତକଟି ଅନ୍ତର୍ଜାତୀୟ ସ୍ତରରେ ମୁକ୍ତିଲାଭ କରିବ ବୋଲି ସୂଚନା ଦିଆଯାଇଛି। ନିଜ ପରିବାର ଏବଂ ସାମାଜିକ-ରାଜନୈତିକ ପରିବର୍ତ୍ତନର ସତ୍ୟତାକୁ ପାଠକମାନଙ୍କ ସାମ୍ନାକୁ ଆଣିବା ପାଇଁ ଏହି ପୁସ୍ତକ ଏକ ଅନନ୍ୟ ଦୃଷ୍ଟିକୋଣ ପ୍ରଦାନ କରିବ ବୋଲି ସୋନିଆ ଗାନ୍ଧୀ ମତପ୍ରକାଶ କରିଛନ୍ତି।

# ଜେନେରାଲ୍ ଝାଓଙ୍କୁ ପଦରୁ ହଟାଇଲେ ଜିନ୍‌ପିଙ୍ଗ



ବେଜିଂ : ଚୀନ୍ର ରାଷ୍ଟ୍ରପତି ଶି ଜିନପିଙ୍ଗଙ୍କ ସରକାରଙ୍କ ବଡ଼ ଆକ୍ସନ। ରାଜନେ ?ତିକ ପରାମର୍ଶଦାତା ଭାବରେ ଶୀର୍ଷ ସ୍ଥାନରେ ଥିବା ଜେନେରାଲ୍ ଝାଓ ଜୋଙ୍ଗକିଙ୍କୁ ପଦରୁ ହଟାଇ ଦେଇଛନ୍ତି। ଝାଓ ୨୦୨୦ ରେ ଗଲୱାନ୍ ଘାଟି ସଂଘର୍ଷ ସମୟରେ ସେ ପିପୁଲ୍ସ ଲିବରେସନ୍ ଆର୍ମିର ୱେଷ୍ଟର୍ଣ୍ଣ ଥିଏଟର କମାଣ୍ଡର ଦାୟିତ୍ୱରେ ଥିଲେ । ତାଙ୍କୁ ଶନିବାର ପଦାରୁ ହଟାଇ ଦିଆଯାଇଛି। ରଏଟର୍ସର ରିପୋର୍ଟ ଅନୁସାରେ, ଝାଓଙ୍କୁ ଚାଇନିଜ୍ ପିପୁଲ୍ସ ପଲିଟିକାଲ୍ କନସଲଟେଟିଭ୍ କନଫରେନ୍ସର ସଦସ୍ୟତାରୁ ସହ ଆଉ ଦୁଇଟି ପଦରୁ ମଧ୍ୟ ହଟାଯାଇଥିବା ଜଣାପଡ଼ିଛି। ଜେନେରାଲ୍ ଝାଓ ଜୋଙ୍ଗକି ସେତେବେଳେ ଚର୍ଚ୍ଚାକୁ ଆସିଥିଲେ, ଯେତେବେଳେ ଡୋକଲାମ୍ ବିବାଦ ଏବଂ ପରେ ୨୦୨୦ର ଗଲୱାନ୍ ଘାଟି ସଂଘର୍ଷ ସମୟରେ ସେ ପିପୁଲ୍ସ ଲିବରେସନ୍ ଆର୍ମିର ୱେଷ୍ଟର୍ଣ୍ଣ ଥିଏଟର କମାଣ୍ଡର ଦାୟିତ୍ୱରେ ଥିଲେ। ଚୀନ୍ର ୱେଷ୍ଟର୍ଣ୍ଣ ଥିଏଟର କମାଣ୍ଡ ତିବ୍ବତ ଓ ଶିନଜିଆଙ୍ଗ ସମେତ ଭାରତ ସହ ଚୀନ୍ର ସୀମାର ଏକ ବଡ଼ ଅଂଶରେ ସାମରିକ ଅଭିଯାନକୁ ନିୟନ୍ତ୍ରଣ କରେ। ତେଣୁ ଝାଓଙ୍କୁ ହଟାଯିବା ଘଟଣାକୁ ଭାରତ-ଚୀନ୍ ସୀମା ପ୍ରସଙ୍ଗରେ ମଧ୍ୟ ଗୁରୁତ୍ୱର ସହ ଦେଖାଯାଉଛି।୨୦୧୭ରେ ଡୋକଲାମ୍ରେ ଭାରତ ଓ ଚୀନ୍ର ସେନା ପ୍ରାୟ ୭୨ ଦିନ ଧରି ମୁହାଁମୁହିଁ ହୋଇଥିଲେ। ସେହି ସମୟରେ ଝାଓ ଜୋଙ୍ଗକି ୱେଷ୍ଟର୍ଣ୍ଣ ଥିଏଟର କମାଣ୍ଡର ଦାୟିତ୍ୱରେ ଥିଲେ। ଏହା ପରେ ୨୦୨୦ ପୂର୍ବ ଲଦାଖରେ ଭାରତ ଓ ଚୀନ୍ ମଧ୍ୟରେ ପୁଣି ତିକ୍ତତା ବଢ଼ିଥିଲା। ମେ ୨୦୨୦ରେ ଆରମ୍ଭ ହୋଇଥିବା ଏହି ସୀମା ବିବାଦ ପରବର୍ତ୍ତୀ ମାସରେ ଗଲୱାନ୍ ଘାଟିର ମାରାତ୍ମକ ସଂଘର୍ଷର ରୂପ ନେଇଥିଲା।

# ଆତଙ୍କର ନୂଆ ଫୌଜ ଗଢୁଛି ପାକିସ୍ତାନ !



ନୂଆଦିଲ୍ଲୀ: ଅପରେସନ୍ ସିନ୍ଦୂରରେ ଝଟକା ପରେ ପାକିସ୍ତାନର ନୂଆ ପ୍ଲାନ୍ । ଭାରତର କରାଳ ପ୍ରହାର ପରେ ନିଶ୍ଚିହ୍ନ ହୋଇଯାଇଥିବା ଆତଙ୍କୀ ନେଟୱାର୍କକୁ ପୁଣି ସକ୍ରିୟ କରିବାକୁ ପାକିସ୍ତାନ ବ୍ୟାକୁଳ ହୋଇପଡ଼ିଛି। ପାକିସ୍ତାନ ଓ ପାକ୍-ଅଧିକୃତ କାଶ୍ମୀରରେ ଥିବା ପ୍ରମୁଖ ଆତଙ୍କବାଦୀ କ୍ୟାମ୍ପଗୁଡ଼ିକ ଧ୍ୱଂସ ହେବା ପରେ ଏବେ ଇସଲାମାବାଦ ନିଜର ରଣନୀତି ବଦଳାଇଛି । ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକର ସୂଚନା ଅନୁସାରେ, ଆଗାମୀ ନଭେମ୍ବର ଓ ଡିସେମ୍ବର ମାସ ମଧ୍ୟରେ ଜମ୍ମୁ-କାଶ୍ମୀରରେ କୌଣସି ବଡ଼ ଧରଣର ଆତଙ୍କବାଦୀ ହମଲା ପାଇଁ ପାକିସ୍ତାନ ଯୋଜନା କରୁଛି। ଭାରତୀୟ ସେନାର ଏୟାରଷ୍ଟ୍ରାଇକ୍ ଭୟରେ ପାକିସ୍ତାନ ଏବେ ବଡ଼ ଆତଙ୍କୀ କ୍ୟାମ୍ପ ବଦଳରେ ଛୋଟ ଛୋଟ 'ଗୁପ୍ତ ମଡ୍ୟୁଲ୍' ତିଆରି କରୁଛି । ଯେପରି ଗୋଟିଏ ଠିକଣା ଧରାପଡ଼ିଲେ ପୂରା ନେଟୱାର୍କ ନଷ୍ଟ ନହୁଏ, ସେଥିପାଇଁ ଏହି ନୂଆ କୌଶଳ ଆପଣାଯାଇଛି । ବହାବଲପୁରଠାରେ ଜୈଶ-ଏ-ମହମ୍ମଦର କମ୍ପ୍ଲେକ୍ସରେ ପୁଣି ଥରେ କାର୍ଯ୍ୟକଳାପ ଆରମ୍ଭ ହୋଇଥିବା ପ୍ରମାଣ ମିଳିଛି । ଲସ୍କରର ହ୍ୟାଣ୍ଡଲରମାନଙ୍କୁ ପାଣ୍ଠି ପଠାଯାଉଛି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ପାକିସ୍ତାନ ଓ ତୁର୍କୀ ମଧ୍ୟରେ ବୃଦ୍ଧି ପାଉଥିବା ସାମରିକ ସମ୍ପର୍କ । ଗୁପ୍ତଚର ରିପୋର୍ଟ ଅନୁଯାୟୀ, ତୁର୍କୀ ସମର୍ଥିତ ସିରିଆନ୍ ମିଲିସିଆ ଏବଂ ବେସରକାରୀ ସାମରିକ କମ୍ପାନୀ 'ସାଦାତ୍' (ଝଇଉଇଞ) ର କମାଣ୍ଡରମାନଙ୍କ ସହ ପାକିସ୍ତାନୀ ହ୍ୟାଣ୍ଡଲରମାନେ ବୈଠକ କରିଛନ୍ତି । ବିଦେଶୀ ଲଢୁଆମାନଙ୍କୁ ପାକିସ୍ତାନ ବାଟ ଦେଇ ଜମ୍ମୁ-କାଶ୍ମୀରକୁ ପଠାଇବା ପାଇଁ ଯୋଜନା ଚାଲିଛି ।

# ପାଟଣେଶ୍ୱର ମନ୍ଦିର ସ୍ଥିତି ଅନୁଧ୍ୟାନ କଲେ ସାଂସଦ ସଂଗୀତା



**ବଲାଙ୍ଗିର,(ପିପିଏସ୍) :**

ପ୍ରାକ୍ତନ ପାଟଣା ରାଜ୍ୟ ଅଧିଷ୍ଠାତ୍ରୀ ଦେବୀ ମା' ପାଟଣେଶ୍ୱରୀ ଦେବୀଙ୍କ ପୀଠର ଗର୍ଭିରା ଗୃହର ସ୍ଥିତି ପରଖିବା ପାଇଁ ଦେବାଳୟ ସୁରକ୍ଷା କମିଟିର ଅନୁରୋଧ କ୍ରମେ ସାଂସଦ ସଂଗୀତା କୁମାରୀ ସିଂଦେଓ ମା'ଙ୍କ ଦର୍ଶନ କରିବା ପରେ ଦେବାଳୟ ସୁରକ୍ଷା କମିଟି ଏବଂ ବୁଦ୍ଧିଜିବୀଙ୍କ ସହ ଆଲୋଚନା କରିଛନ୍ତି । ଆଲୋଚନାରେ ମନ୍ଦିରର ଗର୍ଭିରା ତଥା ଅନ୍ୟାନ୍ୟ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇ ଥିଲେ । ସାଂସଦଙ୍କ ଏହି ଗସ୍ତବେଳେ ସଭାପତି ଜୟକୃଷ୍ଣ ମିଶ୍ର, ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧ୍ୟକ୍ଷ ଭବାନୀ ଶଙ୍କର ଭୋଇ, ଉପଦେଷ୍ଟା ସୁରେନ୍ଦ୍ର ନେଗୀ, ସତ୍ୟବ୍ରତ ସାହୁ, ପୂଜକ ମଳୟ ଦିଶ୍ରୀ, ସାଂସଦ ପ୍ରତିନିଧି ଦିନେଶ ଶର୍ମା, ପୁରୁଷୋତ୍ତମ ସାହୁ, ବିଶ୍ୱଜିତ ନାଥ, ଅପ୍ରମିତ ପରିଚ୍ଛା, ବାବୁଲି ପ୍ରମୁଖ ଉପସ୍ଥିତ ଥିଲେ ।

# ଜୟପୁରରେ ଖାଦ୍ୟ ସୁରକ୍ଷା ଟିମ୍‌ର ଚଢ଼ଉ

ଜୟପୁର: ଭେଜାଲ ଖାଦ୍ୟ ପଦାର୍ଥ ପ୍ରସ୍ତୁତି ଓ ବିକ୍ରି ଉପରେ ରୋକ ଲଗାଇବା ସହ ଖାଦ୍ୟର ମାନ ନିଶ୍ଚିତ କରିବାକୁ କୋରାପୁଟ ଜିଲାର ଜୟପୁର ସହରରେ ବିଭିନ୍ନ ସ୍ଥାନରେ ଗତ ୨ ଦିନ ଧରି ଜିଲ୍ଲା ଖାଦ୍ୟ ସୁରକ୍ଷା ଟିମ୍ ଓ ଜୟପୁର ପୌର ପାଳିକା ପକ୍ଷରୁ ମିଳିତ ଚଢ଼ଉ ଓ ଯାଞ୍ଚ କରାଯାଉଛି । ବିଶେଷକରି ଜୟପୁର ସହରରେ ଛେନା, ପନିର ଓ ମିଠା ପ୍ରସ୍ତୁତି କେନ୍ଦ୍ରଗୁଡ଼ିକ ଉପରେ ଟିମ ନଜର ରଖି ଚଢାଉ କରିଛି । ଜିଲ୍ଲା ଖାଦ୍ୟ ସୁରକ୍ଷା ଟିମ୍ ର ଫୁଡ୍ ସେଫଟି ଅଫିସର ପଙ୍କଜୀନି ଦେହୁରିଆ , ଜୟପୁର ପୌର କାଯ୍ୟ ନିର୍ବାହୀ ଅଧିକାରୀ ପୁଜା ରାଉତ ନେତୃତ୍ୱରେ ଏହି ମିଳିତ ଯାଞ୍ଚ ଓ ଚଢ଼ଉ କରାଯାଇଥିଲା । ଯାଞ୍ଚ ସମୟରେ ଖାଦ୍ୟରେ ଭେଜାଲ ଚିହ୍ନଟ ପାଇଁ ପ୍ରାୟ ୪୦ଟି ତୁରନ୍ତ ଆଇଓଡିନ୍ ପରୀକ୍ଷା କରାଯାଇଥିଲା । ଜୟପୁର ସହରର ହୋଟେଲ ଗାଙ୍ଗୁରାମ, ଓମଫେଡ କାଉଣ୍ଟର ଘରୋଇ ପକ୍ରିୟା କରଣ ସହ ପନିର ବିକ୍ରୟ କେନ୍ଦ୍ର ଭଳି ୭ଟି ଦୋକାନ ଉପରେ ଚଢାଉ କରାଯାଇଥିଲା । ଏହାସହିତ ବିଭିନ୍ନ ସ୍ଥାନରୁ ପନିର ସଂଗ୍ରହ କରାଯାଇ ମାନ ର ପରୀକ୍ଷା ପାଇଁ ପଠାଯାଇଛି । ବେଆଇନ ପଲିଥିନ ବାବ୍ୟହାର ସହ ଟ୍ରେଡ ଲାଇସେନ୍ସ ନଥିବା ଅଭିଯୋଗରେ ଜୟପୁର ପୌର ପାଳିକା ୩ ହଜାର ୫ ଶହ ଟଙ୍କା ଜୋରିମାନା ଆଦାୟ କରିଛି । ଜନସାଧାରଣଙ୍କୁ ସୁରକ୍ଷିତ ଓ ଗୁଣାତ୍ମକ ଖାଦ୍ୟ ଯୋଗାଣ ନିଶ୍ଚିତ କରିବା ସହ ଭେଜାଲ ଖାଦ୍ୟ ପ୍ରସ୍ତୁତି ଓ ବିକ୍ରିକୁ ରୋକିବା ପାଇଁ ଜିଲ୍ଲାରେ ଏଭଳି ଖାଦ୍ୟ ସୁରକ୍ଷା ବିଭାଗ ତରଫରୁ ଆଗକୁ ମଧ୍ୟ ଜାରି ରହିବ ବୋଲି ସୂଚନା ଦିଆଯାଇଛି ।

## ବୌଦ୍ଧରେ ସୁଭଦ୍ରାର ପଞ୍ଚମ କିସ୍ତି ପ୍ରଦାନ ସମାରୋହ

# ମହିଳା ସଶକ୍ତୀକରଣକୁ ଗୁରୁତ୍ୱ



**ବୌଦ୍ଧ, (ପିପିଏସ୍) :**

ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଓ ସ୍ୱାବଲମ୍ବନ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଅନ୍ୟତମ ମହତ୍ୱାକାଂକ୍ଷୀ ପଦକ୍ଷେପ 'ସୁଭଦ୍ରା ଯୋଜନା'ର ପଞ୍ଚମ କିସ୍ତି ପ୍ରଦାନ ଅବସରରେ ବୌଦ୍ଧ ଜିଲ୍ଲାସ୍ତରୀୟ ସମାରୋହ ସ୍ଥାନୀୟ ମାଉସୀମା ମନ୍ଦିର ପରିସରରେ ଆୟୋଜିତ ହୋଇଯାଇଛି ।ଏହି ସମାରୋହରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ କନ୍ଧମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ଯୋଗଦେଇଥିଲେ । କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଓ ସମାଜସେବୀ ବିପ୍ର ଚରଣ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଉଭୟ ବିଧାୟକ ରାଜ୍ୟ ସରକାରଙ୍କ ଏହି ଯୁଗାନ୍ତକାରୀ ଯୋଜନାରେ କିଭଳି ଲକ୍ଷ ଲକ୍ଷ ମହିଳା ନିଜ ଜୀବନ ଜୀବିକାକୁ ସୁଦୃଢ଼ କରି ସଫଳତା ପାଇଛନ୍ତି ସେ ବିଷୟରେ କହିଥିଲେ । ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ଭାବେ ସୁଦୃଢ଼ କରିବା ସହ ସେମାନଙ୍କ ମଧ୍ୟରେ ସ୍ୱାବଲମ୍ବନ, ଆତ୍ମବିଶ୍ୱାସ ଓ ଉଦ୍ୟମିତାର ଭାବନା ସୃଷ୍ଟି କରିବା ଦିଗରେ ସରକାରଙ୍କ ପ୍ରୟାସ ଜାରି ରହିବ ବୋଲି ବିଶ୍ୱାସ ଦେଇଥିଲେ । ନୟାଗଡ଼ଠାରୁ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନର ରାଜ୍ୟ ସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ଏଠାରେ ବଡ଼ ପରଦା ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା । ଏହି

### ଯୋଗଦେଲେ ଉଭୟ ବିଧାୟକ

ପର୍ଯ୍ୟାୟରେ ସମଗ୍ର ରାଜ୍ୟର ୧ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୫ ହଜାର କୋଟିରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ବୌଦ୍ଧ ଜିଲ୍ଲାରେ ମଧ୍ୟ ଏହି ଯୋଜନାର ୧,୦୮,୮୪୯ ଜଣ ହିତାଧିକାରୀ ଉପକୃତ ହେବେ । ସେମାନଙ୍କ ମଧ୍ୟରୁ ପ୍ରମିଳା ନାଏକ ବୌଦ୍ଧ, ଜାନକୀ ମହାନନ୍ଦିଆ କନ୍ଧମାଳ ଓ ଶାନ୍ତିଲତା ଭୂୟାଁ ହରଭଙ୍ଗୀ ସୁଭଦ୍ରା ଯୋଜନାରୁ ପାଇଥିବା ସହାୟତା କିପରି ସେମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଛି, ସେ ସମ୍ପର୍କରେ ନିଜ ନିଜ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତଙ୍କ ଆୟୋଜନରେ ଅନୁଷ୍ଠିତ ଏହି ସମାରୋହକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ସଂଯୋଜନା କରିଥିଲେ । ପ୍ରୋଗ୍ରାମ ଅଫିସର ଗୀନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଜିଲ୍ଲା ସମାଜ ମଙ୍ଗଳ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ୍‌ରୁ ବହୁ ସଂଖ୍ୟାରେ ଜନ ପ୍ରତିନିଧି ,ମହିଳା ହିତାଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଗଣ ମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ ।



# ସ୍ୱଭାବ କବି ଗଙ୍ଗାଧରଙ୍କ ଜୟନ୍ତୀ

**ବରଗଡ(ପିପିଏସ୍) :**

ଜର୍ଜ ଉଚ୍ଚ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାଶ୍ୱତୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେଶ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବରିଷ୍ଠ ଶିକ୍ଷୟିତ୍ରୀ କୁମୁଦିନୀ ପାଣିଗ୍ରାହୀ, ବାସନ୍ତୀ ପ୍ରଧାନ, ସଞ୍ଜୁବାଳା ପୃଷ୍ଟି, ମଧୁମିତା ପୁରୋହିତ, ସୁଚିତା ଟପ୍ପୋ, ନିବେଦିତା ପ୍ରଧାନ ଏବଂ ଶିକ୍ଷକ




ଦୁଷ୍ମନ୍ତ ଭୁଏ ମଞ୍ଚାସୀନ ହୋଇ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୀବନ, ସାହିତ୍ୟ ଓ ସୃଜନଶୀଳତା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମରେ କବିଙ୍କ ଲେଖନୀ ମୂନରୁ ନିଃସୃତ ଅମୃତମୟ ସୃଷ୍ଟି "ବିଶ୍ୱଜୀବନ ହେ..." , "ବିଶ୍ୱ ଦେଖ ମଧୁମୟରେ ଜୀବନ..." , "ମଙ୍ଗଳେ ଅଇଲା ଉଷା..." ପ୍ରଭୃତି କବିତା ସମୂହ ଗାନ କରାଯାଇଥିଲା । ଏହା ବିଦ୍ୟାଳୟ ପରିବେଶକୁ ଗଙ୍ଗାଧରଙ୍କ ସାହିତ୍ୟିକ ଚେତନାରେ ମୁଖରିତ କରିଥିଲା । ଏଥିସହ ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ଜୀବନୀ ଓ ସାହିତ୍ୟକୃତି ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରୀୟ ସହଯୋଗ କରିଥିଲେ । ଶିକ୍ଷକ ଦୁଷ୍ମନ୍ତ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ ।

**ବୌଦ୍ଧ(ପିପିଏସ୍) :**



ବୌଦ୍ଧ(ପିପିଏସ୍) : ବୁଟୁପାଲି ରାଧାକୃଷ୍ଣ ମନ୍ଦିର ପରିସରରେ ବୁଟୁପାଲିର ଭୁଲିଆ ସମାଜ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଶୁକ୍ରବାର ସନ୍ଧ୍ୟାରେ ପାଳନ କରାଯାଇଛି । ଏହି ଅବସରରେ ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଭୁଲିଆ ସମାଜର ଆବାହକ ବିନୋଦ ମେହେର ଜୟନ୍ତୀର ଉଦ୍ଦେଶ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ସାହିତ୍ୟିକ ରମେଶ ପ୍ରସାଦ ମେହେର ଯୋଗଦେଇ ଗଙ୍ଗାଧର ମେହେର ଥିଲେ ଜଣେ ଋଷି ପ୍ରତିମ କବି ବୋଲି କହିବା ସହିତ ଗଙ୍ଗାଧର ମେହେରଙ୍କ ଜୀବନୀ ଓ ତାଙ୍କ କବିତା ରସ ରତ୍ନାକର, ଇନ୍ଦୁମତୀ, ଉତ୍କଳ ଲକ୍ଷ୍ମୀ, କୀଚକ ବଧ, ତପସ୍ୱିନୀ, ପ୍ରଣୟ ବଲ୍ଲରୀ, ଭକ୍ତି ଉପରେ ଆଲୋଚନା କରିଥିଲେ । ପ୍ରଧାନଶିକ୍ଷକ ଚିରଞ୍ଜନ ମେହେର, ପରୀକ୍ଷିତ ମେହେର ଗଙ୍ଗାଧରଙ୍କ ସମ୍ପର୍କରେ ଆଲୋଚନା କରିଥିଲେ । ଡିଙ୍ଗର ମେହେର, ଲିଙ୍ଗରାଜ ମେହେର, ଦେବାର୍ଚ୍ଚନ ମେହେର, ଡମ୍ବରୁ ମେହେର ଓ ହେମନ୍ତ ମେହେର ସହଯୋଗ କରିଥିବାବେଳେ ବିନୋଦ ମେହେର ଧନ୍ୟବାଦ ଦେଇଥିଲେ ।

# ଧବଳେଶ୍ୱରଙ୍କ ପୁଷ୍ପ ଶୃଙ୍ଗାର

**ବଲାଙ୍ଗିର,(ପିପିଏସ୍) :**



ବଲାଙ୍ଗିର ସହର ନିକଟସ୍ଥ କଅଁଗାଁର ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କ ପୀଠରେ ମାସେ କାଳ ଧରି ପବିତ୍ର ଶ୍ରାବଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଶ୍ରାବଣର ପୂର୍ଣ୍ଣମୀ ତିଥିରେ ଦେବ ଦେବ ମହାଦେବ ଧବଳେଶ୍ୱରଙ୍କ ସୁସଜ୍ଜିତ ପୁଷ୍ପ ଶୃଙ୍ଗାର ଦର୍ଶନ ଆୟୋଜିତ ହୋଇଥିଲା । ବଲାଙ୍ଗିର ଜିଲ୍ଲାର କୋଣ ଅନୁକୋଣରୁ ତଥା ଜିଲ୍ଲା ବାହାରୁ ଅଗଣିତ କାଓ୍ୱଡିଆ ଓ ଭକ୍ତଙ୍କ ସମାଗମ ହୋଇଥିଲା । ବିଭିନ୍ନ ତୀର୍ଥକ୍ଷେତ୍ର ତଥା ନଦୀ ଜଳାଶୟରୁ ପବିତ୍ର ଜଳ ଆଣି ବାବାଙ୍କ ପୀଠରେ ଜଳଲାଗି କରାଯାଇଥିଲା । ଧବଳେଶ୍ୱର ହେରିଟେଟେରି ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଶ୍ରାବଣ ପୂର୍ଣ୍ଣମୀରେ ହେମନ୍ତ ଥନାପତି,ବିରୁପାକ୍ଷ ଥନାପତି, ଗୋପାଳ ଥନାପତି, ବିଘ୍ନରାଜ ଥନାପତି,ନରସିଂହ ଥନାପତି, ପର୍ଶୁରାମ ଥନାପତି, ଦିଲୀପ ଥନାପତି, ଶାନ୍ତନୁ ଥନାପତି, ଶେଖର ଥନାପତି, ବଳରାମ ଥନାପତି, ଜୟରାମ ଥନାପତି, ରଂଜନ ଥନାପତି, ଲିଟୁ ଥନାପତି, ସୋହମ ଥନାପତି, ଭିକାରୀ ଥନାପତି, ବିଭୁ ଥନାପତି, ବାବଲୁ ଥନାପତି, ଗଣନାଥ ଥନାପତି, ସଚ୍ଚିଦା ଥନାପତି, ସୋନୁ ଥନାପତି, ମୁକେଶ ଥନାପତି, ହୃଷିକେଶ ଥନାପତି, ରିଙ୍କୁ ଥନାପତି,ପପୁନ ଥନାପତି, ଜ୍ୟୋତି ରଂଜନ ଥନାପତି, ଜଗଦିଶ ଥନାପତି, ଦୀପକ ଥନାପତି, ଅଶ୍ୱିନୀ ଥନାପତି, ବିଶ୍ୱାମିତ୍ର ଥନାପତି, ଆନନ୍ଦ ଥନାପତି ଓ ବରିଷ୍ଠ ଆଇନଜୀବୀ ତଥା ସେବାୟତ ରାମାନନ୍ଦ ଥନାପତି ବିଭିନ୍ନ ସେବାପୂଜା କରିଥିଲେ ।

# ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି



ବୌଦ୍ଧ,(ପିପିଏସ୍) : ମହାନ ହକି ଖେଳାଳି ତଥା ହକିର ଯାଦୁଗର ଭାବେ ପରିଚିତ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସ ଅବସରରେ ଦେଶବ୍ୟାପୀ ପାଳିତ ହେଉଥିବା ଜାତୀୟ କ୍ରୀଡ଼ା ଦିବସ ପାଳନ ବୌଦ୍ଧ ଜିଲ୍ଲାରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଏହି ଅବସରରେ ସପ୍ତାହ ବ୍ୟାପୀ ବିଭିନ୍ନ କ୍ରୀଡ଼ା ଓ ଯୁବ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, ଆଇପିଇ ଆନନ୍ଦ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଅତିଥିମାନେ ମେଜର ଧ୍ୟାନଚାନ୍ଦଙ୍କ ଫୋଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଅମର କ୍ରୀଡ଼ା ପ୍ରତିଭା ଓ ଦେଶ ପାଇଁ ଅବଦାନକୁ ସ୍ମରଣ କରିଥିଲେ । ମେଜର ଧ୍ୟାନଚାନ୍ଦଙ୍କ ଜୀବନ ଓ କ୍ରୀଡ଼ା ଆଦର୍ଶ ଯୁବପିଢ଼ିକୁ ଶୃଙ୍ଖଳା, ନିଷ୍ଠା, ଅଧ୍ୟବସାୟ ଓ ଦେଶପ୍ରେମର ପ୍ରେରଣା ଦିଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ସେମାନଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ, ଶାରୀରିକ ସୁସ୍ଥତା, ଦଳଗତ ଭାବନା ଓ ପ୍ରତିଯୋଗିତାମୂଳକ ମନୋବୃତ୍ତି ବିକଶିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକଳାପ ଆୟୋଜିତ ହୋଇଥିଲା । ଛାତ୍ରୀମାନେ ହକି ଡ୍ରିବଲିଂ, ଦଉଡ଼ି ଡିଆଁ , ବାସ୍କେଟବଲ୍ ଆଦି କ୍ରୀଡ଼ାରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ୟୋତିରଞ୍ଜନ ଭୁଏ ଆୟୋଜନ କରିଥିଲେ କ୍ଷ ଏଥିରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ କ୍ଷ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଜାତୀୟସ୍ତରରେ କ୍ରୀଡ଼ା କ୍ଷେତ୍ରରେ ସଫଳତା ହାସଲ କରିଥିବା ରଶ୍ମିବାଳା ବର୍ଗଓ୍ୱିଙ୍କୁ ସ୍ୱିମି ଏବଂ ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କୁ ଆର୍ଚେରୀ ପାଇଁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ସେମାନଙ୍କ ସଫଳତା ଜିଲ୍ଲାର ଯୁବ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅତିଥିମାନେ କହିଥିଲେ ।ଜାତୀୟ କ୍ରୀଡ଼ା ଦିବସ ପାଳନର ପରବର୍ତ୍ତୀ ପର୍ଯ୍ୟାୟରେ ଆସନ୍ତା ୩୦ ଅଗଷ୍ଟରେ ସାଇକେଲ୍ ରାଲି ସହିତ ସନ୍ତରଣ, ବାଟୁଲି/ସ୍ଲି ସଟ୍, ଫୁଟବଲ୍, ଭଲିବଲ୍ ଆଦି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଜିଲ୍ଲାର ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ଏହି ସମସ୍ତ କ୍ରୀଡ଼ା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଯୋଗଦେଇ 'ଖେଳିବା, ସୁସ୍ଥ ରହିବା ଓ ଆଗକୁ ବଢ଼ିବା" ର ବାର୍ତ୍ତାକୁ ସାକାର କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଆହ୍ୱାନ କରାଯାଇଛି ।


## ଜେଲ୍‌ରେ ରକ୍ଷା ବନ୍ଧନ

ମାଲକାନଗିରି : ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ରାକ୍ଷୀ ପୂର୍ଣ୍ଣମୀ ପାଳିତ ହୋଇଛି । ଜେଲ ରେ ଥିବା କଏଦୀ ଙ୍କ ହାତରେ ରାକ୍ଷୀ ବାନ୍ଧି ପ୍ରେମ ଓ ଭାତୃତ୍ୱ ର ବାର୍ତ୍ତା ଦେଇଛନ୍ତି ବିଶ୍ୱ ହିନ୍ଦୁ ପରିଷଦ ନେତା । ମାଲକାନଗିରି ବିଶ୍ୱ ହିନ୍ଦୁ ପରିଷଦ ର ଜିଲ୍ଲା ସଂଗଠନ ମନ୍ତ୍ରୀ ଶିବ ପଦ ମିର୍ଧା, ଉପ ସଭାପତି ତପତି ବିଶ୍ୱାସ ଓ ଜିଲା ମହିଳା ପ୍ରମୁଖ ଦୁଲାଲୀ ଅଣ୍ଡର ପ୍ରମୁଖ ଜେଲକୁ ଯାଇ କଏଦୀ ଙ୍କ ହାତରେ ରାକ୍ଷୀ ବାନ୍ଧି ସେମାନଙ୍କର ଶୁଭ ମନାସି ଥିଲେ ।

# ବିଦ୍ୟାଳୟ ଫାଟକରେ ତାଲା ପକାଇଲେ ଗ୍ରାମବାସୀ

ଘଟଗାଁ : କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସରାସପଶି ପଞ୍ଚାୟତର ଗୋବରାବେଡ଼ା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ମନମୁଖୀ କାର୍ଯ୍ୟକଳାପ ଓ ଅନିୟମିତତାକୁ ନେଇ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି । ଶିକ୍ଷକମାନେ ଠିକ୍ ସମୟରେ ବିଦ୍ୟାଳୟକୁ ନ ଆସିବା ପ୍ରତିବାଦରେ ଉତ୍ତ୍ୟକ୍ତ ଗ୍ରାମବାସୀ ତଥା ଅଭିଭାବକମାନେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବିଦ୍ୟାଳୟରେ ନିୟୋଜିତ ଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ନ ରହି ନିୟମିତ ଭାବେ ବିଳମ୍ବରେ ପହଞ୍ଚୁଥିବା ଅଭିଯୋଗ ହୋଇଛି । ଶିକ୍ଷକମାନଙ୍କ ଏପରି ଅବହେଳା ଯୋଗୁଁ ଛାତ୍ରଛାତ୍ରୀମାନେ ସ୍କୁଲ ଖୋଲିବା ସମୟରେ ବାହାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି । ଯାହାଦ୍ୱାରା ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହେଉଛି । ବାରମ୍ବାର କହିବା ସତ୍ତ୍ୱେ କୌଣସି ସୁଧାର ନ ଆସିବାରୁ ଶେଷରେ ବାଧହୋଇ ଗ୍ରାମବାସୀ ଓ ଅଭିଭାବକମାନେ ଏକତ୍ରିତ ହୋଇ ମୁଖ୍ୟ ଫାଟକରେ ତାଲା ଝୁଲାଇ ଦେଇଛନ୍ତି । ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଏବଂ ପ୍ରଶାସନ ତରଫରୁ ଅନିୟମିତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଯାଏଁ ବିଦ୍ୟାଳୟ ତାଲା ଖୋଲାଯିବ ନାହିଁ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି । ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଘଟଣାର ତଦନ୍ତ କରିବା ସହ ଶିକ୍ଷକଙ୍କୁ ଚେତାବନୀ ଦେଇଛନ୍ତି ।

# ବୌଦ୍ଧ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ









ବୌଦ୍ଧ(ପିପିଏସ୍) : ବୌଦ୍ଧ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ଜିଲ୍ଲା ମହିଳା ମୋର୍ଚ୍ଚା ପକ୍ଷରୁ ଜିଲ୍ଲା ସଭାନେତ୍ରୀ ଶାନ୍ତିଲତା ମହାକୁଡ଼ଙ୍କ ଅଧକ୍ଷତାରେ ରକ୍ଷାବନ୍ଧନ ଉତ୍ସବ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ସମେତ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଏବଂ କଣ୍ଢାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ କହ୍ନାଇ ଚରଣ ଡାଙ୍ଗ ଓ ବହୁ ବରିଷ୍ଠ କନିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ । ମହିଳା ମୋର୍ଚ୍ଚାର ଭଉଣୀମାନେ ସମସ୍ତଙ୍କୁ ରାକ୍ଷୀ ବାନ୍ଧି ମିଷ୍ଟାନ୍ନ ଖୁଆଇ ଆନନ୍ଦ ଉଲ୍ଲାସର ସହିତ ରକ୍ଷାବନ୍ଧନ ଉତ୍ସବ ପାଳନ କରିଥିଲେ ।

# ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ରକ୍ଷା ବନ୍ଧନ

ସମ୍ବଲପୁର: ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଗୋଶାଳା ନିକଟସ୍ଥ ସିଆରପିଏଫ୍ ଗ୍ରୁପ ହେଡକ୍ୱାର୍ଟର ଠାରେ ପ୍ରବଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ପବିତ୍ର ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମାଂଚଳ ଏକତା ମଂଚର ନାରୀଶକ୍ତି ସଦସ୍ୟା ମାନେ ରକ୍ଷାବନ୍ଧନ ପାଳନ କରିବା ସହ ଦେଶର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସିଆରପିଏଫ ଯବାନଙ୍କ ସହ ସୁ-ସମ୍ପର୍କକୁ ଦୀର୍ଘଜୀବୀ କରିବାକୁ ଯବାନ ଭାଇ ମାନଙ୍କ ଠାରୁ ପ୍ରତିଶ୍ରୁତି ନେଇଥିଲେ । ନାରୀଶକ୍ତିର ସଦସ୍ୟା ମାନେ ନିଜ ଘରୁ ଫୁଲ, ଚନ୍ଦନ, ରାକ୍ଷୀ ଏବଂ ମିଷ୍ଟାନ ନେଇ ସିଆରପିଏଫ୍ ଅଧିକାରୀ ଓ ଯବାନ ଭାଇ ମାନଙ୍କ ହାତରେ ରାଖୀ ବାନ୍ଧି ପବିତ୍ର ସମ୍ପର୍କକୁ ପ୍ରମାଣିତ କରିଥିଲେ । ନିଜ ଘର ପରିବାର ଠାରୁ ଦୂରରେ ରହି ଦେଶ ମାତୃକାର ସୁରକ୍ଷା ପାଇଁ ନିଜକୁ ଉତ୍ସର୍ଗୀକୃତ ଭାବେ ନିରବଚ୍ଛିନ୍ନ କର୍ତବ୍ୟ ସମ୍ପାଦନ କରିବା, ଏହା ତାଙ୍କର ନିଜ ପରିବାରର ସମ୍ପର୍କକୁ ମଧ୍ୟ ପ୍ରଭାବିତ କରିଥାଏ । ତେବେ ଏକତା ମଂଚର ସଦସ୍ୟ ସଦସ୍ୟା ମାନେ ପ୍ରତିବର୍ଷ ଭଳି ପରିବାର ମଧ୍ୟରେ ରହିଥିବା ସୁସମ୍ପର୍କକୁ ଆଜି ରକ୍ଷା ବନ୍ଧନ ଜରିଆରେ ମଜବୁତ କରିବା ପାଇଁ ପଶ୍ଚିମାଂଚଳ ନାରୀ ଶକ୍ତି ପକ୍ଷରୁ ଚେଷ୍ଟା କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ନାରୀ ଶକ୍ତି ସଂଯୋଜିକା ପଙ୍କଜିନୀ ମେହେର, ପଶ୍ଚିମାଂଚଳ ନାରୀ ଶକ୍ତିର ସମ୍ବଲପୁର ସଂଯୋଜିକା ଝୁନୁ ତ୍ରିପାଠୀ, ପଙ୍କଜିନୀ ବୈଠାରୁ, ଅଲକା ମହାପାତ୍ର, ସଂଘମିତ୍ରା ପଣ୍ଡା, ସୁଜାତା ଗୁରୁ, ପ୍ରଜ୍ଞା ପରିମିତା ସାହୁ, ଭୂମିସୂତା ମେହେର, ସୁଜାତା ଗୁରୁ , ସଂଯୁକ୍ତା ପ୍ରଧାନ, ଜୁଲି ମହାପାତ୍ର, ସବିତା ନନ୍ଦ, ଜନନୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିବା ବେଳେ ଡ.ସ୍ୱୟଂ ପ୍ରକାଶ ପଣ୍ଡା, ଶଙ୍କର ମେହେର, ମାନସ ରଞ୍ଜନ ବକ୍ସୀ, ଭବାନୀଶ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଡ଼ଙ୍ଗା ଓଲଟି ବୋହୂ ଓ ଶାଶୂ ଭାସିଗଲେ

କନ୍ଧମାଳ: କନ୍ଧମାଳ ଜିଲ୍ଲା ଲଣ୍ଡାଗାଁର ବହୁ ଓ ଶଶୁର ଖଡ଼୍‌ଗ ନଦୀରେ ଡ଼ଙ୍ଗାରେ ଆରପାରିକୁ ଯିବାବେଳେ ବଢ଼ି ପାଣି ଯୋଗୁଁ ଡ଼ଙ୍ଗା ଓଲଟି ଯିବା ଫଳରେ ବୋହୂ ରାଇଂଗା ମଲ୍ଲିକ ଓ ଶାଶୂ ଗୁନ୍ଦାନା ମଲ୍ଲିକ ଭାସି ଯାଇଥିଲେ । ଗ୍ରାମବାସୀ ଡଙ୍ଗାରେ ବସିଥିବା ଅନ୍ୟ ୬ ଜଣକୁ ଉଦ୍ଧାର କରିପାରିଥିଲେ । ଭାସି ଯାଇଥିବା ଶାଶୂ ଓ ବୋହୂର ପତ୍ତା ମିଳୁ ନାହିଁ । ପୁଲିସ ଓ ଓଡ୍ରାଫ ଟିମ୍ ଖୋଜୁଛନ୍ତି । ଲଣ୍ଡାଗାଁ ଖଡ଼୍‌ଗ ନଦୀ ଅନିତ ଦୂରରେ ମହାନଦୀରେ ମିଶିଛି । ଦୀର୍ଘ ବର୍ଷ ହେଲା ଖଡ଼୍‌ଗ ନଦୀରେ ପୋଲୋ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରି ଆସୁଛନ୍ତି । ମୃତକ ବୋହୂ ଓ ଶାଶୂ ଡାକା ଗ୍ରାମର ବୋଲି ଜଣାପଡ଼ିଛି ।

## ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍

# ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ



ନୂଆଦିଲ୍ଲୀ: ବିଶ୍ୱ ଟେଷ୍ଟ ଚାମ୍ପିଅନସିପ (ଡବ୍ଲ୍ୟୁଟିସି) ୨୦୨୫-୨୭ ଫାଇନାଲ ଦୌଡ଼କୁ ନେଇ ଏବେ ଭାରତ ପାଇଁ ସମସ୍ୟା ବଢ଼ିବାରେ ଲାଗିଛି। ଶ୍ରୀଲଙ୍କା ବିପକ୍ଷ କଲମ୍ବୋ ଟେଷ୍ଟ ଡ୍ର ହେବା ପରେ ଭାରତକୁ ଡବ୍ଲ୍ୟୁଟିସି ଫାଇନାଲ ଖେଳିବା ନେଇ ବଡ଼ ଝଟକା ଲାଗିଛି। ଭାରତ ଏବେ ସୁଦ୍ଧା ୧୧ଟି ଟେଷ୍ଟରୁ ୫ଟି ବିଜୟ. ୪ଟି ପରାଜୟ ଓ ୨ଟି ଡ୍ର ସହ ୬୮ ପଏଣ୍ଟ ଓ ୫୧.୫୧ ପଏଣ୍ଟ ପ୍ରତିଶତ ସହ ପଞ୍ଚମ ସ୍ଥାନରେ ରହିଛି। ଭାରତ ଆଉ ୭ଟି ମ୍ୟାଚ ଖେଳିବ। ଉକ୍ତ ୭ଟି ମ୍ୟାଚ ଜିତିଲେ ମଧ ଭାରତକୁ ସିଧାସଳଖ ଡବ୍ଲ୍ୟୁଟିସି ଫାଇନାଲ ଯୋଗ୍ୟତା ନେଇ ଆଶଙ୍କା ରହିଛି। ଭାରତ ଆସନ୍ତା ଅକ୍ଟୋବର-ନଭେମ୍ବରରେ ନ୍ୟୁଜିଲାଣ୍ଡ ବିପକ୍ଷରେ ନ୍ୟୁଜିଲାଣ୍ଡରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳିବ। ଏହା ପରେ ୨୦୨୭ରେ ଅଷ୍ଟ୍ରେଲିଆ ବିପକ୍ଷରେ ଘରୋଇ ପଡ଼ିଆରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳିବ। ଉକ୍ତ ୭ଟି ଟେଷ୍ଟ ମ୍ୟାଚକୁ ଜିତିଲେ ଭାରତର ଡବ୍ଲ୍ୟୁଟିସି ପଏଣ୍ଟ ପ୍ରତିଶତ ୭୦.୩୭ ପ୍ରତିଶତରେ ପହଞ୍ଚିବ। ସେଥିମଧ୍ୟରୁ ଯଦି ୬ଟି ମ୍ୟାଚ ଜିତେ ତେବେ ପଏଣ୍ଟ ପ୍ରତିଶତ ୬୪.୦୮ ପ୍ରତିଶତ ହେବ। ଉକ୍ତ ପ୍ରଦର୍ଶନ ପରେ ଅନ୍ୟ ଦଳର ପ୍ରଦର୍ଶନ ଉପରେ ଭାରତର ଫାଇନାଲ ଯୋଗ୍ୟତା ନିର୍ଭର କରିବ। ବର୍ତ୍ତମାନ ବିଶ୍ୱ ଟେଷ୍ଟ ଚମ୍ପିଆନସିପ୍ ୨୦୨୫-୨୭ ପଏଣ୍ଟ ଟେବୁଲରେ ଅଷ୍ଟ୍ରେଲିଆ ୧୦ଟି ମ୍ୟାଚ ଖେଳି ୮ଟି ବିଜୟ ଓ ୨ଟି ପରାଜୟ ସହ ୯୬ ପଏଣ୍ଟ ଓ ୮୦.୦୦ ପଏଣ୍ଟ ପ୍ରତିଶତ ସହ ଶୀର୍ଷରେ ରହିଥିବାବେଳେ ଦକ୍ଷିଣ ଆଫ୍ରିକା ୪ଟି ମ୍ୟାଚରୁ ୩ଟି ବିଜୟ, ଗୋଟିଏ ପରାଜୟ ସହ ୩୬ ପଏଣ୍ଟ ଓ୭୫.୦୦ ପଏଣ୍ଟ ପ୍ରତିଶତ ସହ ଦ୍ୱିତୀୟ, ନ୍ୟୁଜିଲାଣ୍ଡ ୬ଟି ମ୍ୟାଚ ଖେଳି ୪ଟି ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ଡ୍ର ସହ ୫୨ ପଏଣ୍ଟ ଓ ୭୨.୨୨ ପଏଣ୍ଟ ପ୍ରତିଶତ ସହ ୩ୟ ଓ ବାଂଲାଦେଶ ୬ଟି ମ୍ୟାଚ ଖେଳି ୩ଟି ବିଜୟ, ୨ଟି ପରାଜୟ ଓ ଗୋଟିଏ ଡ୍ର ସହ ୪୦ ପଏଣ୍ଟ ଓ ୫୫.୫୬ ପଏଣ୍ଟ ପ୍ରତିଶତ ସହ ଚତୁର୍ଥ ସ୍ଥାନରେ ରହିଛି।

# ଭାରତୀୟ ମହିଳା କ୍ରିକେଟ୍ 'ଏ' ଦଳରେ ସୁଶ୍ରୀ



କଟକ, (ପିପିଏସ୍) : ଭାରତୀୟ ମହିଳା କ୍ରିକେଟ 'ଏ' ଦଳ ଅଷ୍ଟ୍ରେଲିଆ ମହିଳା କ୍ରିକେଟ 'ଏ' ଦଳ ବିପକ୍ଷରେ ସେପଟ୍ଟେମ୍ବର ୧୨ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ୩ ମ୍ୟାଚ ବିଶିଷ୍ଟ ଟ୍ୱେଣ୍ଟି ୨୦, ଦିନିକିଆ ଓ ଏକମାତ୍ର ୪ ଦିନିଆ ମ୍ୟାଚ ଖେଳିବ। ଏଥିପାଇଁ ବିସିସିଆଇ ମହିଳା ମନୋନୟନ କମିଟି ପକ୍ଷରୁ ଗୁରୁବାର ଭିନ୍ନଭିନ୍ନ ଦଳ ମନୋନୟନ କରାଯାଇଛି। ଧର୍ମଶାଳାରେ ସେପଟ୍ଟେମ୍ବର ୨୯ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏକମାତ୍ର ୪ ଦିନିଆ ମ୍ୟାଚ ଲାଗି ଓଡ଼ିଶାର ଅଲ୍‌ରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ଭାରତୀୟ ମହିଳା 'ଏ' ଦଳରେ ସ୍ଥାନ ପାଇଛନ୍ତି। ଯାସ୍ତିକା ଭାଟିଆ ଦଳର ଅଧିନାୟିକା ରହିଛନ୍ତି। ସୁଶ୍ରୀ ପୂର୍ବରୁ ଭାରତ 'ଏ' ସହିତ ମହିଳା ଚ୍ୟାଲେଞ୍ଜର ଟ୍ରଫିରେ ଖେଳିଛନ୍ତି। ୨୦୨୫-୨୬ ଋତୁ ଘରୋଇ କ୍ରିକେଟରେ ସୁଶ୍ରୀ ଚମତ୍କାର ପ୍ରଦର୍ଶନ କରି ଭାରତ 'ଏ' ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ସୁଶ୍ରୀ ଭୁବନେଶ୍ୱରର ଜାଗୃତି କ୍ରିକେଟ କ୍ଲବରୁ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣ ହାସଲ କରି ଆଗକୁ ବଢ଼ିଛନ୍ତି। ଭାରତୀୟ ମହିଳା 'ଏ' କ୍ରିକେଟ ଦଳରେ ସ୍ଥାନ ପାଇଥିବା ସୁଶ୍ରୀଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏସନ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇବା ସହ ତାଙ୍କ ସଫଳତା କାମନା କରିଛନ୍ତି।


## ମହିଳା ହକି ବିଶ୍ୱକପ୍

# ନେଦରଲାଣ୍ଡ୍‌ସ-ଆର୍ଜେଣ୍ଟିନା ଫାଇନାଲ



ଆମଷ୍ଟଲଭିନ : ଆୟୋଜକ ନେଦରଲାଣ୍ଡ୍‌ସ ଓ ଆର୍ଜେଣ୍ଟିନା ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ-୨୦୨୬ର ଫାଇନାଲରେ ପହଞ୍ଚିଛନ୍ତି। ବେଲଜିୟମ ଓ ନେଦରଲାଣ୍ଡସରେ ଚାଲିଥିବା ଉକ୍ତ ପ୍ରତିଯୋଗିତାର ଶୁକ୍ରବାର ଦୁଇଟି ଯାକ ସେମିଫାଇନାଲ ଖେଳାଯାଇଥିଲା। ଏଥିରେ ନେଦରଲାଣ୍ଡ୍‌ସ ଓ ଆର୍ଜେଣ୍ଟିନା ବିଜୟ ସହ ଫାଇନାଲରେ ପହଞ୍ଚିଛନ୍ତି। ଆମଷ୍ଟଲଭିନରେ ପ୍ରଥମ ସେମିଫାଇନାଲରେ ନେଦରଲାଣ୍ଡ୍‌ସ ୧-୦ ଗୋଲରେ ସହ ଆୟୋଜକ ବେଲଜିୟମକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଛି। ନେଦରଲାଣ୍ଡ୍‌ସ ପକ୍ଷରୁ ଫେଡ୍ରିକ ମାଟିଆ ୨୮ ମିନିଟରେ ଏକମାତ୍ର ଗୋଲ ଦେଇଥିଲେ। ଦ୍ୱିତୀୟ ସେମିଫାଇନାଲରେ ଆର୍ଜେଣ୍ଟିନା ୧-୦ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଛି। ଆର୍ଜେଣ୍ଟିନା ପକ୍ଷରୁ ଜୁଲେଟା ଜାନ୍‌କୁନାସ ୪୭ ମିନିଟ୍‌ରେ ଏକମାତ୍ର ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ୨୯ରେ ଆମଷ୍ଟଲଭିନରେ ତୃତୀୟ ସ୍ଥାନ ପାଇଁ ମ୍ୟାଚରେ ବେଲଜିୟମ-ଅଷ୍ଟ୍ରେଲିଆକୁ ଓ ଫାଇନାଲରେ ନେଦରଲାଣ୍ଡ୍‌ସ-ଆର୍ଜେଣ୍ଟିନାକୁ ଭେଟିବ।

# ଏସୀୟ କ୍ରୀଡ଼ାରୁ ବାଦ୍ ପଡ଼ିଲେ ନୀରଜ



ନୂଆଦିଲ୍ଲୀ : ଭାରତର ତାରକା ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରାଙ୍କୁ ଏକ ବଡ଼ ଝଟ୍‌କା ଲାଗିଛି। ଗୋଡ଼ରେ ଆଘାତ କାରଣରୁ ସେ ୨୦୨୬ ଏସୀୟ କ୍ରୀଡ଼ା ସମେତ ଚଳିତ ସିଜନ୍‌ର ବାକି ସମସ୍ତ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ଏହି ନିଷ୍ପତ୍ତିନେଇଛନ୍ତି। ନୀରଜ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ପୋଷ୍ଟ ସେୟାର କରି ଏହି ଆଘାତ ସମ୍ପର୍କରେ ସୂଚନା ଦେବା ସହ ସେ ବର୍ତ୍ତମାନ ଖେଳରୁ ଦୂରେଇ ରହିବେ ବୋଲି ଜଣାଇଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ତାଙ୍କୁ ବିଶ୍ରାମ ଓ ଚିକିତ୍ସାର ଆବଶ୍ୟକତା ରହିଥିବାରୁ ସେ ଏହି କଠିନ ନିଷ୍ପତ୍ତି ନେଇଥିବା କହିଛନ୍ତି।

ଉଲ୍ଲେଖ ଥାଉ କି, ସିଜନର ତାଙ୍କର ସର୍ବୋତ୍ତମ ଥ୍ରୋ ଦେବାପରେ ନୀରଜଙ୍କୁ ଏହି ନିଷ୍ପତ୍ତି ନେବାକୁ ପଡ଼ିଥିଲା। ଅଗଷ୍ଟ ୨୧ ତାରିଖରେ ନୀରଜ ଲୌଯେନ ଡାଇମଣ୍ଡ ଲିଗରେ ୮୮.୦୫ ମିଟର ଫିଙ୍ଗିଥିଲେ। ଆଉ ଆଜି ନୀରଜ ଏହି ସୂଚନା ଦେଇଛନ୍ତି। ଯଦିଓ ତାଙ୍କ ପୋଷ୍ଟରେ ଏସୀୟ କ୍ରୀଡ଼ାର ଉଲ୍ଲେଖ ନଥିଲା, କିନ୍ତୁ ସମଗ୍ର ସିଜନରୁ ତାଙ୍କର ବାଦ ପଡ଼ିବା ଅର୍ଥ ହେଉଛି ସେ ସେଥିରୁ ମଧ ବାହାରେ ଅଛନ୍ତି। ନୀରଜ ତାଙ୍କ ପୋଷ୍ଟରେ ଲେଖିଛନ୍ତି, 'ବହୁତ ପରିଶ୍ରମ ପରେ, ମୁଁ ଅନୁଭବ କଲି ଯେ ମୁଁ ଲୌଯେନରେ ମୋର 'ସିଜନର ସର୍ବୋତ୍ତମ ଥ୍ରୋ' ସହିତ ଯେଉଁ ଲକ୍ଷ୍ୟ ଖୋଜୁଥିଲି ତାହା ପାଇଛି। କିନ୍ତୁ ଦୁର୍ଭାଗ୍ୟବଶତଃ, ଏହାର କିଛି ସମୟ ପରେ, ପ୍ରଶିକ୍ଷଣ ସମୟରେ ମୋର ଗୋଡ଼ରେ ଆଘାତ ଲାଗିଥିଲା। ମୋର ଡାକ୍ତର ଏବଂ ଦଳ ସହିତ ପରାମର୍ଶ କରିବା ପରେ, ମୁଁ ଏହି ସିଜନର ବାକି ସମୟ ପାଇଁ ଅଂଶଗ୍ରହଣ ନକରିବାକୁ ନିଷ୍ପତ୍ତି ନେଇଛି।' ଉଲ୍ଲେଖ ଥାଉ କି, ଗତ ଏସୀୟ କ୍ରୀଡ଼ାରେ, ନୀରଜ ଚୋପ୍ରା ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ଚୀନ୍‌ର ହାଙ୍ଗଝୁରେ ଅନୁଷ୍ଠିତ ପ୍ରତିଯୋଗିତାରେ ୮୮.୮୮ ମିଟର ଫିଙ୍ଗିଥିଲେ।

# ବିଶ୍ୱକପ୍‌ରୁ ଭାରତୀୟ ମହିଳା ହକି ଦଳକୁ ୫୦ଲକ୍ଷ ଟଙ୍କା ପୁରସ୍କାର



ନୂଆଦିଲ୍ଲୀ : ବିଶ୍ୱକପ୍‌ରେ ଐତିହାସିକ ପ୍ରଦର୍ଶନ ପାଇଁ ଭାରତୀୟ ମହିଳା ହକି ଦଳକୁ ପୁରସ୍କୃତ କରିଛି ହକି ଇଣ୍ଡିଆ। ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍‌ରେ ପଞ୍ଚମ ସ୍ଥାନ ହାସଲ କରିଥିବା ସଲିମା ଟେଟେଙ୍କ ନେତୃତ୍ୱାଧୀନ ଦଳ ପାଇଁ ହକି ଇଣ୍ଡିଆ ୫୦ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରିଛି। ଆମଷ୍ଟେଲଭିନ୍‌ରେ ଗୁରୁବାର ଅନୁଷ୍ଠିତ ପଞ୍ଚମ-ଷଷ୍ଠ ସ୍ଥାନ ନିର୍ଣ୍ଣୟ ମ୍ୟାଚ୍‌ରେ ଭାରତ ବିଶ୍ୱର ୫ ନମ୍ବର ଦଳ ଜର୍ମାନୀକୁ ୩-୧ ଗୋଲ୍‌ରେ ପରାସ୍ତ କରିଥିଲା। ଏହି ବିଜୟ ସହ ଭାରତ ବିଶ୍ୱକପ୍‌ରେ ପଞ୍ଚମ ସ୍ଥାନ ହାସଲ କରିଛି।

୧୯୭୪ରେ ଆୟୋଜିତ ପ୍ରଥମ ମହିଳା ବିଶ୍ୱକପ୍‌ରେ ଚତୁର୍ଥ ସ୍ଥାନ ହାସଲ କରିବା ପରେ ଏହା ହେଉଛି ଭାରତର ଶ୍ରେଷ୍ଠ ବିଶ୍ୱକପ୍ ପ୍ରଦର୍ଶନ। ଭାରତୀୟ ଦଳର ଏହି ଅଭିଯାନ ବେଶ୍ ଚମତ୍କାର ରହିଥିଲା। ଦଳ ସମଗ୍ର ପ୍ରତିଯୋଗିତାରେ କେବଳ ଗୋଟିଏ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ନିଜଠାରୁ ଉଚ୍ଚ ମାନ୍ୟତାପ୍ରାପ୍ତ ଚୀନ୍, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ମ୍ୟାଚ୍ ଡ୍ର' ରଖିଥିଲା। ଏହାସହ ଦକ୍ଷିଣ ଆଫ୍ରିକାକୁ ୬-୧ ଗୋଲ୍‌ରେ ହରାଇଥିଲା। ଶେଷରେ ଜର୍ମାନୀକୁ ହରାଇ ଦଳ ଐତିହାସିକ ପଞ୍ଚମ ସ୍ଥାନରେ ଅଭିଯାନ ଶେଷ କରିଥିଲା। ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ଦଳକୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ଏହି ସଫଳତା ଭାରତୀୟ ମହିଳା ହକିରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ୫୨ ବର୍ଷ ପରେ ବିଶ୍ୱକପ୍‌ରେ ପଞ୍ଚମ ସ୍ଥାନ ହାସଲ କରିବା ଦଳର କଠିନ ପରିଶ୍ରମ, ଦୃଢ଼ ମନୋବଳ ଓ ଲଢ଼େଇ କରିବାର ଦୃଢ଼ ମାନସିକତାର ପ୍ରମାଣ।'


ସପ୍ତାହର ଶେଷରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୩୦ - ୫ ସେପ୍ଟେମ୍ବର ୨୦୨୬ ବିଦେଶରେ ରାମାୟଣ




**ଜାତୀୟ:** ଭାରତରେ ଚିନି ସଙ୍କଟ
**ଅନ୍ତର୍ଜାତୀୟ:** ବାଂଲାଦେଶରେ ପୁଣି ହିନ୍ଦୁମାନଙ୍କୁ କରାଯାଉଛି ଟାର୍ଗେଟ୍
**ବିଶେଷ ପ୍ରସଙ୍ଗ:** ଆ□ଳିକ ଦଳ କେତେ ପ୍ରାସଙ୍ଗିକ
**କ୍ଷୁଦ୍ରଗଳ୍ପ :** ଭଙ୍ଗା ଦର୍ପଣର ଚେହେରା
**ନାରୀ :** ବ୍ରାଇଡାଲ୍ ଆଉଟ୍‌ଫିଟ୍
**ଚଳଚ୍ଚିତ୍ର :** ବାପାଙ୍କ ଆଗରେ ଫିକା ଯଶଙ୍କ ଷ୍ଟାର୍‌ଡମ୍
**ଖେଳ:** ବିଶ୍ୱ ଚାମ୍ପିଅନ୍‌ଶିପ: ୭ମ ସିଡ୍‌କୁ ଜଳକା କଲେ ତ୍ରିଶା ଓ ଗାୟତ୍ରୀ
**ଶେଷପୃଷ୍ଠା:** ଆକ୍ରୋଶ, କ୍ରୋଧରେ ଟକମକ ପିଢ଼ି
**ଏଥିରେ ଅଛି ମୀନାବଜାର :** ବଗ ଓ ମୂଷା, ଚର୍ଚ୍ଚାରେ: ୧୧୭ ବର୍ଷରେ ଏଥେଲ୍ କ୍ୟାଟରହାମ୍, ବିଜ୍ଞାନ: କେବଳ ମାଈ ମଶା ହିଁ କାହିଁକି କାମୁଡ଼ନ୍ତି, ପର୍ଯ୍ୟଟନ: ବ୍ରହ୍ମପୁରା ଗୋପୀନାଥ ମନ୍ଦିର, ଚଳଚ୍ଚିତ୍ର: ବାପାଙ୍କ ଆଗରେ ଫିକା ଯଶଙ୍କ ଷ୍ଟାର୍‌ଡମ୍, ଧର୍ମ: କାହିଁକି ପାଳନ ହୁଏ ରକ୍ଷା ବନ୍ଧନ, କବିତା: ମଣିଷ

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ଦଳକୁ ଫେରିବା ନେଇ ସୂର୍ଯ୍ୟ ଦୃଢ଼ ଆଶାବାଦୀ



ନୂଆଦିଲ୍ଲୀ : ଟ୍ୱେଣ୍ଟି୨୦ ବିଶ୍ୱକପ-୨୦୨୬ରେ ଭାରତକୁ ଚମ୍ପିଆନ କରାଇଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ପରବର୍ତ୍ତୀ ଶୃଙ୍ଖଳାରୁ ବାଦ୍ ଦିଆଯିବା ନେଇ କ୍ରିକେଟ ଜଗତରେ ଚର୍ଚ୍ଚା ଜୋର ଧରିଛି। ବିଶ୍ୱକପ ପରେ ମଧ ସୂର୍ଯ୍ୟକୁମାର ଟ୍ୱେଣ୍ଟି୨୦ ଫର୍ମାଟରେ ଭାରତୀୟ ଦଳର ନେତୃତ୍ୱ ବଜାୟ ରଖିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ବିସିସିଆଇ ମନୋନୟନ କମିଟି ଶ୍ରେୟସ ଆୟରଙ୍କୁ ନୂଆ ଟ୍ୱେଣ୍ଟି୨୦ ଅଧିନାୟକ ଭାବେ ମନୋନୀତ କରିଛନ୍ତି। ଦଳରୁ ବାଦ୍ ପଡ଼ିଥିବା ସୂର୍ଯ୍ୟକୁମାର ନିକଟରେ ଏକ ନୂଆ ଲିଗର ପ୍ରଚାର କାର୍ଯ୍ୟକ୍ରମରେ ଯୋଗ ଦେଇ ଭାରତୀୟ ଦଳକୁ ଫେରିବା ନେଇ ମତ ରଖିଛନ୍ତି। ସୂର୍ଯ୍ୟକୁମାର କହିଛନ୍ତି ଯେ, ମୁଁ ଏବେ କଠିନ ପରିଶ୍ରମ କରୁଛି। ଯାହା କରିବା ସମ୍ଭବ ସେସବୁ କରୁଛି। ପରିସ୍ଥିତି ଠିକ୍ ରହିଲେ ସବୁକିଛି ଭଲ ହେବ। ଭାରତୀୟ ଦଳକୁ ଫେରିବା ନେଇ ମୁଁ ଦୃଢ ଆଶାବାଦୀ ବୋଲି ସୂର୍ଯ୍ୟକୁମାର କହିଛନ୍ତି। ସୂର୍ଯ୍ୟକୁମାରଙ୍କ ଫର୍ମ ଗତ କିଛି ସମୟ ଧରି ଚିନ୍ତାର କାରଣ ଥିଲା। ଆଇପିଏଲ-୨୦୨୬ରେ ସେ ୧୩ଟି ଇନିଂସରୁ ୨୭୦ରନ କରିଥିଲେ। ଟ୍ୱେଣ୍ଟି୨୦ ବିଶ୍ୱକପ-୨୦୨୬ ପରେ ଆର୍ୟଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟ୍ୱେଣ୍ଟି୨୦ ଶୃଙ୍ଖଳାରେ ସୂର୍ଯ୍ୟଙ୍କୁ ସ୍ଥାନ ମିଳିନଥିଲ। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଭାରତ ଉକ୍ତ ଦୁଇ ଶୃଙ୍ଖଳା ଖେଳି ପରାଜିତ ହୋଇଥିଲା।ଏହା ପରେ ଜିମ୍ବାୱେ ବିପକ୍ଷ ଟ୍ୱେଣ୍ଟି୨୦ ଶୃଙ୍ଖଳାରେ ମଧ ସୂର୍ଯ୍ୟକୁମାରଙ୍କୁ ସୁଯୋଗ ମିଳିନଥିଲା। ଉକ୍ତ ଶୃଙ୍ଖଳାକୁ ଭାରତ ୩-୦ରେ ଜିତି ପରାଜୟ ଧାରା ଭାଙ୍ଗିଥିଲା।

# ଜାନୁଆରୀରେ ହୋଇପାରେ ଭାରତର ବାଂଲାଦେଶ ଗସ୍ତ



ନୂଆଦିଲ୍ଲୀ : ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁଁ ଚଳିତ ବର୍ଷ ଭାରତର ବାଂଲାଦେଶ ଗସ୍ତ ସମ୍ଭାବନା ନାହିଁ। ଆସନ୍ତା ଜାନୁଆରୀ ମାସକୁ ଏହି ଗସ୍ତ ଘୁଞ୍ଚିପାରେ। ଏ ନେଇ ଭାରତ ସରକାରଙ୍କ ସହ ଆଲୋଚନା ଚଳାଇଛି ବିସିସିଆଇ। ମୂଳ କାର୍ଯ୍ୟକ୍ରମ ଅନୁସାରେ ଭାରତ ୨୦୨୫ ଅଗଷ୍ଟ-ସେପଟ୍ଟେମ୍ବରରେ ବାଂଲାଦେଶ ଗସ୍ତ କରି ଦିନିକିଆ ଓ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଖେଳିବାର ଥିଲା। କିନ୍ତୁ ଦୁଇ ଦେଶ ମଧ୍ୟରେ କୂଟନୈତିକ ତିକ୍ତତା ଯୋଗୁଁ ଏହା ସମ୍ଭବ ହୋଇପାରି ନ ଥିଲା।

ତେବେ ସେଠାରେ ନିର୍ବାଚିତ ସରକାର ଆସିବା ପରେ ଚଳିତ ବର୍ଷ ସେପଟ୍ଟେମ୍ବରରେ ଏହି ଗସ୍ତ କରାଯିବାକୁ ଉଦ୍ୟମ କରାଯାଉଥିଲା। ମାତ୍ର ପୂର୍ବ ନିର୍ଦ୍ଧାରିତ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଯୋଗୁଁ ଏହା ସମ୍ଭବ ଲାଗୁ ନାହିଁ। ପୁଣି ସୁରକ୍ଷା କାରଣରୁ ଭାରତ ସରକାରଙ୍କ ଅନୁମତି ମଧ ଆବଶ୍ୟକ କରୁଛି ବିସିସିଆଇ। ଚଳିତ ବର୍ଷ ଏହି ଗସ୍ତ ସମ୍ଭବ ହେଉ ନଥିବାରୁ ଆସନ୍ତା ବର୍ଷ ଆରମ୍ଭରେ ଏହା କରିବାକୁ ବାଂଲାଦେଶ କ୍ରିକେଟ୍ ବୋର୍ଡ ବିସିସିଆଇକୁ ଅନୁରୋଧ କରିଛି। ବିସିସିଆଇ ଏହି ଅନୁରୋଧ ଉପରେ ଗୁରୁତ୍ୱର ସହ ବିଚାର କରୁଛି ଏବଂ ଏ ନେଇ ସରକାରଙ୍କ ଅନୁମତି ଲୋଡ଼ାଯାଇଛି। ଜାନୁଆରୀରେ ଅଷ୍ଟ୍ରେଲିଆର ଗୁରୁତ୍ୱପୂର୍ଣ୍ଣ ଭାରତ ଗସ୍ତ ହେବାକୁ ଥିବାବେଳେ ତା ପୂର୍ବରୁ ଏହି ଶୃଙ୍ଖଳା ଆୟୋଜିତ ହୋଇପାରେ।

# କ୍ରିକେଟରୁ ସନ୍ନ୍ୟାସ ପରେ ବି ମାସକୁ କୋଟି କୋଟି ରୋଜଗାର କରନ୍ତି ଧୋନୀ

ନୂଆଦିଲ୍ଲୀ : ଭାରତୀୟ କ୍ରିକେଟର ମହେନ୍ଦ୍ର ସିଂହ ଧୋନୀ ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟକୁ ବିଦାୟ ଦେଇଥିଲେ। ତେବେ କ୍ରିକେଟରୁ ଦୂରେଇବା ପରେ ମଧ ତାଙ୍କ ରୋଜଗାରରେ କୌଣସି ବ୍ରେକ୍ ଲାଗିନାହିଁ। ଆଇପିଏଲ୍, ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ଏବଂ ବିଭିନ୍ନ ବ୍ୟବସାୟ ତାଙ୍କ ଆୟର ପ୍ରମୁଖ ଉତ୍ସ। ଏହା ବ୍ୟତୀତ ବିସିସିଆଇ ପକ୍ଷରୁ ମଧ ତାଙ୍କୁ ପ୍ରତିମାସରେ ପେନସନ ମିଳୁଛି। ଧୋନୀ ଭାରତ ପାଇଁ ୯୦ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି। ବିସିସିଆଇର ବର୍ତ୍ତମାନର ପେନସନ ବ୍ୟବସ୍ଥା ଅନୁଯାୟୀ, ୨୫ କିମ୍ବା ତା'ଠାରୁ ଅଧିକ ଟେଷ୍ଟ ଖେଳିଥିବା ପୂର୍ବତନ ପୁରୁଷ କ୍ରିକେଟରଙ୍କୁ ପ୍ରତିମାସରେ ୭୦,୦୦୦ ଟଙ୍କା ପେନସନ ଦିଆଯାଏ। ଏହି ହିସାବରେ ଧୋନୀ ମଧ ଏହି ବର୍ଗରେ ଆସୁଛନ୍ତି।

ଅର୍ଥାତ୍ ବିସିସିଆଇରୁ ଧୋନୀଙ୍କୁ ପ୍ରତିମାସରେ ୭୦ ହଜାର ଟଙ୍କା ପେନସନ ମିଳୁଛି। ତେବେ ତାଙ୍କ ମୋଟ ଆୟ ତୁଳନାରେ ଏହି ରାଶି ଅତ୍ୟନ୍ତ କମ। ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ପରେ ମଧ ଧୋନୀ ଓଡଖରେ ଖେଳୁଛନ୍ତି। ୨୦୨୬ ଆଇପିଏଲ୍ ସିଜନ ପାଇଁ ଚେନ୍ନାଇ ସୁପର କିଙ୍ଗ୍ସ ତାଙ୍କୁ ୪ କୋଟି ଟଙ୍କାରେ ରିଟେନ କରିଛି।



ଯଦି ୪ କୋଟି ଟଙ୍କାକୁ ୧୨ ମାସରେ ବାଣ୍ଟି ହିସାବ କରାଯାଏ, ତେବେ ଏହା ପ୍ରତିମାସ ପ୍ରାୟ ୩୩.୩ ଲକ୍ଷ ଟଙ୍କା ହେବ। ତେବେ ଏହା କେବଳ ବୁଝିବା ପାଇଁ ହାରାହାରି ହିସାବ। ଓଡଖର ଏହି ଟଙ୍କା ବାସ୍ତବରେ ପୂରା ସିଜନ୍‌ର କନ୍ଟ୍ରାକ୍ଟ ଭାବେ ମିଳିଥାଏ। ଏହା ବ୍ୟତୀତ ୨୦୨୬ ଓଡଖରେ ଖେଳାଳିଙ୍କ ପାଇଁ ମ୍ୟାଚ ଫି ମଧ ଲାଗୁ ହେଉଛି। ତେଣୁ ଧୋନୀ କେତେଟି ମ୍ୟାଚ ଖେଳୁଛନ୍ତି, ତାହା ଅନୁଯାୟୀ ତାଙ୍କ ଆୟରେ ପରିବର୍ତ୍ତନ ହୋଇପାରେ। ଧୋନୀଙ୍କ ଆୟର ଏକ ବଡ଼ ଅଂଶ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟରୁ ଆସୁଛି। ୨୦୨୬ର ବିଭିନ୍ନ ମିଡିଆ ରିପୋର୍ଟ ଅନୁଯାୟୀ, ଓଡଖ, ବିଜ୍ଞାପନ ଏବଂ ବ୍ୟବସାୟ ସମେତ ଧୋନୀଙ୍କ ବାର୍ଷିକ ଆୟ ୭୫ କୋଟି ଟଙ୍କାରୁ ଅଧିକ ବୋଲି ଦାବି କରାଯାଇଛି। କିଛି ରିପୋର୍ଟରେ ୨୦୨୫-୨୬ ଆର୍ଥିକ ବର୍ଷରେ ତାଙ୍କ ଆନୁମାନିକ ଆୟ ୯୫ରୁ ୧୦୫ କୋଟି ଟଙ୍କା ମଧରେ ଥିବା କୁହାଯାଇଛି। ଏଥିରେ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ତାଙ୍କ ଆୟର ଏକ ବଡ଼ ଉତ୍ସ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।


ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583